# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, January 10/2020 | ★★★★★★

୪୬ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-







ନିଜ ଦେଶର ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଇପାରୁନଥିବା ଦେଶ ଅନ୍ୟ ଦେଶକୁ ଉପଦେଶ ଦେବା ଅନୁଚିତ।- ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## କଶ୍ମୀରରେ ୧୭ ଜଣିଆ ବିଦେଶୀ ପ୍ରତିନିଧି ଦଳ

# ଗସ୍ତକୁ ନେଇ ବିବାଦ

**ଶ୍ରୀନଗର,୯।୧(ପି.ଟି.)**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରାଯିବା ପରେ ପ୍ରଥମ ଥର ପାଇଁ ସେଠାକୁ ୧୭ଟି ଦେଶର ପ୍ରତିନିଧି ଗୁରୁବାର ଗସ୍ତ କରିଛନ୍ତି। କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର ଚଳାଇଥିବାବେଳେ ଏହାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ୨ ଦିନିଆ ଗସ୍ତରେ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରଦୂତ କେନେଥ୍ ଆଇ. ଜଷ୍ଟରଙ୍କ ସମେତ ବାଂଲାଦେଶ, ଭିଏତ୍‌ନାମ, ନରୱେ, ମାଳଦ୍ୱୀପ, ଦକ୍ଷିଣ କୋରିଆ, ମରକ୍କୋ ଓ ନାଇଜେରିଆ କୂଟନୀତିଜ୍ଞ ଅଛନ୍ତି। ଦିଲ୍ଲୀରୁ ଏହି ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ଯାଇ ଶ୍ରୀନଗରର ବୈଷୟିକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ସେନା କ୍ୟାଣ୍ଟନମେଣ୍ଟକୁ ନିଆଯାଇଥିଲା। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ଜି.ସି. ମୁର୍ମୁ, ସିଭିଲ ସୋସାଇଟି ସଦସ୍ୟମାନଙ୍କୁ ଭେଟିବା ସହ ବିଭିନ୍ନ ଏଜେନ୍ସିଠାରୁ ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ ହେବେ।



ଶ୍ରୀନଗର ବିମାନବନ୍ଦରରେ ବିଦେଶୀ ପ୍ରତିନିଧି।

ବିଦେଶୀ ପ୍ରତିନିଧିମାନଙ୍କ ଗସ୍ତକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଗୋଟିଏ ପଟେ ସରକାର ବିଦେଶୀ ପ୍ରତିନିଧିମାନଙ୍କ ପାଇଁ ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରୁଥିବାବେଳେ ଅନ୍ୟପଟେ ଭାରତୀୟ ରାଜନେତାମାନଙ୍କୁ କଶ୍ମୀର ମଧ୍ୟକୁ ଛାଡୁ ନ ଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସରକାରଙ୍କ ଏହି ପ୍ରାୟୋଜିତ କାର୍ଯ୍ୟକ୍ରମକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ରମେଶ କହିଛନ୍ତି, ବିଦେଶୀ ପ୍ରତିନିଧିମାନଙ୍କ ଗସ୍ତକୁ କଂଗ୍ରେସ ବିରୋଧ କରୁନାହିଁ, ତେବେ ଭାରତୀୟ ରାଜନେତାମାନଙ୍କୁ ଗସ୍ତ ଅନୁମତି ମିଳିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଗତ ଅକ୍ଟୋବର ୨୯ରେ ୟୁରୋପୀୟ ସଂଘର ଏକ ସଂସଦୀୟ ପ୍ରତିନିଧିଦଳ କଶ୍ମୀର ଗସ୍ତରେ ଆସିଥିବାବେଳେ ଏହା ସରକାରଙ୍କ ଦ୍ୱିତୀୟ ପ୍ରୟାସ। ସମାଲୋଚନାରୁ ରକ୍ଷାପାଇବା ପାଇଁ ସରକାର ଏଭଳି ପ୍ରୟାସ ଚଳାଇଥିବା କଂଗ୍ରେସ ନେତା କହିଛନ୍ତି।

- ଅନୁଧ୍ୟାନ କରିବେ ବାସ୍ତବ ସ୍ଥିତି
- ଦୋମୁହାଁ ନୀତି ଗ୍ରହଣ କରୁଛନ୍ତି ସରକାର: କଂଗ୍ରେସ
- ରେଡ୍ କାର୍ପେଟ ସ୍ୱାଗତରେ ଅପରାଧ ଧୋଇବନି: ଡି. ରାଜା

ସେହିପରି ସରକାରଙ୍କ ଏହି ପ୍ରାୟୋଜିତ ଗସ୍ତ କାର୍ଯ୍ୟକ୍ରମକୁ ସିପିଆଇ ନେତା ଡି. ରାଜା ସମାଲୋଚନା କରିଛନ୍ତି। ବିଦେଶୀ ପ୍ରତିନିଧିମାନଙ୍କୁ ରେଡ୍ କାର୍ପେଟ ସ୍ୱାଗତ କରିବା ଦ୍ୱାରା ସରକାର ଜମ୍ମୁ-କଶ୍ମୀରରେ ଯେଉଁ ଅପରାଧ କରିଛନ୍ତି ତାହା ଧୋଇହୋଇଯିବନି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଠାଇଦିଆଯିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଜମ୍ମୁ-କଶ୍ମୀରକୁ ସେନାଛାଉଣୀରେ ପରିଣତ କରାଯାଇଥିଲା ଓ ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ ବା ଅଟକ ରଖାଯାଇଥିଲା। ୫ ମାସ ମଧ୍ୟରେ ଅଳ୍ପ କେତେଜଣଙ୍କୁ ଛଡ଼ାଯାଇଥିବାବେଳେ ଅଧିକାଂଶ ଏବେ ବି ଅଟକ ରହିଛନ୍ତି। କଶ୍ମୀର ସ୍ଥିତିରେ ଏବେ ବି ସୁଧାର ଆସିନାହିଁ। କୌଣସି ଦଳୀୟ ନେତାଙ୍କୁ ସେଠାକୁ ଛଡାଯାଉନାହିଁ। ଏପରିସ୍ଥଳେ ବିଦେଶୀ ପ୍ରତିନିଧିମାନଙ୍କୁ ସେଠାକୁ ପଠାଇ ସେମାନଙ୍କ ମୁହଁରେ ସରକାର ନିଜ କଥା କହିବାକୁ ଉଦ୍ୟମ କରୁଥିବା ସମାଲୋଚନା ହେଉଛି।

## ରାଜକୀୟ ପଦ ଛାଡ଼ିବେ ପ୍ରିନ୍ସ ହ୍ୟାରି, ମେଘାନ



**ଲଣ୍ଡନ,୯।୧(ପି.ଟି.)**

ବ୍ରିଟେନ ଯୁବରାଜ ପ୍ରିନ୍ସ ହ୍ୟାରି ଓ ତାଙ୍କ ସ୍ତ୍ରୀ ମେଘାନ୍ ମାର୍କଲ ରାଜକୀୟ ପଦରୁ ଓହରିଯିବାକୁ ଘୋଷଣା କରି ସାରା ଦେଶକୁ ଚମକାଇଦେଇଛନ୍ତି। ସେମାନେ ନିଜସ୍ୱ ସଂସ୍ଥା ମାଧ୍ୟମରେ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେବା ସହ ନିଜର ୮ ମାସର ସନ୍ତାନ ଆର୍ଚି ସହ ବ୍ରିଟେନ ଓ ଆମେରିକାରେ ସମୟ ବିତାଇବାକୁ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଡ୍ୟୁକ୍ ଓ ଡଚେସ୍ ଅଫ୍ ସସେକ୍ସ ପଦରୁ ଓହରିଗଲେ ମଧ୍ୟ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ପ୍ରତି ସେମାନଙ୍କ ସମର୍ଥନ ଜାରି ରହିବ ବୋଲି ଏକ ବିବୃତିରେ ହ୍ୟାରି ଓ ମେଘାନ କହିଛନ୍ତି। ତେବେ ସେମାନଙ୍କର ଏଭଳି ଅପ୍ରତ୍ୟାଶିତ ନିଷ୍ପତ୍ତିରେ ରାଣୀଙ୍କ ସମେତ ରାଜପରିବାରର ଅନ୍ୟ ସଦସ୍ୟମାନେ ଚକିତ ହୋଇଛନ୍ତି। ସେମାନଙ୍କ ଏହି ଘୋଷଣାକୁ ଅନ୍‌ଲାଇନରେ 'ମେଗ୍‌ଜିଟ'ବୋଲି ବର୍ଣ୍ଣନା କରାଯାଇଛି।

୩୫ ବର୍ଷୀୟ ହ୍ୟାରି ୨୦୧୮ ମେ ମାସରେ ଆମେରିକୀୟ ଅଭିନେତ୍ରୀ ମେଘାନ୍‌ଙ୍କୁ ବିବାହ କରିଥିଲେ ଓ ଗତବର୍ଷ ସେମାନଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। ରାଜ ପରିବାରରୁ ଦୂରେଇଯାଇ ସାଧାରଣ ଜୀବନଯାପନ କରିବା ହ୍ୟାରି ଓ ମେଘାନଙ୍କ ପକ୍ଷରେ କଷ୍ଟକର ହେବ ବୋଲି ଐତିହାସିକ ପ୍ରଫେସର କେଟ୍ ୱିଲିୟମ କହିଛନ୍ତି। ଉଭୟ ଅନ୍ତର୍ଜାତୀୟ ସେଲିବ୍ରିଟି ହୋଇଥିବାରୁ ସେମାନଙ୍କ ପ୍ରତି ଗଣମାଧ୍ୟମର ଆଗ୍ରହ ବୃଦ୍ଧି ପାଇବ ବୋଲି କେଟ୍ କହିଛନ୍ତି।

## ଏଏପିରେ କଂଗ୍ରେସ ନେତା ସୋଏବ୍ ଇକ୍‌ବାଲ

**ନୂଆଦିଲ୍ଲୀ,୯।୧:** ଦିଲ୍ଲୀ ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ କଂଗ୍ରେସ ବିଧାୟକ ସୋଏବ୍ ଇକ୍‌ବାଲ ଗୁରୁବାର ଏଏପିରେ ସାମିଲ ହୋଇଛନ୍ତି। ଏଏପିର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଇକ୍‌ବାଲଙ୍କ ବ୍ୟତୀତ ୨ କଂଗ୍ରେସ କାଉନସିଲର ମଧ ଏଏପିରେ ଯୋଗଦେଇଛନ୍ତି। ଫେବୃୟାରୀ ୮ରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନେତାଙ୍କ ମିଶ୍ରଣ ଏଏପି ଶକ୍ତିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ।

## କ୍ୟୁରେଟିଭ୍ ପିଟିଶନ ଦାଏର କଲେ ବିନୟ,ମୁକେଶ

**ନୂଆଦିଲ୍ଲୀ,୯।୧(ପି.ଟି.)**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ବିନୟ କୁମାର ଶର୍ମା ଓ ମୁକେଶ ସିଂ ଫାଶୀରୁ ବର୍ତ୍ତିବା ପାଇଁ ଶେଷ ଉଦ୍ୟମ ସ୍ୱରୂପ ଗୁରୁବାର ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ୪ ବଳାତ୍କାରୀ ମୁକେଶ, ପୱନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ ସିଂଙ୍କ ବିରୋଧରେ ମଙ୍ଗଳବାର ଦିଲ୍ଲୀର ଏକ ଅଦାଲତ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିଲେ। ସେମାନଙ୍କୁ ୨୨ ତାରିଖ ସକାଳ ୭ଟାରେ ତିହାର ଜେଲ୍‌ରେ ଫାଶୀ ଦିଆଯିବାକୁ ଧାର୍ଯ୍ୟ ହୋଇଛି।

କ୍ୟୁରେଟିଭ୍ ପିଟିଶନରେ ସେମାନେ ଦର୍ଶାଇଛନ୍ତି, ଗମ୍ଭୀରତା କମ୍ କରିବା ନେଇ ବିଚାର କଲାବେଳେ ତାଙ୍କର କମ୍ ବୟସକୁ ଭୁଲ୍‌ବଶତଃ ପ୍ରତ୍ୟାଖ୍ୟାନ କରାଯାଇଛି। ଏଥିସହିତ ତାଙ୍କର ସାମାଜିକ ଅର୍ଥନୈତିକ ସ୍ଥିତି, ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ସଂଖ୍ୟା, ରୋଗାକ୍ରାନ୍ତ ମାତାପିତା, ଜେଲ୍‌ରେ ତାଙ୍କର ଉତ୍ତମ ସ୍ୱଭାବ ଆଦିକୁ ବିଚାରକୁ ନିଆଯାଇ ନାହିଁ। ତେଣୁ ନ୍ୟାୟ ପ୍ରଦାନ ଠିକ୍ ଭାବେ ହୋଇ ନ ଥିବା ଆବେଦନରେ ଦର୍ଶାଯାଇଛି। ସମାଜର ମିଳିତ ଚେତନା ଓ ଜନମତ ଦ୍ୱାରା ଅଦାଲତଙ୍କ ରାୟ ପ୍ରଭାବିତ ହୋଇଥିବା ଏଥିରେ ଦର୍ଶାଯାଇଛି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗିଦେଇଥିଲେ। ଦୁଇ ସପ୍ତାହ ପରେ ସିଙ୍ଗାପୁର ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକ ଥିବାରୁ ଜୁଭେନାଇ ଜଷ୍ଟିସ୍ ବୋର୍ଡରେ ତାଙ୍କର ବିଚାର ହୋଇଥିଲା। ଅନ୍ୟ ୪ ଜଣଙ୍କୁ ତଳ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ୨୦୧୭ରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ। ରାୟର ପୁନର୍ବିଚାର ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ୨୦୧୮ ଜୁଲାଇ ୯ରେ ଖାରଜ କରିଦେଇଥିଲେ।





ନିର୍ଭୟା ମାମଲା

## ସିଆଚେନ୍‌ରେ ସେନାମୁଖ୍ୟ

**ଶ୍ରୀନଗର,୯।୧(ପି.ଟି.)**

ସେନାମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ଜେନେରାଲ ଏମ୍.ଏମ୍. ନରୱଣେ ଗୁରୁବାର ସିଆଚେନ୍ ସେକ୍ଟରର ଆଗୁଆ ଘାଟିକୁ ପରିଦର୍ଶନରେ ଯାଇଛନ୍ତି। ତାଙ୍କ ସହିତ ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟାଳୟର ଚିଫ୍ ଅଫ୍ ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀ, ଜେନେରାଲ ଅଫିସର କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଯାଇଥିଲେ। ଉକ୍ତ ଘାଟିଗୁଡ଼ିକରେ ସେନା ପ୍ରସ୍ତୁତି ସମ୍ପର୍କରେ ସେନାଧକ୍ଷଙ୍କୁ ସିଆଚେନ୍ ବ୍ରିଗେଡ୍ କମାଣ୍ଡର ଅବଗତ କରାଇଥିଲେ। ସେଠାରେ ଯବାନମାନଙ୍କ ସହ ମଧ ସେନାମୁଖ୍ୟ କଥା ହୋଇଥିଲେ। ପ୍ରତିକୂଳ ସ୍ଥିତି ଓ ପାଗକୁ ଚ୍ୟାଲେଞ୍ଜ କରି ଯବାନମାନେ ଯେଉଁ ଦୃଢ଼ତା ଓ ଉଚ୍ଚ ମନୋବଳ ଦେଖାଇଛନ୍ତି, ସେନାଧକ୍ଷ ତାହାର ପ୍ରଶଂସା କରିଥିଲେ।

## ଜେଏନ୍‌ୟୁ ଛାତ୍ରଙ୍କ ଉପରେ ପୋଲିସର ଲାଠିଚାଳନା



**ନୂଆଦିଲ୍ଲୀ,୯।୧**

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଛାତ୍ରୀଛାତ୍ର, ଶିକ୍ଷକ ଓ ସାମାଜିକ କର୍ମୀମାନେ ଗୁରୁବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ଅଭିମୁଖେ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିବାବେଳେ ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଛି। ଅନେକଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଛି। ଲାଠିମାଡ଼ରେ କେତେଜଣ ଛାତ୍ର ଆହତ ହୋଇଥିବାବେଳେ ବିକ୍ଷୋଭକାରୀମାନଙ୍କୁ ତିନୋଟି ବସ୍‌ରେ ଭର୍ତ୍ତି କରି ପୋଲିସ ସେମାନଙ୍କୁ ଥାନାକୁ ନେଇଯାଇଥିଲା। ବରିଷ୍ଠ ନେତା ସୀତାରାମ ୟେଚୁରୀ, ଡି. ରାଜା, ପ୍ରକାଶ କରାଟ, ବୃନ୍ଦା କରାଟ, ଶରଦ ଯାଦବ ପ୍ରମୁଖ ସାମିଲ ହୋଇ ମଣ୍ଡି ହାଉସ୍‌ଠାରୁ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲେ। ସେମାନେ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ଯାଇ ରବିବାର ଜେଏନ୍‌ୟୁ ପରିସରରେ ଆକ୍ରମଣ ଘଟଣା ପ୍ରତିବାଦରେ ସ୍ମାରକପତ୍ର ଦେବାକୁ ଚାହୁଁଥିଲେ। ଏଥିସହିତ ସେମାନେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଇସ୍ତଫା ଦାବି କରିଥିଲେ। କୁଳପତି ଏମ୍. ଜଗଦେଶ କୁମାରଙ୍କ ସହ ଆଲୋଚନା କରିବେ ବୋଲି ଏଚ୍‌ଆର୍‌ଡି ସଚିବ କହିଥିଲେ। ଏଚ୍‌ଆର୍‌ଡି ଅଧିକାରୀମାନଙ୍କୁ ଭେଟିବା ପରେ ଛାତ୍ରସଂଘ ସଭାନେତ୍ରୀ ଐଶ ଘୋଷଙ୍କ ନେତୃତ୍ୱରେ ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବା ଲାଗି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପୋଲିସ ଅନୁମତି ଦେଇ ନ ଥିଲା।

କ୍ୟାମ୍ପସ୍ ହିଂସା ଘଟଣାର ତଦନ୍ତ ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଥିବା କୁଳପତି କହିଛନ୍ତି। କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସହ ହିଂସା ଘଟଣାର ତଦନ୍ତ କରାଯିବ । ଦୁର୍ବୃତ୍ତଙ୍କ ଆତଙ୍କରାଜ ଓ ହିଂସାକାଣ୍ଡରେ ଜେଏନ୍‌ୟୁ ଛାତ୍ର ସଂସଦ ସଭାପତି ଆଇସି ଘୋଷଙ୍କ ସମେତ ୩୫ ଛାତ୍ରୀଛାତ୍ର ଆହତ ହୋଇଥିଲେ।

### ଇତିହାସର ଆଇନାରେ

### ଜାନୁୟାରୀ ୧୦ର ପ୍ରମୁଖ ଘଟଣା

୨୦୧୩ ଜାନୁୟାରୀ ୧୦ରେ ପାକିସ୍ତାନର କ୍ୱେଟାରେ ଏକାଧିକ ବୋମାମାଡ଼ କରାଯାଇଥିଲା। ଏଥିରେ ୧୩୦ ଜଣ ପ୍ରାଣ ହରାଇଥିବାବେଳେ ୩୦୦ ଆହତ ହୋଇଥିଲେ। ଏହି ବୋମା ବିସ୍ଫୋରଣ ପଛରେ ସିଆ ମୁସ୍‌ଲିମ ହଜାରା ସମ୍ପ୍ରଦାୟର ଆତଙ୍କବାଦୀଙ୍କ ହାତ ରହିଥିଲା।

୨୦୧୫ ଜାନୁୟାରୀ ୧୦ରେ ପାକିସ୍ତାନର କରାଚୀ ସହରରେ ଏକ ସଡ଼କ ଦୁର୍ଘଟଣା ଘଟି ୬୫ ଜଣ ମୃତ୍ୟୁବରଣ କରିଥିଲେ। କରାଚୀରୁ ଶିକାରପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସହ ତେଲ ଟ୍ୟାଙ୍କର ପିଟିହୋଇ ଯିବାରୁ ଏଭଳି ଦୁର୍ଘଟଣା ଘଟିଥିଲା।


## ଟ୍ରମ୍ପଙ୍କ ପକ୍ଷଚ୍ଛେଦନ ପାଇଁ ଆମେରିକା କଂଗ୍ରେସର ଉଦ୍ୟମ

**ୱାଶିଂଟନ,୯।୧**

ଆମେରିକା ଓ ଇରାନ ପ୍ରତ୍ୟକ୍ଷ ଯୁଦ୍ଧରୁ ଛଘୁଞ୍ଚା ଦେଇଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍ ନିଜ ଦେଶରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ଯୁଦ୍ଧ କ୍ଷମତାକୁ ନେଇ ବିତର୍କ ଜୋର ଧରିଛି। ଆମେରିକା ଯୁଦ୍ଧକ୍ଷମତା ଆଇନ ଅନୁଯାୟୀ ଯୁଦ୍ଧ ଘୋଷଣାକୁ କଂଗ୍ରେସ ବୈଧାନିକ ସ୍ୱୀକୃତି ଦେଲେ ରାଷ୍ଟ୍ରପତି ବିଦେଶକୁ ସେନା ପଠାଇପାରିବେ। ଟ୍ରମ୍ପ୍ ତରବରିଆ ଭାବେ ନିଷ୍ପତ୍ତି ନେବା ସହ କଂଗ୍ରେସ ସହ ଯୋଗାଯୋଗ ନ କରି ନିଜ ଇଚ୍ଛାରେ ଅନ୍ୟ ଦେଶକୁ ସୈନ୍ୟ ପଠାଉଥିବାରୁ ଡେମୋକ୍ରାଟ ନିୟନ୍ତ୍ରଣାଧୀନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ ତାଙ୍କ କ୍ଷମତା ଧାର୍ଯ୍ୟ କରିବାକୁ ଯୋଜନା କରୁଛି।



## କେମିତି ରହିବ ଆଜିର ପାଗ





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭବ ହେବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୪ | ୧୩.୭ |
| ଚାନ୍ଦବାଲି | ୨୬.୩ | ୧୪.୮ |
| କଟକ | ୨୬.୬ | ୧୪.୦ |
| ପାରାଦ୍ୱୀପ | ୨୭.୦ | ୧୬.୦ |
| ଭୁବନେଶ୍ୱର | ୨୮.୭ | ୧୬.୦ |
| ଗୋପାଳପୁର | ୨୯.୦ | ୧୭.୦ |
| ପୁରୀ | ୨୭.୨ | ୧୬.୦ |
| ଅନୁଗୋଳ | ୨୪.୭ | ୧୨.୬ |
| ବାରିପଦା | ୨୧.୨ | ୧୬.୦ |
| ଝାରସୁଗୁଡ଼ା | ୨୩.୨ | ୧୫.୬ |
| କେନ୍ଦୁଝର | ୧୯.୦ | ୧୪.୦ |
| ସମ୍ବଲପୁର | ୨୨.୦ | ୧୫.୭ |
| ସୁନ୍ଦରଗଡ଼ | ୨୩.୫ | ୧୧.୦ |
| ହୀରାକୁଦ | ୨୧.୬ | ୧୬.୯ |
| ତାଳଚେର | ୨୪.୪ | ୧୨.୦ |
| ଭବାନୀପାଟଣା | ୨୫.୫ | ୧୭.୫ |
| ବଲାଙ୍ଗୀର | ୨୨.୫ | ୧୭.୦ |
| କୋରାପୁଟ | ୨୮.୦ | ୧୪.୦ |
| ଫୁଲବାଣୀ | ୨୫.୨ | -- |
| ଟିଟିଲାଗଡ଼ | ୨୪.୬ | ୧୩.୬ |
| ମାଲକାନଗିରି | ୩୦.୦ | ୧୨.୦ |
| ସୋନପୁର | ୨୮.୬ | ୧୨.୪ |
| ଦାରିଙ୍ଗିବାଡ଼ି | ୨୪.୫ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍

## ପାକିସ୍ତାନର ଭାରତ ବିରୋଧୀ ଷଡ଼ଯନ୍ତ୍ର

# ରୋହିଙ୍ଗ୍ୟାଙ୍କୁ ଆତଙ୍କବାଦ ତାଲିମ

**ନୂଆଦିଲ୍ଲୀ,୯।୧(ଆଇଏଏନ୍‌ଏସ୍)**

ବାଂଲାଦେଶ ସୀମାରେ ଭାରତ ବିରୋଧରେ ଏକ ବଡ଼ଧରଣର ଷଡ଼ଯନ୍ତ୍ର ରଚୁଛି ଇସ୍‌ଲାମାବାଦ। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ବର୍ତ୍ତମାନ ୪୦ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶ ସୀମାରେ ତାଲିମ ଦେଉଛି। ଏହାସହ ଆକ୍ରମଣକୁ ସଫଳ କରିବା ଲାଗି ଆତଙ୍କବାଦୀ ସଙ୍ଗଠନ ଜମାତ୍-ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମ୍‌ବି)କୁ ପାଣ୍ଠି ଯୋଗାଉଛି। ରୋହିଙ୍ଗ୍ୟାଙ୍କୁ ଭାରତରେ ଅନୁପ୍ରବେଶ କରାଇ ଆତଙ୍କବାଦୀ ଆକ୍ରମଣ ଘଟାଇବା ହେଉଛି ଆଇଏସ୍‌ଆଇର ଲକ୍ଷ୍ୟ। ଏନେଇ ଭାରତୀୟ ସଶସ୍ତ୍ର ବଳ ଓ ସୀମା ସୁରକ୍ଷା ବଳକୁ ଗୁରୁବାର ଗୋଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇଛନ୍ତି।



- ଆଇଏସ୍‌ଆଇ ଯୋଗାଉଛି ପାଣ୍ଠି
- ଜେଏମ୍‌ବି ପାଲଟିଛି ମାଧ୍ୟମ

ପାକିସ୍ତାନ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଉଛି। ରୋହିଙ୍ଗ୍ୟାଙ୍କ ତାଲିମ ନିମନ୍ତେ ସୌଦି ଆରବ ଓ ମାଲେସିଆରୁ ଅର୍ଥ ଆସୁଛି। ପାକିସ୍ତାନ ଉକ୍ତ ଅର୍ଥକୁ ସଂଗ୍ରହ କରି ଜେଏମ୍‌ବି ଜରିଆରେ ଭାରତ ବିରୋଧୀ କାର୍ଯ୍ୟରେ ଲଗାଉଛି। ଜେଏମ୍‌ବି ପ୍ରଥମ କିସ୍ତିରେ ୧ କୋଟି ଟଙ୍କା ଗ୍ରହଣ କରିଛି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକ କହିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଏନେଇ ଅବଗତ କରାଯାଇଛି। ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପାକିସ୍ତାନ ବିଫଳ ହେବା ପରେ ରୋହିଙ୍ଗ୍ୟା ମୁସ୍‌ଲିମମାନଙ୍କୁ ପାଣ୍ଠି ଯୋଗାଣ ଯୋଜନା ଆରମ୍ଭ କରିଥିଲା। ଗତବର୍ଷ ଏନ୍‌ଆଇଏ ମୁଖ୍ୟ ୱାଇ.ସି. ମୋଦି କହିଥିଲେ, ଜେଏମ୍‌ବି ଭାରତରେ କାୟାବିସ୍ତାର କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛି। ବିଭିନ୍ନ ରାଜ୍ୟ ସହ ୧୨୫ ସନ୍ଦିଗ୍ଧଙ୍କ ତାଲିକା ଶେୟାର କରାଯାଇଛି। ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର, କର୍ଣାଟକ ଓ କେରଳ ଭଳି ରାଜ୍ୟଗୁଡ଼ିକରେ ବାଂଲାଦେଶୀ ଶରଣାର୍ଥୀ ଭାବେ ରହୁଥିବା ଏହି ଆତଙ୍କବାଦୀ ସଙ୍ଗଠନର କେତେଜଣ ସନ୍ଦିଗ୍ଧ ସେମାନଙ୍କ ଗତିବିଧି ବଢ଼ାଇବାରେ ଲାଗିଛନ୍ତି। ଜେଭିଏମ୍ ୨୦୦୭ରେ ପ୍ରଥମେ ପଶ୍ଚିମବଙ୍ଗ ଓ ଆସାମ ଏବଂ ପରେ ଦେଶର ଅନ୍ୟ କେତେକ ଭାଗରେ କାର୍ଯ୍ୟ ଆରମ୍ଭ କରିଥିଲା। ମ୍ୟାନମାରରେ ରୋହିଙ୍ଗ୍ୟା ମୁସ୍‌ଲିମଙ୍କ ଦୁର୍ଦ୍ଦଶାର ପ୍ରତିଶୋଧ ନେବା ପାଇଁ ଜେଭିଏମ୍ ବୌଦ୍ଧ ମନ୍ଦିରଗୁଡ଼ିକରେ ଆକ୍ରମଣ ଲାଗି ଯୋଜନା ଚଳାଇଥିବା କୁହାଯାଉଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ | Bhubaneswar, Friday, January 10/2020 | ପୃଷ୍ଠା-୧




## ଇଣ୍ଡିଆ 'ବି'କୁ ଫାଇନାଲରେ ପହଞ୍ଚାଇଲେ ସୁଶ୍ରୀ

ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ଚମତ୍କାର ଖେଳି ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ 'ବି'କୁ ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

୧୭

୧୨

## ଇମ୍ତିୟାଜ୍‌ଙ୍କ ଫିଲ୍ମକୁ ଆୟୁଷ୍ମାନ୍‌ଙ୍କ ନା

ବଲିଉଡ୍‌ର ଟାଲେଣ୍ଟେଡ୍ ହିରୋ ଆୟୁଷ୍ମାନ୍ ଖୁରାନା ଲୋକପ୍ରିୟ ନିର୍ଦ୍ଦେଶକ ଇମ୍ତିୟାଜ୍ ଅଲିଙ୍କ ଆଗାମୀ ଫିଲ୍ମ କରିବାକୁ ମନାକରିଦେଇଥିବା ଜଣାପଡ଼ିଛି।



## ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

### ଉପଚ୍ଛାୟାଜନିତ ହେତୁ ପାଳନୀୟ ନୁହେଁ




**ଭୁବନେଶ୍ୱର,୯।୧(ବ୍ୟୁରୋ):** ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଶୁକ୍ରବାର ରାତିରେ ଦେଖିବାକୁ ମିଳିବ। ଏହି ମହାଜାଗତିକ ଘଟଣା ଓଡ଼ିଶା ସମେତ ସମଗ୍ର ଭାରତ ଏବଂ ବିଶ୍ୱର ଅନେକ ରାଷ୍ଟ୍ରରେ ଦେଖାଯିବ। ୧୦ ତାରିଖ ରାତି ୧୦ଟା ୩୭ ମିନିଟରେ ଚନ୍ଦ୍ରଗ୍ରହଣ ଆରମ୍ଭ ହେବ। ଏହି ସମୟରେ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ପ୍ରବେଶ କରିବ। ତେବେ ଏଥର ଗ୍ରହଣ ସମୟରେ ଚନ୍ଦ୍ର ପୃଥିବୀର ପ୍ରଚ୍ଛାୟା(ଗାଢ଼ କଳା ଛାୟା)ରେ ପ୍ରବେଶ କରିବ ନାହିଁ। ତେଣୁ ଏହି ଚନ୍ଦ୍ରଗ୍ରହଣକୁ ଖାଲି ଆଖିରେ ଦେଖିବା କଷ୍ଟକର ହେବ। ଯଦି ଆକାଶ ସମ୍ପୂର୍ଣ୍ଣ ପରିଷ୍କାର ରୁହେ ତା ହେଲେ ଭଲଭାବେ ନିରୀକ୍ଷଣ କଲେ ଏକ ହାଲ୍‌କା ଛାଇ ଦେଖାଯିବ ବୋଲି ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଉପଚ୍ଛାୟାଜନିତ ହୋଇଥିବାରୁ ଏବଂ ଖାଲି ଆଖିରେ ଦେଖାଯାଉ ନ ଥିବାରୁ ଏହାକୁ ପାଳନ କରାଯିବ ନାହିଁ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଛନ୍ତି। ସୂଚନା ମୁତାବକ ୧୦ ତାରିଖ ରାତି ୧୦ଟା ୩୭ରୁ ଚନ୍ଦ୍ରଗ୍ରହଣ ଆରମ୍ଭ ହେବାକୁ ଥିବାବେଳେ ୧୧ ତାରିଖ ଭୋର ୨ଟା ୪୨ ମିନିଟରେ ଛାଇଟି ଚନ୍ଦ୍ର ଉପରୁ ସମ୍ପୂର୍ଣ୍ଣ ଅପସରିଯିବ। ଅର୍ଥାତ୍ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ୧୦ ତାରିଖ ରାତି ୧୦ଟା ୩୭ରୁ ☞ପୃଷ୍ଠା-୨

## ପଦୋନ୍ନତି ଅଦାଲତ ଗଠନ କଲେ ସରକାର

- ଠିକ୍ ସମୟରେ ପ୍ରକ୍ରିୟା ସାରିବାକୁ ଗୁରୁତ୍ୱ
- ଉପକୃତ ହେବେ ସଂଖ୍ୟାଧିକ କର୍ମଚାରୀ

ଭୁବନେଶ୍ୱର,୯।୧(ବ୍ୟୁରୋ)- ରାଜ୍ୟ ସରକାର କର୍ମଚାରୀଙ୍କ ପଦୋନ୍ନତି ସମସ୍ୟା ସମାଧାନ ପାଇଁ 'ପଦୋନ୍ନତି ଅଦାଲତ' ଗଠନ କରିବାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ନିକଟରେ ସରକାର ବିଭିନ୍ନ ବର୍ଗର କର୍ମଚାରୀ ଯେପରି ଠିକ୍ ସମୟରେ ପଦୋନ୍ନତି ପାଇବେ ସେଥିପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବବର୍ଷ ଡିସେମ୍ବର ୩୧ ସୁଦ୍ଧା ପଦୋନ୍ନତି ସମ୍ପର୍କିତ ପ୍ରକ୍ରିୟା ସାରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଡ଼ା ନିର୍ଦ୍ଦେଶ ମଧ୍ୟ ପ୍ରଶାସନରେ ପ୍ରତିଫଳିତ ହୋଇଥିଲା। ଏହା ଦ୍ୱାରା ରାଜ୍ୟର ୩୧୬୬ କର୍ମଚାରୀ ଗତ ଡିସେମ୍ବର ୩୧ ପୂର୍ବରୁ ପଦୋନ୍ନତି ପାଇଥିଲେ। ଏହି ସମୟ ମଧ୍ୟରେ ଯେଉଁମାନେ ପଦୋନ୍ନତି ପାଇପାରି ନାହାନ୍ତି, ତାହାଙ୍କୁ ତ୍ୱରାନ୍ୱିତ କରିବାରେ ଏହି ଅଦାଲତ ସହାୟକ ହେବ ବୋଲି ଆଶା କରାଯାଉଛି। ବିଭିନ୍ନ ବିଭାଗର ପ୍ରଶାସନିକ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବମାନଙ୍କ ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

### ଦୋହରା ଝଟକା


Vencobb CHICKEN

09.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 79 | 131 | 141 |
| DKL | 80 | 132 | 142 |
| BDK | 75 | 126 | 136 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers


## ନିର୍ବାଚନ ବେଳେ ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ପିଟିଶନ

# କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ



**ନୂଆଦିଲ୍ଲୀ,୯।୧(ପି.ଟି.)**

ନିର୍ବାଚନ ବେଳେ ପ୍ଲାଷ୍ଟିକ୍ ବ୍ୟାନର, ହୋର୍ଡିଂ ଇତ୍ୟାଦିର ବ୍ୟବହାରକୁ ବିରୋଧ କରି ଦାଏର ଏକ ପିଟିଶନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ଇସିଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡବ୍ଲ୍ୟୁ. ଏଡ୍‌ୱିନ୍ ୱିଲ୍‌ସନ ଏହି ପିଟିଶନ ଦାଏର କରିଥିଲେ।

ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ଜାରି କଟକଣା କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ତଦାରଖ କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଭାରତର ନିର୍ବାଚନ କମିଶନ ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନରେ ପ୍ରଚୁର ପରିମାଣରେ ପିଭିସି ବ୍ୟାନର ବ୍ୟବହୃତ ହେଉଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ମୁଖ୍ୟ ପ୍ରସଙ୍ଗ ଉପରେ ଏନ୍‌ଜିଟି ପ୍ରଭାବଶାଳୀ ନିର୍ଦ୍ଦେଶନାମା ଜାରି କରି ନ ଥିବା ପିଟିଶନରେ ଦର୍ଶାଯାଇଛି। ଆଇନଜୀବୀ ସଞ୍ଜୟ ଉପାଧ୍ୟାୟ ଏବଂ ସଲିକ୍ ଶଫିକ୍‌ଙ୍କ ଜରିଆରେ ଏହି ପିଟିଶନ ଦାଏର କରାଯାଇଛି। ନିର୍ବାଚନ ପ୍ରଚାର ବେଳେ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ପୋଷ୍ଟର, ବ୍ୟାନର, ହୋର୍ଡିଂ ବ୍ୟବହୃତ ହେଉଛି ଓ ପରେ ତାହା ବର୍ଜ୍ୟରେ ପରିଣତ ହେଉଛି, ଯାହାକି ପରିବେଶ ପାଇଁ ଅତ୍ୟନ୍ତ ହାନିକାରକ ବୋଲି ଆବେଦନକାରୀ ୱିଲ୍‌ସନ ଅଭିଯୋଗ କରିଛନ୍ତି। ତେଣୁ ପିଭିସି, ସିନ୍ଥେଟିକ୍ ପ୍ଲାଷ୍ଟିକ୍ ପଲିମର ଏବଂ କ୍ଲୋରିନେଟେଡ୍ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

ନିର୍ବାଚନ ପ୍ରଚାରବେଳେ ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ କହିବା ପରେ ଏନ୍‌ଜିଟି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ। ମନ୍ତ୍ରଣାଳୟ ବିଘଟନ ହେଉଥିବା ପ୍ଲାଷ୍ଟିକ୍, ପ୍ରାକୃତିକ ଫାଇବର, ପୁନଃଚକ୍ରଣଯୋଗ୍ୟ କାଗଜ ଓ ଅନ୍ୟାନ୍ୟ ପରିବେଶ ଅନୁକୂଳ ପଦାର୍ଥକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିବା ଲାଗି ରାଜ୍ୟଗୁଡ଼ିକୁ ପତ୍ର ଲେଖିଥିଲେ ବୋଲି କହିଛନ୍ତି। ନିର୍ବାଚନ ବେଳେ ପ୍ଲାଷ୍ଟିକ ପଦାର୍ଥ ବିଶେଷ କରି ବ୍ୟାନର ଓ ହୋର୍ଡିଂ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନ ଚାହାନ୍ତି। ତେଣୁ ଉପରୋକ୍ତ କଟକଣା/ନିର୍ଦ୍ଦେଶାବଳୀ ଉପଯୁକ୍ତ ଭାବେ ପାଳନ ହେଉଛି କି ନାହିଁ ତାହା ନିର୍ବାଚନ କମିଶନ ଏବଂ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଦାରଖ କରିବା ଠିକ୍ ହେବ ବୋଲି ଟ୍ରିବ୍ୟୁନାଲ କହିଥିଲେ।

## ଦୁର୍ଘଟଣା ପୂର୍ବରୁ ବୋଇଙ୍ଗ୍‌ରେ ଲାଗିଥିଲା ନିଆଁ: ତଦନ୍ତକାରୀଙ୍କ ଆଶଙ୍କା

# କ୍ଷେପଣାସ୍ତ୍ର ମାଡ଼ରେ ଖସିଛି ବିମାନ

**କିଏଭ୍,୯।୧**

ଇରାନ ରାଜଧାନୀ ତେହେରାନ ନିକଟରେ ୟୁକ୍ରେନର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୭୬ ଜଣଙ୍କ ମୃତ୍ୟୁ ଘଟିବା ପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ମିଶାଇଲ ଆକ୍ରମଣରେ ଏହା ଖସି ପଡ଼ିଥିବା ଆଶଙ୍କା ପ୍ରକାଶ ପାଇଥିବାବେଳେ ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ତନାଘନା ଆରମ୍ଭ ହୋଇଛି। କାରଣ ଏହି ବିମାନ ଉଡ଼ାଣର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନର ଦୁଇ ଡାଟା ରେକର୍ଡର (ବ୍ଲାକ୍‌ବକ୍ସ) ମିଳିଛି। କିନ୍ତୁ ତାହା ନଷ୍ଟ ହୋଇଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଇରାନ ଭୁଲ୍‌ବଶତଃ ଏହି ବିମାନକୁ ଟାର୍ଗେଟ କରି ଖସାଇ ଦେଇଥିବା ଆମେରିକା ପକ୍ଷରୁ କୁହାଯାଉଛି। ଇରାକରେ ଥିବା ଆମେରିକାର ଦୁଇଟି ସେନାଘାଟି ଉପରେ ଇରାନ ମିଶାଇଲ ମାଡ଼ କରିବାର କିଛି ଘଣ୍ଟା ପରେ ଏହି ଦୁର୍ଘଟଣା ଘଟିଥିବାରୁ ଆକ୍ରମଣରେ ବିମାନ ଖସିପଡ଼ିଥିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ। ବୋଇଙ୍ଗ ୭୩୭-୮୦୦ ବୁଧବାର ସକାଳ ୬ଟା ୧୨ ମିନିଟରେ ତେହେରାନର ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦରରୁ ୟୁକ୍ରେନ ରାଜଧାନୀ କିଏଭ୍ ଅଭିମୁଖେ ଯାତ୍ରା ପାଇଁ ବାହାରିଥିଲା। ହେଲେ ଉଡ଼ାଣ ଆରମ୍ଭ କରିବାର ମାତ୍ର ୨ ମିନିଟ ପରେ ରାଡାର ବାହାରକୁ ଚାଲିଯାଇଥିଲା। କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହେବାର କିଛି ସମୟ ପରେ ୪୫ କି.ମି. ଦୂର ଶହରିଆର କାଉଣ୍ଟିସ୍ଥିତ ଖଲଜ୍‌ର ଏକ ଚାଷଜମିରେ ବିମାନ ଖସିପଡ଼ିଥିଲା। ଫଳରେ ବିମାନରେ ନିଆଁ ଲାଗିଯାଇଥିଲା। ଏଥିଯୋଗୁ ସେଥିରେ ଥିବା ସମସ୍ତ ୧୭୬ ☞ପୃଷ୍ଠା-୨



ଦୁର୍ଘଟଣାସ୍ଥଳରେ ବିଛାଡ଼ି ହୋଇ ପଡ଼ିଛି ବୋଇଙ୍ଗ ୭୩୭-୮୦୦ର ଭଗ୍ନାବଶେଷ।

- ଦୁର୍ଘଟଣାସ୍ଥଳ ନିକଟରୁ ମିଳିଛି ରୁଷିଆ ନିର୍ମିତ ମିଶାଇଲ ସିଷ୍ଟମ୍‌ର ଭଗ୍ନାବଶେଷ
- ତଦନ୍ତ ପାଇଁ ତେହେରାନରେ ୟୁକ୍ରେନର ୪୫ ଜଣିଆ ବିଶେଷଜ୍ଞ ଦଳ
- ଆମେରିକା କହିଲା ଇରାନ ଭୁଲ୍‌ରେ ଖସାଇଦେଇଛି ବିମାନ

## ୧୮ ହଜାର କୋଟିର ୩ ବୃହତ୍ ପ୍ରକଳ୍ପକୁ ମଞ୍ଜୁରୀ

- ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ଏନ୍‌ଟିପିସିର ତାଳଚେର ଷ୍ଟେଶନ ସମ୍ପ୍ରସାରଣ ହେବ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ରାଜ୍ୟର ୩ଟି ବୃହତ୍ ଶିଳ୍ପ ପ୍ରକଳ୍ପର ସମ୍ପ୍ରସାରଣ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଗୁରୁବାର ଅନୁମୋଦନ କରିଛନ୍ତି। ଏଥିରେ ସମୁଦାୟ ୧୭ ହଜାର ୮୩୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହିତ ୬ ହଜାର ୫୩୯ ନିଯୁକ୍ତି ସୃଷ୍ଟି ହୋଇପାରିବ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ଉଚ୍ଚସ୍ତରୀୟ କମିଟି ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ରାୟଗଡ଼ା ଜିଲ୍ଲା କାଁସରୀଗୁଡ଼ାଠାରେ ବାର୍ଷିକ ୨୦ ଲକ୍ଷ ଟନ ବିଶିଷ୍ଟ ଏକ ଆଲୁମିନା ରିଫାଇନେରି ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିରେ ୮ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୪,୨୫୦ ଜଣଙ୍କୁ ନିଯୁକ୍ତି ଦିଆଯାଇ ପାରିବ। ସେହିପରି ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ(ଏନ୍‌ଟିପିସି) ତା'ର ତାଳଚେର ଥର୍ମାଲ ପାୱାର ଷ୍ଟେଶନର ସମ୍ପ୍ରସାରଣ କରିବ। ଏଥିରେ କର୍ପୋରେସନ ପକ୍ଷରୁ ୩୬୩୮.୪୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ସେହିପରି ସୁନ୍ଦରଗଡ଼ ଜିଲ୍ଲାର କମନ୍ଦାଠାରେ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ତା'ର ସମନ୍ୱିତ ଇସ୍ପାତ ପ୍ରକଳ୍ପର ଉତ୍ପାଦନ କ୍ଷମତା ୦.୨୭ ନିୟୁତ ଟନରୁ ୦.୯ ନିୟୁତ ଟନକୁ ବୃଦ୍ଧି କରିବ। ଏଥିରେ କମ୍ପାନୀ ୨ ହଜାର ୧୩୫ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବ। ଏଥିରେ ୨ ହଜାର ୨୮୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି ବୈଠକରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ବୃହତ୍ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଥିଲେ।

# ବିଦ୍ୟୁତ୍ କାଟ ପାଇଁ ସେସୁ ପ୍ରସ୍ତୁତ

- ୧୧,୫୯୭ ଗାଁ ଚିହ୍ନଟ
- ଆଦାୟ ହୋଇଛି ୨୧ କୋଟି

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଜାନୁୟାରୀ ୧୬ ତାରିଖ ପରଠାରୁ ବିଦ୍ୟୁତ୍ ବକେୟା ଦେଇ ନ ଥିବା ଉପଭୋକ୍ତାଙ୍କର ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଗଣମାଧ୍ୟମକୁ ସୂଚନା ଦେଇ ସେସୁର ସିଇଓ ଅରୁଣ ବୋଥ୍ରା କହିଛନ୍ତି ଯେ ବିଦ୍ୟୁତ୍ ବିଲ୍ ବାକି ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପାଇଁ ୪୧୩ଟି ସ୍କ୍ୱାଡ ଗଠନ କରାଯାଇଛି। ସ୍ୱତନ୍ତ୍ର ଡ୍ରାଇଭ ଆସନ୍ତା ୧୬ ତାରିଖରୁ ଆରମ୍ଭ କରାଯିବ। ବକେୟା ରଖିଥିବା ୧୧,୫୯୭ଟି ଗାଁକୁ ଚିହ୍ନଟ କରାଯାଇଛି। ସେସୁର ୨୦ଟି ଡିଭିଜନରେ ଥିବା ଏହି ଗ୍ରାମଗୁଡ଼ିକରେ ବିଦ୍ୟୁତ୍ କାଟ ଅଭିଯାନ ଆରମ୍ଭ ହେବ। ବକେୟା ଦେଇ ନ ଥିବା ସମୁଦାୟ ୭ ଲକ୍ଷ ଉପଭୋକ୍ତାଙ୍କ ମଧ୍ୟରୁ ୧.୨୦ ଲକ୍ଷ ଗ୍ରାହକ ୨୧ କୋଟି ଟଙ୍କାର ବକେୟା ପ୍ରଦାନ କରିଛନ୍ତି। ବିଦ୍ୟୁତ୍ କାଟ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଏହା ଛଡ଼ା ସେସୁ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ଯଦି ଉପଭୋକ୍ତାମାନେ ନିୟମିତ ଭାବେ ବିଦ୍ୟୁତ୍ ବକେୟା ଦେବେ ନାହିଁ ତେବେ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେବାକୁ ପଡୁଛି ବୋଲି ବୋଥ୍ରା କହିଛନ୍ତି।

# ୨ ଶାବକଙ୍କୁ ଜନ୍ମଦେଲା ବାଘୁଣୀ ସ୍ନେହା



**ବାରଙ୍ଗ,୯।୧(ଡି.ଏନ୍.ଏ.)**

### ନନ୍ଦନକାନନ

ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏକାସଙ୍ଗେ ଦୁଇଟି ଖୁସି ଖବର ମିଳିଛି। ଧଳାବାଘୁଣୀ ସ୍ନେହା ତା'ର ତୃତୀୟ ଗର୍ଭଧାରଣରୁ ଦୁଇଟି ସନ୍ତାନକୁ ଗୁରୁବାର ବଡ଼ିଭୋର ସମୟରେ ଜନ୍ମ ଦେଇଛି। ପ୍ରଥମ ଶାବକ ୩.୩୮ ମିନିଟ ଓ ଦ୍ୱିତୀୟଟି ୫.୪୪ମିନିଟରେ ଜନ୍ମଦେଇଛି। ଆସନ୍ତା ୧୦-୧୨ ତାରିଖରେ ସ୍ନେହା ଛୁଆ ଜନ୍ମ କରିବ ବୋଲି ଏଠାକାର ଡାକ୍ତରମାନେ ପୂର୍ବାନୁମାନ କରିଥିବାବେଳେ ତାହା ଭୁଲ ପ୍ରମାଣିତ ହୋଇଛି। ସ୍ନେହାର ନବଜାତକ ଛୁଆମାନ ସୁସ୍ଥ ଥିବାବେଳେ ମା' ଠାରୁ କ୍ଷୀର ଖାଉଥିବାର ସିସିଟିଭିରେ ଦେଖିବାକୁ ମିଳିଛି। ଏହି ଛୁଆ ମଧ୍ୟରେ ଗୋଟିଏ ସାଧାରଣ ରଙ୍ଗର ହୋଇଥିବାବେଳେ ଅନ୍ୟଟି ଧଳା ବୋଲି ଜଣ୍ଡୁଭାଗ ଅନୁମାନ କରିଛି। ଗତ ସେପ୍ଟେମ୍ବର ୨୭ ଓ ୨୮ରେ ହାଇଦ୍ରାବାଦରୁ ଆସିଥିବା ଜଙ୍ଗଲୀ ମହାବଳବାଘ ସେଫ୍ ସହ ସ୍ନେହାର ମିଳନ ହୋଇଥିଲା। ତା'ର ରକ୍ତନମୁନା ସଂଗ୍ରହ କରାଯାଇ ଅଗଷ୍ଟରେ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜାଣି ନନ୍ଦନକାନନ କର୍ତ୍ତୃପକ୍ଷ ବାଘୁଣୀ ସ୍ନେହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ଏନକ୍ଲୋଜର ନଂ୨୧ବି ପଞ୍ଜରୀରେ ସ୍ନେହାକୁ ରଖାଯାଇଥିବା ସହ ୪ଟି ସିସିଟିଭି ଲଗାଯାଇ ତା'ର ଗତିବିଧିକୁ ଲକ୍ଷ୍ୟ କରାଯାଉଥିଲା। ସ୍ନେହା ନନ୍ଦନକାନନ ପାଇଁ ଗୁରୁତ୍ୱବହନ କରିଥିବାବେଳେ ଏହାପୂର୍ବରୁ ମନାଷ ସହ ମିଶି ସ୍ନେହା ତା'ର ପ୍ରଥମଗର୍ଭରୁ ସନ୍ତାନକୁ ୨୮ଜୁଲାଇ ୨୦୧୪ରେ କ୍ରିଷ୍ଣା, ସ୍ନେହାଶିଷ, ଆଜିନି ଓ ଶୁଭଶ୍ରୀକୁ ମିଶାଇ ୪ଟି ସନ୍ତାନ ଜନ୍ମ ଦେଇଥିଲା। ସେଥିମଧ୍ୟରେ କ୍ରିଷ୍ଣା ଥିଲା କଳାଲୋମଯୁକ୍ତ ବାଘୁଣୀଆ। ଯାହା ସେ ସମୟରେ ସମସ୍ତଙ୍କ ପାଇଁ ଚର୍ଚ୍ଚାର ବିଷୟ ସାଜିଥିଲା। ପରେ ପୁଣି ମନାଷ ସହ ମିଶି ସ୍ନେହା ୫ ଅଗଷ୍ଟ୨୦୧୬ରେ ୨ୟ ଗର୍ଭରୁ ହୋଇ ଭିକି, ରିନ୍ଟୁ, ମୌସୁମୀକୁ ମିଶାଇ ୩ଟି ଛୁଆ ଜନ୍ମ ଦେଇଥିଲା। ସେଥିରୁ ଭିକି ଥିଲା କଳାଲୋମଯୁକ୍ତ ବାଘୁଆ। ଏବେ ନନ୍ଦନକାନନରେ ବାଘ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୧୩ଟି ସାଧାରଣବାଘ ଥିବାବେଳେ ୫ ଅଣ୍ଡିରା ଓ ୮ମାଈ ରହିଛନ୍ତି। ସେହିପରି ୮ଟି ଧଳାବାଘ ଥିବାବେଳେ ୩ ଅଣ୍ଡିରା ଓ ୫ମାଈ ଅଛନ୍ତି। ୪ଟି କଳାଲୋମଯୁକ୍ତ ବାଘୁଆ ସହ ଏହି ୨ ନୂଆ ଶାବକର ଲିଙ୍ଗନିରୂପଣ ହୋଇ ନ ଥିବା ଜଣାପଡ଼ିଛି।





*Terms and conditions apply. For detailed T&C, visit ace.tatamotors.com or the nearest TATA Motors dealership. Images and illustrations are indicative and for representation purposes only. Financing scheme of 2.99% will be applicable on all 2020 make Ace Variants.

TATA MOTORS: 9748164499, 7894470058, 7337254400

Authorised Dealers:

Trupti Automotives — Angul, Jajpur, Dhenkanal, Cuttack, Jagatsighpur, Kendrapada — 9583040249, 9583040257

Consortium Automobiles — Khorda, Puri, Nayagarh, Kandhamal, Ganjam, Gajpati — 7375087787

Pal Movers — Balasore, Bhadrak, Mayurbhanj, Keonjhar — 9437960713, 8456911350

Jalan Automobiles — Sambalpur - 9437057804, Jharsuguda - 7381062270, Rourkella - 7381062291, Sundergarh - 7381002371 / 9437057827

Laxmi Sales and Service — Bargarh, Balangir, Sonepur, Boudh, Naupada — 8144917704, 8144917701

Kalinga Auto Syndicate — Koraput, Nabarangpur, Malkangiri, Kalahandi, Rayagada — 8763144444, 7682826345

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ନଭେମ୍ବରରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନଯାତ୍ରୀ ଟ୍ରାଫିକରେ ୧୧.୩% ବୃଦ୍ଧି ଘଟିଛି।
– ଇଣ୍ଟରନ୍ୟାଶନାଲ ଏୟାର ଟ୍ରାଫିକ ଆସୋସିଏଶନ

**ଆଜିର ମନ୍ତବ୍ୟ**
ଏକସଙ୍ଗେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭା ନିର୍ବାଚନ କରିବା ନେଇ ରାଜନୈତିକ ଦଳଗୁଡ଼ିକ ବିଚାର କରିବା ଆବଶ୍ୟକ।
–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ହୃଷିକେଶ ପରିବାରବର୍ଗ


ଜଗବନ୍ଧୁ ପରିବାରବର୍ଗ


ସନାତନ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## କ୍ଷେପଣାସ୍ତ୍ର ମାଡ଼ରେ...

ଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା। ୟୁକ୍ରେନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ (ୟୁଆଇଏ)ର ଏହି ଘରୋଇ ବିମାନ କାହିଁକି ଓ କିପରି ଦୁର୍ଘଟଣାଗ୍ରସ୍ତ ହେଲା ତାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଏକ ମିଶାଇଲ ମାଡ଼ରେ ଏହା ଖସିପଡ଼ିଥିବା ଆଶଙ୍କା କରି ତଦନ୍ତକାରୀମାନେ ଅନୁଧ୍ୟାନ କରିବେ। ଏନେଇ ୟୁକ୍ରେନର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ସୂଚନା ଦେଇଛନ୍ତି। ଦୁର୍ଘଟଣା ପଛରେ ଅନ୍ୟ କିଛି କାରଣ ଥିବା ସମ୍ଭାବନାକୁ ତଦନ୍ତକାରୀମାନେ ଏଡ଼ାଇ ଦେଇନାହାନ୍ତି।

ୟୁକ୍ରେନର ଜାତୀୟ ନିରାପତ୍ତା ଓ ପ୍ରତିରକ୍ଷା ପରିଷଦ ସଚିବ ଓଲେକ୍ସି ଡାନିଲୋଭ କହିଛନ୍ତି, ଭୂପୃଷ୍ଠରୁ ଆକାଶମାର୍ଗରେ ଆକ୍ରମଣ କରିପାରୁଥିବା ରୁଷିଆ ନିର୍ମିତ ଟୋର ମିଶାଇଲ୍ ସିଷ୍ଟମ୍‌ର ଭଗ୍ନାବଶେଷ ବିମାନ ଦୁର୍ଘଟଣାସ୍ଥଳ ନିକଟରୁ ମିଳିଛି। ଉକ୍ତ କ୍ଷେପଣାସ୍ତ୍ରକୁ ଇରାନ ବ୍ୟବହାର କରୁଥିଲା ବୋଲି ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ଦୁର୍ଘଟଣାସ୍ଥଳ ନିକଟରେ ରକେଟର ଅବଶିଷ୍ଟ ଭଗ୍ନାବଶେଷ ତଲାସି ଲାଗି ତଦନ୍ତକାରୀଙ୍କୁ ଅନୁମତି ପ୍ରଦାନ ନିମନ୍ତେ ଇରାନ ସହିତ ୟୁକ୍ରେନ ଆଲୋଚନା କରୁଛି। ଇରାନବାସୀ ମଧ୍ୟ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଙ୍ଗଠନ ଜରିଆରେ ଆମେରିକାର ଜାତୀୟ ପରିବହନ ନିରାପତ୍ତା ବୋର୍ଡ (ଏନ୍‌ଟିଏସ୍‌ବି)କୁ ତଦନ୍ତରେ ସହଯୋଗ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି। ଏନ୍‌ଟିଏସ୍‌ବି ତଦନ୍ତ ଆଗକୁ ବଢ଼ାଇବା ପାଇଁ ପରରାଷ୍ଟ୍ର ବିଭାଗ ନିକଟରେ ପହଞ୍ଚିଛି। ଇରାନ ବିରୋଧରେ କଟକଣା ଜାରି ହୋଇଥିବାରୁ ରପ୍ତାନି ଲାଇସେନ୍ସ ବିନା ସେମାନଙ୍କ ସହ ଯୋଗାଯୋଗରେ ବାଧା ସୃଷ୍ଟି ହୋଇଛି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଆତଙ୍କବାଦୀ ଆକ୍ରମଣ, ଡ୍ରୋନ ଭଳି କୌଣସି ଉଡ଼ନ୍ତା ଯାନ ସହ ଧକ୍କା କିମ୍ବା ଇଞ୍ଜିନ ବିସ୍ଫୋରଣ ଯୋଗୁ ବିମାନ ଦୁର୍ଘଟଣା ହୋଇଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ସେହି ସବୁ ଦିଗଗୁଡ଼ିକୁ ନେଇ ମଧ୍ୟ ତଦନ୍ତ କରାଯାଉଛି ବୋଲି ନିଜ ଫେସ୍‌ବୁକ୍ ପେଜ୍‌ରେ ଡାନିଲୋଭ ଉଲ୍ଲେଖ କରିଛନ୍ତି। ଅନେକ ନିରପେକ୍ଷ ବିମାନ ଚଳାଚଳ ବିଶେଷଜ୍ଞ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ଓ ଏକ ଭିଡିଓରୁ ଜାଣିବାକୁ ପାଇଛନ୍ତି ଯେ, ବୋଇଙ୍ଗ ୭୩୭-୮୦୦ ଆକାଶରେ ହିଁ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା।

ୟୁକ୍ରେନରୁ ଏକ ୪୫ ଜଣିଆ ବିଶେଷଜ୍ଞ ଓ ତଲାସି ତଥା ଉଦ୍ଧାରକାରୀ ଦଳ ଗୁରୁବାର ତେହେରାନରେ ପହଞ୍ଚିଛନ୍ତି। ସେମାନେ ତଦନ୍ତରେ ସାମିଲ ହେବା ସହ ମୃତଦେହଗୁଡ଼ିକୁ ଚିହ୍ନଟ କରି ୟୁକ୍ରେନକୁ ପଠାଇବା ବ୍ୟବସ୍ଥା କରୁଛନ୍ତି। ୧୭୬ ମୃତକଙ୍କ ମଧ୍ୟରେ ୯ ବିମାନ କର୍ମଚାରୀଙ୍କ ସମେତ ୧୧ ଜଣ ଥିଲେ ୟୁକ୍ରେନ ବାସିନ୍ଦା। ଡାନିଲୋଭ କହିଛନ୍ତି, ତାଙ୍କ ଟିମ୍ ଦୁର୍ଘଟଣାସ୍ଥଳରେ ରୁଷିଆ ନିର୍ମିତ ମିଶାଇଲର ଭଗ୍ନାବଶେଷ ଖୋଜିବାକୁ ଚାହୁଁଛି। ଏକ କ୍ଲୋଜ୍‌ଡ-ଶର୍କିଟ ଟିଭି କ୍ୟାମେରାରେ ଉଠାଯାଇଥିବା ଦୁର୍ଘଟଣା ବେଳର ଦୃଶ୍ୟର ଭିଡିଓ ଟୁଇଟର୍‌ରେ ପୋଷ୍ଟ କରାଯାଇଛି। ବିମାନ ଆକାଶରେ ଉଡୁଥିବାବେଳେ ସେଥିରୁ ଗୋଲାପୀ ରଙ୍ଗର ଉଜ୍ଜ୍ୱଳ ନିଆଁ ଦେଖିବାକୁ ମିଳିଥିଲା ଓ ପରେ ଜଳନ୍ତା ଭଗ୍ନାବଶେଷ ଏକ ବିସ୍ତୃତ ଅଞ୍ଚଳରେ ବିଛାଡ଼ି ହୋଇ ପଡ଼ିଥିଲା। ଏହି ଭିଡିଓକୁ ଇରାନର ସରକାରୀ ଚ୍ୟାନେଲ ପୋଷ୍ଟ କରିଛି।

## ଆଜି ବର୍ଷର...

୧୧ ତାରିଖ ଭୋର ୨ ଟା ୪୨ ମିନିଟ୍ ପର୍ଯ୍ୟନ୍ତ ରହିବ। ଆକାଶ ମେଘମୁକ୍ତ ଥିଲେ ଏହି ଦୃଶ୍ୟକୁ ଖାଲି ଆଖିରେ କିମ୍ବା ଛୋଟ ବାଇନାକୁଲର ସାହାଯ୍ୟରେ ଦେଖିହେବ। ୨୦୨୦ ବର୍ଷରେ ୪ଟି ଚନ୍ଦ୍ରଗ୍ରହଣ ଏବଂ ୨ଟି ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ। ଏ ନେଇ ଡ. ପଟ୍ଟନାୟକଙ୍କ ସୂଚନା ମୁତାବକ, ଚନ୍ଦ୍ରଗ୍ରହଣ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଆକାଶ ମେଘମୁକ୍ତ ରହିଲେ ଏହା ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ପଠାଣି ସାମନ୍ତ ପ୍ଲାନେଟାରିୟମ୍ ତରଫରୁ ଲୋକମାନଙ୍କୁ ସଚେତନ କରାଯିବା ସହ ସୁଯୋଗକୁ ହାତଛଡ଼ା ନ କରିବା ପାଇଁ କୁହାଯାଇଛି।

## ପଦୋନ୍ନତି...

ଅଧ୍ୟକ୍ଷତାରେ ପଦୋନ୍ନତି ଅଦାଲତ ଗଠନ କରାଯିବ। ପ୍ରତିବର୍ଷ ଜାନୁୟାରୀ ମାସର ଚତୁର୍ଥ ସପ୍ତାହରେ ପଦୋନ୍ନତି ଅଦାଲତର ବୈଠକ ବସିବ। କୌଣସି କାରଣରୁ ପଦୋନ୍ନତି ପାଇପାରି ନ ଥିବା କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ଅଦାଲତ ଜରିଆରେ କରାଯିବ। ଉଲ୍ଲେଖଯୋଗ୍ୟ, ବିଭିନ୍ନ କାରଣରୁ ପଦୋନ୍ନତି ପାଇ ପାରି ନ ଥିବା କର୍ମଚାରୀମାନେ ଅଦାଲତର ଦ୍ୱାରସ୍ଥ ହୋଇଥାଆନ୍ତି। ତେଣୁ ଏହି ଅଦାଲତ ଗଠିତ ହେବା ଦ୍ୱାରା କର୍ମଚାରୀମାନେ ଶୀଘ୍ର ନ୍ୟାୟ ପାଇପାରିବେ ବୋଲି ଆଶା କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫-ଟି ମନ୍ତ୍ରକୁ ଏହି ପ୍ରକ୍ରିୟାରେ କାର୍ଯ୍ୟ କରାଯିବ। ଏହା ସମ୍ପୂର୍ଣ୍ଣ ପଦୋନ୍ନତିରେ ସଂସ୍କାର ଏବଂ ସ୍ୱଚ୍ଛତା ଆଣିବ ବୋଲି କୁହାଯାଉଛି।

# ବର୍ଷା, କୁହୁଡ଼ି: ୟେଲୋୱାର୍ନିଂ ଜାରି କଲା ପାଣିପାଗ ବିଭାଗ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଶୀତର ପ୍ରକୋପ ନାହିଁ। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ହୋଇଛି। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ଶୀତ କମି ଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଓ କୁହୁଡି ହେବାର ସମ୍ଭାବନା ରହିଛି। ଉତ୍ତର ଓଡିଶା ସମେତ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ସୋନପୁର, ବୌଦ୍ଧ ଏବଂ ନୟାଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ବୌଦ୍ଧ, ସୋନପୁର, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି ଏବଂ ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ମଧ୍ୟ ଘଡଘଡି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଉକ୍ତ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକାପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଣ୍ଡିବା ଶକ୍ତି ଯାର ଥାଇ**
**ସେ ପୁଣି କ୍ଷମା ଆଚରଇ।**

ଭଗବାନ ଗଧପାଦ ଧରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ଶକ୍ତିଶାଳୀ ଲୋକ ମଧ୍ୟ ଦରକାର ବେଳେ ବିନୟଭାବ ପୋଷଣ କରିଥାଏ। ମନୁଷ୍ୟର ମହାନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ଉଦାରତା ଓ କର୍ତ୍ତବ୍ୟପରାୟଣତାରୁ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେବାଠାରୁ ପୁଣ୍ୟ ନାହିଁ**
**ମାଗିବାଠାରୁ ହୀନ ନାହିଁ ।**

ଦେବାରେ ଆନନ୍ଦ ଥାଏ। ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବା ଠାରୁ ବଳି ହୀନକାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗ୍ରୀଷ୍ମ ଅବକାଶରେ ଅତିରିକ୍ତ କ୍ଲାସ୍

ଭୁବନେଶ୍ୱର, ୯।୧(ବ୍ୟୁରୋ)

**ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା**

ଆସନ୍ତା ଗ୍ରୀଷ୍ମ ଅବକାଶରେ ରାଜ୍ୟ ସରକାର ଦୁର୍ବଳ ପିଲାଙ୍କ ପାଇଁ ଅତିରିକ୍ତ କ୍ଲାସ କରିବା ପାଇଁ ଚିନ୍ତା କରୁଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ଏହି ସୂଚନା ଦେଇଛନ୍ତି। ସକାରାତ୍ମକ ଭାବେ ପିଲାମାନଙ୍କୁ ଯେପରି ପାଠପଢାମନସ୍କ କରାଯାଇ ପାରିବ, ସେ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ସେହିପରି ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଦୁର୍ବଳ ପିଲାଙ୍କ ପାଇଁ ଚଳିତ ମାସ ୩୧ ଯାଏ ସ୍ୱତନ୍ତ୍ର କ୍ଲାସ କରାଯିବ ବୋଲି ଜଣାପଡ଼ିଛି। ମାଟ୍ରିକ ପରୀକ୍ଷାରେ ପଡୁଥିବା ଭଳି ମକ୍ ପ୍ରଶ୍ନାବଳୀକୁ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଛି। ଦୁର୍ବଳ ପିଲାଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ଗୋଷ୍ଠୀଗତ ଜ୍ଞାନ ଆହରଣ ଏବଂ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରତି ସ୍କୁଲରେ ଉତ୍କର୍ଷ ଏବଂ ଉତ୍ଥାନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କଟକ, କେନ୍ଦ୍ରାପଡ଼ା, କନ୍ଧମାଳ ପ୍ରଭୃତି ଜିଲାରେ ଯେପରି କୌଣସି ସ୍କୁଲରେ ଶୂନ ଫଳାଫଳ ନ ହୁଏ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି।

# ବହିର୍ବ୍ୟାପାର ବିଭାଗୀୟ ପରାମର୍ଶ କମିଟିରେ ସସ୍ମିତ

ଭୁବନେଶ୍ୱର,୯।୧(ବ୍ୟୁରୋ)

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟର ବିଭାଗୀୟ ପରାମର୍ଶ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଅଧ୍ୟକ୍ଷ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ଶଶି ଥରୁର, ରାହୁଲ ଗାନ୍ଧୀ, ଆନନ୍ଦ ଶର୍ମା, ଜି.ଭି.ଏଲ୍. ନରସିଂହ ରାଓ, କିରଣ ଖେର ଏବଂ ମନୀଷ ଗୁପ୍ତା ପ୍ରମୁଖ ସଦସ୍ୟ ଅଛନ୍ତି। ସସ୍ମିତ ପୂର୍ବରୁ ମାନବ ସମ୍ବଳ ମନ୍ତ୍ରଣାଳୟର ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି, ଅଫିସ ଅଫ୍ ପ୍ରଫିଟ୍ ଏଣ୍ଡ ପ୍ରିଭିଲେଜ୍ ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି(ରାଜ୍ୟ ସଭା)ର ମଧ୍ୟ ସଦସ୍ୟ ଅଛନ୍ତି। ଗତବର୍ଷ ସସ୍ମିତ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟଭାବେ ମନୋନୀତ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରି ଆପଣଙ୍କ ଚେଷ୍ଟା ଓ କର୍ମାନୁସରି ଅର୍ଥପ୍ରାପ୍ତିର ମାର୍ଗ ଉନ୍ମୁକ୍ତ କରିବେ। ଆଶଙ୍କା ଥିଲେ ହେଁ ସାହାଯ୍ୟ, ସହଯୋଗ ଲାଭକରି କାମ ହାସଲରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ସଫଳତା ସାଙ୍ଗକୁ ଯାନବାହନ, ନିର୍ମାଣ, ଘର ସାଜସଜ୍ଜା କାମରେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ।

**ବୃଷ**
ଧନ ସ୍ଥାନରେ ତୃତୀୟାଧିପତି ଯୋଗୁ ବିଭିନ୍ନ ପ୍ରକାରର ମନଗଢା ଲୋଭନୀୟ ପ୍ରତିଶ୍ରୁତିଦେଇ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିପାରିବେ। ପାରିବାରିକ ଓ କର୍ମକ୍ଷେତ୍ରରେ ଅସ୍ଥିରତା ସହ ବିବାଦୀୟ ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ଏଜେନ୍ସିପ୍, ପ୍ରକାଶନ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇପାରିବ।

**ମିଥୁନ**
ଶୁକ୍ର ଭାଗ୍ୟସ୍ଥ ଓ ରାଶିରେ ବଳବାନ୍ ରାହୁଙ୍କ ସ୍ଥିତି ହେତୁ କୌଶଳର ସହ ସ୍ଥଗିତ କାମଗୁଡିକୁ ସମ୍ପାଦନ କରିପାରିବେ। ସଭାସମିତିରେ ବିଶିଷ୍ଟବ୍ୟକ୍ତିମାନଙ୍କର ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ନିଜର ପତିଆରା ଜାହିରକରି ସଫଳ ହେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବଢିଯିବ।

**କର୍କଟ**
ଦ୍ୱାଦଶଭାବକୁ ଗ୍ରହଙ୍କ ଦୃଷ୍ଟି ପ୍ରଭାବରେ ଆପଣ ଖର୍ଚ୍ଚାନ୍ତ ହୋଇ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇପାରନ୍ତି। କର୍ମକ୍ଷେତ୍ର, ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ସମାଜରେ ପ୍ରତିଷ୍ଠା, ବନ୍ଧୁବର୍ଗରେ ଆଦର ସମ୍ମାନ ପ୍ରାପ୍ତି ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ଅନଟନ କିମ୍ବା ତତ୍ ସମ୍ବନ୍ଧିତ କୌଣସି ସମସ୍ୟାର ସମ୍ମୁଖୀନ ହେବାର ସୂଚନା ରହିଛି।

**ସିଂହ**
କର୍ମାଧିପ କେନ୍ଦ୍ରସ୍ଥ ଯୋଗୁ ଆପଣଙ୍କ କୌଣସି କାମ ଅସମ୍ପୂର୍ଣ୍ଣ ରହିବ ନାହିଁ। କିନ୍ତୁ ବିବାଦୀୟ ଘଟଣା ଅମୀମାଂସିତ ରହିବ ଏବଂ ଆତ୍ମୀୟମାନେ ଭିତରେ ଭିତରେ ଚେର କାଟିଲା ଭଳି କାମ କରିପାରନ୍ତି। ଅର୍ଥ ସମ୍ପର୍କିତ କଥାବାର୍ତ୍ତା, ବ୍ୟବସାୟିକ ସମ୍ପର୍କ, ଗବେଷଣା, ଅନୁସନ୍ଧାନ ଓ ବିଦେଶଯାତ୍ରାର ସୁଯୋଗ ପାଇବାର ସମ୍ଭାବନା ରହିଛି।

**କନ୍ୟା**
ମିତ୍ରଗୃହୀ ଧନାଧିପତି ଯୋଗୁ ଅର୍ଥଲାଭ ସାଙ୍ଗକୁ ବନ୍ଧୁଙ୍କ ସହ ସଦ୍‌ଭାବ ବୃଦ୍ଧି ମନରେ ନୂତନ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରିବ। ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ଅଧ୍ୟାପନା ଓ ବିଦେଶ ଯାତ୍ରାରେ ସଫଳତା ହାସଲ କରିବେ। କଳା, କାରିଗରି, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସମାରୋହ ପ୍ରଭୃତି କ୍ଷେତ୍ରରେ ସଫଳତା ଅର୍ଜନ କରିବେ।

**ତୁଳା**
ମଙ୍ଗଳ ସ୍ୱକ୍ଷେତ୍ରବର୍ତ୍ତୀ ହୋଇ ଅର୍ଥ ଓ ଭୂସମ୍ପତ୍ତି ପ୍ରାପ୍ତି, ବିବାଦରେ ବିଜୟ, ଦୂରଯାତ୍ରା, ଧୈର୍ଯ୍ୟର ସହ ବିଭିନ୍ନ ସମସ୍ୟାର ସମାଧନ କରିବାରେ ସମର୍ଥ ହେବେ। ପ୍ରଶାସନିକ ସ୍ତର, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସୁଫଳ ପ୍ରଦାନ କରିବେ। ପରିବହନରେ ଝଗଡ଼ା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କ୍ଷେତ୍ରର ବ୍ୟତିକ୍ରମକୁ ସୁଧାରି ନେଇପାରନ୍ତି।

**ବିଛା**
ଅଭାବ ଅସୁବିଧା ନ ଥିଲେ ମଧ୍ୟ ପାପଯୁକ୍ତ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡ଼ାଇହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଆଇନ ଅଦାଲତରେ ସଫଳତା ହାସଲ କରିବେ।

**ଧନୁ**
ରାଶ୍ୟାଧିପତି ସ୍ୱକ୍ଷେତ୍ରସ୍ଥ ହୋଇ ଏକାଧିକ ଗ୍ରହ ସଙ୍ଗତ୍ୱ ଯୋଗୁ ଆନୁଷ୍ଠାନିକ କାମ, ଗଠନମୂଳକ କାର୍ଯ୍ୟ ଓ ରାଜନୈତିକ ସ୍ଥିତି ବେଶ୍ ଅନୁକୂଳ ରହିବ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମୟାନ୍ତରରେ ସମାଧାନ ହୋଇଯିବ। ଶେୟାରବଜାର, ପ୍ରକଳ୍ପ କାମ, ରପ୍ତାନି ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**ମକର**
ଏକାଦଶସ୍ଥ ମଙ୍ଗଳ ଓ ଧନଭାବସ୍ଥ ଶୁକ୍ର ହେତୁ କୌଣସି ଅଭାବ, ଅସୁବିଧା ରହିବ ନାହିଁ। ପାରିବାରିକ ଜୀବନ, ସାମାଜିକ ସ୍ଥିତି, ଯାନବାହନ, ଲୋକସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗର ଆବଶ୍ୟକତା ଅନୁଭବ କରିପାରନ୍ତି। ପୂର୍ବପରିକଳ୍ପିତ ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**କୁମ୍ଭ**
ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ଦୈହିକ ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଲେ ମଧ୍ୟ ବୃତ୍ତି, ବାଣିଜ୍ୟ ଓ ଲୋକ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ସାମାଜିକ ସ୍ଥିତି ଦୁର୍ବଳରୁ ଦୁର୍ବଳତର ହୋଇପାରେ। ମାଲିମକଦ୍ଦମା, ପ୍ରଶାସନିକ ସ୍ତରରେ, କଳା, ସାହିତ୍ୟରେ ସୁଫଳ ପାଇବେ। ନିର୍ମାଣ, ଆମଦାନୀ, ରେଷ୍ଟୁରାଣ୍ଟ, ହୋଟେଲ ଶିଳ୍ପ ବହୁତ ଭଲ ରହିବ।

**ମୀନ**
କର୍ମକ୍ଷେତ୍ରରେ ଏକାଧିକ ଗ୍ରହ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। ଉପରିସ୍ଥଙ୍କ ଅନୁକମ୍ପା ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବା ସହ ମାନସିକ ସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହେବ।

ଆଜି ଜାନୁୟାରୀ ୧୦ ତାରିଖ, ପୌଷମାସର ଦେବାଭିଷେକ ପୂର୍ଣ୍ଣିମା ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର(ରାଜବେଶ), ସୁନାବେଶ, ପୂଜ୍ୟ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ରାଶିନକ୍ଷତ୍ର-ଆରଦ୍ରା /ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୧୦ମି. ମଧ୍ୟେ ଘ୭।୫୪ମି. ଗତେ, ଘ୧୦।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୮ମି. ଗତେ ଘ୯।୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୩୨ମି. ଗତେ ଘ୧୧।୫୩ମି. ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302

**automobile**
**SALE**
Tata Dumper Model 2011, Dala 12CM for sale Rs. 6,50,000, 7008503089. D-59868

**real estate**
**SALE**
2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

**Bhubaneswar Infocity-II** ମଦନପୁର ନିକଟରେ **sqft.499/- demarcation plot** କିଣନ୍ତୁ **9861218400** D-68463

**Bhubaneswar** ପିତାପଲ୍ଲୀଛକରେ **NH**କୁ ଲାଗିକି **plot** ମିଳୁଅଛି। **9090963952.** D-68451

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

ଭୁବନେଶ୍ୱର କଟଣ1ଗେଟ୍‌ଠାରେ **sqft.-180/-,** ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ **sqft.-180/-,** ନଖରା ତ୍ରିନାଥ ବଜାର **SC** ପ୍ଲଟ୍ **370/-** ଘରବାରି **outright/ instalment- 9348817649, 7750909843.** D-68462

**New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014.** D-16001

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68749

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

**construction**
Construct your building as per your terms and condition. Contact: 9937064680. D-27284

**packers & movers**
Shivam logistic packers movers. Household/ car relocation countrywide. 9777044177, 9338461133. D-16087

**healthcare**
Rejuvenate and ayurvedic full body massage by smart therapist. 9114402304. D-68946

Sai herbal spa refresh your body with smart, expert therapist. 7608062524. D-68954

Refresh your mind and soul with best therapy at Orchid Salon/Spa. 9937287222. D-68745

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies and gents. Contact: 9861064981. D-68746

Completely stress management therapy, visit us our clinic. Contact: 7852986810. D-68532

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Ayurvedic full body massage ladies & gents smart therapist, 9668814589. D-68750


**AFFIDAVIT**
By virtue of affidavit before Executive Magistrate dt. 24.12.19 state that my name is SK. Abul Basar Sahed, S/o- SK. Abubakar, At/ Po- Sirlo, PS- Kishore Nagar, Dist- Cuttack, 754131, but name has been wrongly mentioned in some of my documents. Henceforth my name will be considered as SK. Abul Basar Sahed for all purposes. D-16112

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



ଲୋକପାଳ ସଦସ୍ୟ ଜଷ୍ଟିସ ଦିଲୀପ ବି. ଭୋସ୍‌ଲେ ବ୍ୟକ୍ତିଗତ କାରଣ ଦର୍ଶାଇ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ସୋମବାର ପଠାଇଥିବା ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଆଲ୍ଲାହାବାଦ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଭୋସ୍‌ଲେ ଗତ ମାର୍ଚ୍ଚ ୨୭ରେ ଲୋକପାଳ ସଦସ୍ୟ ଭାବେ ଶପଥଗ୍ରହଣ କରିଥିଲେ। ଲୋକପାଳରେ ଜଣେ ଅଧ୍ୟକ୍ଷଙ୍କୁ ଛାଡ଼ି ୮ ସଦସ୍ୟ ରହିଥିଲେ।




# ଆଜି ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ, ୯।୧:** ଶୁକ୍ରବାର ପବିତ୍ର ପୌଷ ପୂର୍ଣ୍ଣମୀ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ପୌରାଣିକ ତଥ୍ୟ ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପୌଷ ପୂର୍ଣ୍ଣମା ଦିନ ସକାଳ ଧୂପ ପରେ ୧୦୮ ଗରା ଘିଅ ମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଏ। ଏହାପରେ ଠାକୁରମାନଙ୍କ ସୁନାବେଶ ହୋଇଥାଏ। ବର୍ଷକ ମଧ୍ୟରେ ହେଉଥିବା ୫ଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ରାତି ୨ଟାରେ ଦ୍ୱାରଫିଟା, ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଭୋର ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ହେବ। ସକାଳ ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ସକାଳ ଧୂପ (କେବଳ କୋଠ ଭୋଗ), ପୂର୍ବାହ୍ନ ୧୧ଟା ୧୫ରେ ମହାଲକ୍ଷ୍ମୀ ବିଜେ, ଅପରାହ୍ନ ୪ଟା ୩୫ରେ ରଘୁନାଥଦେବ ଲକ୍ଷ୍ମୀମନ୍ଦିରକୁ ବିଜେ, ୫ଟାରେ ଭୋଗମଣ୍ଡପ ପୂଜା ଶେଷ, ରାତି ୭ଟା ୩୦ରେ ସନ୍ଧ୍ୟା ଆଳତି, ୧୦ଟାରେ ଅଭିଷେକ ନୀତି ଶେଷ, ୧୧ଟାରେ ବଡ଼ସିଂହାର ବେଶ, ସାଢେ ୧୧ଟାରେ ବଡ଼ସିଂହାର ଭୋଗ, ୧୧ଟା ୪୫ରେ ଟୋପର ଲାଗି ସରି ରାତି ୧୨ଟାରେ ରାତ୍ର ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୮୯୦୮୧୫୭୧୭୦**

# ମରାମତି ପାଇଁ ୨ ଟ୍ରେନ୍ ବାତିଲ୍

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ପୂର୍ବତଟ ରେଳପଥର ୱାଲ୍‌ଟିୟର ଡିଭିଜନ୍‌ରେ ମରାମତି କାର୍ଯ୍ୟ ପାଇଁ ୨ଟି ପାସେଞ୍ଜର ଟ୍ରେନକୁ ବାତିଲ୍ କରାଯାଇଛି। ସମ୍ବଲପୁର-କୋରାପୁଟ-ସମ୍ବଲପୁର ୧୦ ଜାନୁୟାରୀରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ୍ ରହିବ। ସେହିଭଳି ରାୟପୁର-ବିଶାଖାପାଟଣା-ରାୟପୁର ୧୦ ଜାନୁୟାରୀରୁ ୧ ଏପ୍ରିଲ ପର୍ଯ୍ୟନ୍ତ ଉଭୟ ଦିଗରୁ ଚଳାଚଳ ବନ୍ଦ ରହିବ।

## ■ ୫-ଟି ସଚିବଙ୍କ କୋଣାର୍କ ଗସ୍ତ

# ସୂର୍ଯ୍ୟମନ୍ଦିର ବୁଲିଲେ, ବିକାଶ ସଂକ୍ରାନ୍ତ ନକ୍ସା ଦେଖିଲେ

**କୋଣାର୍କ, ୯।୧(ଡି.ଏନ୍.ଏ.)**

ପୁରୀ ଏବଂ ଭୁବନେଶ୍ୱର ପରେ ବିଶ୍ୱ ପ୍ରସିଦ୍ଧ ଐତିହ୍ୟ କୀର୍ତ୍ତିରାଜି କୋଣାର୍କ ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ଉପରେ ଫୋକସ କରିଛନ୍ତି ରାଜ୍ୟ ସରକାର। ଏ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ପ୍ରତ୍ୟୁଷରୁ ଅଚାନକ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସେ ଏ ସଂକ୍ରାନ୍ତ ନକ୍ସା ଅନୁଧ୍ୟାନ କରିବା ସହ କୋଣାର୍କର ପାରିପାର୍ଶ୍ୱିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି।

ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହ କୋଣାର୍କକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସହରର ମାନ୍ୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୫-ଟି ସଚିବ ପାଣ୍ଡିଆନ କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି ସମେତ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। କୋଣାର୍କର ପାରିପାର୍ଶ୍ୱିକ ବିକାଶ ପାଇଁ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ନକ୍ସାକୁ ସେ ଦେଖିବା ସହ ପୁରୀ ଜିଲାପାଳ ବଲୱନ୍ତ ସିଂ ଏବଂ ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ସୂର୍ଯ୍ୟମନ୍ଦିର ସମ୍ମୁଖ ଅଞ୍ଚଳ ବୁଲି ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଅନ୍ୟମାନେ।

## ■ ଯୁକ୍ତ୨ କଲେଜଗୁଡ଼ିକୁ କଡ଼ା ଚେତାବନୀ

# ସିସିଟିଭି ନ ଲଗାଇଲେ ପରୀକ୍ଷାକେନ୍ଦ୍ର ବନ୍ଦ

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ଜାନୁୟାରୀ ୨୭ରୁ ଯୁକ୍ତ୨ ପ୍ରାକ୍ଟିକାଲ ଏବଂ ମାର୍ଚ୍ଚ ୩ରୁ ଥିଓରି ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହାପୂର୍ବରୁ ପରୀକ୍ଷାକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସଜାଡ଼ିବାକୁ କଡ଼ା ଚେତାବନୀ ଦେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)। ଚଳିତବର୍ଷ ସମସ୍ତ ପରୀକ୍ଷାକେନ୍ଦ୍ରରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଥିବାବଳେ ଜାନୁୟାରୀ ୧୦ ବା ଶୁକ୍ରବାର ସୁଦ୍ଧା ସମସ୍ତ ପରୀକ୍ଷାକେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଇବା କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ସମସ୍ତ କଲେଜଗୁଡ଼ିକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଜାନୁୟାରୀ ୭ ସୁଦ୍ଧା ସିସିଟିଭି ଲଗାଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଧିକାଂଶ ପରୀକ୍ଷାକେନ୍ଦ୍ର ଏ ଦିଗରେ ପଦକ୍ଷେପ ନେଇ ନ ଥିବାରୁ ନିର୍ଦ୍ଦେଶାଳୟ ପକ୍ଷରୁ ପୁଣିଥରେ ଚିଠି ଲେଖାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ସିସିଟିଭି ଲଗାଇବା ସମ୍ପର୍କରେ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ସାମ୍ସ ଇ-ସ୍ପେସ୍‌ରେ ଥିବା ସିସିଟିଭି ଲିଙ୍କ୍ ମାଧ୍ୟମରେ ପରିଷଦ ନିକଟରେ ଦାଖଲ କରିବାକୁ କୁହାଯାଇଛି। ପରିଷଦର ଗାଇଡ୍‌ଲାଇନ୍ ଅନୁଯାୟୀ ପରୀକ୍ଷାକେନ୍ଦ୍ରର ସମସ୍ତ ହଲ୍, ସିଲ୍ ପ୍ରଶ୍ନପତ୍ର ରହିଥିବା ସ୍ଥାନ, ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସ୍ଥାନ, ଅଫିସ୍ ରୁମ୍, ପ୍ରବେଶ ପଥର ମୁଖ୍ୟ ଫାଟକ ତଥା ଯାଞ୍ଚସ୍ଥଳରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଛି। ଏହାବ୍ୟତୀତ କ୍ୟାମ୍ପସ୍ ପରିସର, କ୍ଲାସରୁମ୍‌ରୁ ଅଫିସ୍ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା, କ୍ୟାମ୍ପସ୍‌ର ଅନ୍ୟାନ୍ୟ ପ୍ରମୁଖ ସ୍ଥାନ ଏବଂ ଲୋକାରଣ୍ୟ ଅଞ୍ଚଳରେ ସିସିଟିଭି ଲଗାଇବାକୁ କୁହାଯାଇଛି। ଯଦି କୌଣସି କେନ୍ଦ୍ର ସିସିଟିଭି ଲଗାଯିବା ସମ୍ପର୍କିତ ତଥ୍ୟ ନ ଦିଅନ୍ତି, ସେଠାରେ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।






## ଜିଲା ଚିଠି
## ଜଗତ୍‌ସିଂହପୁର

# ସରୁନି ମାଷ୍ଟର ପ୍ଲାନ୍

୧୯୮୫ ପରଠାରୁ ଜଗତ୍‌ସିଂହପୁର ସହର ସମେତ ଜିଲାରେ ମାଷ୍ଟର ପ୍ଲାନ୍ ହୋଇନାହିଁ। ଏଥିଯୋଗୁ ଦିନକୁ ଦିନ ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ଅସୁବିଧା ହେଉଛି। ୨୦୧୭ରୁ ରାଜ୍ୟ ସରକାର ମାଷ୍ଟର ପ୍ଲାନ୍ କରିବା ନେଇ ଟେଣ୍ଡର କରିଥିଲେ ସୁଦ୍ଧା ବହୁ ବିଳମ୍ବରେ ଏହା ଚୂଡ଼ାନ୍ତ ହୋଇଥିଲା। ବେଙ୍ଗାଲୁରୁର ସ୍କାଏ ଗ୍ରୁପ୍ ନାମକ ସଂସ୍ଥା ଯୋଜନା ପ୍ରସ୍ତୁତ କରିବ ବୋଲି ସ୍ଥିର ହୋଇଛି। ଏହି ସଂସ୍ଥା ଓଡ଼ିଶା ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି) ସହ ରାଜିନାମା ସ୍ୱାକ୍ଷର କରିଛି। ରାଜିନାମା ଅନୁଯାୟୀ, ସ୍କାଏ ଗ୍ରୁପ୍ ୨୦୧୯ ଜୁଲାଇ ଭିତରେ ଯୋଜନା ସାରିବା କଥା। କିନ୍ତୁ ଇତିମଧ୍ୟରେ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରିବା ତ ଦୂରର କଥା ଚିଠା ମାଷ୍ଟର ପ୍ଲାନ୍ ବି ପ୍ରସ୍ତୁତ ହୋଇପାରିନାହିଁ। ୨୬।୫।୧୮ରେ ସ୍କାଏ ଗ୍ରୁପ୍ ଟେଣ୍ଡର ପାଇ ୨୩।୭।୧୯ ଭିତରେ ମାଷ୍ଟର ପ୍ଲାନ୍ ସାରିବ ବୋଲି ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟଠାରୁ ୫ ମାସ ଅଧିକ ଅତିକ୍ରମ ହୋଇସାରିଛି। ଆଗକୁ ଚିଠା ମାଷ୍ଟର ପ୍ଲାନ୍, ବିଭାଗ ପକ୍ଷରୁ ସ୍କାଏ ଗ୍ରୁପ୍ ସହାୟତାରେ ସମସ୍ତ ବିଭାଗ ସହ ବୈଠକ, କର୍ମଶାଳା ତଥା ସେମିନାର ମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେବ। କାହାର କିଛି ଆପତ୍ତି ଅଭିଯୋଗ ଥିଲେ ତା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଏତେ କାମ ବାକି ଥିବା ବେଳେ ସଂସ୍ଥା ମନ୍ଥର ଗତିରେ କାମ କରୁଛି। ଯେଉଁଥିପାଇଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜିନାମା ଅନୁଯାୟୀ, ଏହି ଗ୍ରୁପ୍ ଜଗତ୍‌ସିଂହପୁର ସହର ସମେତ ଜଗତ୍‌ସିଂହପୁର ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳ ଅଧୀନ ୯୩ଟି ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ। ସେଥିମଧ୍ୟରୁ ଜଗତ୍‌ସିଂହପୁର ପୌର ପରିଷଦ ସମେତ ଏହି ବ୍ଲକର ୧୦ଟି ପଞ୍ଚାୟତକୁ ସାମିଲ କରାଯାଇଛି। ଏଥିରେ ରାସ୍ତା, ଡ୍ରେନ୍ ଆଦିର ଭିତ୍ତିଭୂମି, ସହରାଞ୍ଚଳର ସ୍ଥିତି, ସମସ୍ୟା ଓ ଏହାର ସମାଧାନର ବାଟ ବାହାରିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍ ପ୍ଲାଟ୍‌ଫର୍ମରେ ରାଜସ୍ୱ କାଡାଷ୍ଟ୍ରାଲ ମ୍ୟାପ୍‌କୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ହେବ। ସ୍ଥାନ, ପାଣିପାଗ, ପ୍ଲଟ ଅନୁଯାୟୀ ଜମିର ବ୍ୟବହାର, ପରିବେଶଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଲୋକ ସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ଆର୍ଥିକ ସ୍ଥିତି ଓ ନିଯୁକ୍ତି ଯଥା-ପ୍ରଶାସନ, କୃଷି, ଖଣି, ଖାଦାନ ଆଦିକୁ ଦେଖାଯିବ। କେତେ ସାଧାରଣ ଓ ବସ୍ତି ବାସିନ୍ଦାଙ୍କ ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସୁବିଧା ଅଛି ତାହା ଅନୁଧ୍ୟାନ ହେବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ୍ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ପାଣି, ପବନ, ମୃତ୍ତିକା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟଟନ ବିଷୟରେ ଧ୍ୟାନ ଦିଆଯିବ। ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ସମୟରେ ପରିବେଶ ଯଥା-ଜଳାଶୟ, ପ୍ରାକୃତିକ ନାଳ, ଜଙ୍ଗଲ, ବୃକ୍ଷଲତା, ଖାଲୁଆ ଜମି, କୃଷି ଜମି, ପ୍ରଦୂଷଣ ମାତ୍ରା, ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯିବ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ମାଇକ୍ରୋ ଲେଭଲ ଷ୍ଟଡି କରାଯିବ। ଶେଷରେ କେଉଁସବୁ ପ୍ରକଳ୍ପ କରାଯିବା ବାଧ୍ୟତାମୂଳକ ଓ କେଉଁଟା ଇଚ୍ଛାଧୀନ ତାହା ସ୍ପଷ୍ଟ କରାଯିବ। ବାସୋପଯୋଗୀ ଘର, ବ୍ୟବସାୟିକ ସ୍ଥାନ, ପାର୍କ, ସ୍ୱାସ୍ଥ୍ୟକେନ୍ଦ୍ର, କଲୋନୀରେ ବିବାହ, ବ୍ରତ ଘର ପାଇଁ ସ୍ଥାନ, ପାର୍କିଂ ଅଞ୍ଚଳ ଆଦିକୁ ଏକାଧିକ ଜୋନ୍‌ରେ ବିଭକ୍ତ କରାଯିବ। ଏ ସବୁକୁ ଦେଖି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ।

– ପ୍ରମୋଦ କୁମାର ନାୟକ

# ସେସୁର ବିଦ୍ୟୁତ୍ କାଟ

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ବିଦ୍ୟୁତ୍ ଭିତ୍ତିଭୂମିର ମରାମତି କାର୍ଯ୍ୟ ପାଇଁ ଶୁକ୍ରବାର ଓ ଶନିବାର ସେସୁର କେତେକ ସ୍ଥାନରେ ବିଦ୍ୟୁତ୍ କାଟ କରାଯିବ ବୋଲି ସିଇଓ ଅରୁଣ ବୋଥ୍ରା ସୂଚନା ଦେଇଛନ୍ତି। ଶୁକ୍ରବାର ଭୁବନେଶ୍ୱର ସହରାଞ୍ଚଳର ଦାରୁଠେଙ୍ଗ, କୃଷ୍ଣ ନଗର, ଚନ୍ଦକା, ପଥରଗାଡ଼ିଆ, ସୁନ୍ଦରପୁର, କୁଜି ମହଲ, ବାରିକ ସାହି, ମାଉସୀମାଛକ, ଭୋଇସାହି, ସାମନ୍ତରାପୁର, ଦିବ୍ୟବିହାର, ସୂର୍ଯ୍ୟବିହାରରେ ସକାଳ ୯ଟାରୁ ଦିନ ୧ଟା ଯାଏ ବିଦ୍ୟୁତ୍ କାଟ କରାଯିବ। ସେହିପରି କଟକ ସହର ମତଗଜପୁର, ଚାଉଳିଆଗଞ୍ଜ, ମାଲଗୋଦାମ, ଓଏମ୍‌ପିରେ ସକଳା ୧୦ଟାରୁ ଦିନ ୨ଟା, କଟକ ଗ୍ରାମାଞ୍ଚଳର ଆଠଗଡ଼ ଓ ନିଆଳିରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା, ଖୋର୍ଦ୍ଧାର କାଠଖୁଣ୍ଟିଆ, ପାଟଣିବରା, କୁମ୍ଭିଲୋ, ଗୌଡ଼ପୁଟରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ନୟାଗଡ଼ ଜିଲାର ସିମିଳିସାହିରେ ସକଳା ୮ଟାରୁ ମଧ୍ୟାହ୍ନ ୧ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ବେଳେ ଢେଙ୍କାନାଳ ଜିଲାର କାମାକ୍ଷାନଗର, ମଠକରଗୋଲା, ହିନ୍ଦୋଳ ରୋଡ, ଗୋବିନ୍ଦପୁର, ଦେଉଳିସାହିରେ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏ ଏବଂ ନିମାପଡ଼ାର କୁରୁଜଙ୍ଗ, ସମକୁଳ ଖଣ୍ଡାଳ, ମୁଷାପଡ଼ା ଏବଂ ତଣ୍ଡାହାରରେ ବିଦ୍ୟୁତ କାଟ ସକାଳ ୧୦ଟାରୁ ମଧ୍ୟାହ୍ନ ୨ଟା ଯାଏ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।

ସେହିପରି ଶନିବାର ଭୁବନେଶ୍ୱର ସହରାଞ୍ଚଳର ବିଜେବି ନଗର, ଗୌରୀ ନଗର ଏବଂ ରବି ଟକିଜରେ ସକାଳ ୧୦ଟାରୁ ମଧ୍ୟାହ୍ନ ୧ଟା, କଟକ ସହରାଞ୍ଚଳର କଲ୍ୟାଣୀ ନଗର, ରାଜେନ୍ଦ୍ର ନଗରରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ଏବଂ ଗୋଡ଼ିଝରାରେ ସକାଳ ୯ରୁ ଦିନ ୧୨ଟା, କଟକ ଗ୍ରାମାଞ୍ଚଳର ଚାରବାଟିଆରେ ସକାଳ ୯ଟାରୁ ଅପରାହ୍ନ ୫ଟା, ଖୋର୍ଦ୍ଧାର କାଠଖୁଣ୍ଟିଆ, ପାଟଣୀବରା, କୁମ୍ଭିଲୋ, ଗୌଡ଼ପୁଟରେ ସକାଳ ୯ଟାରୁ ୩ଟା, ଢେଙ୍କାନାଳର ଦେଉଳି ସାହିରେ ସକାଳ ୯ଟାରୁ ଅପରାହ୍ନ ୪ଟା ଏବଂ ନିମାପଡ଼ାର କୁରୁଜଙ୍ଗା, ସମକୁଳ, ଖଣ୍ଡାଲ, ମୁଷାପଡ଼ା, ତଣ୍ଡାହରରେ ସକାଳ ୧୦ଟାରୁ ଦିନ ୨ଟା ମଧ୍ୟରେ ବିଦ୍ୟୁତ୍ କାଟ ହେବ ବୋଲି ସେସୁ ପକ୍ଷରୁ ସୂଚନା ଦିଆଯାଇଛି।

## କ୍ରାଇମବ୍ରାଞ୍ଚ ପକ୍ଷରୁ କର୍ମଶାଳା | ଅନ୍‌ଲାଇନ୍ ଠକାମି ରୋକିବାକୁ ଗୁରୁତ୍ୱ

**କଟକ ଅଫିସ, ୯।୧:** ରାଜ୍ୟରେ ଅନ୍‌ଲାଇନ ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ସାଧାରଣତଃ ପୂର୍ବ ଭଳି ଏବେ ଲୋକମାନେ ବ୍ୟାଙ୍କ ଉପରେ ନିର୍ଭରଶୀଳ ହେଉନାହାନ୍ତି। ଘରେ ବସି ନିଜ ମୋବାଇଲ ଫୋନରେ ଟଙ୍କା ନେଣ ଦେଣ କରୁଛନ୍ତି। ଏଥିସହିତ ମୋବାଇଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ବିଭିନ୍ନ ଅନ୍‌ଲାଇନ ସାଇଟ୍‌ରୁ ଜିନିଷ କିଣୁଛନ୍ତି। ତେବେ ଏଥିରେ ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। ଅନ୍‌ଲାଇନ ଠକ ବିଭିନ୍ନ ଉପାୟରେ ଲୋକଙ୍କ ଟଙ୍କା ଠକି ନେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ସାଇବର ସେଲ୍‌ରେ ଅଭିଯୋଗ ହେଉଛି। ହେଲେ ପୋଲିସ ସେମାନଙ୍କ ନିକଟରେ ପହଞ୍ଚିବାରେ ଅନେକାଂଶରେ ବିଫଳ ହେଉଛି। ତେଣୁ ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏବେ ତତ୍ପର ହୋଇଉଠିଛି। ଏ ନେଇ କ୍ରାଇମବ୍ରାଞ୍ଚ ଓ ଆଇସିଆଇସିଆଇ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ଯୋଗ୍ୟତା ନିର୍ମାଣ କର୍ମଶାଳା କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଟିଏମ୍, କ୍ରେଡିଟ୍ କାର୍ଡ ଓ ୟୁପିଆଇ ଠକାମି ସହିତ ଅନ୍ୟାନ୍ୟ ଅନ୍‌ଲାଇନ୍ ଠକାମିର ତଦନ୍ତ କିଭଳି ଭାବେ ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବିଶେଷକରି ଅନ୍‌ଲାଇନ ଠକାମିକୁ ପ୍ରାଥମିକ ସ୍ତରରୁ କିଭଳି ରୋକାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଥାନା ସ୍ତରରୁ ଏଭଳି ଠକାମିକୁ ଚିହ୍ନଟ କରାଯାଇ ଏହାର ନିରାକରଣ କରାଯାଇପାରିବ। ଏହି କର୍ମଶାଳାରେ କମିଶନରେଟ୍ ପୋଲିସ ଓ କେନ୍ଦ୍ରାଞ୍ଚଳ ପୋଲିସ ରେଞ୍ଜର ୩୫ଜଣ ଅଧିକାରୀ, ଆଇସିଆଇସିଆଇ ବ୍ୟାଙ୍କର ବମ୍ବେ ଓ ଭୁବନେଶ୍ୱର ଶାଖାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ସର୍ବସାଧାରଣଙ୍କ ପାଇଁ ଘୋଷଣା**

INDIAN READERSHIP SURVEY
Media Research Users Council

**ପୃଥିବୀର ସବୁଠାରୁ ବଡ଼ ପାଠକୀୟ, ଗଣମାଧ୍ୟମ ତଥା ଉତ୍ପାଦ ଉପଯୋଗ ସର୍ବେକ୍ଷଣରେ ଭାଗ ନିଅନ୍ତୁ**

ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି) ପୃଥିବୀର ସବୁଠାରୁ ବଡ଼ ପାଠକୀୟ ଏବଂ ଉପଯୋଗ ସର୍ବେକ୍ଷଣ ଆରମ୍ଭ କରିଛି - **ଭାରତୀୟ ପାଠକୀୟ ସର୍ବେକ୍ଷଣ (ଆଇଆର୍‌ଏସ୍)** । ଆଇଆର୍‌ଏସ୍ ହେଉଛି ଏକ ସର୍ବଭାରତୀୟ **ପାଠକୀୟ ଏବଂ ଉପଯୋଗ ଅଧ୍ୟୟନ**, ଯାହା ଖବରକାଗଜ ଓ ମାଗାଜିନ୍‌ର ପାଠକ; ଟିଭି, ରେଡିଓ, ଇଣ୍ଟରନେଟ୍ ଭଳି **ଅନ୍ୟାନ୍ୟ ଗଣମାଧ୍ୟମର ଉପଯୋଗ** ତଥା **ବିଭିନ୍ନ ଘରୋଇ ଉତ୍ପାଦ ମାଲିକାନା**, ଜୀବନଶୈଳୀ ସମ୍ବନ୍ଧୀୟ ସୂଚନା ଓ **ବ୍ୟକ୍ତିଗତ ଏବଂ ପାରିବାରିକ ଆର୍ଥିକ ଅଭ୍ୟାସ** ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପଲବ୍ଧ କରାଇଥାଏ । ସର୍ବେକ୍ଷଣ ସଞ୍ଚାଳନ ପାଇଁ ଅଞ୍ଚଳ ଓ ପରିବାରଗୁଡ଼ିକୁ ମତଦାତା ସୂଚୀ ସହାୟତାରେ ଯାଦୃଚ୍ଛିକ ଭାବେ ଚୟନ କରାଯିବ। ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବା ଏବଂ ନିଜ ନିଜର ବ୍ୟବସାୟ ଲକ୍ଷ୍ୟକୁ ହାସଲ କରିବାରେ ଆଇଆର୍‌ଏସ୍ ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସକ୍ଷମ କରିଥାଏ । ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସେମାନଙ୍କ ବ୍ୟବସାୟ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବାରେ ଆଇଆର୍‌ଏସ୍ ସକ୍ଷମ କରିଥାଏ । ଏହି ସର୍ବେକ୍ଷଣ **ନୀଲସେନ ଇଣ୍ଡିଆ** - ଭାରତର ଏକ ସୁପ୍ରତିଷ୍ଠିତ ବଜାର ଗବେଷଣା ଏଜେନ୍ସି ଦ୍ୱାରା ସଞ୍ଚାଳନ କରାଯାଉଛି।

**ଦେଶର ସମସ୍ତ ଗଣମାଧ୍ୟମ ତଥା ବିପଣନ କମ୍ପାନୀଗୁଡ଼ିକ ତରଫରୁ ଏହି ଅତି ଗୁରୁତ୍ୱପୂର୍ଣ୍ଣ ସର୍ବେକ୍ଷଣ** ସଞ୍ଚାଳନ ପାଇଁ ଆପଣଙ୍କ ଘରକୁ ଆସିଥିବା **ନୀଲସେନ୍** ସର୍ବେକ୍ଷକଙ୍କୁ ସହଯୋଗ କରିବା ଲାଗି ଆମେ **ଆପଣ** ଓ ଆପଣଙ୍କ ପରିବାର ସଦସ୍ୟ ତଥା **କର୍ତ୍ତୃତ୍ୱଧାରୀ ବ୍ୟକ୍ତିମାନଙ୍କୁ** ଅନୁରୋଧ କରୁଛୁ । ଆପଣ **ପରିଚୟ ଯାଞ୍ଚ** କରିବାକୁ ଚାହିଁଲେ, ନୀଲସେନ ସର୍ବେକ୍ଷକଙ୍କୁ ତାଙ୍କ **ପରିଚୟପତ୍ର** ମାଗିପାରନ୍ତି ।

**ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି)** ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ଶିଳ୍ପ ସଂସ୍ଥା, ଯେଉଁଥିରେ ପ୍ରମୁଖ ବିଜ୍ଞାପନଦାତା, ପ୍ରକାଶକ, ବିଜ୍ଞାପନ ଏଜେନ୍ସି ଓ ପ୍ରସାରଣକାରୀ / ଅନ୍ୟାନ୍ୟ ଗଣମାଧ୍ୟମ ସ୍ୱତ୍ୱାଧିକାରୀଙ୍କ ପ୍ରତିନିଧିତ୍ୱ ରହିଛି । ଅଧିକ ବିବରଣୀ ପାଇଁ ଦୟାକରି www.mruc.netରେ ଲଗ୍ ଅନ୍ କରନ୍ତୁ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଦୋହରା ଝଟକା

ଇରାନର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକା ଶୁକ୍ରବାର ବିମାନ ଆକ୍ରମଣ କରି ହତ୍ୟାକରିବା ପରେ ଓ୍ୱାଶିଂଟନ ଓ ତେହେରାନ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାର ଜବାବରେ କ୍ଷୁବ୍ଧ ଇରାନ ବାଗଦାଦସ୍ଥିତ ମାର୍କିନ ବିମାନଘାଟିଗୁଡ଼ିକ ଉପରେ ଏକ ଡଜନରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରି ଅଞ୍ଚଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଆମେରିକା ସୋଲେମାନୀଙ୍କୁ ହତ୍ୟାକରିବା ଏବଂ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମିନିଙ୍କ ଦମ୍ଭୋକ୍ତି ପରେ ପରେ ତୁରନ୍ତ ବ୍ରେଣ୍ଟ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୩ ପ୍ରତିଶତ ବୃଦ୍ଧିପାଇ ୬୮.୨୫ ଡଲାରରେ ପହଞ୍ଚିଥିଲା। ଏହା ଫଳରେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ତୈଳ ଦର ୨.୭୧ ପ୍ରତିଶତ ବୃଦ୍ଧିପାଇବା ସହ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମାସକର ସର୍ବନିମ୍ନ ସ୍ତରକୁ ହ୍ରାସ ପାଇ ୭୨.୧୭ରେ ପହଞ୍ଚିଛି। ବଜାରରେ ତୈଳ ସମ୍ପର୍କିତ ଷ୍ଟକ୍ ମଧ୍ୟ ହ୍ରାସ ପାଇଛି। ଭାରତୀୟ ତୈଳ ନିଗମ (ଆଇଓସିଏଲ), ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପିସିଏଲ) ଓ ଭାରତ ପେଟ୍ରୋଲିୟମ୍ (ବିପିସିଏଲ) ପରି ତୈଳ ବିପଣନକାରୀ କମ୍ପାନୀଗୁଡ଼ିକର ସେୟାର ହ୍ରାସ ପାଇଛି। ନିବେଶକମାନେ ନିରାପଦ ନିବେଶସ୍ଥଳ ଖୋଜୁଥିବାରୁ ଷ୍ଟକ ବଜାରଗୁଡ଼ିକ ଅନିଶ୍ଚିତତାର ମାଡ଼ ପଡ଼ିଯାଇଛି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଚଳିତ ସପ୍ତାହରେ ସୁନାର ମୂଲ୍ୟ ୧୦ ଗ୍ରାମ୍ ପିଛା ଐତିହାସିକ ସର୍ବୋଚ୍ଚ ସ୍ତର ୪୧,୦୦୦ ଟଙ୍କାକୁ ଟପିଯାଇଛି। ଯଦି ଏପରି ବାଷ୍ପଶୀଳ ଅବସ୍ଥା ପ୍ରାୟ ମାସେ ଯାଏ ଲାଗିରହେ, ତେବେ ଏହା ଭାରତୀୟ ଅର୍ଥନୀତି ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇବ। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୦ ଡଲାର ବା ତା'ଠୁ ଅଧିକ ହୋଇପାରେ। ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଲାଭ ହ୍ରାସ ପାଇବା ସହ ତାହା ଆର୍ଥିକ ମାନ୍ଦାବସ୍ଥାକୁ ତ୍ୱରାନ୍ୱିତ କରିପାରେ।

ଭାରତ ତା'ର ଅଶୋଧିତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଥିବା ବେଳେ ଏହାର ୬୦ ପ୍ରତିଶତରୁ ଅଧିକ ମଧ୍ୟପ୍ରାଚ୍ୟରୁ ଆମଦାନି କରିଥାଏ। ବର୍ତ୍ତମାନ ଭାରତ ଇରାନରୁ ଖୁବ୍ କମ୍ ବା ନଗଣ୍ୟ ତୈଳ ଆମଦାନି କରୁଛି କାରଣ ଆମେରିକା ତେହେରାନ ଉପରେ କଟକଣା ଲାଗୁକରିବା ପରଠାରୁ ଭାରତ ପରି ଦେଶଗୁଡ଼ିକ ଶିଘ୍ର ଦେଶରୁ ତୈଳ ଆମଦାନି କରିବା ଏକପ୍ରକାର ବନ୍ଦ କରିଦେବାକୁ ବାଧ୍ୟ ହୋଇଛନ୍ତି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଭାରତ ନିଜର ଶକ୍ତି ସୁରକ୍ଷା ତଥା ପଶ୍ଚିମ ଏସିଆରେ ରହୁଥିବା ୮ ନିୟୁତରୁ ଅଧିକ ଓ

**ଆଜିର ଅର୍ଥନୀତି**

ସୌଦି ଆରବରେ ରହୁଥିବା ୨.୫ ନିୟୁତରୁ ଅଧିକ ପ୍ରବାସୀ ଭାରତୀୟଙ୍କ ସ୍ୱାର୍ଥ ବିଷୟରେ ଚିନ୍ତାକରି ଏହା ଉପରେ ସତର୍କତାର ସହ ପ୍ରତିକ୍ରିୟା ପ୍ରକାଶ କରିବା ଦରକାର। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ୨୦୧୮ରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୧୬-୧୭ରେ ବିଦେଶରୁ ଭାରତକୁ ଆସିଥିବା ଅର୍ଥ ମଧ୍ୟରୁ ସଂଯୁକ୍ତ ଆରବ ଏମିରେଟ୍ସ, ସୌଦି ଆରବ, କାତାର, କୁଏଟ୍ ଓ ଓମାନ ଏବଂ ପଶ୍ଚିମ ଏସିଆର ସମସ୍ତ ଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନେ ପଠାଉଥିବା ଅର୍ଥ ୫୩.୫ ପ୍ରତିଶତ ଥିଲା। ଏହାଦ୍ୱାରା ଉଭୟ ଫରେନ୍ ଏକ୍ସଚେଞ୍ଜ (ବିଦେଶୀ ମୁଦ୍ରା) ଓ ବିଦେଶରୁ ଆସୁଥିବା ଅର୍ଥ ଉପରେ ନିର୍ଭର କରୁଥିବା ଭାରତୀୟମାନଙ୍କର ଘରୋଇ ଚାହିଦା ପ୍ରଭାବିତ ହୋଇପାରେ।

ଆମେରିକା ଓ ଇରାନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଥିଲେ ପାରସ୍ୟ ଉପସାଗରରେ ଥିବା ସାମୁଦ୍ରିକ ପଥ ଏବଂ ତୈଳ ମୂଲ୍ୟ ଓ ଯୋଗାଣ ପ୍ରଭାବିତ ହେବ। ଉଭୟ ଆମେରିକା ଓ ଇରାନ ସହ ଭାରତର ସୁସମ୍ପର୍କ ରହିଆସିଛି। ତେଣୁ ପଶ୍ଚିମ ଏସିଆରେ ଦେଖାଦେଇଥିବା ଉତ୍ତେଜନା ନ୍ୟୁଦିଲ୍ଲୀକୁ ଅଡୁଆ ପରିସ୍ଥିତିରେ ପକାଇଦେଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ସ୍ଥିର ରହିଥିବାବେଳେ ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ଯଦି ୧ ଡଲାର ବୃଦ୍ଧି ପାଏ, ତେବେ ବିପଣନ ଲାଭ ଲିଟର ପିଛା ପ୍ରାୟ ୪୫ ପଇସା ହ୍ରାସ ପାଇବ। ଯଦି ଦେଶକୁ ବିଦେଶୀ ମୁଦ୍ରା ଆସିବା କମିଯାଏ, ତେବେ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବା ସହ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଯାହା ଭାରତୀୟ ଅର୍ଥନୀତି ପାଇଁ ଦୋହରା ଝଟକା ସଦୃଶ ହେବ। ଗତ ଚାରିବର୍ଷ ଧରି ତୈଳ ମୂଲ୍ୟରେ ବିଶେଷ ବୃଦ୍ଧି ଘଟି ନ ଥିଲା। ୨୦୧୧-୧୨ରୁ ୨୦୧୩-୧୪ ପର୍ଯ୍ୟନ୍ତ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହିଥିବା ବେଳେ ୨୦୧୫-୧୬ରେ ବ୍ୟାରେଲ ପିଛା ଦର ୫୦ ଡଲାର ତଳକୁ ଖସିଯାଇଥିଲା। ୨୦୧୬-୧୭ରେ ଏହି ଦର ବ୍ୟାରେଲ ପିଛା ୫୬ ଡଲାର ହୋଇଥିବା ବେଳେ ୨୦୧୭-୧୮ ଓ ୨୦୧୮-୧୯ରେ ଏହା ୭୦ ଡଲାର ରହିଥିଲା। ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଶିରୋରେଖା ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିବାବେଳେ ତୈଳଦର ବଢ଼ିଲେ ତାହା ବର୍ତ୍ତମାନର ମୁଦ୍ରାସ୍ଫୀତିଜନିତ ସ୍ଥିତିକୁ ଆହୁରି ବିଗାଡ଼ିଦେବ। ଅଶୋଧିତ ତୈଳଦର ବଢ଼ିଲେ ଚଳନ୍ତି ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଇବ କାରଣ ଏହାଦ୍ୱାରା ତୈଳ ଆମଦାନି ଖର୍ଚ୍ଚ ଉଲ୍ଲେଖନୀୟ ଭାବେ ବଢ଼ିଯିବ। ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ଆରବିଆଇ ସୁଧହାର ହ୍ରାସକରିବା ସମ୍ଭାବନା ମଉଳିଯିବ। ସରକାରଙ୍କ ନିଜ ଆକଳନ ଅନୁସାରେ ୨୦୨୦ରେ ଦେଶର ଅଭିବୃଦ୍ଧି ହାର ୫ ପ୍ରତିଶତରେ ସୀମିତ ରହିବାକୁ ଥିବାବେଳେ ଉକ୍ତ ମୁଦ୍ରାସ୍ଫୀତିଜନକ ପରିସ୍ଥିତି ଦେଶର ଅର୍ଥନୀତି ପାଇଁ ଦୋହରା ଝଟକା ସଦୃଶ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜାନୁୟାରୀ ୧୯୯୫

- ବମ୍ବେ ବୋମା ବିସ୍ଫୋରଣ ମାମଲାର ବିଚାରପତି ଜେ.ଏନ୍. ପଟେଲ ଅଭିଯୁକ୍ତ ୫ ଜଣଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।
- ଜଷ୍ଟିସ ପ୍ରଦୀପ୍ତ ରାୟ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଲେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 1 | | | | | | 7 | | | C | 0 |
| 0 | B | | 8 | 7 | | | | | | | | | | |
| | | | 1 | 2 | B | C | A | | 5 | | | | | |
| | A | | 5 | D | | | 7 | | | | | 6 | | 2 |
| 9 | | 7 | | | | | 2 | 6 | D | | | | | |
| 9 | | | D | 2 | | | | 4 | B | E | 3 | | | |
| C | | | 3 | | | | E | | | | D | 0 | 4 | |
| A | 2 | | | | | | 9 | 6 | | | | | D | |
| | | | | | | B | | | 2 | | 7 | 1 | | 5 |
| | 6 | B | A | | 8 | 0 | | | 1 | | | | | |
| | 5 | | 1 | | | 7 | | | | | E | | | 8 |
| | | 9 | | | | | | | | | E | | | |
| | | | | | | 5 | D | | | | 2 | 9 | 7 | |
| | 0 | | | 9 | 3 | | | C | 4 | | | | 2 | A |
| | | 8 | 7 | | 0 | 6 | | E | | B | 5 | | 1 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | E | D | 7 | B | 2 | 9 | A | 1 | 4 | 0 | 6 | 5 | 8 | C |
| 4 | 1 | 2 | D | 9 | 5 | 7 | 8 | 0 | 3 | C | B | E | A | 6 |
| C | 8 | 5 | A | E | 3 | 6 | 2 | 4 | D | 7 | 1 | 0 | 9 | B |
| 7 | 6 | A | 0 | 8 | C | B | E | D | 5 | 9 | 2 | 1 | 3 | 4 |
| 0 | 9 | B | 6 | 1 | 4 | C | 3 | 5 | E | A | 8 | D | 7 | 2 |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର



ନାରାୟଣ ପଣ୍ଡା

# ବୈଷମ୍ୟର ପାଚେରି

''ଈଶ୍ୱର ନାହାନ୍ତି, ଈଶ୍ୱରଙ୍କ ଅସ୍ତିତ୍ୱ ନାହିଁ। ଯେ ଈଶ୍ୱରଙ୍କୁ ସୃଷ୍ଟି କରିଛନ୍ତି ସେ ନିର୍ବୋଧ। ଯିଏ ତାଙ୍କ ମହିମା ପ୍ରଚାର କରନ୍ତି ସେ ଜଣେ ଅସାଧୁ। ଯେ ତାଙ୍କର ପୂଜା କରନ୍ତି ସେ ଅସଭ୍ୟ।'' ତାମିଲନାଡୁର ତ୍ରିଚି ସହରର ବସ୍‌ଷ୍ଟାଣ୍ଡରେ ସ୍ଥାପିତ ପେରିୟାର ଇ.ଭି. ରାମସ୍ୱାମୀଙ୍କ ପ୍ରତିମୂର୍ତ୍ତିର ପାଦପ୍ରସ୍ତରରେ ଏହା ହିଁ ଖୋଦିତ ହୋଇଛି। ଏହାକୁ ବିରୋଧ କରି ଜଣେ ଈଶ୍ୱରବିଶ୍ୱାସୀ ଭକ୍ତ, ଏହା ତାଙ୍କ ଧାର୍ମିକ ବିଶ୍ୱାସକୁ ଆଘାତ କରୁଛି ଅଭିଯୋଗ କରି ଉକ୍ତ ଲେଖାଟିକୁ ଉଠାଇଦେବା ପାଇଁ ମାନ୍ଦ୍ରାସ୍ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ବିଚାରପତି ଏସ୍. ମଣିକୁମାର ଓ ସୁବ୍ରମଣ୍ୟମ୍ ପ୍ରସାଦଙ୍କ ଦୁଇଜଣିଆ ବେଞ୍ଚ ଉକ୍ତ ଆବେଦନକୁ ଖାରଜ କରି କହିଥିଲେ- ଯଦି ସମ୍ବିଧାନର ଧାରା ୧୯ ଅନୁସାରେ ଆବେଦନକାରୀଙ୍କର ଧର୍ମ ଓ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ମତ ପ୍ରକାଶ କରିବାର ସାମ୍ବିଧାନିକ ଅଧିକାର ରହିଛି, ସୁପ୍ରିମ୍‌କୋର୍ଟରେ 'ଲାଲାଇ ସିଂ ଯାଦବ' କେସ୍‌ର ଉଦାହରଣ ଦେଇ ସେମାନେ କହିଥିଲେ, ସମାନ ସମ୍ବିଧାନର ଧାରା ଅନୁସାରେ ପେରିୟାରଙ୍କ ସମର୍ଥକ ଓ ଦ୍ରାବିଡ଼ କାଜାଗମର ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାର ଅଧିକାର ମଧ୍ୟ ରହିଛି। ଏହା ନିର୍ବିବାଦୀୟ ସତ୍ୟ, ପେରିୟାର ୧୯୨୮ରୁ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଈଶ୍ୱର ନାହାନ୍ତି, ତାଙ୍କର ଅସ୍ତିତ୍ୱ ନାହିଁ ବୋଲି ତାଙ୍କର ବିଭିନ୍ନ ଲେଖା ଓ ଭାଷଣ ମାଧ୍ୟମରେ ପ୍ରଚାର କରିଆସିଥିଲେ। ୧୭ ସେପ୍ଟେମ୍ବର ୧୯୭୦ରେ ପେରିୟାରଙ୍କ ଜୀବଦ୍ଦଶାରେ ଉକ୍ତ ପ୍ରତିମୂର୍ତ୍ତି ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସି.ଏନ୍. ଆନାଦୁରାଇ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ କେ. କାମରାଜଙ୍କ ଉପସ୍ଥିତିରେ ଅନାବରଣ କରାଯାଇଥିଲା।

ପେରିୟାର ଇ.ଭି ରାମସ୍ୱାମୀ (୧୭।୦୯।୧୮୭୯-୨୪।୧୨।୧୯୭୩) ତାମିଲନାଡୁର ଜଣେ ବିଶିଷ୍ଟ ସମାଜ ସଂସ୍କାରକ ଥିଲେ। ଏହା ବ୍ୟତୀତ ସେ ଥିଲେ ରାଜ୍ୟର ଜଣେ ଚର୍ଚ୍ଚିତ ସାମାଜିକ କର୍ମୀ, ରାଜନେତା, 'ଆତ୍ମସମ୍ମାନ ଆନ୍ଦୋଳନ' ଓ 'ଦ୍ରାବିଡ଼ ଆନ୍ଦୋଳନ'ର ସ୍ରଷ୍ଟା। ତାମିଲନାଡୁର ସାମାଜିକ କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ପେରିୟାର ରୂପେ ସମ୍ବୋଧନ କରାଯାଏ। ସମାଜରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ, ଜାତିଗତ ବୈଷମ୍ୟ ଓ ନାରୀମାନଙ୍କ ଉପରେ ଅତ୍ୟାଚାର ବିରୋଧରେ ଆଜୀବନ ସଂଗ୍ରାମ କରିଥିଲେ ସେ। ବ୍ରାହ୍ମଣବାଦର ବିଲୋପ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ବ୍ରତ ଥିଲା। ପ୍ରଥମରୁ ସେ ନାସ୍ତିକ ନ ଥିଲେ। ଅନ୍ୟ ସାଧାରଣ ହିନ୍ଦୁଙ୍କ ପରି ତାଙ୍କ ହୃଦୟରେ ଭଗବଦ୍‌ବିଶ୍ୱାସ ରହିଥିଲା। କିନ୍ତୁ ଗୋଟିଏ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇଦେଲା। ଆସ୍ତିକରୁ ନାସ୍ତିକ ପାଲଟିଗଲେ ସେ। ୧୯୦୪ରେ କାଶୀ ବିଶ୍ୱନାଥଙ୍କ ଦର୍ଶନ ପାଇଁ ସେ ଯାଇଥାନ୍ତି। ସେଠାରେ ଅବସ୍ଥାନ କାଳରେ ଥରେ ମନ୍ଦିର ପାଖରେ ଥିବା ଏକ ଦାତବ୍ୟ ଭୋଜନାଳୟ ତାଙ୍କ ଦୃଷ୍ଟିପଥରୁ ହେଲା। ଜଣେ ଭକ୍ତ ଭାବେ ସେ ଭୋଜନାଳୟରେ ପ୍ରବେଶ କରିବା ପାଇଁ ଉଦ୍ୟମ କରିବା ବେଳେ ଦ୍ୱାରପାଳ ରାମସ୍ୱାମୀ ବ୍ରାହ୍ମଣ ନ ଥିବାରୁ ତାଙ୍କ ପ୍ରବେଶକୁ ବାରଣ କଲେ। ହାତରେ ତାଙ୍କର ନ ଥିଲା ପର୍ଯ୍ୟାପ୍ତ ଅର୍ଥ। ଅଗତ୍ୟା ସେ ଅନ୍ୟ ଏକ ଭୋଜନାଳୟ ସନ୍ଧାନରେ ବାହାରିଗଲେ, ଏଥର କିନ୍ତୁ ସେ ଏକ ଯଜ୍ଞୋପବୀତ ଧାରଣ କରିଥିଲେ। କିନ୍ତୁ ତାଙ୍କ ମୁହଁରେ ନିଶ ଥିବାରୁ ଦ୍ୱାରପାଳ ସେ ବ୍ରାହ୍ମଣ ନୁହନ୍ତି ଜାଣିପାରି ତାଙ୍କୁ ବାହାର କରିଦେଲେ।

ଅପମାନ ଓ କ୍ଷୁଧାଜ୍ୱାଳାରେ ଅସ୍ଥିର ହୋଇପଡୁଥିଲେ ରାମସ୍ୱାମୀ। ରାସ୍ତାକଡ଼ରେ ପଡ଼ିଥିବା ଅଇଁଠାପତ୍ରରେ ଥିବା ଖାଦ୍ୟର ଅବଶିଷ୍ଟାଂଶରେ ଉଦର ପୂରଣ କଲେ ସେ। ପରେ ସେ ଜାଣିବାକୁ ପାଇଲେ ଯେ, ଉକ୍ତ ଭୋଜନାଳୟଟି ଦକ୍ଷିଣ ଭାରତର ଜଣେ ଅବ୍ରାହ୍ମଣଙ୍କ ଦାନରେ ପରିଚାଳିତ ହେଉଥିଲା। କାଶୀ ପରି ଏକ ପବିତ୍ର ଧର୍ମସ୍ଥାନରେ ମଣିଷଙ୍କୁ ଏପରି ଜାତିଗତ ବୈଷମ୍ୟର ଶିକାର ହେବାକୁ ପଡୁଛି ଏବଂ ଜଣେ କ୍ଷୁଧାର୍ତ୍ତ ପାଇଁ ଅପମାନ ଓ ଅର୍ଦ୍ଧଚନ୍ଦ୍ରର ବ୍ୟବସ୍ଥା ରହିଛି, ଏହା ଦେଖି ତାଙ୍କ ମନରେ ବ୍ରାହ୍ମଣ ଓ ଉଚ୍ଚଜାତି ତଥା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ଘୃଣା ସୃଷ୍ଟି ହେଲା। ସେତେବେଳେ ତାମିଲନାଡୁ ଓ କେରଳ ସମେତ ସମଗ୍ର ଦକ୍ଷିଣ ଭାରତରେ ଦଳିତମାନଙ୍କୁ ଜାତିଆଣ ଆକ୍ଷେପ କରିବା ଏକ ସାଧାରଣ ଘଟଣା ଥିଲା। କେରଳର ମନ୍ଦିରମାନଙ୍କୁ ଯାଉଥିବା ରାସ୍ତାଗୁଡ଼ିକରେ ହରିଜନମାନେ ଚାଲିବାକୁ ବର୍ଜିତ ହେଉଥିଲେ। ନିଜ ମାଟିରେ ସେମାନେ ସ୍ୱାଧୀନ ଭାବେ ବିଚରଣ କରିପାରୁ ନ ଥିଲେ। ଅପମାନ ଓ ଅବହେଳାରୁ ତାଙ୍କ ହୃଦୟରେ ଜାତହେଲା ପ୍ରତିଶୋଧର ସ୍ଫୁଲିଙ୍ଗ, ଅନ୍ତରରେ ଜଳିଉଠିଲା ବିଦ୍ରୋହର ନିଆଁ। ଏହି ଅମାନବୀୟ ବୈଷମ୍ୟର ଅବସାନ ପାଇଁ ସେ ଆରମ୍ଭ କଲେ 'ଆତ୍ମସମ୍ମାନ ଆନ୍ଦୋଳନ'। ବ୍ରାହ୍ମଣବିରୋଧୀ ଅଭିଯାନକୁ ତୀବ୍ର କରିବା ପାଇଁ ସେ ପ୍ରତିଷ୍ଠା କଲେ ଦ୍ରାବିଡ଼ କାଜାଗାମ। ଉକ୍ତ ଅଭିଯାନରେ ସାହାଯ୍ୟ କରିବା ପାଇଁ କଂଗ୍ରେସରେ ସେ ଯୋଗଦେଲେ, କିନ୍ତୁ କଂଗ୍ରେସ ବ୍ରାହ୍ମଣବାଦକୁ ସମର୍ଥନ କରିବା ଦେଖି ସେଥିରୁ ମୁହଁ ଫେରାଇଲେ। ଏପରି କି ତାଙ୍କ ନାମ ପଛରେ ଲାଗିଥିବା ନାୟକର ଉପାଧିକୁ ସବୁଦିନ ପାଇଁ ପରିତ୍ୟାଗ କଲେ। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ତଥା ଭାରତର ଜନଜୀବନରେ ଆବିର୍ଭାବର ବହୁ ପୂର୍ବରୁ ରାମସ୍ୱାମୀ ଉକ୍ତ ଆନ୍ଦୋଳନ ଜାରି ରଖିଥିଲେ। ଦେଶ ସ୍ୱାଧୀନତା ପରେ ଏହି ଜାତିଗତ ବୈଷମ୍ୟର ବିଲୋପ ପାଇଁ ଅନେକ ଆଇନ ତିଆରି ହୋଇଛି। ସମ୍ବିଧାନ ଜାତି ଆଧାରରେ କାହାକୁ ଉଚ୍ଚାସନ ଦେଇନାହିଁ ଅଥବା କୌଣସି ନିର୍ଦ୍ଦିଷ୍ଟ ଜାତିକୁ ଛୋଟ କହି ସେମାନଙ୍କୁ ହୀନମନ୍ୟତାର ଗହ୍ୱରକୁ ଠେଲିଦେଇନାହିଁ ବରଂ କଠୋର ଆଇନ ପ୍ରଣୟନ କରି ଜାତିଆଣ ଆକ୍ଷେପ କରୁଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା ରଖିଛି। କିନ୍ତୁ ଭାରତୀୟ ସମାଜ ବ୍ୟବସ୍ଥାରେ ମଣିଷସୃଷ୍ଟ ଏହିପରି ପରମ୍ପରା ଉପରେ ଆମ୍ଭକୁ ଦୀର୍ଘଦିନରୁ କଳୁଷିତ କରିବା ସହ ଦେଶର ଏକତା ଓ ଭାଇଚାରା ପ୍ରତି ଭୟାନକ ଆହ୍ୱାନ ସୃଷ୍ଟି କରିଛି। ଏହି କାରଣରୁ ଦେଶର ବିଭିନ୍ନ ପ୍ରାନ୍ତରେ ଅନେକ ରାମସ୍ୱାମୀ ସୃଷ୍ଟିହୋଇ ଜାତିବାଦ ବିରୋଧରେ ସଂଗ୍ରାମ କରୁଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୭୦ ବର୍ଷ ପରେ ମଧ୍ୟ ଦେଶର ମୋଟ ଜନସଂଖ୍ୟାର ୧୬.୬% ଲୋକଙ୍କୁ ଆଜିପର୍ଯ୍ୟନ୍ତ ଛୋଟଜାତି କହି ସେମାନଙ୍କ ଆତ୍ମସମ୍ମାନକୁ ଭୂଲୁଣ୍ଠିତ କରାଯାଉଛି।

ଦେଶରେ ସର୍ବତ୍ର ଆଜି ବୈଷମ୍ୟର ନିଦାରୁଣ ପାଚେରି। ଏ ପାଚେରି ମଣିଷକୁ ମଣିଷଠାରୁ ବିଚ୍ଛିନ୍ନ କରିଦେଉଛି ଏବଂ ସୃଷ୍ଟି କରିଚାଲିଛି ଘୃଣା। ଏ ପାଚେରିର ଅନ୍ତ ନ ହେଲାଯାଏ ଭାରତ ଏକ ପୁରାତନ ଓ ସମୃଦ୍ଧ ସଂସ୍କୃତିର ଦାବିଦାର, ଏ କଥା କହିବାକୁ ଆଜି ସଙ୍କୋଚବୋଧ ହେଉଛି। ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ 'ଅନୁସୂଚିତ ଜାତି ଓ ଜନଜାତି ନୃଶଂସତା ପ୍ରତିରୋଧ ଆଇନ'ର ଏକ ପ୍ରସଙ୍ଗ ବିଚାର କରିବା ସମୟରେ ଅତ୍ୟନ୍ତ କ୍ଷୋଭର ସହିତ କହିଥିଲେ- ଭାରତ ବିଶ୍ୱର ଏକମାତ୍ର ଦେଶ, ଯେଉଁଠି ମଣିଷମାନଙ୍କୁ ମରିବା ପାଇଁ ଗ୍ୟାସ ଚାମ୍ବରକୁ ପଠେଇ ଦିଆଯାଏ। ଆଜିପର୍ଯ୍ୟନ୍ତ ଦେଶରେ ନିନ୍ଦନୀୟ ଜାତିପ୍ରଥା ବଳବତ୍ତର ରହିଛି। ସମ୍ପ୍ରତି ଅସ୍ପୃଶ୍ୟତା ପରି ସମ୍ବେଦନଶୀଳ ପ୍ରଥା ଆଇନରେ ଉଚ୍ଛେଦ କରାଯାଇଛି। କିନ୍ତୁ ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ- ଆପଣ 'ହାତରେ ନର୍ଦ୍ଦମା ସଫା କରୁଥିବା ବ୍ୟକ୍ତିଙ୍କ ସହିତ କେବେ କରମର୍ଦ୍ଦନ କରିବାକୁ ଚାହିଁଛନ୍ତି କି? ଉଚ୍ଚତମ ନ୍ୟାୟାଳୟର ଏଭଳି ଶାଣିତ କଟାକ୍ଷ ହୃଦୟଙ୍ଗମ କରିବାର ମାନସିକତା ବାସ୍ତବରେ ଆଜି ଆମେ ହରେଇ ବସିଛୁ। କେବଳ ଭାଷଣରେ, ଲେଖାରେ ଓ ବିଜ୍ଞାପନରେ ଆମର ଜାତିଗତ ବୈଷମ୍ୟ ଦୂରୀକରଣର ସଂକଳ୍ପ ସୀମିତ। ନିର୍ବାଚନ ଆସିଲେ ଆମ ରାଜନେତାମାନେ ହରିଜନ ଭାଇମାନଙ୍କ ଘରେ ପ୍ରାୟୋଜିତ ଭୋଜନଯଜ୍ଞ ନିର୍ବାହ କରି ଆତ୍ମତୃପ୍ତି ଲାଭ କରନ୍ତି। ଆଜି ଦେଶର ଅନେକ ମନ୍ଦିର ଏମାନଙ୍କ ପାଇଁ ନିଷିଦ୍ଧାଞ୍ଚଳ। ନିକଟରେ ଗୁଜୁରାଟର ଜଣେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଲ୍ମୀକ ସମ୍ପ୍ରଦାୟର ଶିକ୍ଷକ ସର୍ବଶ୍ରେଷ୍ଠ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ କଳସୀରୁ ଜଳପାନ କରିବାରୁ ତାଙ୍କୁ ଅପମାନିତ କରାଗଲା। ଏପରି କି କିଛିଦିନ ପରେ ତାଙ୍କର ସ୍ଥାନାନ୍ତର ଆଦେଶ ମିଳିଥିଲା। ମହାରାଷ୍ଟ୍ର ପୁରନ୍ଦରର ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଛିଦିନ ପାଇଁ ବନ୍ୟା ସହାୟତା ଲାଗି ସରକାରୀ ଆଦେଶରେ ଅନ୍ୟତ୍ର ଗଲେ। ମାସକ ପରେ ଫେରି ଜାଣିଲେ, ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱ ନିର୍ବାହ କରୁଥିବା ଜଣେ କନିଷ୍ଠ ଅଧିକାରୀ ବିଡିଓଙ୍କ କୋଠରିରେ ବସି କାର୍ଯ୍ୟ କରୁଥିଲେ। ବିଡିଓ ଏଥିରେ ବିରକ୍ତି ପ୍ରକାଶ କରି ସମଗ୍ର କୋଠରିକୁ ଗୋମୂତ୍ର ସିଞ୍ଚନ ଓ ପୂଜାପାଠ କରି ପବିତ୍ର କଲେ। କାରଣ ଉକ୍ତ କନିଷ୍ଠ ଅଧିକାରୀ ଜଣକ ଥିଲେ ଦଳିତ ବର୍ଗର। ଏହା ଆମ ଦେଶରେ ଘଟୁଥିବା ନିତିଦିନିଆ ଘଟଣା। ଭାରତ ଆଜି ଚନ୍ଦ୍ର ଉପରେ ପାଦ ବଢ଼ାଇଛି। ଦେଶର ଗଣତନ୍ତ୍ର ଦୁର୍ଦ୍ଦାନ୍ତ ପ୍ରତିଦ୍ୱନ୍ଦ୍ୱିତାରୁ ଦେଶଗୌରବ ସମଗ୍ର ବିଶ୍ୱରେ। କିନ୍ତୁ ମଣିଷ ମଣିଷ ମଧ୍ୟରେ ଏ ଅସମାନତା ଗଭୀର କଳଙ୍କିତ କରୁଛି ଦେଶକୁ।

ମୁଖାବନ୍ଧ ସାହି, ନବରଙ୍ଗପୁର, ମୋ-୯୪୩୭୧୧୮୭୬୨

ରମେଶ ଚନ୍ଦ୍ର ସାମଲ

# ଆତ୍ମହତ୍ୟା: କାରଣ ଓ ନିରାକରଣ

ଆଜିକାଲି ସମାଜରେ ବହୁ ଅପରାଧ ଘଟୁଛି। ନିଜର ସ୍ୱାର୍ଥ ପାଇଁ ଅନ୍ୟର କ୍ଷତି ଓ ହତ୍ୟା କରିବା ଜଣେ ଅପରାଧୀଠାରୁ ଆଶା କରାଯାଇପାରେ, କିନ୍ତୁ ସ୍ୱାର୍ଥ ପୂରଣରେ ବାଧା ଉପୁଜିଲେ ନିଜକୁ ନିଜେ ହତ୍ୟା କରିବା ବା ଆତ୍ମହତ୍ୟା କରିବା ପାଇଁ କେତେକ ଅପରାଧୀ କାହିଁକି ଶ୍ରେୟସ୍କର ମନେକରନ୍ତି? ଏହାର ଗଭୀର ଆଲୋଚନା, ଅନୁସନ୍ଧାନ ଆଜି ନିହାତି ଆବଶ୍ୟକ ମନେହେଉଛି।

ଆତ୍ମହତ୍ୟା ଏକ ଜଘନ୍ୟ ଅପରାଧ। ମଣିଷ ମନରେ ଦୁଇପ୍ରକାର ଭାବନା ଥାଏ, ଗୋଟିଏ ନକାରାତ୍ମକ ଅନ୍ୟଟି ସକାରାତ୍ମକ। ସକାରାତ୍ମକ ଭାବନା ମଣିଷକୁ ବୁଦ୍ଧିମାନ, ବିକାଶମୁଖୀ କରୁଥିବା ବେଳେ ନକାରାତ୍ମକ ଚିନ୍ତାଧାରା ବିନାଶ ପଥରେ ଅଗ୍ରସର ହେବାକୁ ଖୋରାକ ଯୋଗାଇଥାଏ। ଯେତେବେଳେ ନକାରାତ୍ମକ ଭାବନା ପାଖରେ ସକାରାତ୍ମକ ଚିନ୍ତା ହାରିଯାଏ ସେତେବେଳେ ସେ ନାନା କୁକାର୍ଯ୍ୟ, ଅପରାଧ କରିବସେ। ଏଥିରେ ସଫଳ ହୋଇ ନ ପାରିଲେ ସେ ନିଜ ଜୀବନକୁ ତୁଚ୍ଛ ମନେକରି ହରାଇ ଦେବାକୁ ପଶ୍ଚାତ୍‌ପଦ ହୁଏନା। ସେତେବେଳେ ଜୀବନ ତୁଳନାରେ କାର୍ଯ୍ୟର ଅସଫଳତା ତା' ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏହା ଏକ ମାନସିକ ରୋଗ, ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରଏଡଙ୍କ ମତରେ, ଆତ୍ମହତ୍ୟା କରୁଥିବା ଲୋକ ଏହା କରିବା ପୂର୍ବରୁ ତିନୋଟି ପର୍ଯ୍ୟାୟ ଦେଇ ଗତି କରେ। (୧) ଯାହାକୁ ସିଏ ନିଜର କର୍ମସିଦ୍ଧି ପଛରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ଭାବେ ସେ ତାକୁ ହତ୍ୟା କରିବାକୁ ଚେଷ୍ଟାକରେ। (୨) ଏଥିରେ ବିଫଳ ହେଲେ ସେ ନିଜ ଜୀବନକୁ ତୁଚ୍ଛ ମନେକରି ଭାବେ ସେ ଯଦି ତା' ପ୍ରତିପକ୍ଷର କିଛି କ୍ଷତି କରିପାରିଲାନି ତେବେ ତା' ଜୀବନରେ ଲାଭ କ'ଣ। (୩) ଏହି ପରିସ୍ଥିତିରେ ସେ ଆତ୍ମହତ୍ୟା କରିବାକୁ ସିଦ୍ଧାନ୍ତ ନିଏ ଓ ଆତ୍ମହତ୍ୟା କରେ। ଏହି ସମୟରେ ତା'ର ନିକଟ ସମ୍ପର୍କୀୟମାନେ ଏହାକୁ ଅନୁଧ୍ୟାନ କରି ମନ ଉଦାସ ଓ ବିଷଣ୍ଣତାର କାରଣ ଜାଣି ନିଦାନ କରିପାରିଲେ, ତାକୁ ମାନସିକ ସାନ୍ତ୍ୱନା ଦେଇ ମନର ଦୁଃଖକୁ ଲାଘବ କରିପାରିଲେ ଓ ମାନସିକ ଚିକିତ୍ସକଙ୍କ ଦ୍ୱାରା ଉପଯୁକ୍ତ ଚିକିତ୍ସା କରିପାରିଲେ ଆତ୍ମହତ୍ୟା ଇଚ୍ଛୁକ ଲୋକଙ୍କର ମନ ପରିବର୍ତ୍ତନ ହୋଇପାରେ।

ଅନ୍ୟ ଜଣେ ମନୋବିଜ୍ଞାନୀ ଦୁର୍ଖେଇମ୍‌ଙ୍କ ମତରେ, ଜଣେ ଅହଂବାଦୀ ଯିଏ ନିଜକୁ ଖୁବ୍ ବଡ଼ ମନେକରେ ଯିଏ ଭାବେ ସେ ଠିକ୍, ଅନ୍ୟମାନେ ଭୁଲ। ତେଣୁ ଅନ୍ୟମାନେ ତା'ର ନିର୍ଦ୍ଦେଶରେ ପରିଚାଳିତ ହେବା ଉଚିତ। ଏଥିରେ କିଛି ବ୍ୟତିକ୍ରମ ହେଲେ ସେ ଏହା ସହିନ ପାରି ଅପମାନ ବୋଧରେ ନିଜ ଜୀବନକୁ ତୁଚ୍ଛ ମନେକରି ଆତ୍ମହତ୍ୟା କରେ। କାରଣ ନିଜ ଅହଂ ତୁଳନାରେ ଜୀବନ ତା' ପାଇଁ ଖୁବ୍ ଗୌଣ ବୋଲି ସେ ମନେକରେ। ଏଣୁ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଚାଷ, ବାଣିଜ୍ୟ ବ୍ୟବସାୟରେ କରଜ କରି ପଇସା ଖଟାଇ ଏଥିରେ କ୍ଷତି ହୋଇଗଲେ କରଜ ଶୁଝି ନ ପାରି ବହୁ ଲୋକ ଆତ୍ମହତ୍ୟା କରିବାର ନଜିର ଏବେ ସମାଜରେ ଦେଖିବାକୁ ମିଳୁଛି। ମଣିଷ ଯେତେବେଳେ ମନ ମୁତାବକ ଯାହା ଭାବେ ସେଭଳି କର୍ମଫଳ ପାଏନି, ସେ ହତୋତ୍ସାହ ହୋଇ ଭାବେ ଏହା ତା'ର ଭାଗ୍ୟର କ୍ରୁର ପରିହାସ। ସେ ନିଜକୁ ହତଭାଗା ମନେକରି ଭାବେ ଯେ, ତା' ଜୀବନରେ କୌଣସି ସଫଳତା ନାହିଁ, ତେଣୁ ଏଭଳି ଜୀବନ ରଖି ଲାଭ କ'ଣ। ଏଭଳି ପରିସ୍ଥିତିରେ ମଣିଷ ଆତ୍ମହତ୍ୟା କରେ।

ଏହିଭଳି ବହୁ ମନୋବିଜ୍ଞାନୀ ଆତ୍ମହତ୍ୟାର ବିଭିନ୍ନ କାରଣ ଦର୍ଶାଇଛନ୍ତି। ସେସବୁ କାରଣକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ମଣିଷ ଯେତେବେଳେ ଇଚ୍ଛା ମୁତାବକ କାମରେ ସଫଳତା ପାଏନି କିମ୍ବା ଅସଫଳ ହୁଏ ଓ ଏସବୁର ପଥରେ ଆସୁଥିବା ସମସ୍ତ ଅନ୍ତରାୟକୁ ଦୂରକରିବା ପାଇଁ ସମର୍ଥ ହୋଇପାରେନା, ତା'ର ଜୀବନକୁ ସେ ସେତେବେଳେ ନିରର୍ଥକ ମନେକରି ଆତ୍ମହତ୍ୟା କରେ କିମ୍ବା ଏଭଳି କାମ କରେ ଯାହାର ଫଳାଫଳ ମୃତ୍ୟୁ ହୋଇପାରେ ବୋଲି ସେ ମରିବା ପୂର୍ବରୁ ନିଶ୍ଚିତ ଭାବେ ଜାଣିଥାଏ। ଆତ୍ମହତ୍ୟା କରିବାକୁ ବିଭିନ୍ନ ଲୋକ ବିଭିନ୍ନ ପନ୍ଥା ଅନୁସରଣ କରିଥାନ୍ତି। କେଉଁଠି ଫାଶୀ ଲଗାଇ, ଘରେ ଫ୍ୟାନରେ କିମ୍ବା ବାହାରେ ଗଛ ଡାଳରେ ଓହଳି କେତେକେ ଆତ୍ମହତ୍ୟା କରୁଥିବା ବେଳେ ଆଉ କେତେକେ ନଦୀ, ପୁଷ୍କରିଣୀର ଗଭୀର ପାଣି କିମ୍ବା ଚଳନ୍ତା ଟ୍ରେନ୍, ଗାଡ଼ି ମୋଟର ଆଗକୁ ଡେଇଁ ଆତ୍ମହତ୍ୟା କରିଥାନ୍ତି। ନିଜ ଦେହରେ କିରୋସିନ, ପେଟ୍ରୋଲ ଢାଳି ନିଆଁ ଲଗାଇ, ବିଷ ପିଇ ଅଥବା ପାଖରେ ଥିବା ବନ୍ଧୁକରୁ ଗୁଳି ଫୁଟାଇ କେତେକେ ମଧ୍ୟ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ସମ୍ବନ୍ଧୀୟ ବିଭିନ୍ନ ଖବର ଅନୁଧ୍ୟାନ କଲେ ଦେଖାଯାଏ ବିଷ ପିଇ, ବେକରେ ରଶି ଲଗାଇ କିମ୍ବା ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ସ୍ତ୍ରୀଲୋକଙ୍କ ସଂଖ୍ୟା ଅଧିକ। କାରଣ ଲୁଚିଛପି ହଠାତ୍ ସେମାନେ ଏଭଳି କାଣ୍ଡ କରିବାକୁ ସକ୍ଷମ ହୋଇଥାନ୍ତି।

ଯେଉଁ ପ୍ରକାରରେ ଯିଏ ଆତ୍ମହତ୍ୟା କରୁନା କାହିଁକି ନିଶ୍ଚୟ ଏହା ଏକ ଅକାଳୀୟ ଯନ୍ତ୍ରଣାଦାୟକ ମୃତ୍ୟୁ। କ୍ଷଣିକ ମାନସିକ ଉତ୍ତେଜନା ଓ ଭାବପ୍ରବଣତାରେ ଯିଏ କେତେବେଳେ ଆପଣେଇ ନେଇଥିଲେ ମଧ୍ୟ ଜୀବନର ଶେଷ ମୁହୂର୍ତ୍ତରେ ସେମାନେ ଅନୁଭବ କରିପାରୁଥିବେ ଏହାର ଗଭୀର ଯନ୍ତ୍ରଣା ଓ ଏଥିରୁ ରକ୍ଷା ପାଇବାକୁ ସଚେଷ୍ଟ ହେଉଥିବେ, କିନ୍ତୁ ସେତେବେଳେ ସମୟ ନ ଥାଏ ନିଜକୁ ରକ୍ଷା କରିବାକୁ। କାରଣ ନେଡ଼ି ଗୁଡ଼ କହୁଣି ବୋହିଯାଇଥାଏ। କୌଣସି ସମାଜରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ।

ପ୍ରାୟ ସମସ୍ତଙ୍କ ଜୀବନରେ କିଛି ଦୁର୍ଦ୍ଦିନ ଆସେ। ସମସ୍ତେ କିନ୍ତୁ ଏଥିରେ କାତର ହୋଇ ଆତ୍ମହତ୍ୟା କରନ୍ତିନି। ଏହା ଏକ ମାନସିକ ରୋଗ। ଏହି ରୋଗର ଲକ୍ଷଣ ମଧ୍ୟ ଆତ୍ମହତ୍ୟାକାରୀଠାରେ ଆତ୍ମହତ୍ୟା କରିବା ପୂର୍ବରୁ ଦେଖାଯାଏ। ସେ ଭାବପ୍ରବଣ, ବିଷଣ୍ଣ ହୋଇ କେତେବେଳେ କ'ଣ କରେ ନିଜେ ମଧ୍ୟ ଜାଣିପାରେନା। ଇତସ୍ତତଃ ହୋଇ ସବୁ ଏପଟ ସେପଟ ଚିନ୍ତା କରେ। ତା'ର ନିକଟ ସମ୍ପର୍କୀୟମାନେ ଏହା ଉପରେ ସାମାନ୍ୟ ନଜର ରଖିଲେ ଖୁବ୍ ସହଜରେ ଏହା ଜାଣିପାରିବେ ଓ ପ୍ରତିକାର ବିଧାନ ମଧ୍ୟ କରିପାରିବେ।

ରାମିଆଗଡ଼ା, ମାର୍ଶାଘାଇ, କେନ୍ଦ୍ରାପଡ଼ା, ମୋ- ୯୪୩୭୯୨୯୦୨୨

## ଏଇ ଭାରତରେ

ଜଣେ ରେଲୱେ ଅଧିକାରୀ ଦାୟିତ୍ୱ ତୁଲାଇବା ସହ ଅସହାୟଙ୍କୁ ସାହାଯ୍ୟ କରି ତାଙ୍କ ସେବା ମନୋବୃତ୍ତିର ପରିଚୟ ଦେଉଛନ୍ତି। ସେ ହେଉଛନ୍ତି ଇଣ୍ଡିଆନ୍ ରେଲୱେ ଟ୍ରାଫିକ୍ ସର୍ଭିସ୍ ଅଧିକାରୀ ସଞ୍ଜୟ କୁମାର। ଟ୍ରେନ୍‌ରେ ଯାଉଥିବା ଗରିବ ଯାତ୍ରୀମାନଙ୍କୁ ପ୍ରବଳ ଶୀତରୁ ରକ୍ଷା କରିବା ଲାଗି ସେ ଶୀତ ପୋଷାକ ବାଣ୍ଟୁଛନ୍ତି। ଗତବର୍ଷ ପ୍ରଥମାର୍ଦ୍ଧରେ ସଞ୍ଜୟଙ୍କୁ ପ୍ରଥମେ ମଧ୍ୟପ୍ରଦେଶର ଖାଣ୍ଡ଼ି ଷ୍ଟେସନରେ ନିଯୁକ୍ତି ମିଳିଥିଲା। ପରେ ସେ ଉତ୍ତରପ୍ରଦେଶର ଟୁଣ୍ଡଲା ସବ୍‌ଡିଭିଜନରେ ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜରଭାବେ ଯୋଗଦେଇ ଏହି ଉଦାର କାର୍ଯ୍ୟ କରୁଛନ୍ତି। ଏହି ସବ୍‌ଡିଭିଜନ ଅଧୀନରେ ଗାଜିଆବାଦଠାରୁ କାନପୁର ମଧ୍ୟରେ ୫୯ଟି ଷ୍ଟେସନ ରହିଛି। ଏଥି ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ଷ୍ଟେସନରେ ସଞ୍ଜୟ ଷ୍ଟଲ ଖୋଲିଛନ୍ତି। ଷ୍ଟଲର ନାମ ରଖିଛନ୍ତି 'ନେକି କି ଦିୱାର' (ୱାଲ୍ ଅଫ୍ ଗୁଡ୍)। ସବୁ ଷ୍ଟଲରେ ଲୋକେ ସ୍ୱେଟର, ଜ୍ୟାକେଟ, ଶାଲ୍ ଆଦି ଶୀତପୋଷାକ ଦାନ କରୁଛନ୍ତି। ଯେଉଁମାନେ ସାଧାରଣ ବଗିରେ ଯାତ୍ରା କରୁଛନ୍ତି ସେମାନେ ଏଠାରୁ ପୋଷାକ ନେଉଛନ୍ତି। ଏଠାରେ ଯିଏ ପୋଷାକ ଦାନ କରୁଛନ୍ତି କିମ୍ବା ନେଉଛନ୍ତି ସେମାନଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଉଛି। ସଞ୍ଜୟ ସ୍ୱେଟର ଓ ଜ୍ୟାକେଟ୍‌ଠାରୁ ଅଧିକ ଶାଲ୍ ସଂଗ୍ରହ କରିବା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ସଞ୍ଜୟଙ୍କ ସହକର୍ମୀଙ୍କ ସହ ଅନ୍ୟମାନେ ବି ତାଙ୍କୁ ଏଥିପାଇଁ ସହଯୋଗ କରୁଛନ୍ତି। ଏହି ରୁଟ୍ ଦେଇ ଉତ୍ତରପ୍ରଦେଶ ଓ ବିହାରରୁ ଶ୍ରମିକମାନେ ରାଜସ୍ଥାନ, ଗୁଜରାଟ କିମ୍ବା ମୁମ୍ବାଇକୁ ଯାଉଛନ୍ତି ଓ ସେମାନେ ଏହାଦ୍ୱାରା ବେଶି ଉପକୃତ ହେଉଛନ୍ତି ବୋଲି କୁହନ୍ତି ସଞ୍ଜୟ।

## ଚିରନ୍ତନୀ

ନିତି ଏହି କୋଉତୁକ ଦେଖାଇ ଥରକୁ ଥର
ସେହିମିତି ଜର କଫ ସେହି ତ ବୁଢ଼ିଆ ଘର।
ସେହି ତ ଖଜଣା ସୁଧ ଆଗ ପରି ଚଢ଼ା ଦରେ
ନାହିଁ ଲାଭ କହି ଖାଲି ଥିବ ଯାହା ବାରବରେ!
ଆପଣା ବରାଦ ଆପେ କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ କରିବାକୁ ହାଁ ଜୀ ହାଁ ଜୀ!
କରିବାକୁ ହେବ ରତି ନାହିଁ ନାହିଁ ଯାହା
କରାମତି ଦେଖାଇବ ଖାଲି ଘାସକଟା ବାଆ!
(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରକୁ ମୁଖଶାଳା ବଳି ପଡୁଛି

ମହାଶୟ,

ପ୍ରତିଦିନ ବଳାତ୍କାର, ହତ୍ୟା, ଲୁଣ୍ଠନ ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଖବର ନଜରକୁ ଆସୁଛି। ଏଭଳି ଜଘନ୍ୟ ଘଟଣା ଘଟାଇବାରେ ମଦର ଭୂମିକା ଅଧିକ। ମଦ ନିଶାରେ କେତେକ ଲୋକ ନିଜର ସମ୍ପର୍କୀୟମାନଙ୍କୁ ହତ୍ୟା, ବଳାତ୍କାର କରିବାକୁ ପଛାଉ ନାହାନ୍ତି। ମଦ ପିଇ ଗାଡ଼ି ଚଳାଇ ନିଜର ଭାରସାମ୍ୟ ହରାଇ ଅନେକେ ଜୀବନ ନଷ୍ଟ କରୁଛନ୍ତି। ମଦରୁ କୁଆଡ଼େ ଅଧିକ ରାଜସ୍ୱ ମିଳୁଛି। ମଦ ପିଇ ଓ ସଡ଼କ ଦୁର୍ଘଟଣାରେ ମରୁଥିବା ବ୍ୟକ୍ତିଙ୍କୁ ସରକାର କ୍ଷତିପୂରଣ ଦେଉଛନ୍ତି ଓ ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି। ଦୁର୍ଘଟଣା ଯୋଗୁ ଅକ୍ଷମ ହେଲେ ସରକାର ସାରାଜୀବନ ପାଇଁ ଭତ୍ତା ପ୍ରଦାନ କରୁଛନ୍ତି। ଏ ବାବଦରେ ସରକାର ଖର୍ଚ୍ଚ କରୁଥିବା ଅର୍ଥର ହିସାବ କଲେ ଏହା ମଦରୁ ମିଳୁଥିବା ରାଜସ୍ୱ ଆୟଠାରୁ ଅଧିକ ହେବ। ତେଣୁ ମନ୍ଦିରକୁ ମୁଖଶାଳା ବଳି ପଡୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### ଓଡ଼ିଆ ଭାଗବତ ପଢ଼ନ୍ତୁ

ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଏକ ପବିତ୍ର ଧର୍ମଗ୍ରନ୍ଥ। ସମୟ ଥିଲା ପ୍ରତ୍ୟେକ ଘରେ ଏହି ଭାଗବତ ପ୍ରତିଦିନ ଅଧ୍ୟୟନ କରାଯାଉଥିଲା। କିନ୍ତୁ ଆଜିକାଲି ବିଭିନ୍ନ ବହୁଳ ପ୍ରଚାର ଯୋଗୁ ଭାଗବତ ପଢ଼ା ଓଡ଼ିଆ ଘରୁ ଲୋପ ପାଇବାକୁ ବସିଲାଣି। ଫଳରେ ଆମମାନଙ୍କ ମନରୁ ଧର୍ମଭାବନା ଲୋପ ପାଇବାକୁ ବସିଲାଣି। ଅନୁରୂପ ଏହି ପବିତ୍ର ଧର୍ମଗ୍ରନ୍ଥ ପ୍ରତ୍ୟେକ ଓଡ଼ିଆ ଅଧ୍ୟୟନ ପାଇଁ ଅଭ୍ୟାସ କଲେ ଆମମାନଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ସମାଜ ଉଜ୍ଜ୍ୱଳିତ ହୋଇଉଠିବ। ଭାଗବତରେ ଅଛି: କୃଷ୍ଣ ଚରିତ ଭାଗବତ। ଅଭ୍ୟାସ କରୁଥିବ ନିତ୍ୟ।

ପୂର୍ଣ୍ଣଚନ୍ଦ୍ର ସାହୁ, ନାରାୟଣପୁର, ସରସରା, ବୌଦ୍ଧ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ପାଣ୍ଠି

■ ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା
■ ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ବିରୋଧୀ

**ପୁରୀ ଅଫିସ, ୯।୧**

ମହାପ୍ରଭୁଙ୍କ କର୍ପସ ପାଣ୍ଠିକୁ ଘରୋଇ ବ୍ୟାଙ୍କରେ ରଖାଯିବାକୁ ନେଇ ଆରମ୍ଭ ହୋଇଛି ଘଣ୍ଟାଚକଟା। ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଅର୍ଥ ସବ୍ କମିଟିକୁ ଅନ୍ଧାରରେ ରଖି ଏପରି କରାଯାଇଛି। ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିଚାଳନା କମିଟି ସଦସ୍ୟ। ସେହିପରି ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ସେମାନେ ସୁପ୍ରିମ୍‌କୋର୍ଟ ଯିବାକୁ ଧମକ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କାହିଁକି ଏବଂ କେଉଁ ପରିସ୍ଥିତିରେ ଏପରି କରାଯାଇଛି ସେ ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି କହିଛନ୍ତି।

ମହାପ୍ରଭୁଙ୍କ କର୍ପସ ପାଣ୍ଠି ଏବଂ ହୁଣ୍ଡି ଟଙ୍କା ମିଶାଇ ପ୍ରାୟ ୬୦୦ କୋଟି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖାଯାଇଛି। ଏକାବେଳେ ଏତେ ଟଙ୍କା ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ କାହିଁକି ଜମା କରାଗଲା ତାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୨୦ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ହୋ ହଲ୍ଲା ହୋଇଥିଲା। ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଯାଇଥିବା ଶୁଣିବାକୁ ମିଳୁଛି ବୋଲି ସଦସ୍ୟ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର କହିବା ସହ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଚାହିଁଥିଲେ। ଏହାପରେ ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଯାଇଥିବା ଜଣାପଡ଼ିଥିଲା।

ପରିଚାଳନା କମିଟି ଅନୁମୋଦନ ବିନା ଏବଂ ଅର୍ଥ ସବ୍ କମିଟିର କିଛି ସଦସ୍ୟ ଜାଣି ନ ଥିବାବେଳେ କିପରି ଏତେ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ଜମା କରାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ କିଏ ଅନୁମୋଦନ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉଠିବା ପରେ ହରଡ଼ଘଟଣାରେ ପଡିଥିଲେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିଥିବା ଅଧିକାରୀ। ବୈଠକର ୪ ଦିନ ପରେ ଅର୍ଥାତ୍ ଡିସେମ୍ବର ୨୪ରେ ସାନି ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ୧୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଭାଗନେବା ପାଇଁ ଚିଠି କରାଯାଇଛି। ତେବେ ଯେଉଁ ବ୍ୟାଙ୍କକୁ ନେଇ ବିବାଦ ଉପୁଜିଛି ସେହି ବ୍ୟାଙ୍କକୁ କିନ୍ତୁ ଏଥିରେ ସାମିଲ କରାଯାଇ ନ ଥିବାରୁ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି।

ଏହି ଘଟଣା ଜଣାପଡ଼ିବା ପରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ପାଣ୍ଠିକୁ ସୁରକ୍ଷା ଦେବା ଦାୟିତ୍ୱ ରାଜ୍ୟ ସରକାରଙ୍କର। ରତ୍ନଭଣ୍ଡାର ଭଳି ପାଣ୍ଠି ପ୍ରସଙ୍ଗରେ ସରକାର ନୀରବ ରହିବା ସନ୍ଦେହକୁ ଅଧିକ ରହସ୍ୟଜନକ କରୁଛି। ମହାପ୍ରଭୁଙ୍କ ପାଣ୍ଠି ଘରୋଇ ବ୍ୟାଙ୍କରେ ରଖିବା ଯୁକ୍ତି କ'ଣ ସେ ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି କହିଛନ୍ତି। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ପରିଚାଳନା କମିଟିକୁ ଅନ୍ଧାରରେ ରଖାଯାଇ ଏଭଳି କରାଯିବା ପଛରେ ନିଶ୍ଚିତ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି। ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ୬୦୦ କୋଟି ଟଙ୍କା ରଖିବା କେତେଦୂର ସୁରକ୍ଷିତ ତାହା ପ୍ରଥମେ ଚିନ୍ତା କରାଯିବା କଥା। ତେବେ ଭକ୍ତ ସମାଜକୁ ଏ ନେଇ ସନ୍ତୋଷଜନକ ଉତ୍ତର ଦିଆଯିବା ଦରକାର। କାହିଁକି ଟଙ୍କା ରଖାଯାଇଛି ଏବଂ ଏହା ସୁରକ୍ଷିତ ତ ସେ ନେଇ ସ୍ପଷ୍ଟ ଉତ୍ତର ନ ମିଳିଲେ ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଯିବ ବୋଲି ବିନାୟକ ପ୍ରକାଶ କରିଛନ୍ତି।

## ପ୍ରମୁଖ ନଦୀରେ ବ୍ୟାରେଜ୍ ନିର୍ମାଣକୁ ଗୁରୁତ୍ୱ

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

■ ଚଳିତ ଆର୍ଥିକ ବର୍ଷରୁ କାର୍ଯ୍ୟ ଆରମ୍ଭ
■ ବ୍ୟୟ ଅଟକଳ ୧୧,୭୧୩.୨୨ କୋଟି
■ ୨୦୨୫ ମାର୍ଚ୍ଚ ସୁଦ୍ଧା ସାରିବା ଲକ୍ଷ୍ୟ

ଓଡ଼ିଶା ସରକାର ରାଜ୍ୟରେ ପ୍ରବାହିତ ପ୍ରମୁଖ ନଦୀଗୁଡିକ ଉପରେ ପ୍ରାୟ ୪୦ଟି ବ୍ୟାରେଜ୍ କରିବାକୁ ଯାଉଛନ୍ତି। ଏଥିପାଇଁ ୬ ବର୍ଷ ସମୟ ଧାର୍ଯ୍ୟ କରାଯାଇଛି। ଚଳିତ ଆର୍ଥିକ ବର୍ଷରୁ ଏଥିପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସମସ୍ତ କାର୍ଯ୍ୟ ପାଇଁ ମୋଟ ୧୧,୭୧୩.୨୨ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଗ୍ରୀଷ୍ମ ସମୟ ତଥା ମାର୍ଚ୍ଚରୁ ଜୁନ୍ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ନଦୀ ପ୍ରବାହ ହ୍ରାସ ପାଇଥାଏ। ତେଣୁ ଅଣମୌସୁମୀ ଋତୁରେ ଜଳ ସଞ୍ଚୟ ରାଜ୍ୟ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି।

ଏହି ପ୍ରକଳ୍ପ ସମ୍ପର୍କିତ ଏକ ସବିଶେଷ ରିପୋର୍ଟ ଜଳସମ୍ପଦ ବିଭାଗ ପକ୍ଷରୁ ଅର୍ଥ ବିଭାଗକୁ ପ୍ରଦାନ କରାଯାଇଛି। ଆସନ୍ତା ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପ ସାରିବା ପାଇଁ ଆଶା କରାଯାଉଛି। ୨୦୧୯-୨୦ରେ ଏହି ପ୍ରକଳ୍ପଗୁଡିକ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୦୨୦-୨୧ରେ ୨୩୨୬ କୋଟି, ୨୦୨୧-୨୨ରେ ୨୯୧୨.୧୯ କୋଟି ଏବଂ ୨୦୨୨-୨୩ରେ ୨୩୫୩, ୨୦୨୩-୨୪ରେ ୨୨୪୮ ଏବଂ ୨୦୨୪-୨୫ରେ ୧୩୭୩ କୋଟି ଟଙ୍କା ବିନିଯୋଗ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାଡ଼

ତିକ୍ତ ଅନୁଭୂତି ନେଇ ଫେରିଲେ ଅଣଓଡ଼ିଆ ପରିବାର

**ପୁରୀ ଅଫିସ, ୯।୧**

ପୁଣି ବଦ୍‌ନାମ ହୋଇଛି ଶ୍ରୀମନ୍ଦିର। ମନରେ ଭକ୍ତି ଭାବ ନେଇ ଭଗବାନଙ୍କୁ ଦର୍ଶନ ପାଇଁ ଆସିଥିବା ଭକ୍ତଙ୍କୁ ମାଡ଼ ମରାଯାଇଛି। ତିକ୍ତ ଅନୁଭୂତି ସାଉଣ୍ଟି ଫେରିଛନ୍ତି ଅଣଓଡ଼ିଆ ପରିବାର। କାହାକୁ କିଛି ନ କହି କେବଳ ଅଭିଯୋଗ ପତ୍ରଟିଏ ଲେଖି ଫେରିଯିବାକୁ ବାଧ ହୋଇଛନ୍ତି। ମହାପ୍ରଭୁଙ୍କ ଆଗରେ ଗୁଟ୍‌ଖା କାହିଁକି ଖାଉଛ ବୋଲି ପ୍ରଶ୍ନ କରିବାରୁ ସମ୍ପୃକ୍ତ ଭକ୍ତଙ୍କୁ ଧକ୍କା ମାରି ବାହାର କରାଯାଇଛି। ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବା ଲାଗି ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେବାୟତ ହୁଅନ୍ତୁ ଅବା କର୍ମଚାରୀ ସେମାନେ ଭକ୍ତଙ୍କୁ ଯେପରି ଦୁର୍ବ୍ୟବହାର ନ କରନ୍ତି ସେଥିଲାଗି ବି କଡ଼ା ନିର୍ଦ୍ଦେଶ ରହିଛି। ହେଲେ ସୁପ୍ରିମ୍‌କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି।

ମହାପ୍ରଭୁଙ୍କ ଦର୍ଶନ ଲାଗି ଦିଲ୍ଲୀର ଏକ ପରିବାର (୬ ସଦସ୍ୟ) ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ଆସିଥିଲେ। ସେମାନେ ସପରିବାର ଦର୍ଶନ କରୁଥିଲେ। ଏହି ସମୟରେ ଜଣେ ସେବାୟତ ଗୁଟ୍‌ଖା ଖାଇ ତାଙ୍କ ସମ୍ମୁଖରେ ଖୋଳି ଉଡ଼ାଇଥିଲେ। ଏହା ଦେଖି ସମ୍ପୃକ୍ତ ପରିବାରର ଜଣେ ସଦସ୍ୟ ମନ୍ଦିର ଭିତରେ ଠାକୁରଙ୍କ ସମ୍ମୁଖରେ ଗୁଟ୍‌ଖା କାହିଁକି ଖାଉଚ ବୋଲି କହିଥିଲେ। ଏଥିରେ ସମ୍ପୃକ୍ତ ସେବକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଧକ୍କା ମାରି ବାହାରକୁ ବାହାରିଯିବାକୁ କହିଥିଲେ। ଫଳରେ ସମ୍ପୃକ୍ତ ପରିବାର ବାହାରକୁ ପଳାଇ ଆସିଥିଲେ। ମାଡ଼ ଖାଇଥିବା ବ୍ୟକ୍ତି ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ତାଙ୍କର ଏକ ଫ୍ୟାକ୍ଟ୍ରି ରହିଛି। ତାଙ୍କ ଫ୍ୟାକ୍ଟ୍ରିରେ ୩୦୦ କର୍ମଚାରୀ କାମ କରୁଥିବାବେଳେ ଫ୍ୟାକ୍ଟ୍ରି ଭିତରେ କେହି ପାନ, ଗୁଟ୍‌ଖା ଖାଇ ନ ଥାନ୍ତି। ମାତ୍ର ଶ୍ରୀମନ୍ଦିର ଭିତରେ ସେବାୟତ ଏବଂ ଅନ୍ୟ କର୍ମଚାରୀମାନେ କିଭଳି ପାନ, ଗୁଟ୍‌ଖା ଖାଉଛନ୍ତି ବୋଲି ସେ କହିଥିଲେ। ପରେ ସେମାନେ ଶ୍ରୀମନ୍ଦିର ପ୍ରଶାସକଙ୍କ କାର୍ଯ୍ୟାଳୟକୁ ଯାଇ ଓଆଇସି (ନୀତି) ରବୀନ୍ଦ୍ର ନାଥ ଦାସଙ୍କୁ ଅଭିଯୋଗପତ୍ର ଦେଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଓଆଇସି (ନୀତି)ଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ହୋଇଛି। ତାଙ୍କ ନାମ ସ୍ପଷ୍ଟ ଭାବେ ଜଣାପଡୁ ନାହିଁ। କିନ୍ତୁ ମାଡ଼ ନୁହେଁ, ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି। ମନ୍ଦିର ଭିତରେ କେହି ଗୁଟ୍‌ଖା ଖାଇ ତାଙ୍କ ଆଗରେ ଖୋଳ ଉଡ଼ାଇବାରୁ ଏହି ଘଟଣା ଘଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସପ୍ତଗିରି

# ମୌଳିକ ସମସ୍ୟାର ସମାଧାନ ପାଇଁ ରଖିଲେ ଦାବି

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**



କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନିଜ ସଂସଦୀୟ କ୍ଷେତ୍ର ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୯ ଦଫା ଦାବି ରଖିଥିବା ଜଣାପଡିଛି। ଏହି ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ମଧ୍ୟ ଉଲ୍ଲାକାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ସାକ୍ଷାତ୍ ପରେ ସପ୍ତଗିରି ନିଜ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ, ରାୟଗଡାରେ ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ଏଥିସହିତ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛି। ପଦମପୁର ଏବଂ ବିଷମକଟକ ଦେଇ ଗୁଣୁପୁର-ଥେରୁବାଲି ରେଳ ଲାଇନ, କୋଲାବ ନଦୀ ଉପରେ ରେଳ ତଥା ସଡକ ଓଭରବ୍ରିଜ୍ ନିର୍ମାଣ , ରାୟଗଡା, କୋରାପୁଟ ଏବଂ କାକିରଗୁଡାରେ ବାଇପାସ୍ ନିର୍ମାଣ ପାଇଁ ଦାବି କରିଛି। ସେହିପରି ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ସ୍ୱଦେଶ ଦର୍ଶନ ଯୋଜନାରେ କୋରାପୁଟ-ରାୟଗଡାରେ ସ୍ୱତନ୍ତ୍ର ଟୁରିଷ୍ଟ ସର୍କିଟ ସ୍ଥାପନ, ଝୋଡିଆ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି(ଏସ୍‌ଟି)ରେ ସ୍ଥାନ ଦେବା ଭଳି ଦାବି ସପ୍ତଗିରି ଉପସ୍ଥାପନ କରିଥିଲେ।

## ସିଏଏ ମାମଲା: ତ୍ୱରିତ ଶୁଣାଣିକୁ ମନାକଲେ ସୁପ୍ରିମକୋର୍ଟ

# 'ଦେଶ କଠିନ ସମୟ ଦେଇ ଗତି କରୁଛି'

**ନୂଆଦିଲ୍ଲୀ, ୯।୧ (ପି.ଟି.)**

ଦେଶ ଏବେ କଠିନ ସମୟ ଦେଇ ଗତିକରୁଛି। ହିଂସା ଏତେ ବଢ଼ିଯାଇଛି ଯେ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସାମ୍ବିଧାନିକ ଘୋଷଣା କରିବା ପାଇଁ ଦାଏର ହୋଇଥିବା ଆବେଦନର ତ୍ୱରିତ୍ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ମନାକରିଦେବା ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।



କୌଣସି ଆଇନକୁ ସାମ୍ବିଧାନିକ ଘୋଷଣା କରିବା ପାଇଁ କେହି ଆବେଦନ କରିବା ପ୍ରଥମ ଘଟଣା ବୋଲି ଖଣ୍ଡପୀଠ କହିଛନ୍ତି। ସିଏଏର ବୈଧତାକୁ ଚାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଛି। ଦେଶରେ ହିଂସା ବନ୍ଦ ହେବା ପରେ ସେଗୁଡ଼ିକର ଶୁଣାଣି ହେବ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଆଇନର ବୈଧତା ପରଖିବା ଅଦାଲତଙ୍କ କାର୍ଯ୍ୟ, ଏହାକୁ ସାମ୍ବିଧାନିକ ଘୋଷଣା କରିବା ନୁହେଁ ବୋଲି ସିଜେଆଇ କହିଥିଲେ। ସିଏଏକୁ ଦେଶବ୍ୟାପୀ ବିରୋଧ କରାଯାଉଥିବାବେଳେ ଏହାକୁ ସାମ୍ବିଧାନିକ ଘୋଷଣା କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆଇନଜୀବୀ ବିନୀତ ଧଣ୍ଡା ଆବେଦନ କରିଥିଲେ।



ବରଗଡ଼ ଉପଜିଲାପାଳ ସସ୍ତ୍ରୀକ କୃଷ୍ଣ, ବଳରାମଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

# ବରଗଡ଼ ଧନୁଯାତ୍ରା: ମଥୁରା ବୁଲିଲେ କୃଷ୍ଣ, ବଳରାମ

**ମଥୁରାନଗରୀ, ୯।୧:** ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୁରୁବାର ଦଶମ ଦିବସରେ କୃଷ୍ଣ ଓ ବଳରାମଙ୍କ ମଥୁରା ପରିଭ୍ରମଣ ଅନ୍ୟତମ ଆକର୍ଷଣ ଥିଲା। ମଥୁରାବାସୀ ବେନିଭାଇଙ୍କୁ ପୂଜାର୍ଚ୍ଚନା ସହିତ ଦୋଳିରେ ବସାଇ ଝୁଲାଇଥିଲେ। ସେହିପରି ପରିଭ୍ରମଣ ସମୟରେ ରାଜଘାଟରେ ରଜକଙ୍କ ସହିତ କୃଷ୍ଣ, ବଳରାମଙ୍କ ସହିତ ସାକ୍ଷାତ ହୋଇଥିଲା। ଖଜୁରଟିକ୍ରା ସ୍କୁଲ ଶିଶୁ ମଣ୍ଡପରେ ପହଞ୍ଚିବା ପରେ ସୁଦାମା ମାଳି ଶ୍ରୀକୃଷ୍ଣଙ୍କ ଗୁଣଗାନ କରିଥିଲେ। ବରଗଡ଼ ଉପଜିଲାପାଳଙ୍କ ସରକାରୀ ବାସଭବନରେ ମଧ୍ୟ ବେନିଭାଇ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସସ୍ତ୍ରୀକ ଶ୍ରୀକୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରିଥିଲେ।


ଓଡ଼ିଶା ସରକାର
**ବାଣିଜ୍ୟ ଓ ପରିବହନ ବିଭାଗ**
୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ୨୦୨୦
**ଅନ୍‌ଲାଇନ୍ ପ୍ରତିଯୋଗିତା ଓ ପୁରସ୍କାର**

| ପ୍ରତିଯୋଗିତାର ପ୍ରକାର | ସମୟ | ବିଷୟ | ପୁରସ୍କାର ରାଶି |
|---|---|---|---|
| କୁଇଜ୍ ପ୍ରତିଯୋଗିତା | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା | ୧ମ - ଟ.୨୦,୦୦୦/-<br>୨ୟ - ଟ.୧୦,୦୦୦/-<br>୩ୟ - ଟ.୬,୦୦୦/- |
| ନୂତନ ଚିନ୍ତାଧାରା ପ୍ରତିଯୋଗିତା (ଭିଡିଓ) | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା ବିଷୟ ବସ୍ତୁ ଆଧାରିତ (୧୧ଟି ବିଭାଗ) | ୧ମ - ଟ.୫୦,୦୦୦/-<br>୨ୟ - ଟ.୩୦,୦୦୦/-<br>୩ୟ - ଟ.୨୦,୦୦୦/-<br>ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ୧୦,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯିବ |
| କାର୍ଟୁନ୍ / ପୋଷ୍ଟର ପ୍ରତିଯୋଗିତା | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା ବିଷୟ ବସ୍ତୁ ଆଧାରିତ (୧୧ଟି ବିଭାଗ) | ୧ମ - ଟ.୧୦,୦୦୦/-<br>୨ୟ - ଟ.୬,୦୦୦/-<br>୩ୟ - ଟ.୪,୦୦୦/-<br>ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ୩,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯିବ |
| ସଡକ ସୁରକ୍ଷା ଲାଗି ମାସକଟ୍ ଡିଜାଇନ୍ | ୧୧ ରୁ ୧୫ ଜାନୁଆରୀ ୨୦୨୦ | | ଟ. ୫୦,୦୦୦/- |
| ସଡକ ସୁରକ୍ଷା ମାସକଟ୍ ର ନାମକରଣ ଲାଗି ଅଭିମତ | ୧୧ ରୁ ୧୫ ଜାନୁଆରୀ ୨୦୨୦ | | ଟ. ୨୦,୦୦୦/- |

**କୁଇଜ୍ ପ୍ରତିଯୋଗିତାର ପ୍ରଣାଳୀ**

୧. ଏହି କୁଇଜ୍ ପ୍ରତିଯୋଗିତା ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହେବ । ଏହା **www.odisharoadsafety.org** ପ୍ଲାଟ୍‌ଫର୍ମରେ ଉପଲବ୍ଧ ।
୨. ପ୍ରତିଯୋଗି ମାନେ କୁଇଜ୍ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ୱେବ୍‌ସାଇଟ୍ visit କରିବେ ଓ ସଡକ ସୁରକ୍ଷା ପ୍ରତି ଅଙ୍ଗୀକାର ବଦ୍ଧ ହେବେ ।
୩. ଦୟାକରି ଆମର ଟୁଇଟର **www.twitter.com /STAOdisha** ଅନୁସରଣ କରନ୍ତୁ ଏବଂ ଆମର ଫେସ୍‌ବୁକ୍ ପେଜ୍ **www.facebook.com/OdishaSTA** କୁ ଲାଇକ୍ କରନ୍ତୁ ।
୪. ଏହି କୁଇଜ୍ ପ୍ରତିଯୋଗିତା **୧୧ ରୁ ୧୫ ଜାନୁୟାରୀ ୨୦୨୦** ପର୍ଯ୍ୟନ୍ତ ଚାଲୁ ରହିବ ।
୫. ପ୍ରତ୍ୟେକ ଦିନ ପ୍ରତିଯୋଗିଙ୍କୁ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବାକୁ ପଡିବ । ୫ଦିନର ମୋଟ ସ୍କୋରକୁ ମିଶାଇ ଶ୍ରେଷ୍ଠ ପ୍ରତିଯୋଗି ମାନଙ୍କୁ ବଛାଯିବ ।
୬. ଯଦି ଏକାଧିକ ପ୍ରତିଯୋଗି ସମାନ ସ୍କୋର ଲାଭ କରି ଟାଇ ଫଳାଫଳ ହୁଏ ତେବେ ଯେଉଁ ପ୍ରତିଯୋଗି ଆମର ଟୁଇଟର ପେଜ୍‌କୁ ଅନୁସରଣ କରିଥିବେ ଏବଂ ଫେସ୍‌ବୁକ୍ ପେଜ୍‌କୁ ଲାଇକ୍ କରିଥିବେ ତାଙ୍କୁ ବିଜୟୀ ଘୋଷଣା କରାଯିବ । ଯଦି ଏଥିରେ ମଧ ଟାଇ ହୁଏ ତେବେ ଲଟେରି ମାଧ୍ୟମରେ ବିଜେତା ଚୟନ କରାଯିବ ।

**ନୂତନ ଚିନ୍ତାଧାରା (ଭିଡିଓ) ଓ କାର୍ଟୁନ୍ / ପୋଷ୍ଟର ପ୍ରତିଯୋଗିତା**

୧. ନୂତନ ଚିନ୍ତାଧାରା (ଭିଡିଓ), କାର୍ଟୁନ୍ ଏବଂ ପୋଷ୍ଟର ସଡକ ସୁରକ୍ଷା ର ନିମ୍ନଲିଖିତ ୧୧ଟି ବିଭାଗ ଉପରେ ଆଧାରିତ ହୋଇଥିବା ଆବଶ୍ୟକ :

**(କ) ନିଶାସକ୍ତ ଭାବେ ଗାଡିଚାଳନା (ଖ) ଦ୍ରୁତ ଗତିରେ ଗାଡିଚାଳନା (ଗ) ଗାଡିଚାଳନା ସମୟରେ ମୋବାଇଲ୍ ବ୍ୟବହାର (ଘ) ଟ୍ରାଫିକ୍ ନିୟମ ନ ମାନି ବିପରୀତ ଦିଗରେ ଗାଡିଚାଳନା (ଙ) ସିଟ୍ ବେଲଟ୍ ବ୍ୟବହାର କରିବା (ଚ) ହେଲ୍‌ମେଟ୍ ପିନ୍ଧିବା (ଛ) ଦୁଇ ଚକିଆରେ ୩ଜଣ ଯାତ୍ରା କରିବା (ଜ) ଅଳ୍ପ ବୟସର ସ୍କୁଲ ପିଲାମାନଙ୍କ ଦ୍ୱାରା ଗାଡିଚାଳନା (ଝ) ଟ୍ରାଫିକ୍ ରେଡ୍ ଲାଇଟ୍‌କୁ ଅତିକ୍ରମ କରିବା (ଞ) ଦୁର୍ଘଟଣାରେ ଆଘାତ ଯାତ୍ରୀଙ୍କୁ ସାହାଯ୍ୟ କରିବା (ଟ) ଟ୍ରାଫିକ୍ ନିୟମ ମାନିବା ଓ ନିଜର ସୁରକ୍ଷାକୁ ବଢାଇବା**

୨. ପ୍ରତିଯୋଗି ମାନେ ୩୦ ସେକେଣ୍ଡରୁ ୧ମିନିଟ୍ ସମୟ ସୀମା ମଧ୍ୟରେ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିବେ ଏବଂ ଏହି ଭିଡିଓ କୁ **www.odisharoadsafety.org** site ରେ ଲିଙ୍କ୍ share କରିବେ ।
୩. ପ୍ରତିଯୋଗି ମାନେ ପ୍ରସ୍ତୁତ କରିଥିବା କାର୍ଟୁନ୍/ପୋଷ୍ଟର କୁ **www.odisharoadsafety.org** ରେ ଅପ୍‌ଲୋଡ୍ କରିବେ ।

**www.odisharoadsafety.org site ୧୧ ଜାନୁୟାରୀ, ୨୦୨୦ ରେ ଖୋଲାଯିବ ।**

**ପୁରସ୍କାର ବିଜୟୀ ପ୍ରତିଯୋଗିଙ୍କ ନାମ ତା.୧୬.୧.୨୦୨୦ ରିଖ ଅପରାହ୍ନ ୫ଟାରେ ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ ।**

**ପରିବହନ ଆୟୁକ୍ତ, ଓଡ଼ିଶା**

**ସୁରକ୍ଷିତ ରୁହନ୍ତୁ, ସୁଖି ରୁହନ୍ତୁ**



**ପୂର୍ବ ତଟ ରେଳପଥ**

**ଭୁବନେଶ୍ୱର ଷ୍ଟେସନ ଠାରେ ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ**

ସଂ. SDCM/KUR/Pay & Use Toilet/BBS (PF.1&6)/2020, ତା: 03.01.2020

**ବିବରଣୀ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଏବଂ 6 ସ୍ଥିତ "ପେ ଆଣ୍ଡ୍ ୟୁଜ୍ ଶୌଚାଳୟ" ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ । **ଶୌଚାଳୟ:** 08 ସଂଖ୍ୟକ (ପ୍ଲାଟ୍‌ଫର୍ମ 1ରେ 04 ଗୋଟି ଏବଂ ପ୍ଲାଟ୍‌ଫର୍ମ 6 ରେ 04 ଗୋଟି), **ସ୍ନାନ ସୁବିଧା :** ପ୍ଲାଟ୍‌ଫର୍ମ 6ରେ 04 ଗୋଟି, **ପରିସ୍ରାଗାର :** ପ୍ଲାଟ୍‌ଫର୍ମ 6 ରେ 07 ଗୋଟି (ପୁରୁଷଙ୍କ ପାଇଁ - 04 ଗୋଟି ଏବଂ ମହିଳାଙ୍କ ପାଇଁ - 03 ଗୋଟି ) ।

**05 ବର୍ଷ ପାଇଁ ମୋଟ୍ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 23,78,580.00, **EMD** : ₹ 2,37,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି:05 (ପାଞ୍ଚ) ବର୍ଷ ।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** 13.02.2020 ର 1600 ଘଟିକା ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।


ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ୍
PR-639/K/19-20







ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ସମସ୍ତ ହିତକର ବିଷୟ ନଷ୍ଟ ହୋଇଯାଏ।
-ବ୍ୟାସଦେବ



## ସଂକ୍ଷେପରେ

### ନୂଆ ସିଡିପି ଆଣିବା ନେଇ ବିଡିଏର କର୍ମଶାଳା
## ବିଶ୍ୱସ୍ତରୀୟ ସହର ହେବ ଭୁବନେଶ୍ୱର

ଭୁବନେଶ୍ୱର, ୯।୧ (ବ୍ୟୁରୋ): ବିନା କିଛି ସ୍ଥାନରେ ବଢ଼ିଚାଲିଥିବା ସହରାଞ୍ଚଳକୁ ବିକାଶର ଢାଞ୍ଚା ଦେବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବେ ଅଞ୍ଚଳ ଭିତ୍ତିକ ସହରରେ କମ୍ପ୍ରେହେନ୍ସିଭ୍ ଡେଭ୍‌ଲପମେଣ୍ଟ ପ୍ଲାନ୍ (ସିଡିପି) ଆଣିବାକୁ ଯାଉଛି। ବିଡିଏ ସହରକୁ ଲୋକେ ଓଡ଼ିଶାର ରାଜଧାନୀ ଅପେକ୍ଷା ଏକ ବିଶ୍ୱସ୍ତରୀୟ ସହର ଭାବେ ଚିହ୍ନିବା ଲକ୍ଷ୍ୟରେ ଏକ କର୍ମଶାଳା ଗୁରୁବାର ବିଡିଏ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଜର୍ମାନର ସଂସ୍ଥା ଜିଆଇଜେଡ ସହ ହୋଇଥିବା ଏହି ବୈଠକରେ ଭାରତର ବିଭିନ୍ନ ପ୍ରତିନିଧିଙ୍କ ଦଳ ଯୋଗଦେଇଥିଲେ। ବିଶେଷ କରି ସହରରେ ଲୋ ମୋବିଲିଟି ପ୍ଲାନକୁ ଜାରି କରିବା, କମ୍ ସ୍ଥାନରେ କିପରି ବିକଶିତ ଢାଞ୍ଚାରେ ନିର୍ମାଣ ଓ ଅନ୍ୟ ନିତ୍ୟ ବ୍ୟବହୃତ ସମଗ୍ରୀକୁ ବ୍ୟବହାର କରିବା ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ନଗର ଉନ୍ନୟନ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### କମିଶନରେଟ ପୋଲିସଙ୍କୁ ପଡ଼ି ରହିଥିବା ମାମଲା ଚିନ୍ତା

ଭୁବନେଶ୍ୱର, ୯।୧ (ବ୍ୟୁରୋ): କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଏବେ ପୁରୁଣା ମାମଲା ସଂଖ୍ୟା ବଢ଼ିଚାଲିଛି। ଅଫିସର ଓ କର୍ମଚାରୀ ଅଭାବ ସହ କେତେକ ସମସ୍ୟା ଯୋଗୁ ତଦନ୍ତ ସରୁନି କି ଫାଇଲ୍ ବନ୍ଦ ହେଉନି। ଅନ୍ୟପକ୍ଷରେ ଗତ ଅକ୍ଟୋବର ୨ରୁ 'ମୋ ସରକାର' ଯୋଜନାରେ ଥାନା ସାମିଲ ହେବା ପରେ ମାମଲା ସଂଖ୍ୟା ବଢ଼ିଯାଇଛି। ବିଶେଷ କରି ୨୦୧୮ ଓ ୨୦୧୯ରେ ପଡ଼ି ରହିଥିବା ମାମଲାଗୁଡ଼ିକୁ ତୁରନ୍ତ ଶେଷ କରିବା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏସିପି ଓ ଥାନା ଅଧିକାରୀଙ୍କୁ ଡକାଇ ଆଲୋଚନା କରିଛନ୍ତି। ତୁରନ୍ତ ତଦନ୍ତ ଶେଷ କରି ମାମଲାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ବଦଳି ପରେ ଯେଉଁସବୁ ତଦନ୍ତ ଅଧିକାରୀ ପୁରୁଣା ମାମଲାକୁ ହସ୍ତାନ୍ତର କରିନାହାନ୍ତି ସେମାନଙ୍କଠାରୁ ତୁରନ୍ତ ମାମଲା ଆଣି ତଦନ୍ତ ସାରିବାକୁ କମିଶନର ଷଡ଼ଙ୍ଗୀ କହିଛନ୍ତି। ଏହାସହ ରାଜଧାନୀରେ ଅପରାଧ ଘଟାଉଥିବା ସଂପୃକ୍ତିତ ଅପରାଧୀଙ୍କ ସଂକ୍ରାନ୍ତରେ ମଧ କମିଶନର ଆଲୋଚନା କରିଛନ୍ତି। କେଉଁମାନେ ଗିରଫ ପରେ ଜେଲ୍‌ରୁ ଆସି ପୁଣି ଅପରାଧ ଘଟାଉଛନ୍ତି, ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ଆଇଆଇସିଙ୍କଠାରୁ ପଚାରି ବୁଝିଥିଲେ। ଥାନା ଅଞ୍ଚଳରେ ବାରମ୍ବାର ଅଶାନ୍ତି ସୃଷ୍ଟି କରୁଥିବା ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅ ଓ ଆବଶ୍ୟକସ୍ଥଳେ ସେମାନଙ୍କୁ ଗିରଫ କରିବା ସହ ସିଆରପି ୧୧୦ ଏବଂ ଏନ୍‌ଏସ୍‌ଏରେ ବୁକ୍ କରିବାକୁ କମିଶନର ପରାମର୍ଶ ଦେଇଛନ୍ତି।

# ବ୍ରାଉନସୁଗାର ବେପାରୀଙ୍କ ଉପରେ ଏସ୍‌ଟିଏଫ୍‌ର ଚଢ଼ାଉ

- ୧୮ ଗ୍ରାମ ଜବତ, ଜଣେ ଗିରଫ
- ୫ ଦିନରେ ୯ ଗିରଫ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ବ୍ରାଉନସୁଗାର ବେପାରୀଙ୍କ ଉପରେ ଏବେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ନଜର। ବାଂଲାଦେଶରୁ ଜଳପଥ ଦେଇ ବାଲେଶ୍ୱରକୁ ଆସୁଥିବା ବ୍ରାଉନସୁଗାର ର୍‍ୟାକେଟ ଚାଲିଥିବା ଏସ୍‌ଟିଏଫ ଜାଣିବା ପରେ ଚଢ଼ାଉ କରି ଜଣେ ବେପାରୀଙ୍କୁ ଗିରଫ କରିଛି। ଏଥିସହ ଏହି ର୍‍ୟାକେଟ ପଛରେ କେଉଁମାନେ ଅଛନ୍ତି ସେନେଇ ଏସ୍‌ଟିଏଫ୍ ଖୋଜତାଡ଼ କରୁଛି। ଏହାର ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବା ପାଇଁ ବାଲେଶ୍ୱରରୁ ପୁରୀ ସମସ୍ତ ଜିଲା ଉପରେ ଏସଟିଏଫ ତନାଘନା ଚଳାଇଛି। ଯାହାର ଉଦାହରଣ ଗତ କିଛି ଦିନ ହେବ ଦେଖିବାକୁ ମିଳିଛି। ଗତ ୫ଦିନ ଭିତରେ ଏସ୍‌ଟିଏଫ ୩ଟି ମାମଲା ରୁଜୁ କରିବା ସହ ୯ ଜଣଙ୍କୁ ଗିରଫ କରିସାରିଲାଣି। ଏ ନେଇ ବ୍ରାଉନସୁଗାର ବେପାରୀଙ୍କ ମନରେ ଛନିଆ ପଶିଲାଣି।

ଏସ୍‌ଟିଏଫ ଟିମ୍ ବୁଧବାର ରାତିରେ ଢେଙ୍କାନାଳ ଟାଉନ ଲକ୍ଷ୍ମୀବଜାରରେ ବ୍ରାଉନସୁଗାର କାରବାର ହେଉଥିବା ଜାଣିବା ପରେ ଚଢ଼ାଉ କରି ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସନ୍ଦୀପ କୁମାର ସ୍ୱାଇଁ ଓରଫ ବାପୁନି (୩୨)। ତାଙ୍କ ନିକଟରୁ ଏସ୍‌ଟିଏଫ ୧୮ ଗ୍ରାମର ବ୍ରାଉନ ସୁଗାର, ଗୋଟିଏ ବୁଲେଟ, ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ଜବତ କରିଛି। ଏ ନେଇ ଏସ୍‌ଟିଏଫ୍ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ କରି ଅଭିଯୁକ୍ତ ବାପୁନିଙ୍କୁ ଢେଙ୍କାନାଳ ଜିଲା ଦୌରାଜଜ କୋର୍ଟକୁ ଚାଲାଣ କରିଛି।



ଗିରଫ ଅଭିଯୁକ୍ତ ବାପୁନି।

ତେବେ ବାପୁନି ବାଲେଶ୍ୱରରୁ ଜଣେ ନିଶା ମାଫିଆଙ୍କ ନିକଟରୁ ବ୍ରାଉନସୁଗାର ଆଣି ଢେଙ୍କାନାଳର ଲକ୍ଷ୍ମୀବଜାରରେ ବ୍ୟବସାୟ କରୁଥିବା ଜଣାପଡ଼ିଛି। ଏପରିକି ସେ ବୁଲେଟରେ ବ୍ରାଉନ ସୁଗାର ଆଣିବା ପାଇଁ ଏକ ନିର୍ଦ୍ଦିଷ୍ଟ ଜାଗା ମଧ୍ୟ କରିଥିଲେ। ଫଳରେ ବୁଲେଟରେ ବ୍ରାଉନ ସୁଗାର ଆଣିବା ସମୟରେ ପୋଲିସ ତାଙ୍କୁ ଯାଞ୍ଚ କଲେ ମଧ ଧରିପାରିବ ନାହିଁ। ଏହାସହ ସେ ସ୍ଥାନୀୟ ପୋଲିସଙ୍କୁ ମୋଟା ଅଙ୍କର ପାଉଣା ଦେଇ ଏହି ବ୍ୟବସାୟ କରୁଥିଲା। ଏସ୍‌ଟିଏଫ ବାଲେଶ୍ୱରରୁ ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଧରି ପଚରାଉଚରା କରିବା ପରେ ବାପୁନି ନାମ ପଦାକୁ ଆସିଥିଲା। ସୂଚନାଯୋଗ୍ୟ, ଗତ ୩ଦିନ ତଳେ ଏସ୍‌ଟିଏଫ୍ ପୁରୀରେ ଚଢ଼ାଉ କରି ୭ଜଣ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରିଥିବାବେଳେ ସେହିଦିନ ବାଲେଶ୍ୱରରେ ଜଳେଶ୍ୱରରେ ଚଢ଼ାଉ କରି ଆଉ ଜଣଙ୍କୁ ଗିରଫ କରିଥିଲେ।

## ୨୨ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ବ୍ରାଉନସୁଗାର କାରବାର ଅଭିଯୋଗରେ ଖଣ୍ଡଗିରି ପୋଲିସ ଓ କ୍ୟୁଏଟି ଟିମ୍ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ କନ୍ଧସାହି ଅଞ୍ଚଳର ଶତ୍ରୁଘ୍ନ ପ୍ରଧାନ ଓ ଖୋର୍ଦ୍ଧା ଥାନା ସାମନ୍ତରାପୁର ଅଞ୍ଚଳର ପ୍ରସନ୍ନ କୁମାର ସାହୁ। ଏମାନଙ୍କ ନିକଟରୁ ୨୨.୦୭ ଗ୍ରାମ ବ୍ରାଉନସୁଗାର, ୩ ମୋବାଇଲ ଫୋନ, ଗୋଟିଏ ବାଇକ୍ ଓ ୧,୩୫୦ ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅଞ୍ଚଳରେ ଉଭୟ ଅଭିଯୁକ୍ତ ବ୍ରାଉନସୁଗାର କାରବାର କରୁଥିବା ନେଇ କ୍ୟୁଏଟି ଖବର ପାଇଥିଲା। ଗୁରୁବାର ବରମୁଣ୍ଡସ୍ଥିତ ନୀଳକଣ୍ଠେଶ୍ୱର ବସ୍ତିରେ ବ୍ରାଉନସୁଗାର କାରବାର ଚାଲିଥିବା ଜାଣିବାପରେ ପୋଲିସ ଓ କ୍ୟୁଏଟି ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଧରିଥିଲେ। ଏ ନେଇ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୩/୨୦)ରୁଜୁ ହୋଇଛି।

## ଖବରଦାତା ଆବଶ୍ୟକ

ଭୁବନେଶ୍ୱରର ଖଣ୍ଡଗିରି ଓ ଚନ୍ଦ୍ରଶେଖରପୁର ଅଞ୍ଚଳ ପାଇଁ ଧରିତ୍ରୀ ଖବରଦାତା ଆବଶ୍ୟକ କରୁଛି। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ।

- ସାମ୍ବାଦିକତା ଡିଗ୍ରୀଧାରୀ, କ୍ୟାମେରା ଏବଂ ବାଇକ୍ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

Apply immediately to
Email: recruitment@dharitri.com

## ୧୧ରୁ ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ଉତ୍ସବ

ପୁରୁଣା ଭୁବନେଶ୍ୱର, ୯।୧ (ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ସ୍ମାର୍ଟ ନଗରୀ ଭୁବନେଶ୍ୱରରେ ଆରମ୍ଭ ହେବ ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ଉତ୍ସବ। ଉତ୍ସବକୁ ଆୟୋଜନ କରୁଛି ଧଉଳି ଚାରୁକଳା ମହାବିଦ୍ୟାଳୟ। ଶାନ୍ତିସ୍ତୂପ ଧଉଳିର ପାଦଦେଶରେ ଉଡ଼ିବ ବିଭିନ୍ନ ଦେଶର ରଙ୍ଗବେରଙ୍ଗର ଜାତୀୟ ପତାକା। ଯୋଗଦେବେ ବିଭିନ୍ନ ଦେଶର ନାମୀ ଦାମୀ ଚିତ୍ରଶିଳ୍ପୀ। ପ୍ରଦର୍ଶିତ ହେବ ସେମାନଙ୍କ କଳାକୃତି। ଭାରତ ସମେତ ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ, ନେପାଳ, ବାଂଲାଦେଶ, ଜାପାନ, ସ୍ୱିଜରଲାଣ୍ଡ ଇତ୍ୟାଦି ଦେଶର ଶିଳ୍ପୀମାନେ ଉତ୍ସବରେ ଯୋଗଦେବେ। ଭିନ୍ନ ଭିନ୍ନ ଦେଶର କଳା, ସଂସ୍କୃତି, ପରମ୍ପରା ଗୋଟିଏ ମଣ୍ଡପରେ ସ୍ଥାନିତ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଉତ୍ସବରେ ଭୁବନେଶ୍ୱର ନିକଟରେ ଥିବା ଚନ୍ଦକା-ଡମ୍ପଡ଼ା ହାତୀ ଅଭୟାରଣ୍ୟର ଜଙ୍ଗଲ ଘେର ମଧ୍ୟରେ ରହିଥିବା ଅଗମ୍ୟ ଆଦିବାସୀ ପଲ୍ଲୀର ବିଦ୍ୟାର୍ଥୀମାନେ ଉତ୍ସବରେ ସାମିଲ ହୋଇଛନ୍ତି। ବଣ ମଲ୍ଲୀ ବଣରେ ଫୁଟି ଝରିପଡ଼ୁଥିବା ଓଡ଼ି ନ ପଡ଼ୁ ସେଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ଏହି ନିଆରା ପ୍ରୟାସ ୩ ବର୍ଷ ଧରି କ୍ରମାଗତ ଭାବେ ହାତକୁ ନିଆଯାଉଛି। ସେମାନଙ୍କ ଲୁକ୍କାୟିତ ପ୍ରତିଭା, ସୃଜନଶୀଳତାକୁ ଲୋକଲୋଚନକୁ ଆଣିବା ସହ ଆଦିବାସୀ କଳା ଓ ସଂସ୍କୃତିର ବିକାଶ ହେଉଛି ମୂଳ ଲକ୍ଷ୍ୟ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଏ ନେଇ ଗାଁର ବିଦ୍ୟାର୍ଥୀମାନଙ୍କୁ ନେଇ ଆୟୋଜନ କରାଯାଇଥିଲା ଏକ ଚିତ୍ରକଳା ପ୍ରତିଯୋଗିତା। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବାଲୁକାଶିଳ୍ପୀ ସୁବଳ ମହାରଣା, ଚିତ୍ରଶିଳ୍ପୀ ଜ୍ଞାନୀ ସାମଲ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଜାନୁୟାରୀ ୧୧ରୁ ୧୩ ତାରିଖ ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଚିତ୍ରକଳା ଉତ୍ସବର ପ୍ରଥମ ଦିବସରେ ସକାଳ ୯ ଘଟିକାରେ ଏକ ସ୍ପଟ୍ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଗ୍ରହୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇପାରିବେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ ଉପରୋକ୍ତ ସୂଚନା ଦେଇଛନ୍ତି।



ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁବାର ଅନୁଷ୍ଠିତ ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ରୁପାଲି ରୁପାଞ୍ଜିତା ମୃତ୍ୟୁ ରହସ୍ୟ
## ହଷ୍ଟେଲରୁ ଚିଠି ଜବତ କଲା ପୋଲିସ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ସାଲିଆସାହି ନିକଟସରକାରୀ ପଲିଟେକ୍‌ନିକ କଲେଜ ହଷ୍ଟେଲରେ ବୁଧବାର ଛାତ୍ରୀ ରୁପାଲି ରୁପାଞ୍ଜିତା ଦାସ(୧୮) ଆତ୍ମହତ୍ୟା କରିଥିଲେ। ପୋଲିସ ଆତ୍ମହତ୍ୟାର ରହସ୍ୟ ଖୋଳୁଥିବାବେଳେ ଗୁରୁବାର ହଷ୍ଟେଲରୁ ଏକ ହାତଲେଖା ଚିଠି କରିଛି। 'ବାପା, ମାଆ ଆଇ ଆମ୍ ସରି। ମୁଁ ମୋ ଲାଇଫ୍‌ରେ ଗୁଡ଼ ପାଇଁ କିଛି କରିପାରିଲିନି' ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଏଥିରୁ ଛାତ୍ରୀଜଣକ କୌଣସି କାରଣରୁ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ପୋଲିସ ଅନୁମାନ କରି ଅଧିକ ଖୋଳତାଡ଼ ଆରମ୍ଭ କରିଛି। ଡିସେମ୍ବର ୨୨ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ରୁପାଲି ଯାଜପୁର କଳିଙ୍ଗନଗରସ୍ଥିତ ନିଜ ଗାଁ କୁମ୍ଭିରଗାଡ଼ିଆରେ ଥିଲେ। କିନ୍ତୁ ସେହି ସମୟରେ ରୁପାଲି କୌଣସି ପ୍ରକାର ଚାପଗ୍ରସ୍ତ ନ ଥିବା ତାଙ୍କ ମାଆ କହିଛନ୍ତି। ଝିଅ କାହିଁକି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ତାହାର ତଦନ୍ତ କରାଯାଉ ବୋଲି ପରିବାର ଲୋକେ ଦାବି କରିଛନ୍ତି।

ଅନ୍ୟପଟେ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ରୁପାଲି ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମୋବାଇଲରୁ ସବୁ ନମ୍ବର ଡିଲିଟ୍ କରିଥିଲେ। ର ଆତ୍ମହତ୍ୟା ପଛରେ ଫୋନ୍ ନମ୍ବର ଡିଲିଟ କରିବାର କିଛି ଲିଙ୍କ୍ ରହିଛି କି ନାହିଁ ତାହାକୁ ତଦନ୍ତ ପରିସରଭୁକ୍ତ କରିଛି। ଏପରି କି ପୋଲିସ ରୁପାଲିଙ୍କ ଫୋନ୍ କଲର ଡିଟେଲ୍‌ସକୁ ଯାଞ୍ଚ କରିବ ବୋଲି ସୂଚନା ମିଳିଛି। ସେହିପରି ପୋଲିସ କ୍ୟାପିଟାଲ ହସ୍ପିଟାଲରେ ରୁପାଲିଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୧୯ରୁ ଭୁବନେଶ୍ୱରରେ ପଲ୍‌ସ ପୋଲିଓ ଟିକାକରଣ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଭୁବନେଶ୍ୱରରେ ଆସନ୍ତା ୧୯, ୨୦ ଓ ୨୧ ତାରିଖରେ ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୪୯ ବୁଥ୍‌ରେ ୪୯୮ ଦଳ ଅନ୍ତର୍ଭୁକ୍ତ ୯୯୬ ଜଣ ଟିକାଦାନକାରୀ ଏହି ବ୍ୟାପକ କାର୍ଯ୍ୟକ୍ରମକୁ ପରିଚାଳନା କରିବେ। ରେଲୱେ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ହାଟ ପ୍ରଭୃତି ଗହଳି ସ୍ଥାନରେ ବହିର୍ଭାଗତ ଶିଶୁମାନଙ୍କୁ ପୋଲିଓ ଟିକା ଦେବାକୁ ୩୦ଟି ଅସ୍ଥାୟୀ ଦଳ ଗଠନ କରାଯାଇଛି। ୫ ଭ୍ରମ୍ୟମାଣ ଦଳ ମୁତୟନ ହୋଇ ସମସ୍ତ ନିର୍ମାଣାଧୀନ ସ୍ଥଳଗୁଡ଼ିକରେ ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ସମାହିତ ହେବ। ଏହି ବିଶାଳ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଲ୍‌ସ ପୋଲିଓ ଟିକାକରଣ-୨୦୨୦ର ସିଟି ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଥିଲେ, ୫ ବର୍ଷରୁ କମ୍ ସମସ୍ତ ଶିଶୁଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ଏଥିନିମନ୍ତେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ରାଜଧାନୀର ପ୍ରତ୍ୟେକ ଘର ବୁଲି ସୂଚନା ଦେବା ଓ ସଚେତନତାର ପ୍ରସାର କରାଇବା ଆବଶ୍ୟକ। ରାଜଧାନୀର ବିଭିନ୍ନ ବସ୍ତିରେ ରହୁଥିବା ପରିବାରଗୁଡ଼ିକର ୫ବର୍ଷରୁ କମ୍ ସମସ୍ତ ଶିଶୁ ଯେପରି ଏହି ପୋଲିଓ ଟିକାକରଣ ସୁଯୋଗ ନେଇପାରିବେ ସେ ଦିଗରେ ସମସ୍ତେ ଉଦ୍ୟମ କରିବାକୁ ଚୌଧୁରୀ ପରାମର୍ଶ ଦେଇଥିଲେ। କେଉଁ ଅଞ୍ଚଳରେ କେଉଁଠି ବୁଥ୍ ହୋଇଛି, ସେ ସମ୍ବନ୍ଧରେ ଜାଣିବାକୁ ବିଏମ୍‌ସି ୱେବ୍‌ସାଇଟ୍‌ରେ ଲିଙ୍କ୍ ଦିଆଯିବ। ଭୁବନେଶ୍ୱରରେ ଡଟ୍ ମ୍ୟାପ୍‌ରେ ମଧ ଏ ସମ୍ବନ୍ଧରେ ପୂର୍ଣ୍ଣାଙ୍ଗ ତଥ୍ୟ ରହିବ। ନିକୋ ପାର୍କ ଓ ଅନ୍ୟ ପାର୍କରେ କେତେକ ମଡ଼େଲ ଟିକାକରଣ ବୁଥ୍ କରାଯାଇ ଶିଶୁମାନଙ୍କ ପାଇଁ ଟିକାଦାନ ସଙ୍ଗେ ସଙ୍ଗେ ଖେଳିବାର ବ୍ୟବସ୍ଥା ମଧ୍ୟ କରାଯିବାକୁ ଚୌଧୁରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଯଦିଓ ୨୦୦୯ରେ ଦେଶରେ ବିଶ୍ୱର ୫୦ ପ୍ରତିଶତରୁ ଅଧିକ ପୋଲିଓ ରୋଗୀ ଥିଲେ, ୨୦୧୪ ମାର୍ଚ୍ଚରେ ଭାରତକୁ ପୋଲିଓ ମୁକ୍ତ ଦେଶ ଭାବେ ଘୋଷଣା କରାଯାଇସାରିଛି। ବ୍ୟାପକ ଟିକାକରଣ ଯୋଗୁ ଏହା ସମ୍ଭବ ହୋଇପାରିଛି। ତେବେ ୨୦୨୩ ସୁଦ୍ଧା ସାରା ବିଶ୍ୱର ଶିଶୁମାନଙ୍କୁ ପାରିବେ ପୋଲିଓ ଟିକାର ବୁନ୍ଦା ଦେବା ବନ୍ଦ କରାଯିବ।

### ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ
# ଛାତ୍ରୀଛାତ୍ର ଭକ୍ତି କରିବା ଶିଖନ୍ତୁ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଶିଶୁମାନେ ଶୈକ୍ଷିକ ବାତାବରଣ ଖୁବ୍ ଭଲ। ବିରାଟ ଆକାଶରେ ଜହ୍ନ ଯେଭଳି ସାରା ପୃଥିବୀକୁ ଆଲୋକିତ କରେ ଠିକ୍ ସେହିଭଳି ଶିଶୁମନ୍ଦିର ମାନବ ସମାଜରେ ଆଲୋକବର୍ତ୍ତିକା। ସଂସ୍କୃତି, କଳା ଭାରତୀୟତାର ସୁରକ୍ଷା ପାଇଁ ଏହି ଅନୁଷ୍ଠାନ କାମ କରୁଛି। ତେବେ ଏଠାରେ ପଢ଼ୁଥିବା ପିଲାମାନେ ସେହିଭଳି ଭାବେ ନିଜକୁ ଗଢ଼ି ତୋଳିବା ଆବଶ୍ୟକ। ଭକ୍ତିରୁ ହିଁ ଶକ୍ତି ମିଳେ। ତେଣୁ ପିଲାମାନେ ମା, ବାପା, ଗୁରୁମା, ଗୁରୁଜନଙ୍କୁ ଭକ୍ତି କରନ୍ତୁ ବୋଲି ରାଜ୍ୟ ସଭା ସଦସ୍ୟ ପଦ୍ମଶ୍ରୀ ରଘୁନାଥ ମହାପାତ୍ର ପରାମର୍ଶ ଦେଇଛନ୍ତି।




ବାର୍ଷିକୋତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ବରମୁଣ୍ଡା ନିକଟ ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପାତ୍ର କହିଲେ, ଆଧୁନିକ ଶିକ୍ଷା ପ୍ରଣାଳୀରେ ପିଲାମାନେ ହାଲୋ ହାଏ, ବାଏ...ର ପାଶ୍ଚାତ୍ୟ ସଂସ୍କୃତିକୁ ଆପଣେଇଲେଣି। ଏହା ବଦଳରେ ଆମର ଭାରତୀୟ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ହେବ। ବହି ବସ୍ତାନୀର ବୋଝକୁ ଧରି ପିଲାମାନଙ୍କୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

ପୂର୍ବାହ୍ନରେ 'ସା ବିଦ୍ୟା ଯା ବିମୁକ୍ତୟେ' ଶୀର୍ଷକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତ ରଖିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଜ୍ଞାନ ରଞ୍ଜନ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାଶ ଅତିଥି ପରିଚୟ ଓ ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପରାହ୍ନ ସଭାରେ ମୁଖ୍ୟବକ୍ତା ରାଜ୍ୟ ଶିକ୍ଷାବିକାଶ ସମିତିର ପୂର୍ବ କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଆଞ୍ଚଳିକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶକ ଶରତଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମିତି ସଭାପତି ନିରଞ୍ଜନ ନାୟକ ପରିଚାଳନା ଓ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ସେଠୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସୁନା ଚେନ୍ ଲୁଟ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା କନକପ୍ରଭା ଭୋଳଙ୍କ ବୁଧବାର ସୁନାଚେନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### କୁମ୍ଭକାରଙ୍କୁ ବିଦ୍ୟୁତ୍‌ଚାଳିତ ଚକ ବଣ୍ଟନ କଲେ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ
## ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେବ




କୁମ୍ଭକାରଙ୍କୁ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବିଦ୍ୟୁତ୍‌ଚାଳିତ ଚକ ବଣ୍ଟନ କରୁଛନ୍ତି।

ପୁରୀ ଅଫିସ, ୯।୧

ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେବ। କିନ୍ତୁ ଏଥିପାଇଁ କେବଳ ଚାଷ ଜମି ଉପରେ ନିର୍ଭର କଲେ ହେବନାହିଁ, ବିଭିନ୍ନ ପ୍ରକାର କ୍ଷୁଦ୍ର ଶିଳ୍ପ ଉପରେ ଭରସା କରିବାକୁ ପଡ଼ିବ। ପ୍ରତି ଘର କଳ କାରଖାନାରେ ପରିଣତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଗୁରୁବାର ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ କୁମ୍ଭକାରମାନଙ୍କୁ ବିଦ୍ୟୁତ୍‌ଚାଳିତ ଚକ ଏବଂ ମାଟି ଚକଟା ମେସିନ ବଣ୍ଟନ ଲାଗି ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। କୁମ୍ଭକାରମାନେ ମାଟିରେ କୁ ହାତରେ ବହୁ ପରିଶ୍ରମ କରି ବିଭିନ୍ନ ମାଟିପାତ୍ର ତିଆରି କରିଥାନ୍ତି। ଏବେ ସେମାନଙ୍କୁ ଦିଆଯାଇଥିବା ଚକ ବିଦ୍ୟୁତ୍ ଦ୍ୱାରା ଚାଳିତ। ଏହାଦ୍ୱାରା କମ୍ ପରିଶ୍ରମରେ ଅଧିକ ଉତ୍ପାଦନ ହୋଇପାରିବ। ପରୋକ୍ଷରେ ଏହା ପ୍ଲାଷ୍ଟିକମୁକ୍ତ ଭାରତ ଗଠନରେ ବେଶ୍ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ବିନୟ କୁମାର ସାକ୍‌ସେନା, ଉପମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏସ୍.ଏସ୍. ଓ ଏସ୍‌ପି ନାରାୟଣ ଶୁକ୍ଲା, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ଏବଂ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ସାଧାରଣ ପରିଚାଳକ ପ୍ରମୋଦ ମହାନ୍ତି ଉପସ୍ଥିତ ଥିଲେ। ବିଚିତ୍ରାନନ୍ଦ ପଣ୍ଡା ସଭା ସଞ୍ଚାଳନ କରିଥିବାବେଳେ ଆୟୋଗ ଉପନିର୍ଦ୍ଦେଶକ ପି.କେ. ଶତପଥୀ ଧନ୍ୟବାଦ ଦେଇଥିଲେ।

### ତୁଟୁନି ଦାରୁଠେଙ୍ଗ ଡମ୍ପିଂୟାର୍ଡ ବିବାଦ, ପୁଣି ହେବ ଆଲୋଚନା
# ଲିଖିତ ପ୍ରତିଶ୍ରୁତି ଦେଲେ ଡମ୍ପିଂୟାର୍ଡ ଖୋଲିବ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

**ବର୍ଷକ ଭିତରେ ବନ୍ଦ ହେବ ଅଳିଆ ପକା: ବିଏମ୍‌ସି କମିଶନର**

ବାରମ୍ବାର ଆଲୋଚନା, ବୈଠକ ହେବା ସତ୍ତ୍ୱେ ଦାରୁଠେଙ୍ଗ ଡମ୍ପିଂୟାର୍ଡ ସମସ୍ୟାର ସମାଧାନ ହୋଇପାରୁନି। ବିଏମ୍‌ସି ମୁଖ୍ୟାଳୟରେ ଗତ ୬ତାରିଖର ବୈଠକ ପରେ ଗୁରୁବାର ଆୟୋଜିତ ବୈଠକରେ ମଧ କିଛି ନିଷ୍ପତ୍ତି ବାହାରିପାରି ନାହିଁ। ଆସନ୍ତା ୩ଦିନ ପରେ ପୁଣି ଆଲୋଚନା ହେବ ବୋଲି ଜଣାପଡ଼ିଛି। ବୈଠକରେ ଲିଖିତ ପ୍ରତିଶ୍ରୁତି ପରେ ହିଁ ଡମ୍ପିଂୟାର୍ଡ ଖୋଲିବ ବୋଲି ଦାରୁଠେଙ୍ଗ ଗ୍ରାମବାସୀ କହିଛନ୍ତି।

ଗୁରୁବାର ବିଏମ୍‌ସିଏ ମୁଖ୍ୟାଳୟରେ ପୁନର୍ବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଦାରୁଠେଙ୍ଗ ଗ୍ରାମବାସୀ, ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟ ବିଶିଷ୍ଟ ଅଧିକାରୀଙ୍କୁ ନେଇ ଏକ ବୈଠକ ବସିଥିଲା। ଗ୍ରାମବାସୀ ବିଏମ୍‌ସିଠାରୁ ଲିଖିତ ପ୍ରତିଶ୍ରୁତି ଦାବି କରିବା ସହ କେତେଗୁଡ଼ିଏ ଡମ୍ପିଂ ସମ୍ବନ୍ଧୀୟ ପ୍ରଶ୍ନ କରିଥିଲେ। କମିଶନର ଚୌଧୁରୀ ଖୁବ୍‌ଶୀଘ୍ର ସେମାନଙ୍କର ଲିଖିତ ପ୍ରତିଶ୍ରୁତି ଦିଆଯିବା ସହ ଆଗାମୀ ଗୋଟିଏ ବର୍ଷ ମଧ୍ୟରେ ଡମ୍ପିଂ ବନ୍ଦ କରିବା ସହ ସେଠାରେ ବାଇଓ ମାଇନିଂ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗ୍ରାମବାସୀ ତାଙ୍କ କଥାରେ ପୁନର୍ବାର ସହମତି ପ୍ରକାଶ ନ କରିବାରୁ ଆଲୋଚନା ବିଫଳ ହୋଇଥିଲା। କମିଶନର ଚୌଧୁରୀ କହିଛନ୍ତି, ଏମ୍‌ସିସି କାର୍ଯ୍ୟ ନ ସରିବା ଯାଏ ଡମ୍ପିଂ ହେବ। ସେଠାରେ ଡମ୍ପିଂ ନ ହେଲେ ଆଉ କେଉଁଠି ହେବ। ସୈନିକ ସ୍କୁଲ ନିକଟରେ ଥିବା ଟିଟିଏସ୍‌ରେ ଏବେ ଅଳିଆ ଭର୍ତ୍ତି ହୋଇସାରିଲାଣି। ତେଣୁ ସେମାନଙ୍କୁ ଆମେ ଯଥାଶୀଘ୍ର ଲିଖିତ ପ୍ରତିଶ୍ରୁତି ଦେବାକୁ ଚେଷ୍ଟା କରୁଛୁ। ଆମେ ଚେଷ୍ଟା କରୁଛୁ ଏମ୍‌ସିସି ଓ ଏମ୍‌ଆରଏଫ୍ କାର୍ଯ୍ୟ ସରିବା ସହ ଦାରୁଠେଙ୍ଗରେ ଡମ୍ପିଂ ବନ୍ଦ ହେବାକୁ ସର୍ବନିମ୍ନ ମାସେ ସମୟ ଲାଗିବ।

ଉଲ୍ଲେଖଯୋଗ୍ୟ, ଜାନୁୟାରୀରୁ ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଅଳିଆ ପଡ଼ିବନି ବୋଲି ଗତ ୪ମାସ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏବେ ଜାନୁୟାରୀ ମାସ ଚାଲିଥିବାବେଳେ ଘୋଷଣାର କିଛି ପ୍ରଭାବ ଦେଖିବାକୁ ମିଳିନାହିଁ। ପୂର୍ବପରି ଡମ୍ପିଂୟାର୍ଡରେ ଅଳିଆପଡୁଥିବା ଦାରୁଠେଙ୍ଗ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଅଳିଆ ଭର୍ତ୍ତି ଟ୍ରକକୁ ଡମ୍ପିଂ ଯାଏଁ ଛାଡୁ ନାହାନ୍ତି। ସେଥିପାଇଁ ବିଏମ୍‌ସି କମିଶନର ଗ୍ରାମବାସୀଙ୍କ ସହ ଆଲୋଚନା ପାଇଁ ଡାକିଥିଲେ। ଗ୍ରାମବାସୀଙ୍କ ସର୍ତ୍ତ ମୁତାବକ କାର୍ଯ୍ୟ ହେଲେ ସେମାନେ ଅଳିଆ ପକାଇବା ପାଇଁ ସମର୍ଥନ ଦେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ବ୍ରେକ୍‌ଜିଟ ଚୁକ୍ତିକୁ ବ୍ରିଟିଶ୍ ଏମ୍‌ପିଙ୍କ ଅନୁମୋଦନ

**ଲଣ୍ଡନ,୯।୧:** ଚଳିତ ମାସ ଶେଷରେ ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଓହରିଯିବା ଲାଗି ଏକ ବିଲ୍‌କୁ ଗୁରୁବାର ହାଉସ୍ ଅଫ୍ କମନ୍ସ ଅନୁମୋଦନ କରିଛି। ପ୍ରତ୍ୟାହୃତ ରାଜିନାମା ବିଲ୍ ସପକ୍ଷରେ ୩୩୦ ଓ ବିପକ୍ଷରେ ୨୩୧ ଏମ୍‌ପି ଭୋଟ ଦେଇଥିଲେ। ଫଳରେ ୨୮ ସଦସ୍ୟ ରାଷ୍ଟ୍ରବିଶିଷ୍ଟ ଇୟୁରୁ ବ୍ରିଟେନ ବାହାରିଆସିବା ଲାଗି ପଥ ପରିଷ୍କାର ହୋଇଯାଇଛି। ୩ ଦିନର ବିତର୍କ ପରେ ବିଲ୍ ଉପରେ ଭୋଟ ନିଆଯାଇଥିଲା। ଏହା ହାଉସ୍ ଅଫ୍ ଲର୍ଡ୍ସର ଅନୁମୋଦନ ଲାଭ କରିବା ପରେ ଆଇନରେ ପରିଣତ ହେବ ଏବଂ ଜାନୁୟାରୀ ୩୧ରେ ବ୍ରିଟେନ୍ ଇୟୁରୁ ଓହରିଯିବ। ହାଉସ୍ ଅଫ୍ କମନ୍ସର ନିଷ୍ପତ୍ତିକୁ ବ୍ରେକ୍‌ଜିଟ ସଚିବ ଷ୍ଟିଫେନ୍ ବାର୍କ୍ଲେ ସ୍ୱାଗତ କରିବା ସହ ହାଉସ୍ ଅଫ୍ ଲର୍ଡ୍ସ ଏହାକୁ ବିଳମ୍ବ କରିବ ନାହିଁ ବୋଲି ଆଶାବ୍ୟକ୍ତ କରିଛନ୍ତି।

### ୩ ଆଇଏସ୍ ଆତଙ୍କବାଦୀ ଗିରଫ



**ନୂଆଦିଲ୍ଲୀ,୯।୧:** ଉତ୍ତର-ପୂର୍ବ ଦିଲ୍ଲୀର ୱାଜିରାବାଦ ନିକଟରୁ ଦିଲ୍ଲୀ ପୋଲିସ ଏନ୍‌କାଉଣ୍ଟର କରି ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରିଛି। ସେମାନଙ୍କଠାରୁ କେତେକ ସନ୍ଦେହଜନକ ବସ୍ତୁ ଜବତ କରାଯାଇଛି। ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ସେମାନେ ଆତଙ୍କବାଦୀ ଆକ୍ରମଣ ଲାଗି ଯୋଜନା କରୁଥିଲେ ବୋଲି ଜଣାପଡ଼ିଛି। ଏହି ୩ ସନ୍ଦିଗ୍ଧ ଆତଙ୍କବାଦୀ ହେଲେ ଖାଜା ମୋଇଦ୍ଦିନ(୫୨), ଅବ୍‌ଦୁଲ ସମଦ୍(୨୮) ଓ ସୟେଦ ଅଲି ନଭାଜ୍(୩୨)। ଗିରଫ ଆତଙ୍କବାଦୀଙ୍କୁ ଲୋଧି କଲୋନୀ ଅଞ୍ଚଳରେ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ସ୍ପେଶାଲ ସେଲ୍‌ର ୩ ଟିମ୍ ସେମାନଙ୍କୁ ଜେରା କରୁଥିବାବେଳେ ଆତଙ୍କବାଦୀଙ୍କ ସୂଚନା ଅନୁଯାୟୀ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରାଯାଇଥିବା ପ୍ରକାଶ।


## ■ ପେଣ୍ଠ ବେଳାଭୂମି ଅସୁରକ୍ଷିତ

# ଜିଓ ସିନ୍ଥେଟିକ୍ ୱାଲରେ ପୁଣି ଅଗ୍ନିକାଣ୍ଡ

ରାଜନଗର,୯।୧(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ଗ୍ରାମ ନିକଟରେ ସମୁଦ୍ର ଜୁଆରକୁ ପ୍ରତିହତ କରିବା ପାଇଁ ନିର୍ମାଣ କରାଯାଇଥିବା ଜିଓ ସିନ୍ଥେଟିକ ୱାଲରେ ଗୁରୁବାର ୩ୟ ଥର ପାଇଁ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୩୦ଟି ଗ୍ୟାବିଅନ ବକ୍ସ ନଷ୍ଟ ହୋଇଥିବା ଜଣାପଡିଛି। ନିଆଁ କିପରି ଲାଗୁଛି ତାର ପ୍ରକୃତ ତଥ୍ୟ ଏଯାଏଁ ପଦାକୁ ଆସିନାହିଁ। ଭାରତର ଦ୍ୱିତୀୟ ଏବଂ ଓଡିଶାର ସର୍ବପ୍ରଥମ ଜିଓ ସିନ୍ଥେଟିକ ୱାଲରେ ଅଗ୍ନିକାଣ୍ଡକୁ ନେଇ ପେଣ୍ଠ ସମେତ ସ୍ଥାନୀୟ ସମୁଦ୍ରକୂଳିଆ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ପ୍ରକାଶ ଯେ, ଗୁରୁବାର ସକାଳ ୬ଟା ସମୟରେ ଜିଓ ସିନ୍ଥେଟିକ ୱାଲ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗ ଓ ତଟବନ୍ଧ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଜନଗର ଅଗ୍ନିଶମ ବାହିନୀ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ୨୦ଫୁଟ ଲମ୍ବ ଓ ୧୦ଫୁଟ ଚଉଡା ମଧ୍ୟରେ ଥିବା ପ୍ରାୟ ୩୦ଟି ଗ୍ୟାବିଅନ ବକ୍ସର ଜାଲି ପୋଡି ପାଉଁଶ ହୋଇଯାଇଛି। ଖବରପାଇ ତଟବନ୍ଧ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ଅଗଷ୍ଟ ମାସରେ ଓ ଦୁଇ ବର୍ଷ ତଳେ ଜିଓ ସିନ୍ଥେଟିକ ୱାଲରେ ନିଆଁ ଲାଗିଥିଲା।

ସୂଚନାଯୋଗ୍ୟ ଯେ, ରାଜନଗର ବ୍ଲକ ପେଣ୍ଠ ନିକଟରେ ସମୁଦ୍ର କୂଳ ଲଂଘୁ ଥିବାରୁ ୫୦୫ ମିଟର ଜିଓ ସିନ୍ଥେଟିକ ୱାଲ ନିର୍ମାଣ କରାଯାଇଥିଲା। ଜୁଆର ଓ ଅଲଟ୍ରା ଭାଓଲେଟ କିରଣରୁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବା ପାଇଁ ଏହା ଉପରେ ଗ୍ୟାବିଅନ ବକ୍ସ ରଖାଯାଇଥିଲା। ପଲିମର ଜାତୀୟ ଦଉଡିରେ ତିଆରି ଜାଲି ମଧ୍ୟରେ ପଥରଖଣ୍ଡ ପୂରାଯାଇ ଏହି ସୁରକ୍ଷା ୱାଲ ନିର୍ମାଣ କରାଯାଇଥିଲା। ଏଥିପାଇଁ ୩୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ସମୁଦ୍ର ଜୁଆର ମାଡରେ ଅଧିକାଂଶ ସମୟରେ ଏହି ଗ୍ୟାବିଅନ ବକ୍ସ କ୍ଷତିଗ୍ରସ୍ତ ହୋଇଥାଏ। ଏଥିପାଇଁ ତଟବନ୍ଧ ବିଭାଗ ପକ୍ଷରୁ ସମୁଦ୍ର ଭିତରେ ବଡ ବଡ ପଥର ଖଣ୍ଡ ପକାଯାଇଛି। ବାରମ୍ବାର ଅଗ୍ନିକାଣ୍ଡରେ ଗ୍ୟାବିଅନ ବକ୍ସ ନଷ୍ଟ ହେଉଥିବାରୁ ଜିଓ ସିନ୍ଥେଟିକ ୱାଲର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଅଭିଯାନ ମାମଲା

## ଜିଲାପାଳଙ୍କ ବିରୋଧରେ ଅବମାନନା ପିଟିଶନ

ନୂଆଦିଲ୍ଲୀ,୯।୧



ପଞ୍ଜାବୀ ମଠର ପୂଜକ ପୁରୀ ଜିଲାପାଳଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ଜିଲାପାଳ ଜମି ଅଧିଗ୍ରହଣ ଓ ପୁନଃ ଥଇଥାନ ନେଇ ସର୍ବୋଚ୍ଚ ଅଦାଲତଙ୍କ ରାୟର ଅନୁପାଳନ କରିନ ଥିବା ଦର୍ଶାଇ ଉକ୍ତ ପିଟିଶନ ଦାଏର କରାଯାଇଛି।

ଅଦାଲତ ଅବମାନନା ଆବେଦନର ଶୁଣାଣି ଗୁରୁବାର ତିନିଜଣିଆ ଖଣ୍ଡପୀଠରେ ହେବାର ଥିଲା। ହେଲେ ଜଷ୍ଟିସ୍ ଅରୁଣ ମିଶ୍ର, ଇନ୍ଦିରା ବାନାର୍ଜୀ ଏବଂ ଭି. ରାମାସୁବ୍ରମଣ୍ୟମ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ମଧ୍ୟାହ୍ନଭୋଜନ ପରେ ନ ବସିବାରୁ ଏହାର ଶୁଣାଣି ହୋଇପାରିନାହିଁ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁବିଦତ୍ତ ଏମ୍‌ଏସ୍ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ ଗତବର୍ଷ ଅଗଷ୍ଟ ୨୭ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ପୁରୀ ଜିଲାପାଳ ଜାଣିଶୁଣି ଅବମାନନା କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯାଉ। ଆବେଦନକାରୀ କହିଛନ୍ତି, ପୁନର୍ବାସ ଓ ପୁନଃ ଥଇଥାନ ଆଇନ, ୨୦୧୩ରେ ପ୍ରଦତ୍ତ କ୍ଷତିପୂରଣ ଅଧିକାର ନିୟମ ଅନୁଯାୟୀ ପ୍ରକ୍ରିୟାର ଅନୁସରଣ ନ କରି ଆଇନାନୁସାରେ କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ ଦର୍ଶାଇଛନ୍ତି। ତେବେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ ସମ୍ପୃକ୍ତ ଆଇନକୁ ମାନିନାହାନ୍ତି। ଏହାସହ ସମ୍ପତ୍ତିଗୁଡ଼ିକୁ ଅତି କମ୍ ଦର (ବଜାର ମୂଲ୍ୟଠାରୁ ଅଧା)ରେ କିଣାଯାଉଥିବା ଆବେଦନକାରୀ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି।

## ■ ନବନିର୍ମାଣ କୃଷକ ସଂଗଠନର ଆଇନଅମାନ୍ୟ ଆନ୍ଦୋଳନ

# ରାଜଧାନୀରେ ଚାଷୀ–ପୋଲିସ ଧସ୍ତାଧସ୍ତି

ଭୁବନେଶ୍ୱର, ୯।୧ (ବ୍ୟୁରୋ)

- ଅନଶନ ଭାଙ୍ଗିଲେ ଚାଷୀନେତା ଅକ୍ଷୟ କୁମାର
- ମେ'ରେ ମହାସଂଗ୍ରାମ

କାଳିଆ ଯୋଜନାକୁ ନେଇ ଗତ ଡ଼ିସେମ୍ବର ୨୬ରୁ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚାଷୀଙ୍କ ସହ ଅନଶନରେ ବସିଥିଲେ। ସରକାର ଦାବି ପୂରଣ ନ କରିବାରୁ ଗୁରୁବାର ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ମହିଳା ଓ ପୁରୁଷ ଚାଷୀମାନେ ବିଭିନ୍ନ ଦିଗରୁ ରାଜଧାନୀକୁ ପଶିଥିଲେ। କାଳିଆ ଯୋଜନା କାହିଁକି ବନ୍ଦ ହେଲା, ଚାଷୀଙ୍କୁ ଦେଇଥିବା କାଳିଆ ଟଙ୍କାର ପ୍ରତିଶ୍ରୁତି କୁଆଡ଼େ ଗଲା ଆଦି । ନାରା ଦେଇ ରାଜଧାନୀ ରାଜରାସ୍ତାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସର ସୁରକ୍ଷା ବଳୟକୁ ଭେଦକରି କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ବାସଭବନକୁ ଘେରାଉ କରିବା ସହ ଭିତରକୁ ଧସେଇ ପଶିଥିଲେ। କେତେଜଣ ଚାଷୀ ତଳେ ଶୋଇ ରହି ନାନା ସ୍ଲୋଗାନ



କୃଷିମନ୍ତ୍ରୀଙ୍କ ବାସଭବନ ପରିସରରେ ଶୋଇରହି ପ୍ରତିବାଦ କରୁଥିବା ଚାଷୀଙ୍କୁ ପୋଲିସ ଉଠାଇ ନେଉଛି।

ଦେଇଥିଲେ। ଶେଷରେ କ୍ୟାପିଟାଲ ଥାନା ପୋଲିସ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଓ ଚାଷୀଙ୍କୁ ଗିରଫ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଅନ୍ୟପକ୍ଷରେ ଜଟଣୀ–ସୁନ୍ଦରପଦା ରାସ୍ତାର ବୀରବନ୍ଧସ୍ଥିତ ସଂଗଠନର ରାଜ୍ୟ କାର୍ଯ୍ୟାଳୟରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଚାଷୀ ଶୋଭାଯାତ୍ରା ନବୀନ ନିବାସ ଅଭିମୁଖେ ବାହାରିଥିଲା। ଶୋଭାଯାତ୍ରା ଏୟାରଫିଲ୍‌ଡ ଥାନା ସମ୍ମୁଖରେ ପହଞ୍ଚିବା ମାତ୍ରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଚାଷୀ ଓ ପୋଲିସ ମଧ୍ୟରେ ବହୁ ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଏ ସମ୍ପର୍କରେ ଅକ୍ଷୟ କୁମାର କହିଥିଲେ, ଆଗାମୀ ମେ'ରେ ସଙ୍ଗଠନ ତରଫରୁ ଯେଉଁ ମହାସଂଗ୍ରାମ ଆରମ୍ଭ ହେବ, ସେଥିପାଇଁ ସାଙ୍କେତିକ ଯୁଦ୍ଧ ଏବେଠୁ ଆରମ୍ଭ ହୋଇଛି। ଆନ୍ଦୋଳନ ସମୟରେ ଚାଷୀନେତା ସ୍ନେହାଂଶୁ ଜେନା, ଦୁର୍ଗା ବାରିକ, ପ୍ରସନ୍ନ କୁଅଁର, ସୁରେଶ ଚନ୍ଦ୍ର ମାନସିଂହ, ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଆସିଥିବା ଚାଷୀଙ୍କୁ ପୋଲିସ ଗିରଫ କରିଥିଲା। ସନ୍ଧ୍ୟାରେ ପୋଲିସ ସମସ୍ତ ଚାଷୀଙ୍କୁ ଛାଡି ଦେଇଥିବା ସୂଚନା ମିଳିଛି।

## କୋଇଲା ବୋଝେଇ ଟ୍ରେନରେ ନିଆଁ



ନିଆଁ ଲାଗିଥିବା କୋଇଲା ବୋଝେଇ ଟ୍ରେନ।

ନିରାକାରପୁର,୯।୧(ଡି.ଏନ.ଏ.)

ବ୍ରହ୍ମପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଚଳନ୍ତା କୋଇଲା ବୋଝେଇ ଟ୍ରେନ୍ ଡବାରେ ଗୁରୁବାର ଅପରାହ୍ନରେ ନିଆଁ ଲାଗିଥିବା ଦେଖାଯାଇଥିଲା। ତେବେ ଲେଭଲ କ୍ରସିଂ ଗେଟ୍ ଜଗୁଆଳିଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

ଅପରାହ୍ନ ପ୍ରାୟ ୧ଟା ସମୟରେ ୭୦ ଡବାରେ କୋଇଲା ଭର୍ତ୍ତି ହୋଇଥିବା ଟ୍ରେନଟି ଖୋର୍ଦ୍ଧା ରେଳ ଡିଭିଜନର ଭୂଷଣ୍ଡପୁର ଷ୍ଟେଶନ ଅତିକ୍ରମ କରିଥିଲା। ଏହି ସମୟରେ ଭୂଷଣ୍ଡପୁର ଓ ନିରାକାରପୁର ଷ୍ଟେଶନ ମଧ୍ୟରେ ଥିବା ହରିପୁର ଲେଭଲ କ୍ରସିଂ ଗେଟ୍ ଜଗୁଆଳି ଟ୍ରେନ ଇଞ୍ଜିନ ପାଖରୁ ଗୋଟିଏ ଡବା ଛାଡି ଅନ୍ୟ ଡବାର ଚକା ବ୍ରେକରେ ନିଆଁ ଜଳୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନାଲି ପତାକା ଦେଖାଇ ବିପଦ ସୂଚନା ଦେଇଥିଲେ। ପଛରେ ଥିବା ଗାର୍ଡ ଏହା ଦେଖି ବ୍ରେକ ମାରିବା ସହ ଚାଳକଙ୍କୁ ଖବର ଦେଇଥିଲେ। ଅନ୍ୟ ଷ୍ଟାଫ୍‌ଙ୍କ ସହ ଚାଳକମାନେ ଟ୍ରେନରୁ ଓହ୍ଲାଇ ନିଆଁ ଆୟତ୍ତ କରିବାରେ ଲାଗିପଡିଥିଲେ। ପରିସ୍ଥିତି ସ୍ୱାଭାବିକ ହେବାକୁ ପ୍ରାୟ ୫୦ ମିନିଟ ଲାଗିଥିଲା। ପରେ ଟ୍ରେନଟି ଗନ୍ତବ୍ୟ ପଥରେ ଯାତ୍ରା କରିଥିଲା । ଏହା ଦ୍ୱାରା କୋଟି କୋଟି ଟଙ୍କାର କୋଇଲା ପୋଡି ନଷ୍ଟ ହେବାରୁ ରକ୍ଷା ପାଇଯାଇଥିବା କୁହାଯାଉଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶୁଚିସ୍ମିତା ପଣ୍ଡା



ଅରୁଣ କୁମାର ବାଘ



ସୌମେଶ କୁମାର ପଣ୍ଡା



ସୀମା ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ୧୩ରେ ସିଏଏ ବିରୋଧୀ ମେଳି

## ବିରୋଧୀଙ୍କ ସହ ଯୋଗଦେବେନି ମମତା



**କୋଲକାତା,୯।୧:** କ୍ୟାମ୍ପସ୍ ହିଂସା ଓ ସିଏଏକୁ ବିରୋଧକରି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆଗାମୀ ୧୩ରେ ଡାକିଥିବା ବିରୋଧୀ ନେତାଙ୍କ ବୈଠକରେ ଟିଏମ୍‌ସି ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯୋଗଦେବେ ନାହିଁ। ଫଳରେ ବିରୋଧୀ ମେଣ୍ଟରେ ଫାଟ ରହିଥିବା ସ୍ପଷ୍ଟ ବାରିହୋଇଛି। ବାମପନ୍ଥୀ ଓ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ବେଳେ ପଶ୍ଚିମବଙ୍ଗରେ ହୋଇଥିବା ହିଂସାକାଣ୍ଡ ଓ ପୋଡ଼ାଜଳା ଘଟଣାକୁ ମମତା ତୀବ୍ର ସମାଲୋଚନା କରିଛନ୍ତି। ହିଂସାକୁ ପ୍ରଶ୍ରୟ ଦିଆଯିବା ଠିକ୍ ନୁହେଁ ବୋଲି ମମତା କହିଛନ୍ତି। ସିଏଏ ଓ ଏନ୍‌ଆର୍‌ସି ନେଇ ପ୍ରସ୍ତାବ ଗ୍ରହଣ କରାଯାଇସାରିଛି। ପୁଣି ଏନେଇ ପ୍ରସ୍ତାବ ଅଣାଯିବାର କୌଣସି ଆବଶ୍ୟକତା ନାହିଁ । ଏହି ଅବସରରେ ସେ କଂଗ୍ରେସ ଓ ବାମପନ୍ଥୀ ନେତାଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଆବଶ୍ୟକ ପଡ଼ିଲେ ଏକୁଟିଆ ଲଢ଼ିବାକୁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଆନ୍ଦୋଳନ ପଛର କାରଣକୁ ସମର୍ଥନ କରୁଥିଲେ ହେଁ ବନ୍ଦ ଓ ହିଂସାକାଣ୍ଡକୁ ବିରୋଧ କରେ ବୋଲି ମମତା ଦର୍ଶାଇଛନ୍ତି। ମମତାଙ୍କ ଏଭଳି ନିଷ୍ପତ୍ତିକୁ କଂଗ୍ରେସ ସମାଲୋଚନା କରିଛି। ଭାଜପାକୁ ଖୁସିକରିବା ଲାଗି ମମତା ଦୋମୁହାଁ ନୀତି ଗ୍ରହଣ କରୁଥିବା କଂଗ୍ରେସ ନେତା ଅବ୍‌ଦୁଲ ମନାନ କହିଛନ୍ତି।


**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**

୧. ବିଷାକ୍ତ ଜୀବନାଶକର ସଠିକ ଓ ନିରାପଦ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ।
୨. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ୬୨ଟି କୃଷି ଭିତ୍ତିକ ପ୍ରକଳ୍ପରେ ୪୦–୫୦% ରିହାତି ପାଆନ୍ତୁ।
୩. ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଓ ଅଭିନବ ପରିକଳ୍ପନା ପାଇଁ କୁଶଳୀ କାରିଗରମାନଙ୍କୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସମ୍ମାନ ଓ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲାସ୍ତରରେ (୧ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।
୪. କୃଷି ଯାନ୍ତ୍ରିକରଣ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ସମସ୍ତ କୃଷି ଉପକରଣ ପାଇଁ ୪୦–୫୦% ରିହାତି ବ୍ୟବସ୍ଥା ରହିଛି।
୫. ଠିକ ମାନର ମାଣ୍ଡିଆ ନିକଟସ୍ଥ ମଣ୍ଡିରେ ବିକ୍ରିକରି ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଆନ୍ତୁ। ବରଗଡ଼ ଜିଲ୍ଲାର ୧୦ଗୋଟି PACS (ଏମ. ଶ୍ରୀଗିଡା/ବଡ ବାଉସେନ/କନସିଙ୍ଘା/ବୁଢ଼େନ/ପାଇକମାଳ/ଜାମସେଠ/ଡଭା/ଝାରବନ୍ଧ/କଣ୍ଟାବାହାଲ/କଠଉମାଲ)ରେ ମାଣ୍ଡିଆ କ୍ରୟ କରିବାର ବ୍ୟବସ୍ଥା ରହିଛି।
୬. kalia.co.in Portal ରେ କାଳିଆ ଯୋଜନା ସମ୍ବନ୍ଧିତ ଅଭିଯୋଗ ଦାଖଲ କରନ୍ତୁ।

ସ୍ୱା./-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼



**ସମ୍ବଲପୁରୀ ବସ୍ତ୍ରାଳୟ**

**ମକର ଓ ପୋଙ୍ଗଲ ଉପଲକ୍ଷେ ବିଶେଷ ରିହାତି**

**୧୦%+୨୦%**

ତା.୧୦।୦୧।୨୦୨୦ ରୁ ତା.୧୫।୦୧।୨୦୨୦ ପର୍ଯ୍ୟନ୍ତ

**ନୂତନ ବସ୍ତ୍ରର ସମ୍ଭାର**

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।

**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।**

| ସ୍ଥାନ | ଅବଧି |
| --- | --- |
| ୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମନା, ବରଗଡ଼ | ତା.୨୦।୧୨।୨୦୧୯ ରୁ ତା.୧୫।୦୧।୨୦୨୦ |
| ୨. ଏନ୍.ଏଚ୍ ଏକ୍ସପୋ, ଷ୍ଟଲ ନଂ.୪୨, ବରଗଡ଼ | ତା.୨୮।୧୨।୨୦୧୯ ରୁ ତା.୧୯।୦୧।୨୦୨୦ |
| ୩. ଲାଠ ହାର୍ଡୱାର ସାମନା, ଏନ୍ ଏଚ୍–୬, ବରଗଡ଼ | ତା.୦୧।୦୧।୨୦୨୦ ରୁ ତା.୧୧।୦୧।୨୦୨୦ |
| ୪. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୧୦।୦୧।୨୦୨୦ ରୁ ତା.୧୯।୦୧।୨୦୨୦ |



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ... ଭରସାର ପ୍ରତୀକ ! **punjab national bank** ...the name you can BANK upon !

ଆସେଟ୍ ରିକଭରୀ ମ୍ୟାନେଜ୍‌ମେଣ୍ଟ୍ ଶାଖା, ପ୍ଲଟ୍ ନଂ.: ୮୦ଏ/୮୧ଏ, ପ୍ରଥମ ମହଲା, ଲୁଇସ୍ ରୋଡ୍, ଭୁବନେଶ୍ୱର - ୭୫୧୦୦୨, (ଓଡିଶା)

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଆସେଟ୍ ରିକଭରୀ ମ୍ୟାନେଜ୍‌ମେଣ୍ଟ୍ ଶାଖା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନଦାରମାନଙ୍କୁ ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩ ର ଉପଧାରା ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି ।


କଥିତ ଆକ୍ଟର ଧାରା ୧୩ ର ଉପଧାରା ୮ ଅନୁଯାୟୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ଉପଲବ୍ଧ ସମୟ ପୂର୍ବରୁ ସେମାନଙ୍କର ସୁରକ୍ଷିତ ସମ୍ପତ୍ତି କୁ ବନ୍ଧକ ମୁକ୍ତ କରନ୍ତୁ।

ବିଶେଷକରି ଋଣଗ୍ରହୀତା/ଜାମିନଦାରମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଆସେଟ୍ ରିକଭରୀ ମ୍ୟାନେଜ୍‌ମେଣ୍ଟ୍ ଶାଖା** ଠାରେ ନିମ୍ନ ଦର୍ଶିତ ଦେୟ ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| ଋଣଗ୍ରହୀତାଙ୍କ/ଜାମିନଦାରମାନଙ୍କ ନାମ ଓ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ସୋନୁ ପ୍ୟାଡି ପ୍ରୋସେସର ପ୍ରା.ଲି.,** ସା: ରସୁଲପୁର, ପୋ.: ଦଳେଇ ସାହି, ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୨୦୫୫, | ୨୯.୧୧.୨୦୧୬ / ୦୬.୦୧.୨୦୨୦ | ଟ.୨,୨୮,୨୬,୦୪୬/- +ତା. ୩୧.୧୦.୨୦୧୬ ଠାରୁ ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଦେୟ | **ଶ୍ରୀମତୀ ନସିମ ଆରା ବେଗମ୍, ସ୍ୱାମୀ: ମହମ୍ମଦ ସୁଲତାନ୍ ହକ୍‌ଙ୍କ** ନାମରେ ଥିବା ଜମି ଏବଂ ଗୃହ ସମ୍ପତ୍ତି ଯାହାର ମୌଜା: ଜାଜରସିଂହ, ଥାନା/ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୪୮/୧୦୧୮, ପ୍ଲଟ୍ ନଂ.: ୨୬୪୮/୪୦୦୨, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରି। |

**ନିର୍ଦ୍ଦେଶକମାନେ : ୧) ଶ୍ରୀ ମିର୍ଜା ଆଫ୍ରୋଜ ଅଲ୍ଲି ବେଗ୍,** ପିତା: ମିର୍ଜା ଅମଜାଦ ଅଲ୍ଲି ବେଗ୍, ସା: ଦଳେଇ ସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ,ଜିଲ୍ଲା: ଖୋର୍ଦ୍ଧା–୭୫୨୦୬୬, ଓଡିଶା, **୨) ଶ୍ରୀ ପ୍ରଶାନ୍ତ କୁମାର ଶତପଥୀ,** ପିତା: ଗୋପିନାଥ ଶତପଥୀ, ସା: ମେନ୍ ରୋଡ୍, ଗାନ୍ଧୀ ମାର୍କେଟ ଲେନ୍, ପୋ./ଥାନା: ନୟାଗଡ, ଜିଲ୍ଲା: ନୟାଗଡ- ୭୫୨୦୬୯, ଓଡିଶା / **ଜାମିନ୍‌ଦାରମାନେ: ୧) ଶ୍ରୀ ମିର୍ଜା ଆଫ୍ରୋଜ ଅଲ୍ଲି ବେଗ୍,** ପିତା: ମିର୍ଜା ଅମଜାଦ ଅଲ୍ଲି ବେଗ୍, ସା: ଦଳେଇ ସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ,ଜିଲ୍ଲା: ଖୋର୍ଦ୍ଧା–୭୫୨୦୬୬, ଓଡିଶା, **୨) ଶ୍ରୀ ପ୍ରଶାନ୍ତ କୁମାର ଶତପଥୀ,** ପିତା: ଗୋପିନାଥ ଶତପଥୀ, ସା: ମେନ୍ ରୋଡ୍, ଗାନ୍ଧୀ ମାର୍କେଟ ଲେନ୍, ପୋ./ଥାନା: ନୟାଗଡ, ଜିଲ୍ଲା: ନୟାଗଡ- ୭୫୨୦୬୯, ଓଡିଶା, **୩) ଶ୍ରୀମତୀ କୁମୁଦିନି ଶତପଥୀ,** ସ୍ୱାମୀ: ଗୋପିନାଥ ଶତପଥୀ, ସା: ମେନ୍ ରୋଡ୍, ଗାନ୍ଧୀ ମାର୍କେଟ ଲେନ୍, ପୋ./ଥାନା: ନୟାଗଡ, ଜିଲ୍ଲା: ନୟାଗଡ: ୭୫୨୦୬୯, ଓଡିଶା, **୪) ନସିମ୍ ଆରା ବେଗମ,** ସ୍ୱାମୀ: ମହମ୍ମଦ ସୁଲତାନ ହକ, ସା/ପୋ: କେରଙ୍ଗ, ଜିଲ୍ଲା: ଖୋର୍ଦ୍ଧା– ୭୫୨୦୫୫, ଓଡିଶା, **୫) ନୁରଜାହାନ ବେଗମ ଓରଫ୍ ବିବି,** ସ୍ୱାମୀ: ହବିବୁର ରହମାନ ବେଗମ, ସା/ପୋ: ସିନ୍ଦୁରିଆ, ଜିଲ୍ଲା: ନୟାଗଡ- ୭୫୨୦୬୯, ଓଡିଶା, **୬) ଅନୱର ଅଲ୍ଲି,** ପିତା: ରମଜାନ୍ ଅଲ୍ଲି, ସା/ପୋ: ସିନ୍ଦୁରିଆ, ଜିଲ୍ଲା: ନୟାଗଡ଼ ।

ତାରିଖ: ୦୯.୦୧.୨୦୨୦, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

- ଫ୍ରାଙ୍କ୍ଲିନ୍

# ଟ୍ରାଫିକ ଡ୍ୟୁଟିବେଳେ ଫୋନ୍‌ରେ ଗପିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୯।୧ (ବ୍ୟୁରୋ):** ଅନେକ ସମୟରେ ଟ୍ରାଫିକ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀ ମୋବାଇଲ୍ ଫୋନ୍‌ରେ ଗପୁଥିବା ନଜର ରହିଛି। ଏଭଳି ଅବହେଳାକୁ ନେଇ ବାରମ୍ବାର ଅଭିଯୋଗ ମଧ୍ୟ ଉଠିଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏହାକୁ ଗୁରୁତର ସହିତ ଗ୍ରହଣ କରିବା ସହ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣିକି ଡ୍ୟୁଟି ସମୟରେ ଟ୍ରାଫିକ କର୍ମଚାରୀମାନେ ଫୋନ୍‌ରେ ଗପିଲେ ବା କୌଣସି ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଟ୍ରାଫିକ ଏସିପି ଏବଂ ଥାନା ଅଧିକାରୀଙ୍କୁ ମଧ୍ୟ ତାଗିଦ୍ କରାଯାଇ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜଧାନୀର ସବୁ ଟ୍ରାଫିକ ଥାନାରେ ନୂଆ ନିର୍ଦ୍ଦେଶ ସଂକ୍ରାନ୍ତରେ ନୋଟିସ ଲଗାଯାଇଛି। ବାରମ୍ବାର ତାଗିଦ ସତ୍ତ୍ୱେ କର୍ମଚାରୀମାନେ ଡ୍ୟୁଟି ସମୟରେ ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା ହେଉଛନ୍ତି। ଏହା ସାଧାରଣ ନାଗରିକ ଏବଂ ବରିଷ୍ଠ ଅଧିକାରୀଙ୍କ ନଜରକୁ ଆସିଛି। କାମରେ ମନ ନ ଦେଇ ଫୋନ୍‌ରେ ଗପିବା ଦାୟିତ୍ୱହୀନତା, ବେପରୁଆ ପଣ ଓ ଶୃଙ୍ଖଳତାର ଅଭାବକୁ ଦର୍ଶାଉଛି। ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି।

## ■ ରାଜଧାନୀରେ ଅସହାୟ ରୋଗୀଙ୍କ ହୀନସ୍ତା

# ପରିସ୍ରାନଳୀ ଧରି ୩ ବର୍ଷ ହସ୍ପିଟାଲ ବାହାରେ ବ୍ରଜବନ୍ଧୁ

ଭୁବନେଶ୍ୱର, ୯।୧(ବ୍ୟୁରୋ)

'ମୋ ସରକାର'ରେ ସାମିଲ ହୋଇଛି ସ୍ୱାସ୍ଥ୍ୟ ବିଭାଗ। ଚିକିତ୍ସା କ୍ଷେତ୍ରରେ ଅବହେଳା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ସରକାର। ହେଲେ ଅସହାୟ ଓ ଗରିବଙ୍କ ପାଇଁ ଅଭିଯୋଗ କରିବ କିଏ? ଏ ପରିସ୍ଥିତିରେ ଜଣେ ଅସହାୟ ବୃଦ୍ଧ ୩ବର୍ଷ ହେବ କଟକ ମେଡିକାଲରୁ କ୍ୟାପିଟାଲ ହସ୍ପିଟାଲ ଧାଇଁ ଧାଇଁ ହତାଶ ହୋଇପଡିଛନ୍ତି। ପାଖରେ କେହି ନ ଥିବାରୁ ଡାକ୍ତର ଚିକିତ୍ସା କରୁ ନ ଥିବାବେଳେ କର୍ମଚାରୀ ବି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ପରିସ୍ରାସନଳୀ ଧରି ବୃଦ୍ଧ ରୋଗୀ ଜଣକ କେତେବେଳେ ହସ୍ପିଟାଲ ବାରଣ୍ଡାରେ ତ ଆଉ କେତେବେଳେ

■ ବୃଦ୍ଧଙ୍କୁ ମିଳୁନି ଚିକିତ୍ସା, ପର କରିଦେଲା ପରିବାର

■ ଗଛମୂଳେ କୁକୁର ସହ ବିତୁଛି ରାତି

ଗଛମୂଳେ କୁକୁର ସହ ଦିନ ବିତାଉଛନ୍ତି।

ଗୁରୁବାର ସେ କଟକରୁ ନିରାଶରେ ଫେରି କ୍ୟାପିଟାଲ ହସ୍ପିଟାଲ ଗଛମୂଳେ ଅସହାୟ ଅବସ୍ଥାରେ ବସିଥିବାବେଳେ ଆମ ପ୍ରତିନିଧିଙ୍କ ନଜର ପଡ଼ିଥିଲା। ପଚାରି ବୁଝିବାରୁ ଯାହା ଜଣାପଡ଼ିଥିଲା, ତାହା ଥିଲା ଅତ୍ୟନ୍ତ ହୃଦୟ ବିଦାରକ ଓ ଦୁଃଖଦ। ତାଙ୍କ ନାମ ହେଲା ବ୍ରଜବନ୍ଧୁ ପଣ୍ଡା(୬୦)। ଘର କଟକ ଜିଲା ବାଙ୍କୀ ହରଡ଼ାପଲ୍ଲୀ ଗ୍ରାମରେ। ସେ ୩ବର୍ଷ ତଳେ ଶଗଡ଼ ନେଇ ଗ୍ରାମକୁ ଯାଉଥିବାବେଳେ ତଳିପେଟରେ ଶଗଡ଼ର ଏକ ଅଂଶ ପଶିଯାଇଥିଲା। ପେଟ ଫୁଲିଯାଇ ଭୀଷଣ



ଯନ୍ତ୍ରଣା ହେବା ସହ ପରିସ୍ରା ବନ୍ଦ ହୋଇଯାଇଥିଲା। ସେ କ୍ୟାପିଟାଲ ହସ୍ପିଟାଲକୁ ଆସି ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କ ପରାମର୍ଶକ୍ରମେ କଟକ ଏସ୍‌ସିବି ମେଡିକାଲକୁ ଯାଇଥିଲେ। ସେଠାରେ ତାଙ୍କର ଅପରେଶନ ହୋଇଥିଲା। ମୂତ୍ରାଶୟରେ କାଥେଟର (ପରିସ୍ରାନଳୀ) ଲଗାଇ ଦିଆଯାଇଥିଲା। କିଛିମାସ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପୁଣି ପେଟ ଫୁଲିଯାଇ ଯନ୍ତ୍ରଣା ହୋଇଥିଲା। ବ୍ରଜବନ୍ଧୁ ପୁଣି କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ। ଡାକ୍ତର ତାଙ୍କୁ ପଚରାଉଚରା କରିବା ପରେ କଟକରେ ଅପରେଶନ ହୋଇଥିବାରୁ ସେଠାକୁ ଯିବାକୁ କହିଥିଲେ। ହେଲେ ଏସ୍‌ସିବି ମେଡିକାଲରେ ଡାକ୍ତର ପରୀକ୍ଷାନିରୀକ୍ଷା କରିବା ପରେ ଆପେ ଭଲ ହୋଇଯିବ ବୋଲି କହି କିଛି ମେଡିସିନ ଲେଖି ଦେଇଥିଲେ। ମୂତ୍ରାଶୟରେ ଲାଗିଥିବା ପାଇପ୍ ଯୋଗୁ ଇନ୍‌ଫେକ୍ସନ ହୋଇଥିବା କହି ତାହାକୁ ନିୟମିତ ବଦଳାଇବାକୁ କହିଥିଲେ। ସେ ଘରକୁ ଆସିଥିଲେ ମଧ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇପାରି ନ ଥିଲେ। ଏପଟେ ବ୍ରଜବନ୍ଧୁଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ପାଇଁ ଆଉ ଟଙ୍କା ଖର୍ଚ୍ଚ କରିବାକୁ କେହି ଚାହିଁ ନ ଥିଲେ। ପରିସ୍ରାନଳୀ ବଦଳାଇବାକୁ ମଧ୍ୟ ତାଙ୍କ ପାଖରେ ଅର୍ଥ ନ ଥିଲା। ତେଣୁ ସେ ମାଗଣା ଚିକିତ୍ସା ଆଶାରେ ଘରୁ ଚାଲି ଆସି କ୍ୟାପିଟାଲ ହସ୍ପିଟାଲରୁ କଟକ ବଡ଼ ମେଡିକାଲ ଘୂରି ବୁଲୁଛନ୍ତି। ବାରମ୍ବାର ଡାକ୍ତରଙ୍କୁ ଭେଟି ରୋଗ ଟିକେ ଭଲ କରିଦିଅନ୍ତୁ ବୋଲି ନେହୁରା ହେଉଛନ୍ତି। ହେଲେ ତାଙ୍କ ପାଖରେ କେହି ନ ଥିବାରୁ କୌଣସି ଡାକ୍ତର ରିସ୍କ ନେବାକୁ ଚାହୁଁ ନାହାନ୍ତି। ଏଭଳି ସ୍ଥଳେ ବ୍ରଜବନ୍ଧୁ ଲୋକଙ୍କୁ ମାଗି ଯାହା ଟଙ୍କା ମିଳୁଛି ସେଥିରେ କିଛି ଖାଇବା ସହ ଅତ୍ୟଧିକ ଯନ୍ତ୍ରଣା ହେଲେ ପରିସ୍ରାନଳୀ କିଣି ଲଗାଉଛନ୍ତି। କ୍ୟାପିଟାଲ ହସ୍ପିଟାଲ ପରିସର ବରଗଛ ମୂଳ ତାଙ୍କର ଆଶ୍ରୟସ୍ଥଳ ପାଲଟିଛି। ବେଳେବେଳେ କଟକ ବଡ଼ ମେଡିକାଲ ଯାଇ ପୁଣି ସେଠାକୁ ଫେରି ଆସୁଛନ୍ତି। ଦୁର୍ବଳ ଶରୀରରେ ୩ଟି ବ୍ୟାଗ୍‌ର ବୋଝ ବୋହୁଛନ୍ତି। ତେବେ ଲୋକେ ବେଳେବେଳେ ଅନ୍ୟକିଛି ଭାବି ଟଙ୍କାପଇସା ଦେଉ ନ ଥିବାରୁ ଅଧିକାଂଶ ଦିନ ମଧ୍ୟ ସେ ଉପାସରେ ରହୁଥିବା ବ୍ରଜବନ୍ଧୁ କହିଛନ୍ତି।

ଏନେଇ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକଙ୍କୁ ଜଣାଇବାରୁ ସେ କହିଛନ୍ତି, ଏନେଇ ମୋ ନିକଟରେ କିଛି ଖବର ନାହିଁ। ମୁଁ ବ୍ୟକ୍ତିଗତଭାବେ ଉକ୍ତ ବ୍ୟକ୍ତିଙ୍କୁ ଭେଟି କ'ଣ ହୋଇଛି ପଚାରି ବୁଝିବା ପରେ ତାଙ୍କର କିଭଳି ଚିକିତ୍ସା କରାଯିବ ତାହାର ବ୍ୟବସ୍ଥା କରିବି।

# ୭ ଦିନ ପଡ଼ି ରହିଲା ମା'ଙ୍କ ମୃତଦେହ

**କଟକ ଅଫିସ, ୯।୧:** ଅର୍ଥ ଅଭାବ ଯୋଗୁ ଜଣେ ପୁଅ ନିଜ ମା'ଙ୍କ ମୃତଦେହ ଦାହ କରିବାରେ ସକ୍ଷମ ହୋଇନାହାନ୍ତି। ୭ ଦିନ ପର୍ଯ୍ୟନ୍ତ ମୃତଦେହ ମେଡିକାଲର ଶବଗୃହରେ ପଡ଼ିରହିବା ପରେ ପୁଅ ପହଞ୍ଚିଥିଲେ। କିନ୍ତୁ ନିଜର ଅକ୍ଷମତା ପ୍ରକାଶ କରିବାରୁ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ଅନ୍ୟମାନଙ୍କଠାରୁ ମଗାଯଚା କରି ମୃତଦେହକୁ ଖାନ୍‌ନଗରସ୍ଥିତ ସ୍ୱର୍ଗଧାମ ମଶାଣୀରେ ଦାହ କରିଛନ୍ତି। ଗୁରୁବାର ଘଟିଥିବା ଏହି ଘଟଣାକୁ ନେଇ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଡିକାଲରେ ମୃତ୍ୟୁ ଘଟୁଥିବା ଅସହାୟ ଅପରିଚିତଙ୍କ ମୃତଦେହ ଦାହ ପାଇଁ ସରକାର ମୃତଦେହ ପିଛା ୩ହଜାର ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ ଅଧିକାଂଶ ମୃତଦେହ ଦାହ ନ ହୋଇପାରି ପଡ଼ି ରହିବା ପରେ ସାମାଜିକ କର୍ମୀମାନେ ଦାହ କରୁଛନ୍ତି। ଏଭଳି ଏକ ଘଟଣା ଗୁରୁବାର ଘଟିଛି। ଖୋର୍ଦ୍ଧା ଜିଲା ଭାଣପୁର ଅଞ୍ଚଳର ସତ୍ୟଭାମା ନନ୍ଦ(୮୦) ଗତ ଡିସେମ୍ବର ୨୭ରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସତ୍ୟଭାମାଙ୍କର ଏକମାତ୍ର ପୁତ୍ର ହରପ୍ରସାଦ (୫୯) ଶାରୀରିକ ଅକ୍ଷମ ହୋଇଥିବାବେଳେ ନିଜ ପେଟ ପୋଷିବା ତାଙ୍କ ପକ୍ଷେ କଷ୍ଟକର। ତେଣୁ ମା'ଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଦେଇ ହରପ୍ରସାଦ ଭାଣପୁର ଫେରି ଯାଇଥିଲେ। ଜଣେ ଅସହାୟ ରୋଗୀ ଭାବେ ସତ୍ୟଭାମା ଏଠାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସତ୍ୟଭାମାଙ୍କ ମୃତଦେହ ଶବଗୃହରେ ରଖି ମେଡିକାଲ ପକ୍ଷରୁ ହରପ୍ରସାଦଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ମାତ୍ର ପାଖରେ ଅର୍ଥ ନ ଥିବାରୁ ହରପ୍ରସାଦ ଆଜିକାଲି କହି ୭ ଦିନ ବିତାଇଥିଲେ। ୭୦୦ ଟଙ୍କା ଯୋଗାଡ଼ କରି ବୁଧବାର ରାତିରେ ହରପ୍ରସାଦ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ମା'ଙ୍କ ମୃତଦେହ ଉପରେ ପକାଇବା ପାଇଁ ୨୦୦ ଟଙ୍କାର ଏକ ଶାଢୀ ସହିତ ଧୂପ, ଚନ୍ଦନ

**ସାମାଜିକ କର୍ମୀଙ୍କ ସହାୟତାରେ ଶେଷକୃତ୍ୟ ସମ୍ପନ୍ନ**

ଆଦି କିଣାକିଣି କରିବାରୁ ଏହି ୭୦୦ ଟଙ୍କା ମଧ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଯାଇଥିଲା। ମୃତଦେହ ଦାହ ପାଇଁ ବାକି ଥିବା ଟଙ୍କା ଅଣ୍ଟିବ ନାହିଁ ଜାଣି ହରପ୍ରସାଦ ଅଭିମନ୍ୟୁଙ୍କ ସହିତ ଯୋଗାଯୋଗ କରିଥିଲେ। ଅଭିମନ୍ୟୁ ନିଜ ସାଙ୍ଗସାଥୀଙ୍କଠାରୁ ଟଙ୍କା ଯୋଗାଡ଼ କରି ମୃତଦେହ ଦାହ କରିଛନ୍ତି। ତେବେ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଏସ୍‌ସିବି ମେଡିକାଲରେ କିଭଳି ଖର୍ଚ୍ଚ ହେଉଛି ସେ ସମ୍ପର୍କରେ ମେଡିକାଲର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ପଚାରିବାରୁ ବୁଝିବା ପରେ କହିବି ବୋଲି ପ୍ରକାଶ କରିଥିଲେ।

# ଦିଲୀପଙ୍କ ସଫଳତା ପ୍ରେରଣାଦାୟୀ: ଗୋବିନ୍ଦା

**ଭୁବନେଶ୍ୱର, ୯।୧(ବ୍ୟୁରୋ):** ଦିଲୀପ ରାୟଙ୍କ ଜୀବନଶୈଳୀ ଅନୁଧ୍ୟାନ କଲେ ଜୀବନରେ ସଫଳତା କିଭଳି ମିଳେ, ତାହା ଶିକ୍ଷା କରିହେବ ବୋଲି ଲୋକପ୍ରିୟ ବଲିଉଡ୍ ଅଭିନେତା ଗୋବିନ୍ଦା କହିଛନ୍ତି। ଦିଲୀପ ରାୟ ଜୟନ୍ତୀ କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଉତ୍କଳ ଅଡିଟୋରିୟମ୍‌ଠାରେ ଆୟୋଜିତ ହୋଟେଲିୟର୍ ତଥା ରାଜନେତା ଦିଲୀପ ରାୟଙ୍କ ଜନ୍ମଦିନ ପାଳନ ଉତ୍ସବରେ ଯୋଗଦେଇ ଗୋବିନ୍ଦା ଏହା କହିଛନ୍ତି। ସେ ଦିଲୀପଙ୍କୁ ଜଣେ ରିୟଲ ହିରୋ ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଯେଉଁ ବାସ୍ତବ ଜୀବନର ନାୟକଙ୍କଠାରୁ ସେ ପ୍ରେରଣା ନେଇଥାନ୍ତି, ସେ ହେଉଛନ୍ତି ଦିଲୀପ ରାୟ। ଜୀବନରେ ସେ କରିଥିବା ସଂଘର୍ଷ ଏବଂ ପାଇଥିବା ସଫଳତା ଜଣଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ



ପଦ୍ମଶ୍ରୀ ଡି. ପ୍ରକାଶରାଓଙ୍କୁ ବଲିଉଡ୍ ଅଭିନେତା ଗୋବିନ୍ଦା ସମ୍ବର୍ଦ୍ଧିତ କରୁଛନ୍ତି।

ବୋଲି ଗୋବିନ୍ଦା କହିଛନ୍ତି। କମିଟି ସଭାପତି ସୁଶୀଲ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଦିଲୀପ ରାୟଙ୍କ ନୀରବ ବ୍ୟକ୍ତିତ୍ୱ ଆଜି ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ସମୟର ସଫଳ ବିନିଯୋଗ କିଭଳି କରାଯାଏ, ତାହା ତାଙ୍କଠାରୁ ଶିଖିବାର ଆବଶ୍ୟକତା ଅଛି। ଦିଲୀପଙ୍କ ସମୟାନୁବର୍ତ୍ତିତା, ପ୍ରତିଶ୍ରୁତିବଦ୍ଧତା ଓ ନିଷ୍ପତ୍ତି ନେବାର ଦକ୍ଷତା ରାଜନୀତିରେ ତାଙ୍କୁ ସଫଳତା ଦେଇଥିବା ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଏବଂ 'ଓଡ଼ିଶା ଆମ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ଯୋଗଦେଇ ଦିଲୀପଙ୍କ ଶାନ୍ତ, ସରଳ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ସେ ତାଙ୍କୁ ଅଜାତ ଶତ୍ରୁଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଦିଲୀପ ରାୟ ନିଜେ ଉପସ୍ଥିତ ଥିବାବେଳେ ତାଙ୍କ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ଦୁର୍ଗାପ୍ରସାଦ ମହାନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୩ ଦିନ ଧରି ହେବ ନିଃଶୁଳ୍କ ତିବ୍ବତୀୟ ଚିକିତ୍ସା ଶିବିର

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ଭୁବନେଶ୍ୱରର ତିବ୍ବତୀୟ ଔଷଧୀୟ କ୍ଲିନିକର ବହିର୍ବିଭାଗରେ ଚଳିତ ଜାନୁୟାରୀ ୧୦ରୁ ୩ ଦିନ ଧରି ନିଶୁଳ୍କ ତିବ୍ବତୀୟ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ସକାଳ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଚାଲିବ। ଦଲାଇଲାମାଙ୍କର ବ୍ୟକ୍ତିଗତ ଚିକିତ୍ସକ ଡା. ସେୱାଙ୍ଗ ତାମଦନ୍ ଉପସ୍ଥିତ ରହି ଚିକିତ୍ସା ପରାମର୍ଶ ଦେବେ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ ପାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ସମ୍ମିଳନୀରେ ଉପସ୍ଥିତ ରହି କହିଥିଲେ, ୟୁନିଟ୍-୧ସ୍ଥିତ ସରକାରୀ



ଖବରଦାତା ସମ୍ମିଳନୀରେ ଚିକିତ୍ସା ଶିବିର ସମ୍ପର୍କରେ ସୂଚନା ଦିଆଯାଉଛି।

କ୍ୱାର୍ଟର୍ସ ଭିସି ୧/୨ ପରିସରରେ ତଥା ଚୌଧୁରୀ ମାର୍କେଟ ସାମନାରେ ଏହି ଶିବିର ଅନୁଷ୍ଠିତ ହେବ। ସ୍ଥାନୀୟ ଚିକିତ୍ସାଳୟର ଡା. ରିଗ୍‌ଜିନ୍ ମେନ୍‌ଲା ମଧ୍ୟ ରୋଗୀ ଚିକିତ୍ସା କରିବେ। ତିବ୍ବତୀୟ ଜ୍ୟୋତିର୍ବିଜ୍ଞାନୀ ତେନ୍‌ଜୀନ୍ ୟାନ୍‌ଙ୍କ ମଧ୍ୟ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ପରାମର୍ଶ ଦେବେ। ଏଠାରେ ଦଲାଇଲାମାଙ୍କ ଦ୍ୱାରା ଲିଖିତ ବିଭିନ୍ନ ପୁସ୍ତକ, ତିବ୍ବତୀୟ ଔଷଧ ଓ ଆୟୁର୍ବେଦ ସାମଗ୍ରୀ ବିକ୍ରୟ ବ୍ୟବସ୍ଥା କରାଯାଇଛି ବୋଲି ଦାସ କହିଛନ୍ତି।

# ମଧ୍ୟାହ୍ନଭୋଜନ ଡାଲମାରେ ବୁଢ଼ିଆଣୀ

କଟକ ଅଫିସ, ୯।୧

ମଧ୍ୟାହ୍ନଭୋଜନ ଡାଲମାରେ ବୁଢିଆଣୀ। ବୁଢିଆଣୀ ମିଶା ଡାଲମା ଖାଇ ଅସୁସ୍ଥ ହୋଇଛନ୍ତି ୫୮ ଜଣ ଛାତ୍ରୀଛାତ୍ର। ବାରଙ୍ଗ ବ୍ଲକ ଅଧୀନ ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ଶିଶୁଭବନରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଶିଶୁଭବନ ପକ୍ଷରୁ କୁହାଯାଇଛି। ବାକି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଆପାତତଃ ଭଲ ଥିଲାବେଳେ ସେମାନଙ୍କୁ ଅବ୍‌ଜର୍‌ଭେଶନରେ ରଖାଯାଇଥିବା ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ କୁମାର ଶତପଥୀ କହିଛନ୍ତି। ଖବରପାଇ ଜିଲାପାଳ ଭବାନୀ ଶଙ୍କର ଚୟନୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ ସାମଲ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା ଶିଶୁ ମଙ୍ଗଳ କମିଟି, ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଶିଶୁଭବନରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କ'ଣ ପାଇଁ ଏଭଳି ଘଟଣା ଘଟିଲା ତା'ର ତଦନ୍ତ ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ଘଟଣାର ତଦନ୍ତ କରି ୭ ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଥିବା ଜିଲାପାଳ ଚୟନୀ କହିଛନ୍ତି।

ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କ କହିବା ଅନୁଯାୟୀ, ଉକ୍ତ ସ୍କୁଲରେ ମୋଟ୍ ୯୬ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ପ୍ରତିଦିନ ଭଳି ଗୁରୁବାର ଅପରାହ୍ଣ ସାଢେ ଗୋଟାଏରେ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନରେ ଭାତ, ଡାଲ୍‌ମା, ଖଟା ପ୍ରସ୍ତୁତ ହୋଇଥିଲା। ତେବେ ମଧ୍ୟାହ୍ନଭୋଜନ ଖାଉଥିବାବେଳେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ରୀ ହଠାତ୍ ବାନ୍ତି



ଜିଲାପାଳ ଭବାନୀ ଶଙ୍କର ଚୟନୀ ଅସୁସ୍ଥ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

■ ୫୮ ଛାତ୍ରୀଛାତ୍ର ଅସୁସ୍ଥ, ଶିଶୁଭବନରେ ଭର୍ତ୍ତି

■ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କରିଥିଲେ। ଏହାପରେ ଜଣେ ପିଲା ଖାଦ୍ୟ ରଖାଯାଇଥିବା ସ୍ଥାନକୁ ଯାଇଥିଲେ। ସେଠାରେ ରଖାଯାଇଥିବା ଡାଲମାରେ ବୁଢିଆଣୀ ପଡ଼ିଥିବା ଦେଖିଥିଲେ। ଏହି ସମୟରେ ଶିକ୍ଷକମାନେ ମଧ୍ୟ ଡାଲମା ଦେଖିବାରୁ ସେଥିରେ ବୁଢିଆଣୀ ପଡ଼ିଥିଲା। ଏହାପରେ ଶିକ୍ଷକମାନେ ବାକି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ନ ଦେଇ ଘରକୁ ପଠାଇଦେଇଥିଲେ। ମାତ୍ର ପଞ୍ଚମ ଶ୍ରେଣୀ ଛାତ୍ରୀ ଜଣଙ୍କ ବାନ୍ତି କରିବା ପରେ ଅନ୍ୟ ପିଲାମାନେ ସମାନ ଧରଣର କଥା କହିଥିଲେ। କାହାର ମୁଣ୍ଡ ବୁଲାଉଥିଲା ତ କାହାର ପେଟ କାଟୁଥିବା ଭଳି ଘଟଣା ସ୍କୁଲରେ ଦେଖିବାକୁ ମିଳିଥିଲା। ଏଭଳି ଘଟଣା ପରେ ୩ଟି ପର୍ଯ୍ୟାୟରେ ମୋଟ୍ ୫୮ ଜଣ ଛାତ୍ରୀଛାତ୍ର ଶିଶୁଭବନରେ ଭର୍ତ୍ତି ହୋଇଥିବା ଜଣାପଡିଛି। ତେବେ ଉକ୍ତ ବିଦ୍ୟାଳୟକୁ ସରକାରଙ୍କ ସହିତ ଚୁକ୍ତି କରିଥିବା ଏକ ବେସରକାରୀ ଅନୁଷ୍ଠାନ ମଧ୍ୟାହ୍ନଭୋଜନ ରୋଷେଇ କରି ଯୋଗାଣ କରିଥାଏ। ଉକ୍ତ ମଧ୍ୟାହ୍ନଭୋଜନର ନମୁନା ଯାଞ୍ଚ କରାଯାଇଛି କି ନାହିଁ ତାହାର ଉତ୍ତରରେ ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବେହେରା କୁହନ୍ତି, ସବୁଦିନ ପ୍ରଥମେ ପ୍ରଧାନ ଶିକ୍ଷକ ଖାଇବା ପରେ ଛାତ୍ରୀଛାତ୍ରମାନଙ୍କୁ ଖାଇବାକୁ ଦିଆଯାଇଥାଏ। ଗୁରୁବାର ମଧ୍ୟ ମଧ୍ୟାହ୍ନଭୋଜନ ପ୍ରଥମେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ବେହେରା ଖାଇଥିବା ସେ ସୂଚନା ଦେଇଛନ୍ତି। ତେଣୁ ଖାଦ୍ୟର ମାନ ଉପରେ କୌଣସି ପ୍ରଶ୍ନ ନ ଥିବା ଶିକ୍ଷାଧିକାରୀ କହିଛନ୍ତି। ଜଣେ ପିଲା ବାନ୍ତି କରିବା ଏବଂ ଡାଲମାରେ ବୁଢିଆଣୀ ପଡିଥିବା ଭୟରେ ଅନ୍ୟ ପିଲାମାନେ ମେଡିକାଲକୁ ଆସିଥିବା ଶିକ୍ଷାଧିକାରୀ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନାଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ। -ଭଲ୍‌ଟାୟାର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପିପୁଲ୍ସ ଫୋରମ ପକ୍ଷରୁ ଜାତୀୟ ସମ୍ମିଳନୀ 'ଆରମ୍ଭ', ପାଲ ହାଇଟ୍ସ, ଜୟଦେବ ବିହାର, ସକାଳ ୮ଟା ୩୦।
- ସୂର୍ଯ୍ୟପ୍ରଭାର ସ୍ୱନକ୍ଷତ୍ର ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଗ୍ଲୋବାଲ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ, ହୋଟେଲ ପ୍ରେସିଡେନ୍ସି, ପୂର୍ବାହ୍ନ ୧୦ଟା ୪୫।
- ଇନ୍‌କମ ଟ୍ୟାକ୍ସ ଏମ୍ପ୍ଲଇଜ ଫେଡେରେଶନ ପକ୍ଷରୁ ଦ୍ୱିବାର୍ଷିକ ସମ୍ମିଳନୀ, ହୋଟେଲ ସ୍ୟାଣ୍ଡି ଟାୱାର, ପୂର୍ବାହ୍ନ ୧୧ଟା।
- ୟୁନିଟ-୧ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, କଲେଜ ପରିସର, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଲିଟେରାରୀ ମିଟ, ଜାଭିୟର ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ, ଅପରାହ୍ନ ୪ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ 'ଆଇ ଏମ୍ ୱିଥ ନେଚର' ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ କଳିଙ୍ଗ ପ୍ରତିଭା ସମ୍ମାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।

**କଟକ**
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବାରବାଟୀ ନୃତ୍ୟ ଓ ସାହିତ୍ୟୋତ୍ସବ ଉଦ୍‌ଘାଟନ, ବାରବାଟୀ ଦୁର୍ଗ ସାମ୍ନା, ଅପରାହ୍ନ ୫ଟା ୩୦।
- ଏସ୍‌ଏସ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ମ୍ୟୁଜିକାଲ ଚାରିଟି ଶୋ 'କାରାଭାନ ୨', ଶହୀଦ ଭବନ, ସନ୍ଧ୍ୟା ୬ଟା।

**ପୁରୀ**
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୨ଟା।
- ଗ୍ଲୋରି ଫେଷ୍ଟ ସାଂସ୍କୃତିକ କାର୍ଯ୍ୟକ୍ରମ, ବେଳାଭୂମି, ସନ୍ଧ୍ୟା ୬ଟା।
- ରୂପା ଆଣ୍ଡ ଟ୍ରୁପର ନୃତ୍ୟ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ମହୋଦଧି ଆଳତି, ସ୍ୱର୍ଗଦ୍ୱାର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ୨୩ତମ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ବଇଁଚୁଆ, ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, କୁଶଗାଡ଼ିଆ ମଠ, ଅପରାହ୍ନ ୩ଟା।
- ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।

**ଡେଲାଙ୍ଗ**
- କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।


**ସାକ୍ଷୀଗୋପାଳ**
- ସାକ୍ଷୀଗୋପାଳ ଠାକୁରଙ୍କ ପୁଷ୍ପାଭିଷେକ ବେଶ, ମନ୍ଦିର ପରିସର, ଅପରାହ୍ନ ୩ଟା।

# ଖୁବ୍‌ଶୀଘ୍ର ସର୍ବସାଧାରଣଙ୍କ ପାଇଁ ଖୋଲିବ 'ଗାନ୍ଧୀ ପିସ୍ ସେଣ୍ଟର'

ଭୁବନେଶ୍ୱର,୯।୧(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ଇଟର୍‌ନାଲ୍ ଗାନ୍ଧୀ ପିସ୍ ସେଣ୍ଟର ବା ଶାଶ୍ୱତ ଗାନ୍ଧୀ ଶାନ୍ତି କେନ୍ଦ୍ର ଖୁବ୍‌ଶୀଘ୍ର ଉଦ୍‌ଘାଟିତ ହେବ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏବଂ ଅନେକ ଅଜଣା କଥା ସମ୍ପର୍କରେ ଜାଣିପାରିବେ।

ସୂଚନା ମୁତାବକ, ଜାନୁୟାରୀ ଶେଷ ସପ୍ତାହ ସୁଦ୍ଧା ଶାଶ୍ୱତ ଗାନ୍ଧୀ ଶାନ୍ତି କେନ୍ଦ୍ର ଉଦ୍‌ଘାଟନ କରାଯିବ। ୬ କୋଠରି ବିଶିଷ୍ଟ ଏହି କେନ୍ଦ୍ରରେ ଗାନ୍ଧିଜୀଙ୍କ ବ୍ୟବହୃତ ସାମଗ୍ରୀ ତଥା ତାଙ୍କ ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ପାଇଁ ବିଭିନ୍ନ ସାମଗ୍ରୀ ରହିବ। ବର୍ତ୍ତମାନ ସୁଦ୍ଧା ସମସ୍ତ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଥିବାବେଳେ ଉଦ୍‌ଘାଟନର ତାରିଖ ଘୋଷଣା କରାଯିବା ପୂର୍ବରୁ ଗାନ୍ଧିଜୀଙ୍କ ସମସ୍ତ ସାମଗ୍ରୀ ଏହି କୋଠରିଗୁଡ଼ିକରେ ସ୍ଥାନୀତ କରାଯିବ। ଏଥିପାଇଁ ଅଧିକାଂଶ ସାମଗ୍ରୀ କଟକ, ପୁରୀ ଓ ଭଦ୍ରକ ଜିଲାରୁ ସଂଗୃହୀତ ହୋଇସାରିଛି। ୫ ଏକର ପରିମିତ ଜମିରେ ନିର୍ମିତ ହୋଇଥିବା ଏହି ଶାନ୍ତି କେନ୍ଦ୍ର ପିପିପି ମୋଡ୍‌ରେ କରାଯାଇଛି। ଗାନ୍ଧିଜୀଙ୍କ ସମ୍ବନ୍ଧୀୟ ଏକ ଇଣ୍ଟରଆକ୍ଟିଭ୍ ମଲ୍‌ଟିମିଡ଼ିଆ ଶୋ ଏଠାରେ କରାଯିବାକୁ ବ୍ୟବସ୍ଥା ହୋଇଥିବାବେଳେ ଗାନ୍ଧିଜୀଙ୍କ ୪ରୁ ଉର୍ଦ୍ଧ୍ୱ ପ୍ରତିମୂର୍ତ୍ତି ରଖାଯାଇଛି। ଏହାସହ କେନ୍ଦ୍ର ମଧ୍ୟରେ ଏକ ଫାଉଣ୍ଟେନ୍ ଓ ଗାନ୍ଧିଜୀଙ୍କ ନୀତିବାଣୀ ଥିବା ଏକ ସ୍ତମ୍ଭ ରଖାଯିବାକୁ ନିଷ୍ପତ୍ତି ହୋଇଛି। ଗାନ୍ଧିଜୀଙ୍କ ଅହିଂସା, ସତ୍ୟ, କର ବା ମର ଆଦି ବାଣୀକୁ ଏହି ସ୍ତମ୍ଭରେ ସ୍ଥାନୀତ କରାଯିବ। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା କରାଯାଉଥିବା ଏହି ସେଣ୍ଟର ପୂର୍ବରୁ ବ୍ୟାଖ୍ୟାନ କେନ୍ଦ୍ରଭାବେ ପରିଚିତ ଥିବାବେଳେ ଏବେ ଏହାକୁ ପରିବର୍ତ୍ତନ କରାଯାଇଛି। ଖଣ୍ଡଗିରି -ଉଦୟଗିରି ଗୁମ୍ଫା ନିକଟରେ ଏହି କେନ୍ଦ୍ରରେ କ୍ରାଫ୍ଟ ଭିଲେଜ୍, ଫୁଡ଼ କୋର୍ଟ, ଜନ ସୁବିଧା କେନ୍ଦ୍ର, ଅଡିଓ ଭିଜୁଆଲ୍ ସୁବିଧା ସହ ଏକ ମନୋରଞ୍ଜନ କେନ୍ଦ୍ର କରାଯିବାର ବ୍ୟବସ୍ଥା କରାଯାଇଥାନ୍ତା। ଫଳରେ ଖଣ୍ଡଗିରି ଓ ଉଦୟଗିରିକୁ ଆସୁଥିବା ଲକ୍ଷ ଲକ୍ଷ ପର୍ଯ୍ୟଟକ ଓଡ଼ିଶାରେ ବୌଦ୍ଧଧର୍ମର ଉପସ୍ଥିତି ସମ୍ପର୍କରେ ଜାଣିପାରିଥାନ୍ତେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରାଯାଇ ଗାନ୍ଧୀ ଶାନ୍ତି କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୨୦୧୩ରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଆଦିତ୍ୟ ବିର୍ଲା ଗ୍ରୁପ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ୨୦୧୭ରୁ ଏନେଇ କାମ ଆରମ୍ଭ ହୋଇଥିବାବେଳେ ଏହାକୁ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ସହ ଯୋଡ଼ାଯାଇଥିଲା। ମହାତ୍ମା ଗାନ୍ଧୀ ମୋଟ ୮ ଥର ଓଡ଼ିଶା ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିଲେ। ଏହି ସ୍ଥାନଗୁଡ଼ିକୁ ଯୋଡ଼ି ପର୍ଯ୍ୟଟନ ଦୃଷ୍ଟିରୁ ଏହାକୁ ଗାନ୍ଧୀ ସର୍କିଟ୍‌ରେ ପରିଣତ କରି ବିକାଶ କରାଯିବାକୁ ପର୍ଯ୍ୟଟନ ବିଭାଗ ସ୍ଥିର କରିଥିବାବେଳେ ଏହା ତୁରନ୍ତ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଛି।



# ସୁଜାତା ମହାପାତ୍ରଙ୍କୁ 'ବିମୋହନା କଳା ସମ୍ମାନ'




କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କୁ 'ବିମୋହନା କଳା ସମ୍ମାନ-୨୦୨୦' ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୯।୧(ବ୍ୟୁରୋ)

ବିମୋହନା କ୍ରିଏଟିଭ୍ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ '୪ର୍ଥ ବିମୋହନା କଳା ସମ୍ମାନ-୨୦୨୦' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ଆଇଓସିଏଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ପି.ସି. ଚୋବେ, ଓଏମ୍‌ସି ଡାଇରେକ୍ଟର ଏଚ୍‌ଆର୍ ଡ. ଶାନ୍ତନୁ ରଥ, ଓଏଚ୍‌ପିସିର ରାଜସ୍ୱ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ନୃତ୍ୟାଭିନୟର ନିର୍ଦ୍ଦେଶକ ହିରଣ୍ୟ ମହାନ୍ତି ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସ ଯୋଗଦେଇ ଏହାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରୁ ଆରମ୍ଭ ହୋଇ କାର୍ଯ୍ୟକ୍ରମ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବାବେଳେ ଏଥିରେ ୪୦ରୁ ଉର୍ଦ୍ଧ୍ୱ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଖ୍ୟାତାନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କୁ 'ବିମୋହନା କଳା ସମ୍ମାନ-୨୦୨୦' ପ୍ରଦାନ କରାଯାଇଥିଲା। ପରେ ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ଦ୍ୱାରା ଏକକ ମର୍ଦ୍ଦଳ ବାଦନ, ବୀଣା କେରମ୍, ସୁହାଗ ନଳିନୀ ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହାପରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ବରିଷ୍ଠ ନୃତ୍ୟଶିଳ୍ପୀ ପବିତ୍ର କୁମାର ପ୍ରଧାନ ଓ ଶ୍ରୀଦତା ଭୋଳାଙ୍କ ଦ୍ୱାରା ପରିବେଷିତ ଯୁଗଳବନ୍ଦୀ କାର୍ଯ୍ୟକ୍ରମର ଅନନ୍ୟ ଆକର୍ଷଣ ସାଜିଥିଲା। ପରେ ପରେ ସଞ୍ଜୁକ୍ତା ପ୍ରଧାନ ଓ ଶିବାକ୍ଷ ଫାଉଣ୍ଡେଶନର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମିରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅତିଥି କଳାକାର ଓ ବାଦ୍ୟଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା।

# ଶିଶୁ ଅଶ୍ଳୀଳ ଭିଡିଓରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ଶିଶୁ ଅଶ୍ଳୀଳ ଭିଡିଓରେ ଦେଶରେ ଆଗରେ ରହିଛି ଓଡ଼ିଶା। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ଏଭଳି ସାଂଘାତିକ ତଥ୍ୟ ଦେଇଛି। ୨୦୧୮ରେ ଓଡିଶାରେ ସର୍ବାଧିକ ଶିଶୁ ନଗ୍ନ ଭିଡିଓ ଭିଡିଓ ପ୍ରସ୍ତୁତ ହୋଇଛି। ପୋକ୍‌ସୋ ଆକ୍ଟର ଧାରା ୧୩ ଓ ୧୪ରେ ୩୩୩ ମାମଲା ରୁଜୁ ହୋଇଛି। ଉକ୍ତ ତଥ୍ୟ ଅନୁଯାୟୀ, ପ୍ରତି ଲକ୍ଷେ ପିଲାରେ ୧.୫ ଜଣ ଏଭଳି କାର୍ଯ୍ୟରେ ସଂପୃକ୍ତ ରହୁଛନ୍ତି। ରାଜ୍ୟରେ ୨୦୧୭ ଅପେକ୍ଷା ୨୦୧୮ରେ ଏହି ମାମଲା ବଢ଼ିଛି। ୨୦୧୭ରେ ୨୦୧୭ ମାମଲା ଓ ୨୦୧୮ରେ ୫ହଜାର ୨୧୭ ମାମଲା ରୁଜୁ ହୋଇଛି। ସେହିଭଳି ରାଜ୍ୟରେ ଶିଶୁଙ୍କ କ୍ଷେତ୍ରରେ ୬୪ ପ୍ରତିଶତ ଅପରାଧ ବଢ଼ିଛି। ୨୦୧୮ରେ ପୋକ୍‌ସୋ ଆକ୍ଟ ଧାରା ୪ ଏବଂ ୬ ଅନୁଯାୟୀ ଆଇପିସି ୩୭୬ରେ ୧ ହଜାର ୪୨୭ ମାମଲା ରୁଜୁ କରାଯାଇଛି। ଫଳରେ ଓଡ଼ିଶା ଏକ୍ଷେତ୍ରରେ ଦେଶର ୫ ରାଜ୍ୟ ଭିତରେ ରହିଛି। ଶିଶୁ ଅପହରଣ ଜନିତ ମାମଲାରେ ଓଡିଶା ଦ୍ୱିତୀୟରେ ରହିଛି। ୨୦୧୮ରେ ୩୧୭୬ ଜଣ ପିଲା ଅପହୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୭୮୭ ଜଣର ଏବେବି ପତ୍ତା ମିଳିନି।

# ଦେୱାନ ମହମ୍ମଦଙ୍କ ନାମାନୁଯାୟୀ ମହମ୍ମଦିଆ ବଜାର

### ୱାର୍ଡର ପରିବାର ସଂଖ୍ୟା

କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୧୧, ୧୨, ୧୩ ଓ ୧୪ ନମ୍ବର ୱାର୍ଡକୁ ନେଇ ମହମ୍ମଦିଆ ଅଞ୍ଚଳ ପରିବ୍ୟାପ୍ତ। ଏହି ଅଞ୍ଚଳରେ ୬୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି।

### ଏଠାରେ କ'ଣ ରହିଛି

ଏହି ଅଞ୍ଚଳରେ ସର୍ବପୁରାତନ ଜଗନ୍ନାଥ ମଠ, ଚୈତନ୍ୟ ମଠ, ବେଲେଶ୍ୱର ମଠ, ଲକ୍ଷ୍ମୀନାରାୟଣ ମନ୍ଦିର, ବନଦୁର୍ଗା ମନ୍ଦିର ଓ ଗ୍ରାମଦେବତା ବୁଢ଼ୀ ବାସୁଳାଇ ମନ୍ଦିର ରହିଛି। ସେହିପରି ଏଠାରେ ଉଜାଲା ଖାନ୍ ମସ୍‌ଜିଦ, ଦୁର୍ଗା ମଣ୍ଡପ, ୮ଟି କ୍ଲବ ଓ ଚୈତନ୍ୟ ମଠ ଉ.ପ୍ରା. ବିଦ୍ୟାଳୟ ରହିଛି।

### ଏଠାକାର ସମସ୍ୟା

ଦୀର୍ଘଦିନ ଧରି ସାହି ମଧ୍ୟରେ ଯାଇଥିବା ବିଦ୍ୟୁତ୍ ତାର ଏଠାକାର ମୁଖ୍ୟ ସମସ୍ୟା। ପ୍ରତ୍ୟେକ ଘରକୁ ଲାଗି ବିଦ୍ୟୁତ୍ ତାରଗୁଡ଼ିକ ଲାଗି ରହିଛି। ଫଳରେ ଲୋକମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ଆସୁନି ବୋଲି ସାହି ସମ୍ପାଦକ ଲିଙ୍ଗରାଜ ବାରିକ କହିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ଦିଆଯାଇଛି। ଏଥିଯୋଗୁ ରାତି ସମୟରେ ଲୋକମାନେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି।



ରିପୋର୍ଟ: ଅଶୋକ କୁମାର ବାରିକ

**ନାଁ ପଛର କାହାଣୀ...**

କଟକ ଅଫିସ, ୯।୧

ପ୍ରାଚୀନ ସହର କଟକ। ଏହି ସହରର ପ୍ରତ୍ୟେକ ଗଳିକନ୍ଦିରେ ଲୁଚି ରହିଛି ସାହିତ୍ୟ, ସଂସ୍କୃତି, ଐତିହ୍ୟର ଅଲିଭା ଛିଟା। ବାଉନ ବଜାର ତେପନ ଗଳିର ଏହି ସହରର ପ୍ରତ୍ୟେକ ସାହିବସ୍ତିର ନାଁ ପଛରେ ଲୁଚି ରହିଛି ଚମତ୍କାର କାହାଣୀ। ଏହି କାହାଣୀଗୁଡ଼ିକ ଯେତିକି ରୋଚକ, ସେତିକି ରୋମାଞ୍ଚକର ମଧ୍ୟ। ଉତ୍ତରପିଢ଼ି ଏହି ନାଁ ପଛର କାହାଣୀରୁ କିଛି ଶିକ୍ଷଣୀୟ ବିଷୟବସ୍ତୁ ପାଇବେ ବୋଲି କଟକିଆ ଆଶା କରନ୍ତି। ଅନେକ ନଥିପତ୍ର କଟକ ଉପରେ ସମସ୍ତ ତଥ୍ୟ ପ୍ରଦାନ କରୁଛନ୍ତି। କଟକର ସାହି, ବସ୍ତି ଓ ବଜାର ସହିତ ଯୋଡି ହୋଇ ରହିଥିବା ଏହି ନଥିପତ୍ର ଭିତ୍ତିକ ତଥ୍ୟ ଲୋକଲୋଚନକୁ ଆଣିବା ନିମନ୍ତେ ଆମର ଏକ ପ୍ରୟାସ। ଏହି କ୍ରମରେ କଟକର ମହମ୍ମଦିଆ ବଜାର ଉପରେ ସ୍ୱତନ୍ତ୍ର ଉପସ୍ଥାପନା...

ମହମ୍ମଦିଆ ବଜାର ନାଁ ପଛରେ ଅନେକ ଲୋକକଥା ରହିଛି। ଓଡ଼ିଶାରେ ମୋଗଲ ଶାସନ ସମୟରେ ମହମ୍ମଦ ଜାହାନ ନାମକ ଜଣେ ମୋଗଲ ଦେୱାନ ତାଙ୍କର ଦୁଇ ଭାଇଙ୍କ ସହ କଟକରେ ରହୁଥିଲେ। ସେ ଦେୱାନ(ବିତ୍ତଶାଳୀ) ଥିବାରୁ ତାଙ୍କର ସ୍ଥାନୀୟ ଅଞ୍ଚଳରେ ଯଥେଷ୍ଟ ପ୍ରଭାବ ରହିଥିଲା। ତାଙ୍କରି ନାଁ ଅନୁସାରେ ସେ ରହୁଥିବା ଅଞ୍ଚଳକୁ ମହମ୍ମଦିଆ ବଜାର ନାମକରଣ କରାଯାଇଥିଲା। ମହମ୍ମଦିଆ ବଜାରର ଅନ୍ୟ ଏକ ବିଶେଷତ୍ୱ ରହିଛି। କଟକର ପ୍ରସିଦ୍ଧ ତାରକସି କାମ ପାଇଁ ଏହି ସାହିର ଅନେକ ନାଁ ରହିଛି। ଏଠାରେ ୬୦ରୁ ଉର୍ଦ୍ଧ୍ୱ ପରିବାର ତାରକସି କାମକରି ପରିବାର ପୋଷଣ କରିଥାନ୍ତି। ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ କଟକରୁ ବିଭିନ୍ନ ସ୍ଥାନକୁ ଯାଇଥାଏ।



ସାହିରେ ବିଭିନ୍ନ ପର୍ବ ପାଳନ କରାଯାଇଥାଏ। ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ପର୍ବଗୁଡିକୁ ଶୃଙ୍ଖଳାର ସହିତ ପାଳନ କରନ୍ତି। କୌଣସି ସମୟରେ ବିଶୃଙ୍ଖଳା ଦେଖାଦେଲେ ସାହି ମୁରବୀମାନେ ସମାଧାନ କରିଥାନ୍ତି।

**- ଶଙ୍କର ପ୍ରଧାନ, ସାହି ଅଧିକାରୀ**



ସାହିରେ ଥିବା କ୍ଲବର ସଦସ୍ୟମାନେ ସବୁ ପରିସ୍ଥିତିରେ ଲୋକଙ୍କ ପାଖରେ ଛିଡା ହୋଇଥାନ୍ତି। ସ୍ଥାନୀୟ ବାସିନ୍ଦା ଅନ୍ୟ ଉପାୟରେ ଅର୍ଥ ଉପର୍ଜନ କରୁଥିଲେ ବି ମୁଖ୍ୟତଃ ତାରକସି କାମ ଉପରେ ନିର୍ଭର କରନ୍ତି। ନିଜେ ଅର୍ଥ ଉପାର୍ଜନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର କରିବାକୁ ବାଟ ଦେଖାଇଥାନ୍ତି।

**- ଭାନୁପ୍ରତାପ ସାହୁ, ସାହି କମିଟି ସଭାପତି**

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଶିଳ୍ପା



ନିରଞ୍ଜନ



ମାନସ



ବରେନ୍



ସନ୍ତୋଷ



ଅଜୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ବାଲି ଡିପୋ ବିବାଦରୁ ଗଡ଼ିଲା ମୁଣ୍ଡ

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ

ରାସଗୋବିନ୍ଦପୁର/ଚିତ୍ରଡା,୯।୧(ଡି.ଏନ୍.ଏ.)

ବେଆଇନ ବାଲି ଚାଲାଣକୁ ବିରୋଧ କରୁଥିବା ମିଣ୍ଟୁ ତରେଇ(୩୨) ନାମକ ଜଣେ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ ଭାଇ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଠାରୁ ପ୍ରାୟ ୩ କି.ମି. ଦୂର ମୁଷାମାରୀ ଖେଳପଡିଆ ନିକଟସ୍ଥ ବାଲିଡିପୋ(ଷ୍ଟକ୍) ନିକଟରେ ଗୁରୁବାର ସକାଳେ ମିଣ୍ଟୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ବୁଧବାର ରାତିରେ କୌଣସି ବାଲି ବୋଝେଇ ଭାରିଯାନ କିମ୍ବା ବାଲି ଲୋଡିଂ କରୁଥିବା ଜେସିବି ମଡ଼ାଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଅମର୍ଦ୍ଦାରୋଡ- ବାରିପଦା ରାଜ୍ୟ ରାଜପଥ ଉପରେ ମୃତଦେହ ରଖି ସକାଳ ୯ଟାରୁ ଅପରାହ୍ନ ୨ଟା ଯାଏ ଅବରୋଧ କରିଥିଲେ। ପୋଲିସ ପହଞ୍ଚିଥିଲେ ମଧ୍ୟ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିପାରି ନ ଥିଲା। ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଭାତ କୁମାର ମହାପାତ୍ର ପହଞ୍ଚି ବୁଝାଶୁଝା ଉଦ୍ୟମ କଲାବେଳେ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ପରେ ବେତନଟୀ ଏସଡିପିଓ ଏଲ.କେ. ପଟ୍ଟନାୟକ ପହଞ୍ଚି ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରି ଘଟଣାର ତଦନ୍ତ ପରେ ଲୋକଙ୍କ ଦାବି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ରାସଗୋବିନ୍ଦପୁର ପୋଲିସ ମୃତଦେହ ଉଦ୍ଧାର କରି ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକ ମିଣ୍ଟୁଙ୍କ ବଡ଼ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ୩୦୨ ଦଫାରେ ଏକ ହତ୍ୟା ମାମଲା(ନଂ.୩/୨୦) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଥିବା କହିଛି।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଉଲ୍ଲେଖନୀୟ ଯେ, ଜମ୍ବୀରା ନଦୀରେ ଥିବା ବାଲିଘାଟରୁ ବାଲି ଉଠାଇ ୧ କି.ମି. ଦୂର ଏକ ସ୍ଥାନରେ ଗଚ୍ଛିତ ରଖାଯାଉଥିଲା। ରାତି ସମୟରେ ସେଠାରୁ ଅନ୍ୟତ୍ର ବାଲି ଚାଲାଣ କରାଯାଉଥିଲା। ରାମଚନ୍ଦ୍ରପୁର ଗ୍ରାମର ମିଣ୍ଟୁଙ୍କ ସମେତ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଥିଲେ। ଏନେଇ ବିବାଦୀୟ ସ୍ଥିତି ଲାଗି ରହିଥିଲା। ମିଣ୍ଟୁଙ୍କ ବଡ଼ ଭାଇ ପିଣ୍ଟୁ ତରାଇ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ରାତି ୯ଟା ବେଳେ ମିଣ୍ଟୁ ଘରୁ ବାହାରି ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ସେ ସମ୍ପର୍କୀୟଙ୍କ ଘରେ ରହିଯାଇଥିବ ଭାବି ପରିବାର ଲୋକେ ଶୋଇ ପଡିଥିଲେ। ଗୁରୁବାର ସକାଳୁ ତାଙ୍କ ମୃତଦେହ ଘରଠାରୁ ଅଳ୍ପ ଦୂର ବାଲି ଡିପୋ ନିକଟରେ ପଡିଥିବା ଦେଖି ପରିବାର ଲୋକେ ସ୍ତବ୍ଧ ହୋଇ ଯାଇଥିଲେ। ଖବରପାଇ ରାସଗୋବିନ୍ଦପୁର ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ, ସେକେଣ୍ଡ ଅଫିସର ଅଜୟ କୁମାର ରାଉଳ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ପୋଲିସକୁ ବିରୋଧ କରି ମୃତଦେହକୁ ନେଇ ବାରିପଦା-ଅମର୍ଦ୍ଦାରୋଡ ମୁଖ୍ୟରାସ୍ତାର ମୁଷାମାରୀଠାରେ ରଖି କ୍ଷତିପୂରଣ ଦେବା ସହ ହତ୍ୟାକାରୀଙ୍କୁ ଗିରଫ ଦାବି କରି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଅତିରିକ୍ତ ତହସିଲଦାର ମହାପାତ୍ର ପହଞ୍ଚି ବୁଝାଶୁଝା କଲା ବେଳେ ବେଆଇନ ବାଲି ଚାଲାଣକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସ୍ଥାନୀୟ ଲୋକେ ପଚାରି ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ସମୟରେ ବେତନଟୀ ଏସଡିପିଓ ପହଞ୍ଚି ବାରିପଦା ଉପଜିଲାପାଳଙ୍କ ସହିତ ଆଲୋଚନା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଅପରାହ୍ନ ଅଢେଇଟାରେ ଅବରୋଧ ପ୍ରତ୍ୟାହାର କରାଯାଇଥିଲା। ଘଟଣାର ବିଭିନ୍ନ ଦିଗକୁ ନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ କହିଛନ୍ତି। ଅତିରିକ୍ତ ତହସିଲଦାର ମହାପାତ୍ରଙ୍କୁ ପଚାରିବାରୁ ବାଲିଖାଦାନ ବିବାଦ ନେଇ ପ୍ରଶାସନ ପାଖରେ ପୂର୍ବରୁ କିଛି ଖବର ନ ଥିଲା ଏବଂ ରାସ୍ତାରୋକୋ ହେବା ଖବର ପାଇ ସେ ଘଟଣାସ୍ଥଳକୁ ଯାଇଥିଲେ ବୋଲି କହିଛନ୍ତି।

### ୯୮ ପୁଞ୍ଜିନିବେଶ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ

# ଶିଳ୍ପ ପାଇଁ ଜମି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ୯୮ଟି ପ୍ରକଳ୍ପକୁ ଜମି ବଣ୍ଟନ କରିବା ପ୍ରକ୍ରିୟାକୁ ରାଜ୍ୟ ସରକାର ତ୍ୱରାନ୍ୱିତ କରିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶିଳ୍ପ ପାଇଁ ଜମି ଲାଗି ରାଜ୍ୟସ୍ତରୀୟ ସୁପାରିସ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯୋଗ ଦେଇ ଇଡ୍କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସିଂ ରାଜ୍ୟ ପାଇଁ ପ୍ରକଳ୍ପଗୁଡିକର ବୈଷୟିକ ଓ ଆର୍ଥିକ ବିଷୟ ଆଲୋଚନା ଲାଗି ଉପସ୍ଥାପନ କରିଥିଲେ। କେଉଁ ପ୍ରକାର ଶିଳ୍ପ ପାଇଁ କେତେ ଜମି ଆବଶ୍ୟକ ତାହା ଅନୁଧ୍ୟାନ କରି ଏକ ନମୁନା ତାଲିକା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଇଡ୍କୋକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଣ୍ଟନ କରାଯାଉଥିବା ଜମିର ଶତ ପ୍ରତିଶତ ବିନିଯୋଗ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ସିଂ କହିଥିଲେ ଯେ ଏହି ପ୍ରକଳ୍ପଗୁଡିକ ମୁଖ୍ୟତଃ ଖାଦ୍ୟ ପ୍ରକ୍ରିୟାକରଣ, ଲଜିଷ୍ଟିକ ପାର୍କ, ମାନୁଫାକ୍ଚରିଂ, ସବୁଜ ଶକ୍ତି ସମ୍ବନ୍ଧିତ ଶିଳ୍ପ। ଏଗୁଡିକ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ହୋଇଥିବାରୁ ସେସବୁରେ ଅଧିକ ନିଯୁକ୍ତି ସୁଯୋଗ ରହିଛି। ଏହି ଶିଳ୍ପ ପାଇଁ ଭୁବନେଶ୍ୱର ନିକଟବର୍ତ୍ତୀ ଗୋଠପାଟଣା, ଇନ୍ଫୋସିଟି, ଇନ୍ଫୋଭ୍ୟାଲି, ଡେରାସ, ସାମୁଦ୍ରିକ ଖାଦ୍ୟ ପାଇଁ ଖୋର୍ଦ୍ଧା, ଖୋଲାଦ୍ୱାରା, ଜୟମଙ୍ଗଳ, ଅଳାପାଟଣା, ଛତାବର, ଭଗବାନପୁର ଓ ମଞ୍ଜେଶ୍ୱର ଆଦି ଶିଳ୍ପାଞ୍ଚଳରେ ଜମି ନିମନ୍ତେ ସୁପାରିସ କରାଯାଇଛି ବୋଲି ସିଂ କହିଛନ୍ତି। ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମୋନା ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଆଇନ ବିଭାଗ ସଚିବ ଶଶିକାନ୍ତ ମିଶ୍ର ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏନ୍ପିଆର୍-ଏନ୍ଆର୍ସି-ସିଏଏକୁ ଅଲଗା କର

### କେନ୍ଦ୍ରକୁ ଶତାଧିକ ଅବସରପ୍ରାପ୍ତ ଅଧିକାରୀଙ୍କ ଖୋଲା ଚିଠି

**ନୂଆଦିଲ୍ଲୀ,୯।୧:** ଶତାଧିକ ଅବସରପ୍ରାପ୍ତ କର୍ମଚାରୀ କେନ୍ଦ୍ରକୁ ଖୋଲା ଚିଠି ଲେଖିବା ସହ ଏନ୍ପିଆର୍, ଏନ୍ଆର୍ସି ଓ ସିଏଏକୁ ଅଲଗା କରିବା ଲାଗି କହିଛନ୍ତି। ଏନ୍ପିଆର୍, ସିଏଏକୁ ନେଇ ଦ୍ୱନ୍ଦ୍ୱ ବଢୁଥିବାରୁ ଏହାକୁ ପ୍ରତ୍ୟାହାର ଲାଗି ଲୋକମାନେ ସରକାର ଉପରେ ଚାପ ପକାନ୍ତୁ ବୋଲି ଦର୍ଶାଯାଇଛି। ମୋଟ ୧୦୬ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଏକ-ଚତୁର୍ଥାଂଶ କେନ୍ଦ୍ର ସରକାରଙ୍କ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ୩ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ଶ୍ୟାମ ଶରନ୍, ଶିବଶଙ୍କର ମେନନ୍, ସୁଜାଥା ସିଂ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଏନ୍ପିଆର୍ ଓ ଏନ୍ଆର୍ସିର କୌଣସି ଆବଶ୍ୟକତା ନାହିଁ ବୋଲି ଏହି ଅବସରପ୍ରାପ୍ତ ଅଧିକାରୀମାନେ ଦର୍ଶାଇଛନ୍ତି। ସାମ୍ପ୍ରତିକ ଆର୍ଥିକ ସ୍ଥିତିକୁ ଦେଖିଲେ ଗରିବଙ୍କ ଲାଗି ଉକ୍ତ ଅର୍ଥ ଖର୍ଚ୍ଚ କରାଯିବା ଠିକ୍ ହେବ ବୋଲି ସେମାନେ କହିଛନ୍ତି।

## ଅଲଣାହାଟ ହାଇସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦର ବନ୍ଧୁମିଳନ ୧୨ରେ

ନାଉଗାଁ, ୯।୧ (ଡି.ଏନ୍.ଏ.)

ଜଗତ୍ସିଂହପୁର ଜିଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଅଲଣାହାଟ ହାଇସ୍କୁଲ୍ ପୁରାତନ ବିଦ୍ୟାର୍ଥୀ ପରିଷଦର ବାର୍ଷିକ ବନ୍ଧୁମିଳନ ଉତ୍ସବ ଆସନ୍ତା ୧୨ ତାରିଖରେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ଗତବର୍ଷ ଏହି ଦିନ ପାଳନ କରାଯାଇଥିବା ସ୍କୁଲ୍ର ୭୫ତମ ବାର୍ଷିକ ଉତ୍ସବରେ ବନ୍ଧୁମିଳନ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଏହି ପ୍ରଥମ ବନ୍ଧୁମିଳନ ଉତ୍ସବରେ ସ୍କୁଲ୍ର ସମସ୍ତ ବ୍ୟାଚ୍ର ପୁରାତନ ଛାତ୍ରୀଛାତ୍ର ଯୋଗଦେବାକୁ ପରିଷଦ ଆବାହକ ଇଂ. ଅକ୍ଷୟ କୁମାର ସାହାଣୀ ନିବେଦନ କରିଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ନଗଡ଼ା ଗସ୍ତ

କାଳିଆପାଣି,୯।୧(ଡିଏନଏ)

ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଗୁରୁବାର ସକାଳେ ନଗଡ଼ା ଗସ୍ତ କରି ସେଠାକାର ସ୍ଥିତି ପରିଖି ଥିଲେ। ବୁଧବାର କାଳିଆପାଣିରେ ଚାଲିଥିବା ସୌରିକ ମହୋତ୍ସବ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖଣି ନିଗମ ଅତିଥିଶାଳାରେ ରାତ୍ରିଯାପନ କରିଥିଲେ। ରାଜସ୍ୱ ମନ୍ତ୍ରୀ ନଗଡ଼ାଗସ୍ତ ପୂର୍ବରୁ ତଳ ନଗଡ଼ାରେ ପହଞ୍ଚି ଜୁଆଙ୍ଗ ଜନଜାତି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଜମିପଟ୍ଟା, ସମସ୍ତଙ୍କୁ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଭତ୍ତା, ଆବାସ ଯୋଜନାରେ ଗୃହ ଓ ଏମ୍ଜିଏନ୍ଆର୍ଇଜିଏସ୍ରେ କାର୍ଯ୍ୟ ମିଳୁଛି କି ନାହିଁ ଆଦି ସମ୍ପର୍କରେ ଆଲୋଚନା କରି ଜାଣିବାକୁ ଚାହିଁଥିଲେ। ସ୍ୱୟଂସହାୟକ ଗୋଷ୍ଠୀ, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କାର୍ଯ୍ୟକ୍ରମ ଦ୍ୱାରା ମାତୃ ଓ ଶିଶୁ ସୁରକ୍ଷା ସମ୍ପର୍କରେ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଜୁଆଙ୍ଗମାନେ କିପରି ଆତ୍ମନିର୍ଭରଶୀଳ ହେବେ, ସେମାନଙ୍କ କୌଳିକ ବୃତ୍ତି ଥିବା ବାଉଁଶଜାତ ସାମଗ୍ରୀ ନିର୍ମାଣ ପାଇଁ ପ୍ରୋତ୍ସାହନ ପ୍ରଦାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଏହି ନଗଡ଼ା ଗସ୍ତରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ସହିତ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ମା'ଖଣ୍ଡୁରାଇ ନୂତନ ପୀଠ ଉଦ୍ଘାଟିତ

ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା'ଖଣ୍ଡୁରାଇ ପୀଠରେ ନୂତନ ଆସ୍ଥାନ, ଗୃହ ଓ ସଂଯୋଗୀକରଣ ରାସ୍ତାକୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ଏହି ଅବସରରେ ଉଦ୍ଘାଟନ କରିଥିଲେ। ଟାଟାଷ୍ଟିଲ ଦ୍ୱାରା ନିର୍ମିତ ଏହି କାର୍ଯ୍ୟର ଉଦ୍ଘାଟନ ସମୟରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ବିଧାୟକ ପ୍ରୀତିରଞ୍ଜନ ଘଡେଇ, ସୁକିନ୍ଦା ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ଉପସ୍ଥିତ ଥିଲେ। ସୁକିନ୍ଦା ରାଜବଂଶ ସହିତ ମା'ଖଣ୍ଡୁରାଇ ପୀଠ ଭାବାବେଗର ସମ୍ପର୍କ ଥିବା ରାଜା ଏହି ଅବସରରେ ପ୍ରକାଶ କରିଥିଲେ।

### ରୀନାଙ୍କୁ କଲେ ପୋଷ୍ୟ ସନ୍ତାନ

ତଳ ନଗଡାର ବୁଲୁ ପ୍ରଧାନଙ୍କ ବର୍ଷକର ଝିଅ ରୀନାଙ୍କୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ମନ୍ତ୍ରୀ ରୀନାଙ୍କୁ କୋଳେଇ ନେଇ ତାଙ୍କର ସମସ୍ତ ଦାୟିତ୍ୱ ନିଜେ ନେବେ ବୋଲି ଘୋଷଣା କରିଥିଲେ। ରୀନାଙ୍କ ପାଠ ପଢ଼ିବା ଓ ବଢ଼ିବାର ସମସ୍ତ ଦାୟିତ୍ୱ ସେ ନେଲେ ବୋଲି କହିବା ସହିତ ଜୁଆଙ୍ଗ ସମ୍ପ୍ରଦାୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ସାଙ୍ଗରେ ଧରି ଆମେ ପଢ଼ିବା, ଆମେ ଗଢ଼ିବା ନାରା ଦେଇଥିଲେ। ଆସନ୍ତା ଫେବୃୟାରୀରେ ସେ ପୁଣି ନଗଡ଼ା ଆସି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହିତ ରୀନାଙ୍କୁ ଦେଖା କରିବେ ବୋଲି କହିଥିଲେ।



# ପାରାଦୀପରେ ହେବ ରାଜ୍ୟର ପ୍ରଥମ ଇଓସି

ପାରାଦୀପ, ୯।୧ (ସ୍ୱ.ପ୍ର.)

ସମଗ୍ର ରାଜ୍ୟରେ ଥିବା ୩୫ ବୃହତ୍ ରାସାୟନିକ ଦୁର୍ଘଟଣା ପ୍ରବଣ କାରଖାନା ମଧ୍ୟରୁ ପାରାଦୀପରେ ୨୫ ପ୍ରତିଶତ ଅର୍ଥାତ୍ ୮ କାରଖାନା ଅଛି। ସେହି କାରଖାନାର ସମ୍ଭାବ୍ୟ ଦୁର୍ଘଟଣା ବେଳେ ଜରୁରିକାଳୀନ ପରିଚାଳନା ପାଇଁ ହେବ ଇଓସି (ଇମର୍ଜେନ୍ସି ଅପରେସନ୍ ସେଣ୍ଟର)। ଏହା କେବଳ ରସାୟନ ପାଇଁ ଉଦ୍ଦିଷ୍ଟ ରହିବ। ଉକ୍ତ କେନ୍ଦ୍ର ରାଜ୍ୟରେ ପ୍ରଥମ ହେବ ବୋଲି କାରଖାନା ବାଷ୍ପିତ୍ର ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଓସି ଆସନ୍ତା ମାର୍ଚ୍ଚ ୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।




ଏଥିପାଇଁ ଗୁରୁବାର ପାରାଦୀପର ରସାୟନଯୁକ୍ତ ଶିଳ୍ପ କର୍ତ୍ତୃପକ୍ଷ, କାରଖାନା ଓ ବାଷ୍ପିତ୍ର ବିଭାଗ ଏବଂ ଅତିରିକ୍ତ ଜିଲାପାଳଙ୍କ ମଧ୍ୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଏହି ଇଓସିରେ ସାଟେଲାଇଟ୍ ଫୋନ୍, ହଟ୍ଲାଇନ୍, ପ୍ରତିକାରାତ୍ମକ ଯନ୍ତ୍ରପାତି ଆଦି ରହିବ। ବିପର୍ଯ୍ୟୟ ବେଳେ ୧୦ଜଣ ସେଫ୍ଟି ଅଫିସର ଏହାକୁ ପରିଚାଳନା କରିବେ। ଉକ୍ତ ଇଓସି ପାଇଁ ପାରାଦୀପର ୩ଟି ବୃହତ୍ ଶିଳ୍ପ ସଂସ୍ଥା ଆନୁଷଙ୍ଗିକ ବ୍ୟବସ୍ଥା କରିବେ। ଯଥା ପାରାଦୀପ ତୈଳ ବିଶୋଧନାଗାର ସମସ୍ତ ପ୍ରକାର ଆନୁଷଙ୍ଗିକ ପ୍ରତିକାର ଉପକରଣ ଯୋଗାଇଦେବ। ଯେଉଁଥିରେ ଆମୋନିଆ ଗ୍ୟାସ ପରିଚାଳନା ଉପକରଣ, କ୍ଲୋରିନ୍, ଅଗ୍ନିକ ଉପକରଣ ଆଦି ରହିଛି। ପିପିଏଲ୍ ଯୋଗାଯୋଗ ସାଧନ (ସାଟେଲାଇଟ ଫୋନ୍, ହଟ୍ଲାଇନ୍ ବ୍ୟବସ୍ଥା ଆଦି) ଦେବ। ଇଫ୍କୋ ଇଓସି ପାଇଁ ଭିତ୍ତିଭୂମି (ଘର ଓ ଅନ୍ୟ ସରଞ୍ଜାମ) ଦେବ। ଏହାକୁ ଆସନ୍ତା ମାର୍ଚ୍ଚ ୪ (ସେଫ୍ଟି ଦିବସ) ପୂର୍ବରୁ କାର୍ଯ୍ୟକ୍ଷମ କରାଯିବ ବୋଲି କାରଖାନା ଓ ବାଷ୍ପିତ୍ର ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ କହିଛନ୍ତି। ପାରାଦୀପରେ ଥିବା ୮ ଦୁର୍ଘଟଣା ରସାୟନ ପ୍ରବଣ କାରଖାନା ମଧ୍ୟରେ ଅଛି ଇଫ୍କୋ, ପିପିଏଲ୍, ତୈଳ ବିଶୋଧନାଗାର, ୪ଟି ଟର୍ମିନାଲ (ବିପିସିଏଲ୍, ଏଚ୍ପିସିଏଲ୍, ଇଣ୍ଡିଆନ ଅଏଲ୍, ଏଲ୍ପିଜି ଗ୍ୟାସ) ଏବଂ ପାରାଦୀପ ହରିଦାସପୁର ବୈତରଣୀ ପାଇପ ଲାଇନ ପ୍ରକଳ୍ପ। ଏହା ବ୍ୟତିରେକେ ୧୭ଟି ଆଇସ୍ ଫ୍ୟାକ୍ଟ୍ରୀ, ୩ ଚିଙ୍ଗୁଡି ପ୍ରୋସେସିଂ ପ୍ଲାଣ୍ଟ ଓ ଏସାର ଷ୍ଟିଲ (ବର୍ତ୍ତମାନର ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କାରଖାନାରେ ସ୍ୱଳ୍ପ ମାତ୍ରାରେ ରସାୟନ ବ୍ୟବହାର ହେଉଛି। ସେହିସବୁ ଫ୍ୟାକ୍ଟ୍ରିରେ ଥିବା ଅଭିଜ୍ଞ ଅଧିକାରୀଙ୍କୁ ବିପର୍ଯ୍ୟୟ ବେଳେ ପରିଚାଳନା ପାଇଁ ଚୟନ କରାଯିବ, ଯାହାକୁ ଜିଲା ପ୍ରଶାସନ ଓ କାରଖାନା ବାଷ୍ପିତ୍ର ବିଭାଗ ମନିଟରିଂ କରିବେ।

ସୂଚନାଯୋଗ୍ୟ, ରାଜ୍ୟରେ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆପାତକାଳୀନ ପରିଚାଳନା କେନ୍ଦ୍ର ରହିଛି। ସେସବୁ ପ୍ରାକୃତିକ ବିପର୍ଯ୍ୟୟ (ବାତ୍ୟା, ବନ୍ୟା, ବର୍ଷା, ଖରା, ଶୀତ) ବେଳେ କାମରେ ଲାଗିଥାଏ। କିନ୍ତୁ ରସାୟନିକ ବିପର୍ଯ୍ୟୟ ପାଇଁ ଏହା ରାଜ୍ୟର ପ୍ରଥମ ଇଓସି ହେବ ବୋଲି ସହକାରୀ ନିର୍ଦ୍ଦେଶକ ଦଳାଇ କହିଛନ୍ତି।


**ZILLA SWASTHYA SAMITI, BALANGIR**

**O/o. The Chief District Medical & Public Health Officer (DPMU, NHM), Balangir**

Advt.: 95 Dt.07.01.2020

**NOTICE**

No.: E-653: The merit list and rejected list for empanelment of different post under Daily Wage Basis with reference to this Office Advt. No. 2607 Dt.16.07.2019 is available in the website **www.balangir.nic.in**. Further candidates are requested to attend the counselling-cum-Document verification on Dt.20.01.2020 at 10.30 A.M. in the NHM Conference Hall, O/o. The CDM&PHO-cum-District Mission Director, Balangir as per Annexure-A. If the candidate fails to attend the counselling-cum-Document verification his/her candidature automatically cancelled and the next candidate in the merit list should be called for counselling. No personal contact will be entertained.

**Sd./- CDM&PHO-cum-District Mission Director**
**Balangir**

10019/11/0008/1920



**NOTICE INVITING REVISED E-TENDERS**

**CENTRE FOR MODERNIZING GOVERNMENT INITIATIVE (CMGI)**

**Tender Enquiry No.: CMGI/PCU/BCP-HRMS/2018/581/31** **Dt.08.01.2020**

No.: CAD-794: The tender Vide No. RFP No. CMGI/PCU/DR-HRMS/2019/581/1082, Date: 10.09.2019 has been revised.

With reference to above, e-Tenders through Odisha Tenders Portal **(https://tendersodisha.gov.in)** are invited for procurement of Business Continuity Plan (BCP) site for HRMS. Tender documents can be downloaded from CMGI website **(www.cmgi.org.in)** and Odisha e-Tenders Portal **(https://tendersodisha.gov.in)**.

The authority reserves the right to reject any or all the tenders without assigning any reason thereof.

The last date of submission of the e-Tender in Odisha e-Tender Portal **(https://tendersodisha.gov.in)** is 10.02.2020 at 11.30 A.M.

**Executive Director, Centre for Modernizing Government Initiative (CMGI), 1st Floor, A-2, Toshali Bhawan, Satya Nagar, Bhubaneswar, Odisha**

By Order of Executive Director
**Procurement Officer**

09008/11/0006/1920



**GOVT. OF ODISHA** No.: A-552

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**

**DRAINAGE CIRCLE, GANDARPUR, CUTTACK - 753003**

**E-PROCUREMENT NOTICE NO.- SEDC-CTC-01/2019-20**

**e-mail ID: sedrainagecirclectc@gmail.com**

**1st Corrigendum to e-Procurement Notice No.-SEDC-CTC-04/2019-20**

Sl. No. - 1 of Notice may be read as "Ranging from Rs.155.52 Lakhs to Rs.364.95 Lakhs".

All other terms and conditions remain unchanged.

Further details can be seen from the Govt. website **www.tendersorissa.gov.in**.

**Superintending Engineer**
**Drainage Circle, Cuttack**

32174/11/0010/1920



**GOVERNMENT OF ODISHA**

**OFFICE OF THE EXECUTIVE ENGINEER**

**SUNDARGARH (R&B) DIVISION, SUNDARGARH**

**E-mail ID: pwd_sng@yahoo.co.in, Tel./Fax: (06622) 272230**

No.: B-565

**"e" Procurement Notice**

**Letter No.: 146/WE** **Bid Identification No.- EE-R&B-SNG-22 of 2019-20** **Date: 08.1.2020**

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in Single Cover System on Online mode from eligible contractors with valid licence for **Building & Electrical Work** as detailed in DTCN. | | |
| 2. | Nature of Work | : | Building & Electrical Work |
| 3. | No. of Works | : | 02 (Two) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | 'D' & 'C' and HT Electrical Contractor |
| 6. | Availability of Bid document in the website | : | From 10.00 A.M. of Date 14.01.2020 to 05.00 P.M. of Date 24.01.2020. |
| 7. | Date of Opening of Bid | : | 11.00 A.M. on Dt.27.01.2020. |
| 8. | The bidders have to participate in Online bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

34043/11/0008/1920 **Sd./- Executive Engineer, Sundargarh (R&B) Division**



**ODISHA STATE WAREHOUSING CORPORATION**

**PLOT NO. 2, CUTTACK ROAD, BHUBANESWAR-751006**

**No. COM/TR/TEN/08/2019-20/120** **Dt.08.01.2020**

**NOTICE INVITING e-TENDER**

No.: CAD-792: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor for handling and transportation of foodgrain stock of FCI at the warehouse at Bhawanipatna-II (Internal & RH Kesinga) Malkangiri (RH Jeypore), A.Katapali (RH Sambalpur City), Attabira (RH Sambalpur City) & Godbhaga (RH Sambalpur City) for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and **www.oswc.in** from **dt.10.01.2020**. The last date and time of online submission of bid is **dt.27.01.2020** upto 5 PM.

Future amendments, corrigendum or other communication regarding this tender will be available only on **https://tendersodisha.gov.in** and will not be published in print media.

The Managing Director reserves the right to accept or reject any or all tenders without assigning any reason thereof.

39003/11/0009/1920 **Sd./- Managing Director**



**THE ODISHA MINING CORPORATION LIMITED** OMC | ODISHA NEW OPPORTUNITIES

**OMC House, Bhubaneswar-751001, Odisha**

**CIN: U13100OR1956SGC000313, www.omcltd.in**

**NIT No. 01/OMC/Civil/2020**

No.: CAD-791: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated Cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Provision of renewal course over Barsuan Khandadhar road of Koira Region in the district of Sundargarh. | 1154.93 | 8 (Eight) | Special & Super | 11,55,000/- | 10,000/- + 18% GST |
| 2 | Development of CC drain, paved shoulder and guard wall of Daitari ghat road from RD KM 0/000 to KM 6/900 in the district of Keonjhar. | 828.43 | 8 (Eight) | Special & Super | 8,29,000/- | 10,000/- + 18% GST |

1. Available of Bid document in Govt. portal from dt.17/1/2020 to 07/02/2020 upto 5.00 PM.
2. Last date of on-line submission of tender in the portal is dt. 07/02/2020 upto 5.00 PM.
3. Date of opening of Technical Bid is dt .10/02/2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in.** The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0115/1920 **CGM (Civil)**



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ। -ମନୋଜ ଦାସ



## ସଂକ୍ଷେପରେ

### ଆଜି ୧୦୮ ଗରା ଜଳରେ ସ୍ନାନ କରିବେ ଅଲାରନାଥ

**ବ୍ରହ୍ମଗିରି,୯।୧(ଡି.ଏନ.ଏ):** ଶୁକ୍ରବାର ହେଉଛି ପୌଷପୂର୍ଣ୍ଣିମା। ଏହି ଅବସରରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ହେବ ପୁଷ୍ୟାଭିଷେକ। ଶ୍ରୀ ଜୀଉଙ୍କୁ ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ କରାଯିବ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀକ୍ଷେତ୍ରର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ସାମଞ୍ଜସ୍ୟ ରହିଛି ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥଙ୍କ। ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ଭଳି ଏଠାରେ ମଧ ସେହି ଅନୁସାରେ ନୀତିକାନ୍ତି ସମାପନ କରାଯାଇଥାଏ। ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ବର୍ଷକରେ ଥରେ ସ୍ନାନ ପୂର୍ଣ୍ଣମୀରେ ମହାସ୍ନାନ ହେଲାଭଳି, ଏଠାରେ ଚତୁର୍ଭୁଜ ନାରାୟଣ ବର୍ଷତମାମ ମନ୍ତ୍ରସ୍ନାନ ହେଉଥିବା ସମୟରେ ପୌଷପୂର୍ଣ୍ଣମୀରେ ମହାସ୍ନାନ ହୋଇଥାନ୍ତି। ଏହି ଆଧାରରେ ପୁଷ୍ୟାଭିଷେକ ପାଇଁ ଗୁରୁବାରଠାରୁ ପଞ୍ଚତୀର୍ଥ ଜଳ ସଂଗ୍ରହ କରାଯାଇଛି। ମନ୍ଦିର ସେବାୟତମାନେ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚତୀର୍ଥ ଅର୍ଥାତ ତ୍ରିବେଣୀ ସଙ୍ଗମ, ମହୋଦଧି, ଅର୍ଜୁନଙ୍କ ଶରପୋଖରୀ ଏବଂ ମନ୍ଦିର ମଧରେ ରହିଥିବା ଯମୁନା କୂଅରୁ ଜଳ ସଂଗ୍ରହ କରି ମନ୍ଦିରର ଗର୍ଭଗୃହରେ ସଂରକ୍ଷିତ ରଖାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୯।୧:** ଖୋର୍ଦ୍ଧା-ହଳଦିଆ ରାସ୍ତାର ବିଂକୁଡ଼ିଆ ଛକ ଠାରେ ଗୁରୁବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟାଧାରୀ ପଲେଇ। ସୂଚନା ଅନୁଯାୟୀ, ବିଂକୁଡ଼ିଆ ଛକ ନିକଟରେ ଜଟାଧାରୀ ଏକ ବାଇକରେ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଜଟାଧରୀଙ୍କୁ ଚିକତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାଙ୍କଡ଼ାପଥର ବୋଝେଇ ୬ ଟ୍ରକ୍ ଜବତ

**ଖୋର୍ଦ୍ଧା ଅଫିସ,୯।୧:** ଖୋର୍ଦ୍ଧା ସଦର ଥାନା ପୋଲିସ ଧଉଳିମୁହଁ ଓ କାଇମାଟିଆ ଖଣି ଉପରେ ଗୁରୁବାର ଚଢ଼ାଉ କରି ୬ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ କରିଛି। ଯାହାକି ବେଆଇନ ଭାବେ ଚାଲାଣ ପାଇଁ ଯାଉଥିଲା। ଟ୍ରକଗୁଡିକୁ ସ୍ଥାନୀୟ ତହସିଲଦାରଙ୍କୁ ହସ୍ତାନ୍ତର କରାଯିବା ଜଣାପଡିଛି।

### ରାଜପଥ ଲୁଟେରା ଗଲେ ଜେଲ

**ଖୋର୍ଦ୍ଧା ଅଫିସ,୯।୧:** ୧୬ ନଂ. ଜାତୀୟ ରାଜପଥରେ ମାରପିଟ୍ କରି ଲୁଟ୍ କରି ଆସୁଥିବା ଜଣେ ଯୁବକଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜେମାଦେଇର ସହଦେବ ପାଟଶାଣୀ ଓରଫ ଗେଡୁଆ(୨୮)। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ୨୦୧୯ ନଭେମ୍ବରରେ ଅଭିଯୋଗ ପରେ ପୋଲିସ ନଂ. ୪୧୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଶ୍ରମିକଙ୍କୁ ଆକ୍ରମଣ: ୨ ଗିରଫ

**ବଲଙ୍ଗା, ୯।୧(ଡି.ଏନ୍.ଏ):** ବଲଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀ ଡାହାଣ ପଟ ବନ୍ଧ ସଂଲଗ୍ନ ସାକ୍ଷୀଗୋପାଳ ଶାଖା କେନାଲ ମୈଜିବେଗଠାରେ ଏକ ବ୍ରିଜ କାର୍ଯ୍ୟ ଚାଲୁଛି। ସ୍ଥାନୀୟ କେତେଜଣ ବ୍ୟକ୍ତି ଏହି କାର୍ଯ୍ୟକୁ ନେଇ ସମ୍ପୃକ୍ତ ଠିକାଦାର ଏବଂ ଶ୍ରମିକମାନଙ୍କୁ ମାରପିଟ କରି କାର୍ଯ୍ୟ ବନ୍ଦ କରିଥିବା ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ପିପିଲି ଗାଁର ଲିଙ୍ଗରାଜ ସାହୁ ଏ ନେଇ ଥାନାରେ ଏତଲା ଦେବା ପରେ ଗୁରୁବାର ପୋଲିସ ୪/୨୦ରେ ଏକ ମାମଲା ରୁଜୁ କରି ପ୍ରଶାନ୍ତ କୁମାର ସାହୁ (୩୮) ଏବଂ ଜ୍ୟୋତି ପ୍ରକାଶ ପରିଡ଼ା (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।


## ■ ଗ୍ରୀଷ୍ମ ଅବକାଶରେ ପାଠପଢ଼ା

# ଭିତ୍ତିଭୂମି ସଜାଡ଼ି ନିଆଯାଉ ପଦକ୍ଷେପ

**ଖୋର୍ଦ୍ଧା ଅଫିସ,୯।୧:**

**ପାଠପଢ଼ାରେ ଦୁର୍ବଳ ଥିବା ପିଲାଙ୍କ ପାଇଁ ସ୍ୱତନ୍ତ୍ର କ୍ଲାସ ଶିକ୍ଷକ ନେବେ। ଗ୍ରୀଷ୍ମ ଅବକାଶରେ ରୋଟେଶନ ଡ୍ୟୁଟିରେ ଥିବା ଶିକ୍ଷକଙ୍କୁ ପଢ଼ାଇବାକୁ ପଡ଼ିବ। ତେବେ ଶିକ୍ଷକମାନଙ୍କୁ ଗ୍ରୀଷ୍ମ ଅବକାଶ ମିଳିବ ନାହିଁ ବୋଲି ଯାହା କୁହାଯାଉଛି ସେଭଳି ନୁହେଁ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ରଖିଛନ୍ତି। ଏଭଳିସ୍ଥଳେ ସରକାରଙ୍କ ଗାଇଡଲାଇନ ବାହାରି ନାହିଁ। ତେବେ ଗ୍ରୀଷ୍ମ ଅବକାଶରେ ସ୍ୱତନ୍ତ୍ର କ୍ଲାସ ହେବା ନେଇ ସରକାରଙ୍କ ଘୋଷଣା ପରେ ଶିକ୍ଷକ ମହଲରେ ବିଭିନ୍ନ ପ୍ରକାରର ଆଲୋଚନା ଜୋର ଧରିଛି। ଭିତ୍ତଭୂମି ନ ସଜାଡ଼ି ଶିକ୍ଷା ବିଭାଗର ପଦକ୍ଷେପ ଫେଲ୍ ହେବ ବୋଲି ମତପ୍ରକାଶ ପାଉଛି।**


### ଅଧିକ ସମୀକ୍ଷାର ଆବଶ୍ୟକତା



ଗ୍ରୀଷ୍ମ ଅବକାଶରେ ସ୍ୱତନ୍ତ୍ର କ୍ଲାସର ପାଠପଢ଼ା ସଫଳ ହେବନାହିଁ। ଛାତ୍ରୀଛାତ୍ରଙ୍କ ମାନସିକତା ସ୍ଥିତିକୁ ଆଧାର କରି ସମୟ ନିର୍ଘଣ୍ଟ ଆବହମାନ କାଳରୁ କରାଯାଇଛି। ଗ୍ରୀଷ୍ମ ଅବକାଶରେ ଏହାକୁ ପରିବର୍ତ୍ତନ କରିବା ବୋଧହୁଏ ଠିକ୍ ହେବନାହିଁ। ଏଥିପାଇଁ ଅଧିକ ସମୀକ୍ଷାର ଆବଶ୍ୟକତା ରହିଛି। ଏ ଦିଗରେ ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକ ସଙ୍ଗଠନର ମତାମତ ନେଇ ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ ଭଲ ହୋଇଥାନ୍ତା।

–ସୁଧାକର ସାହୁ, ଶିକ୍ଷକ ନେତା

### ବାସ୍ତବତାକୁ ଦେଖି କାର୍ଯ୍ୟ ହେଉ



ସେଦିନ ଓ ଆଜି ମଧ୍ୟରେ ଅନେକ ଫରକ। ଶିକ୍ଷକଙ୍କ ନିର୍ଦ୍ଦେଶକୁ ଛାତ୍ରୀଛାତ୍ର ଅଭିଭାବକଙ୍କଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଗୁରୁ ଶିଷ୍ୟର ସମ୍ପର୍କ ପୂରା ବଦଳିବାରେ ଲାଗିଛି। ହାତଟେକା ନମସ୍କାରଠାରୁ ଆରମ୍ଭ କରି ପାଟିରେ ନମସ୍କାର, ତା'ପରେ ଶିକ୍ଷକଙ୍କୁ ଦେଖି ଛାତ୍ର ଲୁଚିବା ସତେ ଯେପରି ସମ୍ପର୍କରେ ଏକ ବିଡମ୍ବନା ଦେଖାଦେଇଛି। ଏଭଳିସ୍ଥଳେ ସମୀକ୍ଷା ନ କରି ନୂଆ ନୂଆ ନିର୍ଦ୍ଦେଶ ପାଣିର ଗାର ସଦୃଶ। ବାସ୍ତବତାକୁ ଦେଖି ନୀତି ଲାଗୁ କରିବା ଦରକାର। ନଚେତ ଗ୍ରୀଷ୍ମଛୁଟିରେ ସ୍ୱତନ୍ତ୍ର ଶିକ୍ଷାଦାନର ସୁଫଳ ମିଳିବନି। ଜିରୋ ମିଶନ ଭଳି ଖରାଛୁଟିରେ ପାଠପଢ଼ା ସମସ୍ୟା ଆଣିପାରେ।

– ଗୌରହରି ମିଶ୍ର, ଶିକ୍ଷାବିତ୍

### ନିଷ୍ପତ୍ତି ଲଦି ଦିଆ ନ ଯାଉ



ସେତେବେଳେ ସ୍କୁଲ ମନ୍ଦିର ଥିଲା। ଗୁରୁ ଶିଷ୍ୟର ସମ୍ପର୍କ ଥିଲା ନିବିଡ। ଏବେ ସେ ସମୟ ନାହିଁ। ଘରୋଇ ସ୍କୁଲର ରେଜଲ୍ଟକୁ ଦେଖି ନୂଆ ନୂଆ ନିଷ୍ପତ୍ତି ଲଦି ଦେଲେ ସୁଫଳ ଆଶା କରିବା ନିରର୍ଥକ। ତ୍ରୁଟି ଖୋଜିବାକୁ ଉପଯୁକ୍ତ ସମୀକ୍ଷା ସହ ସଫଳତାର ମାର୍ଗ ଖୋଜିବା ଦରକାର। ତରବରିଆ ନିଷ୍ପତ୍ତି ନୂଆ ସମସ୍ୟା ସୃଷ୍ଟି କରିପାରେ। ସରକାର ଭିତ୍ତିଭୂମି ନ ସଜାଡି କେବଳ ଆଇନ କରି ଦେଲେ ସୁଫଳ ମିଳିବନି। ଅଧିକାଂଶ ସ୍କୁଲରେ ଶିକ୍ଷକଙ୍କ ଅଭାବ ଲାଗି ରହିଛି। ସ୍ୱତନ୍ତ୍ର କ୍ଲାସର ରୂପରେଖ କ'ଣ ଶିକ୍ଷା ବିଭାଗ ଜଣାଇ ମତାମତ ସଂଗ୍ରହ କରୁ।


–ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା

### ପ୍ରସ୍ତାବ ଅସମୀଚୀନ



ଶିକ୍ଷକତା ଅନ୍ୟ ବୃତିଠାରୁ ପୃଥକ୍। ସେଥିପାଇଁ ଶିକ୍ଷକ ସାଧାରଣ କର୍ମଚାରୀ ନୁହେଁ। ଶିକ୍ଷକତା ଅନ୍ୟାନ୍ୟ ବୃତ୍ତି ପାଇଁ ଯୋଗ୍ୟ ମନୁଷ୍ୟ ସୃଷ୍ଟି କରୁଥିବା ବୃତି ଅଟେ। ଶ୍ରେଣୀଗୃହରେ ଶିକ୍ଷାଦାନ ପାଇଁ ଶିକ୍ଷକଟି ଅଧିକ ପଢ଼ି କମ ପଢାଏ। ଯାହା ଅନ୍ୟ ବୃତ୍ତିରେ କେବଳ କାର୍ଯ୍ୟାଳୟ ଭିତରେ ସୀମିତ। ଏଣୁ ଅନ୍ୟ ବୃତ୍ତି ତୁଳନାରେ ଶିକ୍ଷକ ଗ୍ରୀଷ୍ମ ଅବକାଶ, ଶୀତ ଅବକାଶ ଓ ଅନ୍ୟାନ୍ୟ ପରି ଅଧିକ ଦିବସ ଛୁଟି ପାଇବାର ବ୍ୟବସ୍ଥା ରହିଛି। ଏହି ସମୟରେ ଶିକ୍ଷକ ଜଣକ ବିଭିନ୍ନ ଗବେଷଣା ଓ ଶୈକ୍ଷିକ ପ୍ରସ୍ତୁତିରେ ନିଜକୁ ନିୟୋଜିତ କରେ। ଯାହାର ସୁଫଳ ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟାର୍ଥୀମାନେ ପାଇଥାନ୍ତି। ଶିକ୍ଷକଙ୍କୁ ଅନ୍ୟ କର୍ମଚାରୀ ପରି ବିବେଚନା କରି ସ୍ୱତନ୍ତ୍ର ଛୁଟି ବାତିଲ କରିବା ପ୍ରସ୍ତାବ ଅସମିଚୀନ ।

–ପ୍ରେମାନନ୍ଦ ମହାରଣା, ଶିକ୍ଷାବିତ



ଫନୀରେ ଭାଙ୍ଗିଯାଇଥିବା ଲଲାଟ ସେଠୀଙ୍କ ଘର ।

## ଫନୀରେ ଭାଙ୍ଗିଥିବା ଘରେ ରହୁଛନ୍ତି ଲଲାଟ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୯।୧(ଡି.ଏନ.ଏ.)**

ବାତ୍ୟା ଫନୀ ଯିବାର ୮ମାସ ବିତିଯାଇଛି। ହେଲେ ଲଲାଟ ସେଠୀଙ୍କ ଭଙ୍ଗା ଘର ମରାମତି ହୋଇପାରୁନି। ଟାଙ୍ଗୀ ବ୍ଲକ ଛଣଗିରିର ଲଲାଟଙ୍କ ଘର। ବାତ୍ୟାରେ ୩ ବଖରା ଚାଳ ଘର ଭାଙ୍ଗି ଯାଇଥିଲା। ଅନେକ ଘର ଉପକରଣ ନଷ୍ଟ ହୋଇଯାଇଥିଲା। ଏଭଳିସ୍ଥଳେ ଲଲାଟ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇ ସାରିଲେଣି। ହେଲେ ତାଙ୍କ ଅଭିଯୋଗ ଶୁଣି କେହି ସମାଧାନ କରୁ ନ ଥିବା ଅଭିଯୋଗ ହୋଇଆସୁଛି।

## ଡକାୟତି ଗ୍ୟାଙ୍ଗ୍ ମୁଖ୍ୟ ବିଜୁ ଗିରଫ

**ନିମାପଡ଼ା,୯।୧(ଡି.ଏନ୍.ଏ.)**

ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିତପାବନ ନଗରରୁ ନିମାପଡ଼ା ପୋଲିସ ଏକ ଡକାୟତି ଗ୍ୟାଙ୍ଗର ମୁଖ୍ୟଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ ଗ୍ରାମର ସୁନୀଲ ଓରଫ ବିଜୁ ବାରିକ। ପୁରୀ ଜିଲାରେ ବିଜୁଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୬ରେ ନିମାପଡ଼ା ଥାନା ଅନ୍ତର୍ଗତ ବୋଧେଇ ଗ୍ରାମ ବ୍ରିଜ୍ ନିକଟରେ ୭ ଜଣ ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ନିମାପଡ଼ା ଥାନା ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିବାବେଳେ ଏମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ଜବତ କରିଥିଲା। କିନ୍ତୁ ଗ୍ୟାଙ୍ଗର ମୁଖ୍ୟ ତଥା ବିଜୁ ଅନ୍ଧାରର ସୁଯୋଗ ନେଇ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ । ଏ ନେଇ ନିମାପଡ଼ା ଥାନାରେ ଏକ ମାମଲା (ନଂ.୨୧୫/୧୯) ରୁଜୁ ହୋଇଥିଲା। ଫେରାର ବିଜୁଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ତେବେ ସେ ତାଙ୍କ ହାଟବନ୍ଧ ଗ୍ରାମ ଛାଡ଼ି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିତପାବନ ନଗରରେ ଆତ୍ମଗୋପନ କରିଥିଲେ। ବିଶେଷସୂତ୍ରରୁ ଖବରପାଇ ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ପତିତପାବନ ନଗରରେ ଚଢ଼ାଉ କରି ବିଜୁଙ୍କୁ ଧରିଥିଲା ।

## ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଅଧକ୍ଷଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ,୯।୧(ଡି.ଏନ.ଏ)**

କେନ୍ଦ୍ରୀୟ ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଅଧକ୍ଷ ବିନୟ କୁମାର ସାକ୍‌ସେନା ଗୁରୁବାର ଅପରାହ୍ନ ୩ଟା ସମୟରେ ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ପରଦର୍ଶନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଅଧକ୍ଷ ସାକ୍‌ସେନା ମନ୍ଦିରର ମୁଖ୍ୟଫାଟକ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ସଂଘର ସଭାପତି ସୁବାସ ନାୟକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ସେମାନେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ଏହାର କଳାକୃତିକୁ ବୁଲି ଦେଖିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାଚନ୍ଦ୍ର ମହାନ୍ତି ଅଧକ୍ଷ ସାକ୍‌ସେନାଙ୍କୁ ସୂର୍ଯ୍ୟମନ୍ଦିରର ଐତିହ୍ୟ, କଳା ଓ ସଂସ୍କୃତି ବିଷୟରେ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ ବିଚିତ୍ର ନାରାୟଣ ପଣ୍ଡାଙ୍କ ସମେତ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## କଣାସରେ କାଉ ମଡ଼କ

**କଣାସ, ୯।୧(ସ୍ୱ.ପ୍ର.)**

ଶୀତ ସମୟରେ ଚିଲିକାକୁ ବିଦେଶୀ ପକ୍ଷୀମାନଙ୍କର ବହୁଳ ଆଗମନ ହେଉଥିବାବେଳେ ଗତ କିଛିଦିନ ହେବ ଚିଲିକା ଉତ୍ତରନାସୀର ଆଖପାଖ ଗ୍ରାମଗୁଡ଼ିକରେ ଶତାଧିକ କାଉ ମରିପଡୁଥିବାର ଦେଖିବାକୁ ମିଳିଛି। ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ବାର୍ଡ ଫ୍ଲୁର ଆଶଙ୍କା କରି କୋକୁଆ ଭୟ ସୃଷ୍ଟି ହେଉଛି। ଚିଲିକା ଉତ୍ତରନାସୀ ଗ୍ରାମ ଗୋପୀନାଥପୁର, କଳାପଦର, ଜାଗୁଳାଇପଦର, ପାଇକମରା, ବଡଓରା, ସାନଓରା, ଓଗାଳପୁର, ସାହସପୁର, କୌଉଡଖଣୀ ଗ୍ରାମରେ ଗତ ୨ଦିନ ହେଲା ଅଚାନକ ବହୁ ସଂଖ୍ୟାରେ କାଉମାନଙ୍କ ଅସ୍ୱାଭାବିକ ମୃତ୍ୟୁ ହେଉଛି। କୁଆ ସବୁ ଗଛ, ଛାତଘର ଉପରେ କିଛି ସମୟ ବସିରହିବା ପରେ ଘୁମେଇ ଘୁମେଇ ମରିଯାଉଛନ୍ତି। ଏ ସମ୍ପର୍କରେ କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୂତି ଭୂଷଣ ପଟ୍ଟନାୟକ କୁହନ୍ତି, ଗ୍ରାମବାସୀଙ୍କଠାରୁ ଏବେ ମୁଁ ଖବର ପାଉଛି, ଶୁକ୍ରବାର ଚିଲିକା ଉପକୂଳକୁ ଯାଇ କାଉମାନଙ୍କଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବି।




ଜଟଣୀସ୍ଥିତ ଡିଆରଏମଙ୍କ ଅଫିସ ସମ୍ମୁଖରେ ଗୁରୁବାର ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି ।

## ବିଭିନ୍ନ ଦାବି ନେଇ ଶ୍ରମିକ କଂଗ୍ରେସର ଧାରଣା

**ଜଟଣୀ,୯।୧(ଡି.ଏନ.ଏ.):**

ରେଲୱେରେ ଘରୋଇକରଣ ବନ୍ଦକରିବା, ପୁରୁଣା ପେନ୍‌ଶନ ଯୋଜନା ପୁଣି ଲାଗୁ କରିବା ଆଦି ବିଭିନ୍ନ ଦାବି ନେଇ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଗୁରୁବାର ଏଠାରେ ଶୋଭାଯାତ୍ରା ଓ ଧାରଣା ଦିଆଯାଇଥିଲା। ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତି, ସୁନୀଲ ଭଞ୍ଜ, ଶ୍ରୀନିବାସ ରାଓ, ଶରତ କୁମାର ପଣ୍ଡା, ପ୍ରଫୁଲ୍ଲ ବେହେରା, ପି.ସି. ମହାନ୍ତିଙ୍କ ନେତୃତ୍ୱରେ ବହୁ ସଦସ୍ୟାସଦସ୍ୟ ଜଟଣୀସ୍ଥିତ ଡିଆର୍‌ଏମ୍ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ରେଲୱେ ବୋର୍ଡ ଚେୟାରମ୍ୟାନଙ୍କ ଉଦ୍ଦେଶ୍ୟରେ ଡିଆର୍‌ଏମ୍‌ଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଜାତୀୟ ସଙ୍ଗଠନ ଏନ୍‌ଏଫ୍‌ଆଇଆର୍ ସହବନ୍ଧିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଚଳିତମାସ ୯ରୁ ୧୧ ତାରିଖ ଦେଶବ୍ୟାପୀ ପ୍ରତିବାଦ ସ୍ୱରୂପ ରେଲୱେର ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ବିକ୍ଷୋଭ ଆଦି ଆରମ୍ଭ ହୋଇଛି।

## ୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଜଟଣୀ/ଯାଁଳା,୯।୧(ଡି.ଏନ.ଏ.):** ଜଟଣୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅରିଶଲ ଗ୍ରାମରୁ ଗୁରୁବାର ୩ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହାକୁ ବିକ୍ରି ପାଇଁ ରଖିଥିବା ଅକ୍ଷୟ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ସବ୍‌ଇନ୍ସପେକ୍ଟର କୌଶଲ୍ୟା ଜେନା କହିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ■ବାଙ୍କୋଇ- ବିନୋଦପଡ଼ା ରାସ୍ତା

# ବିଜୁସେତୁ ଆପ୍ରୋଚ ରୋଡ୍ ନିର୍ମାଣ ଦାବି

**ବୋଲଗଡ,୯।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇ ଠାରୁ ରଣପୁର ବିନୋଦପଡା ପର୍ଯ୍ୟନ୍ତ ପ୍ରାୟ ୪କିମି ଦୈର୍ଘ୍ୟ ବିଶିଷ୍ଟ ଆରଡି ରାସ୍ତାର ହଡାନଦୀ ଉପରେ ଏକ ବିଜୁ ସେତୁ ନିର୍ମାଣ ହୋଇଛି । ତେବେ ଏହି ସେତୁ ନିର୍ମାଣ ସହିତ ଆପ୍ରୋଚ ରୋଡ ନିର୍ମାଣ କରାଯାଇନାହିଁ। ସେତୁଟି ନିର୍ମାଣ ହୋଇଥିଲେ ମଧ୍ୟ ଆପ୍ରୋଚ ରୋଡ ନଥିବାରୁ ଯାତାୟତ ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଉକ୍ତ ବ୍ରିଜର ଉଭୟ ପାର୍ଶ୍ୱକୁ ଆପ୍ରୋଚ ରୋଡ ନିର୍ମାଣ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ପ୍ରକାଶ ଯେ, ପ୍ରାୟ ୨କୋଟି ଟଙ୍କା ବ୍ୟୟ ମଞ୍ଜୁରରେ ଉକ୍ତ ସେତୁଟିର ନିର୍ମାଣ କାର୍ଯ୍ୟ ୨୦୧୬ମସିହାରୁ ଆରମ୍ଭ ହୋଇ ଗତ ବର୍ଷ ଶେଷ ହୋଇଛି । ମାତ୍ର ଏହି ସେତୁ ନିର୍ମାଣ ସହିତ ଉଭୟ ପାର୍ଶ୍ୱକୁ ଆପ୍ରୋଚ ରୋଡ ୨୫୦ ମିଟର ଦୈର୍ଘ୍ୟ ବିଶିଷ୍ଟ ହେବ ବୋଲି ଆରଡି ବିଭାଗ ପକ୍ଷରୁ କୁହାଯାଇଥିଲା । ଠିକାଦାର ଏଠାରେ ଆପ୍ରୋଚ ରୋଡ କାର୍ଯ୍ୟ ଏଯାବତ କରିନଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉନାହିଁ । ତେଣୁ ଏଠାରେ ଆପ୍ରୋଚ ରୋଡ କାର୍ଯ୍ୟ କରାଯିବାକୁ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବୋଲଗଡ ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଖିଳ କୁମାର ହରିଚନ୍ଦନ କୁହନ୍ତି ଉକ୍ତ ବ୍ରିଜର ଉଭୟ ପାର୍ଶ୍ୱକୁ ଆପ୍ରୋଚ ରୋଡ ନିର୍ମାଣ କରାଯିବ ।



ସେତୁ ନିର୍ମାଣ ପରେ ବି ଆପ୍ରୋଚ ରୋଡ୍ ହେଉନାହିଁ ।

## ■ ବିପର୍ଯ୍ୟସ୍ତ ଅବସ୍ଥାରେ ଜଟଣୀ କୃଷକ ବଜାର


# ଲକ୍ଷାଧିକ ଟଙ୍କା ବ୍ୟୟ, କାମରେ ଲାଗୁନି

### ସରକାରଙ୍କ ମୂଳ ଉଦ୍ଦେଶ୍ୟରୁ ଚାଷୀ, ଖାଉଟି ବଞ୍ଚିତ

**ଜଟଣୀ,୯।୧(ଡି.ଏନ.ଏ)**

ଜଟଣୀ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପକ୍ଷରୁ ୨୦୦୧ରେ ଏଠାରେ କୃଷକ ବଜାର ଆରମ୍ଭ କରାଯାଇଥିଲା। ଏହା ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପ୍ରଦାନ ସହ ଖାଉଟିଙ୍କୁ ସଦ୍ୟ ଫଳ ପନିପରିବା ସୁଲଭ ମୂଲ୍ୟରେ ଯୋଗାଇ ଦେବା ଏହାର ଲକ୍ଷ୍ୟ ରହିଥିଲା। ଏଥିସହ ଚାଷୀ ଓ ଖାଉଟିଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବ ବୋଲି ଆଶା ରଖାଯାଇଥିଲା। ଓଡ଼ିଶାର ସର୍ବପ୍ରଥମ ଜଟଣୀ ନିୟନ୍ତ୍ରିତ ବଜାର କମିଟି ପରିସରରେ ଏହି କୃଷକ ବଜାର ସମ୍ପୂର୍ଣ୍ଣ ହେବା ୧୭ ବର୍ଷ ଅତିକ୍ରମ କରିବା ପରେ ବି ଏଯାବତ୍ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ସରକାରଙ୍କ ମୂଳ ଉଦ୍ଦେଶ୍ୟରୁ ଉଭୟ ଚାଷୀ ଓ ଖାଉଟି ବଞ୍ଚିତ ହୋଇଛନ୍ତି।

କୃଷକ ବଜାରର ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ୧୬ ଲକ୍ଷ ୨୯ ହଜାର ଟଙ୍କା ବ୍ୟୟରେ ୨୦୦୧ ଜାନୁୟାରୀ ୨୪ରେ ଆରମ୍ଭ ହୋଇଥିଲା। ସେହିବର୍ଷ ଜୁନ୍ ୨୯ରେ ଏହାର ନିର୍ମାଣ କାର୍ଯ୍ୟ ସରିଥିଲା। ସେହିପରି ୨୨ ଲକ୍ଷ ଟଙ୍କା ବ୍ୟୟରେ ଚାଷୀଙ୍କ ପନିପରିବା ସତେଜ ରଖିବାକୁ ଶୀତଳଭଣ୍ଡାର ମଧ ନିର୍ମାଣ ହୋଇଥିଲା। ନିର୍ମିତ ଶୀତଳଭଣ୍ଡାର, ପିଣ୍ଡି, ଧାନ ସଂଗ୍ରହ କେନ୍ଦ୍ର, ଗୋଦାମ ଘର ଆଦି ବର୍ତ୍ତମାନ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଗୋଟିଏ ଦିନ ମଧ ଚାଷୀ ଓ ଲୋକଙ୍କ ଫାଇଦାରେ ଏହା ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ। ଚାଷୀ ଓ ଖାଉଟିଙ୍କୁ ଏକତ୍ରିତ କରି ଏହି ବଜାର ଚଳାଇବା ଦାୟିତ୍ୱ ଆର୍‌ଏମ୍‌ସିର ହୋଇଥିଲେ ମଧ ସମ୍ପୃକ୍ତ ବିଭାଗ କିମ୍ବା ଅନ୍ୟ କେହି ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଯାହାଦ୍ୱାରା ଚାଷୀ ଓ ଖାଉଟିଙ୍କ ହିତକୁ ଦୃଷ୍ଟିରେ ରଖି କରାଯାଇଥିବା କୃଷକ ବଜାର ଭଳି ମହତ୍ ଯୋଜନାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ସରକାରଙ୍କ ଆଭିମୁଖ୍ୟ ମଧ ସଫଳ ହୋଇପାରିନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି କୃଷକ ବଜାର କିପରି କାର୍ଯ୍ୟକ୍ଷମ ହୋଇ ଖାଉଟି ଓ ଚାଷୀ ଉପକୃତ ହେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ଆର୍‌ଏମ୍‌ସି ସମ୍ପାଦକ ନିରଞ୍ଜନ ସାମଲ କୁହନ୍ତି, ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରାଯିବ। ସେହିପରି ଆର୍‌ଏମ୍‌ସିରେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଦାୟିତ୍ୱରେ ଥିବା ଜିତେନ୍ଦ୍ରିୟ ରଥ କୁହନ୍ତି, ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏପରି ଏକ ଭଲ ଯୋଜନାରୁ ଜଟଣୀବାସୀ ବଞ୍ଚିତ ହୋଇଛନ୍ତି। ଏଣୁ ଏହାକୁ କାର୍ଯ୍ୟକାରୀ କରିବାକୁ ନିଶ୍ଚୟ ପ୍ରୟାସ କରାଯିବ।



ବିପର୍ଯ୍ୟସ୍ତ ଅବସ୍ଥାରେ କୃଷକ ବଜାର ।



ବଲିଉଡ୍ ସୁପରଷ୍ଟାର ହ୍ରିତିକ ରୋଶନ ଶୁକ୍ରବାର ୪୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୭୪ ଜାନୁୟାରୀ ୧୦ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ସଞ୍ଜୟ ଖାଁଙ୍କ ସୁପୁତ୍ରୀ ସୁଜେନ୍ ଖାଁଙ୍କ ସହିତ ସେ ୨୦୦୦ରେ ପ୍ରେମବିବାହ କରିଥିଲେ। ତେବେ ଫିଲ୍ମ ସେଟ୍‌ରେ ଅନ୍ୟ ଅଭିନେତ୍ରୀଙ୍କ ସହିତ ପ୍ରେମସମ୍ପର୍କ ଯୋଗୁ ସୁଜେନ-ହ୍ରିତିକଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଦେଇଥିଲା । ପାରିବାରିକ ତିକ୍ତତା ଯୋଗୁ ୨୦୧୪ରେ ଦୁହିଁଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିଲା।

# ୫୦୦ବର୍ଷ ଇତିହାସରେ ଶ୍ରେଷ୍ଠ ଶାସକ

# ରଣଜିତ୍ ସିଂ



**ଅମୃତସର:** ଭାରତ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ଶାସକ ଭାବେ ପରିଗଣିତ ହୁଅନ୍ତି ମହାରାଜା ରଣଜିତ୍ ସିଂ। ଏହି ପ୍ରଥମ ଶିଖ୍ ଶାସକଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଶାସନ ନୀତି ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ମହାରାଜାଙ୍କ ବିୟୋଗକୁ ଇତିମଧ୍ୟରେ ବିତିଗଲାଣି ୧୮୦ବର୍ଷ। ହେଲେ ଏବେ ବି ତାଙ୍କ ଯଶଗାନ କରୁଛି ସାରା ବିଶ୍ୱ। ନିକଟରେ ଆମେରିକାନ୍ ୟୁନିର୍ଭର୍ସିଟି ଅଫ୍ ଆଲ୍‌ବାମା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ତାଙ୍କୁ ୫୦୦ବର୍ଷ ଇତିହାସରେ ସର୍ବଶ୍ରେଷ୍ଠ ଶାସକ ଭାବେ ଅଭିହିତ କରାଯାଇଛି। କାର୍ଯ୍ୟଶୈଳୀ, ରଣକୌଶଳ, ସେନା ନବୀକରଣ, ଆର୍ଥିକ ଏବଂ ବ୍ୟବସାୟିକ ନୀତି ଆଧାରରେ ସୂଚୀବଦ୍ଧ କରାଯାଇଥିବା ୧୦ ଶ୍ରେଷ୍ଠ ଶାସକଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି ମହାରାଜା ରଣଜିତ୍ ସିଂ। ଅନୁରୂପ ଭାବେ ଶ୍ରେଷ୍ଠ ୫ ଶାସନ କାଳ ମଧ୍ୟରେ କରାଯାଇଥିବା ସୂଚୀରେ ମହାରାଜାଙ୍କ ଶାସନ ସମୟକୁ ସର୍ବଶ୍ରେଷ୍ଠ ବୋଲି ଦର୍ଶାଯାଇଛି। ମହାରାଜା ରଣଜିତ୍‌ଙ୍କ ବଂଶଜ ଡା. ଯଶବିନ୍ଦର ସିଂ କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତରୁ ରାଜତନ୍ତ୍ରର ଯୁଗ ଶେଷ ହୋଇଛି। ହେଲେ ମହାରାଜା ରଣଜିତ୍‌ଙ୍କ ଶାସନ କାଳକୁ ସବୁଠାରୁ ଶ୍ରେଷ୍ଠ ବୋଲି ଏବେ ବି ବିଚାର କରାଯାଏ। ତାଙ୍କ ରାଜତ୍ୱ କାଳରେ ବିଦେଶୀ ଆକ୍ରମଣକାରୀ ଭାରତ ଆଡ଼କୁ ଆଖି ଉଠାଇବାକୁ ଭୟ କରୁଥିଲେ। ସେ ପଶ୍ଚିମ ତଥା ଉତ୍ତର ପଶ୍ଚିମ ପାର୍ଶ୍ୱରେ ନିଜ ସାମ୍ରାଜ୍ୟ ବିସ୍ତାର କରିଥିଲେ। ତାଙ୍କ ସାମ୍ରାଜ୍ୟର ସୀମା ପେଶାୱାର, ପଖତୁନଖାଠାରୁ ଆରମ୍ଭ କରି କଶ୍ମୀର ଯାଏ ବିସ୍ତାରିତ ହୋଇଥିଲା। ତତ୍କାଳୀନ ସମୟରେ ତାଙ୍କର ବଳିଷ୍ଠ ଉଦ୍ୟମରେ ଆଭ୍ୟନ୍ତରୀଣ ଶାନ୍ତି କାଏମ ରହିଥିଲା। ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବା ରାଜାମାନଙ୍କୁ ଏକାଠି କରି ସେ ଦେଶରେ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିଥିଲେ। ଯଶବିନ୍ଦର ଆହୁରି ମଧ୍ୟ କହିଛନ୍ତି, ମହାରାଜା ରଣଜିତ୍ ନିଜ ଶାସନ ସମୟରେ ଅନେକ ନିୟମ ଲାଗୁ କରିଥିଲେ। ହେଲେ ଜଣକୁ ବି ମୃତ୍ୟୁଦଣ୍ଡରେ ଦଣ୍ଡିତ କରି ନ ଥିଲେ। ତାଙ୍କ ସୁବା ଥିଲା ଧର୍ମନିରପେକ୍ଷ। କେବଳ ଏତିକି ନୁହେଁ, ସେ ହିନ୍ଦୁ ଏବଂ ଶିଖ୍‌ଙ୍କଠାରୁ ଆଦାୟ କରୁଥିବା ଜିଜିଆ କର ଉପରେ ରୋକ୍ ଲଗାଇଥିଲେ। କାହାରିକୁ ଶିଖ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରୁ ନ ଥିଲେ। ତାଙ୍କ ଉଦ୍ୟମରେ ଅନ୍ୟତମ ଶିଖ୍ ଧର୍ମସ୍ଥଳୀ ଅମୃତସରରେ ହରମିନ୍ଦର ସାହିବ ଗୁରୁଦ୍ୱାରରେ ଶଙ୍ଖ ମଲମଲ ପଥର ଲଗାଇବା ସହ ସୁନା ଛାଉଣି କରାଇଥିଲେ। ସେବେଠାରୁ ଏହି ଗୁରୁଦ୍ୱାର ସ୍ୱର୍ଣ୍ଣମନ୍ଦିର ନାମରେ ନାମିତ ହୋଇଛି।

# ଗୁଜରାଟ ବୈଜ୍ଞାନିକଙ୍କ ନୂଆ ରୋବୋ

# ଦୁଃଖ ସମୟରେ ଦେବ ସହାନୁଭୂତି



**ଲାସ୍‌ଭେଗାସ୍/ ଅହମ୍ମଦାବାଦ:** ଆଧୁନିକ ଯୁଗରେ ମଣିଷର କାମ ରୋବୋ କରୁଛି। ପ୍ରତିଟି କାର୍ଯ୍ୟରେ ଏବେ ରୋବୋର ଉପଯୋଗ କରାଯାଉଛି। ପୃଥିବୀର ସର୍ବବୃହତ୍ ଇଲୋକ୍ଟ୍ରନିକ୍ସ ଶୋ ସିଇଏସ୍-୨୦୨୦ରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ହୋଇଛି। ଏହି ଶୋରେ ଗୁଜରାଟର ବୈଜ୍ଞାନିକ ଇଞ୍ଜିନିୟର ପ୍ରଣବ ମିସ୍ତ୍ରୀଙ୍କ ଦ୍ୱାରା ଆର୍ଟିଫିସିଆଲ୍ ହ୍ୟୁମାନ୍ ପ୍ରଦର୍ଶନ କରାଯାଇଛି। ସେ ସାମ୍‌ସଙ୍ଗ ପକ୍ଷରୁ ଏହି ଶୋରେ ଯୋଗ ଦେଇଛନ୍ତି। ଏହି ନୂଆ ଆର୍ଟିଫିସିଆଲ୍ ହ୍ୟୁମାନ୍ ରୋବୋ ମଣିଷ ଭଳି ଅବିକଳ କଥା ହେବା ସହିତ ଦୁଃଖ ସମୟରେ ସହାନୁଭୂତି ଦେବାକୁ ସକ୍ଷମ ବୋଲି ପ୍ରଣବ ସୂଚନା ଦେଇଛନ୍ତି। ଏହି ରୋବୋର ନାମ ନିୟନ ରଖାଯାଇଛି। ଏହା ନିୟନ ଆର୍-୩ ଜ୍ଞାନକୌଶଳ ଅର୍ଥାତ୍ ରିଲାୟବିଲିଟି, ରିୟଲ ଟାଇମ୍ ଏବଂ ରେସପନ୍ସ ଆଦି ଉପରେ କାର୍ଯ୍ୟ କରିବାକୁ ସକ୍ଷମ ବୋଲି ପ୍ରଣବ କହିଛନ୍ତି।

# ଆଜି 'ତାନାଜୀ', 'ଛପାକ୍' ମୁହାଁମୁହିଁ





**ମୁମ୍ବାଇ:** ୨୦୨୦ ଆରମ୍ଭରେ ବକ୍ସ ଅଫିସ୍‌ରେ ହେବ ଚଳିତ ବର୍ଷର ପ୍ରଥମ ଟକ୍କର। ଜାନୁୟାରୀ ୧୦ ଅର୍ଥାତ୍ ଫ୍ରାଇଡେ ରିଲିଜ୍‌ରେ ପରଦାକୁ ଆସୁଛି ଦୁଇଟି ଫିଲ୍ମ। ଦୀପିକା ପାଦୁକୋନ୍‌ଙ୍କ ଫିଲ୍ମ 'ଛପାକ୍' ସହ ଟକ୍କର ଦେବ କାଜୋଲ-ଅଜୟ ଦେବଗନ୍‌ଙ୍କ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍'। ଉଭୟ ଫିଲ୍ମର ଜନର୍ ଭିନ୍ନ ଭିନ୍ନ ଅଟେ। ଦୀପିକାଙ୍କ 'ଛପାକ୍' ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ କାହାଣୀ ଉପରେ ଆଧାରିତ ହୋଇଥିବାବେଳେ ଅଜୟ ଦେବଗନ୍‌ଙ୍କ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ଛତ୍ରପତି ଶିବାଜୀ ମହାରାଜଙ୍କ ମରାଠା ସେନା ଉପରେ ଆଧାରିତ। ଗୋଟିଏପଟେ ୧୧ବର୍ଷ ପରେ କାଜୋଲ-ଅଜୟଙ୍କୁ ଏକାଠି ପରଦାରେ ଦେଖିବାକୁ ମିଳିବ। ଅନ୍ୟପଟେ ନିଜ କ୍ୟାରିୟରର ସବୁଠାରୁ ଭିନ୍ନ ଏକ ଅବତାରରେ ଦୀପିକା ନଜର ଆସିବେ। ଉଭୟ ଫିଲ୍ମର ଟ୍ରେଲର୍ ଓ ପୋଷ୍ଟର ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ସିନେ ସମୀକ୍ଷକଙ୍କ କହିବା ଅନୁଯାୟୀ, ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବେ ଏବଂ ପରସ୍ପରକୁ କଡ଼ା ଟକ୍କର ଦେବେ। ଗୋଟିଏ ଐତିହାସିକ ଡ୍ରାମା ତ ଆଉ ଗୋଟିଏ ସାମାଜିକ ସମସ୍ୟା ଉପରେ ଆଧାରିତ ଫିଲ୍ମ। ଦର୍ଶକଙ୍କ ୱିକ୍-ଏଣ୍ଡ୍ ନିଶ୍ଚୟ ଦୁଇଟି ଭଲ ଫିଲ୍ମ ସହ କଟିବ ବୋଲି ଆଶା କରାଯାଉଛି। ଏହାଛଡ଼ା ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ୩ଡିରେ ରିଲିଜ୍ ହେବାକୁ ଥିବାବେଳେ ଦୀର୍ଘ ଦୁଇବର୍ଷ ପରେ ବଲିଉଡ୍ ମସ୍ତାନୀ ଦୀପିକା ଫିଲ୍ମ 'ଛପାକ୍' ସହ ବଲିଉଡ୍ ଫେରୁଛନ୍ତି। ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍'ରେ ଅଜୟ-କାଜୋଲ ଏବଂ ସୈଫ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହାକୁ ନିଜେ ଅଜୟ ଦେବଗନ୍ ପ୍ରଯୋଜନା କରୁଛନ୍ତି। ସେହିଭଳି ଫିଲ୍ମ 'ଛପାକ୍'ରେ ଦୀପିକା ଏବଂ ବିକ୍ରାନ୍ତ ମାସୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।



**କୋଲକାତା:** କୁହାଯାଏ, ଭାଗ୍ୟ କାହାକୁ କେତେବେଳେ କେଉଁଠି ନେଇ ପହଞ୍ଚାଇଥାଏ ତା'ର ଠିକଣା ନ ଥାଏ। ଫଳରେ କୋଟିପତି ଗରିବ ହୋଇଯାଉଥିବା ବେଳେ ଗରିବଟିଏ ରାତାରାତି କୋଟିପତି ହୋଇଯାଏ। ଏହାର ଅନେକ ଉଦାହରଣ ମଧ୍ୟ ରହିଛି। ଏହିପରି ଏକ ଉଦାହରଣ ଦେଖିବାକୁ ମିଳିଛି କୋଲକାତାରେ। ଯାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଠାକାର ଜଣେ ପରିବା ଦୋକାନୀ ଲଟେରି ଟିକେଟ୍‌କୁ ରାଗି କି ଅଳିଆଗଦାରେ ଫିଙ୍ଗି ଦେଇଥିଲେ। ମାତ୍ର ଏହି ଟିକେଟ ତାଙ୍କୁ କୋଟିପଟି କରିଦେଇଛି। କୋଲକାତାର ଦମ୍‌ଦମ୍ ଅଞ୍ଚଳରେ ରହୁଥିବା ସାଦିକ୍ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଦିନେ ସ୍ତ୍ରୀଙ୍କ ସହ ସାଦିକ୍ ନାଗାଲାଣ୍ଡ ଲଟେରିର ୫ଟି ଟିକେଟ୍ କିଣିଥିଲେ। ୨ ଜାନୁୟାରୀରେ ଏହି ଲଟେରି ଉଠାଣ ହୋଇଥିଲା। କିଛି ଦୋକାନୀ ତାଙ୍କର ଲଟେରି ଉଠି ନ ଥିବା ସାଦିକ୍‌ଙ୍କୁ କହିଥିଲେ। ଏଥିରେ ରାଗି ଯାଇ ସମସ୍ତ ଟିକେଟ ନେଇ ସେ ଅଳିଆଗଦାରେ ଫିଙ୍ଗି ଦେଇଥିଲେ।

ଏକ ରିପୋର୍ଟ ଅନୁଯାୟୀ, ୩ ଜାନୁୟାରୀରେ ସାଦିକ୍ ୧ କୋଟି ଟଙ୍କାର ପୁରସ୍କାର ଜିତିଥିବା ଜାଣିବାକୁ ପାଇଥିଲେ। ଏହା ଶୁଣି ଖୁସିରେ ସାଦିକ୍‌ଙ୍କ ଗୋଡ଼ ତଳେ ଲାଗିଲାନି। ସେ ସଙ୍ଗେ ସଙ୍ଗେ ସ୍ତ୍ରୀ ଅସୀମାଙ୍କ ସହ ମିଶି ଅଳିଆଗଦାରୁ ଟିକେଟ୍ ଖୋଜିବାରେ ଲାଗିପଡ଼ିଲେ। ଦୀର୍ଘସମୟ ଖୋଜିବା ପରେ ୫ଟି ଯାକ ଟିକେଟ୍ ପାଇଥିଲେ। ପରେ ସେହି ଟିକେଟ୍ ଦେଖାଇ ସେ ପୁରସ୍କାର ରାଶି ଆଣିଥିଲେ।

# ପରିବା ବିକାଳି ସାଜିଲେ କୋଟିପତି



**ନ୍ୟୁୟର୍କ:** କପଡ଼ା ଆଲମିରା ପଡ଼ି ଜଣେ ୨ ବର୍ଷ ଶିଶୁର ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଆଲମିରା କମ୍ପାନୀକୁ ୩୩୧ କୋଟି ଟଙ୍କାର କ୍ଷତି ପୂରଣ ଦେବାକୁ ପଡ଼ିଛି। ଆମେରିକା କାଲିଫର୍ନିଆରେ ୩୦ ଇଞ୍ଚ ଉଚ୍ଚା କପଡ଼ା ଆଲମିରା ପଡ଼ିଯିବାରୁ ୨୦୧୭ ମଇ ମାସରେ ଏହା ଘଟିଥିଲା। ଏନେଇ ଶିଶୁଙ୍କର ଅଭିଭାବକଙ୍କ ପକ୍ଷରୁ କୋର୍ଟରେ ଘରୋଇ ଆସବାବପତ୍ର ନିର୍ମାଣକାରୀ କମ୍ପାନୀ ଆଇକିଆ ବିରୋଧରେ ଏକ ମାମଲା ଦାଏର କରାଯାଇଥିଲା। କମ୍ପାନୀର ଆଲମିରା ନିର୍ମାଣରେ ତ୍ରୁଟି ଥିବା ଦର୍ଶାଇ ଏହି ମାମଲା ଦାଏର ହୋଇଥିଲା। ଶେଷରେ କମ୍ପାନୀ ଦାବି କରାଯାଇଥିବା କ୍ଷତିପୂରଣ ଦେଇଛି। ଏହାପୂର୍ବରୁ ୨୦୧୬ରେ ଏକ ଘଟଣାରେ କମ୍ପାନୀ ପକ୍ଷରୁ ୩ ପରିବାରଙ୍କୁ ଭିନ୍ନ ଭିନ୍ନ ମାମଲାରେ ୩୬୦ କୋଟି ଟଙ୍କାର କ୍ଷତି ପୂରଣ ଦିଆଯାଇଥିଲା। ସୂଚନାଯୋଗ୍ୟ, ୧୯୪୩ରେ ୧୭ ବର୍ଷ ବୟସ୍କ କୈମ୍ପ୍ରେଡ୍ ଏହି କମ୍ପାନୀର ସ୍ଥାପନା କରିଥିଲେ। ୨୦୧୯ରେ କମ୍ପାନୀ ୩ ଲକ୍ଷ ୨୫ ହଜାର କୋଟି କାରବାର କରିଥିଲା।

# ଶିଶୁ ମୃତ୍ୟୁ ଘଟଣାରେ ୩୩୧ କୋଟି କ୍ଷତିପୂରଣ




**ମୁମ୍ବାଇ:** ବଲିଉଡ୍‌ର ଟାଲେଣ୍ଟେଡ୍ ହିରୋ ଆୟୁଷ୍ମାନ୍ ଖୁରାନାଙ୍କୁ ନେଇ ଏବେ ବି-ଟାଉନରେ ବଡ଼ ଚର୍ଚ୍ଚା। ଲୋକପ୍ରିୟ ନିର୍ଦ୍ଦେଶକ ଇମ୍‌ତିୟାଜ୍ ଅଲିଙ୍କ ଆଗାମୀ ଫିଲ୍ମ କରିବାକୁ ଆୟୁଷ୍ମାନ୍ ମନାକରିଦେଇଥିବା ଜଣାପଡ଼ିଛି। ତେବେ ଏତେବଡ଼ ନିର୍ଦ୍ଦେଶକଙ୍କ ଫିଲ୍ମ ଅଫର୍‌କୁ ମନାକରିଦେବା ପରେ ଆୟୁଷ୍ମାନଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଆୟୁଷ୍ମାନଙ୍କ ଫିଲ୍ମ 'ବାଲା' ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଥିଲା। ସେ ଖୁବ୍ କମ୍‌ଦିନରେ ବଲିଉଡ୍‌ରେ ଜଣେ ଆଗ ଧାଡ଼ିର ହିରୋ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

ଇମ୍‌ତିୟାଜ୍ ପଞ୍ଜାବୀ ଲୋକଗାୟକ ଅମର ସିଂ ଚମ୍‌କିଲାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। 'ଜବ୍ ୱି ମେଟ୍', 'ତମାଶା', 'ହାଇୱେ' ଭଳି ସୁପରହିଟ୍ ଫିଲ୍ମ କରିସାରିଥିବା ଇମ୍‌ତିୟାଜ ଅମର ସିଂଙ୍କ ଭୂମିକା ପାଇଁ ଆୟୁଷ୍ମାନ୍‌ଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଆୟୁଷ୍ମାନ୍ ବିନମ୍ରତାର ସହ ଏହି ଅଫର୍‌କୁ ମନା କରିଦେଇଥିଲେ। ଅମର ସିଂ ଚମ୍‌କିଲା ନିଜ ଗାୟକୀ ପାଇଁ ପଞ୍ଜାବରେ ଖୁବ୍ ଲୋକପ୍ରିୟ। ସେ ନିଜ ଗୀତଗୁଡ଼ିକ ପାଇଁ ଖୁବ୍ ବିବାଦରେ ଫସିଥିଲେ ହେଁ ତାଙ୍କ ଲୋକପ୍ରିୟତା କମ୍ ନ ଥିଲା। ମାତ୍ର ୨୮ ବର୍ଷ ବୟସରେ, ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ଅନ୍ୟପଟେ ଏକମାସ ପୂର୍ବେ ଇମ୍‌ତିୟାଜ୍ ଫିଲ୍ମର ସ୍କ୍ରିପ୍ଟ ନେଇ ଆୟୁଷ୍ମାନ୍‌ଙ୍କ ନିକଟକୁ ଯାଇଥିଲେ। ହେଲେ ନିଜ ଅପ୍‌କମିଂ ଫିଲ୍ମ 'ଗୁଲାବୋ ସିତାବୋ' ଏବଂ 'ଶୁଭମଙ୍ଗଳ ଜ୍ୟାଦା ସାବଧାନ' ପରେ ଆୟୁଷ୍ମାନ୍ ଅତି କମ୍‌ରେ ୪ ମାସ ବ୍ରେକ୍ ନେବାକୁ ଚିନ୍ତା କରୁଛନ୍ତି। ଏଥିଲାଗି ସେ ଇମ୍‌ତିୟାଜ୍‌ଙ୍କ ଫିଲ୍ମକୁ ମନାକରିଦେଇଥିବା କୁହାଯାଉଛି। ତେବେ କାର୍ତ୍ତିକ ଆର୍ଯ୍ୟନଙ୍କୁ ମଧ୍ୟ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି କୁହାଯାଉଥିଲା। ଏବେ ଇମ୍‌ତିୟାଜ୍ ନିଜ ଆଗାମୀ ଫିଲ୍ମ ପାଇଁ କାହାକୁ ଚୟନ କରୁଛନ୍ତି ଦେଖିବାକୁ ଅପେକ୍ଷା ରହିଲା।

# ଇମ୍‌ତିୟାଜ୍‌ଙ୍କ ଫିଲ୍ମକୁ ଆୟୁଷ୍ମାନ୍‌ଙ୍କ ନା

# ଆସିଲା ସ୍ମାର୍ଟ ଆଣ୍ଟି ଟିଜିଂ ଲିପ୍‌ଷ୍ଟିକ୍ ଗନ୍



**ବାରାଣସୀ:** ଏବେ ରୋଡ୍ ସାଇଡ୍ ରୋମିଓଙ୍କୁ ପାନେ ମିଳିବ। ବାରାଣସୀର ଜଣେ ଯୁବକ ମହିଳାଙ୍କ ସୁରକ୍ଷା ପାଇଁ ଏକ ନୂଆ ପ୍ରକାରର ଲିପ୍ ଷ୍ଟିକ୍ ତିଆରି କରିଛନ୍ତି। ଏହାର ନାମ ସ୍ମାର୍ଟ ଆଣ୍ଟି ଟିଜିଂ ଲିପ୍‌ଷ୍ଟିକ୍ ଗନ୍ ରଖାଯାଇଛି। ସ୍ଥାନୀୟ ଅଶୋକା ଇନଷ୍ଟିଚ୍ୟୁଟରେ ପାଠପଢୁଥିବା ଶ୍ୟାମ ଚୌରାସିଆ ନାମକ ଜଣେ ଯୁବକ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ଏହାକୁ ତିଆରି କରିଛନ୍ତି। ଏଥିରୁ ଗୁଳି ଫୁଟିଲେ ଏହାର ଶବ୍ଦ ଆଖପାଖର ଏକ କିଲୋମିଟର ପର୍ଯ୍ୟନ୍ତ ଶୁଭିବ। ଫଳରେ ଆଖପାଖରେ ଥିବା ଲୋକ ଏବଂ ପୋଲିସ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏହା ସକ୍ଷମ ହେବ ବୋଲି ଶ୍ୟାମ କହିଛନ୍ତି। ଏହାଦ୍ୱାରା ଏକୁଟିଆ ଯୁବତୀ ଏବଂ ମହିଳାଙ୍କୁ ହଇରାଣ କରୁଥିବା ରୋଡ୍ ସାଇଡ୍ ରୋମିଓ ସାବାଡ୍ ହୋଇପାରିବେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଶ୍ୟାମ ଏଭଳି ବହୁ ଉପଯୋଗୀ ଉପକରଣ ତିଆରି କରିସାରିଛନ୍ତି।

# ପୃଥିବୀଠାରୁ ବଡ଼ ଗ୍ରହର ସନ୍ଧାନ



**ୱାଶିଂଟନ:** ପୃଥିବୀଠାରୁ ବଡ଼ ଏକ ଗ୍ରହର ସନ୍ଧାନ ମିଳିଛି। ଏଲିଅନ୍‌ଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ସ୍ପେସ୍‌କ୍ରାଫ୍ଟର ଟେଲିସ୍କୋପ୍ ଦ୍ୱାରା ଏହି ଗ୍ରହର ଉପସ୍ଥିତି ବିଷୟରେ ଜଣାପଡ଼ିଛି। ଏହା ପୃଥିବୀଠାରୁ ଶହେ ଆଲୋକ ବର୍ଷ ଦୂରରେ ରହିଛି। ଗ୍ରହର ଆକାର ପୃଥିବୀର ଆକାର ତୁଳନାରେ ୨୦ ପ୍ରତିଶତ ଅଧିକ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗ୍ରହକୁ ଟିଓଆଇ-୭୦୦-ଡି ଭାବେ ନାମକରଣ କରାଯାଇଛି। ଏହା ବାସଯୋଗ୍ୟ ବୋଲି ନାସାର କିଛି ମହାକାଶ ବିଜ୍ଞାନୀ ମତପୋଷଣ କରିଛନ୍ତି। ଏଠାରେ ଜଳ ରହିଥିବା କୁହାଯାଉଛି। ଗ୍ରହଟିର ନିଜସ୍ୱ ଏକ ସୂର୍ଯ୍ୟ ରହିଛି। ଏହା ଚାରିପଟେ ଘୂରିବା ଲାଗି ଗ୍ରହଟି ମାତ୍ର ୩୭ ଦିନ ନେଉଛି। ଅର୍ଥାତ୍ ଏଠାରେ ୩୭ ଦିନରେ ଗୋଟିଏ ବର୍ଷ ହେଉଛି। ପୃଥିବୀର ସୌରମଣ୍ଡଳରେ ଥିବା ସୂର୍ଯ୍ୟ ତୁଳନାରେ ଟିଓଆଇ-୭୦୦-ଡି'ର ସୂର୍ଯ୍ୟ କମ୍ ପରିମାଣର ଶକ୍ତି ପ୍ରଦାନ କରୁଛି। ଏଠାରେ କମ୍ ଗରମ ଅନୁଭୂତ ହେଉଥିବା ମହାକାଶ ବିଜ୍ଞାନୀ କହିଛନ୍ତି। ଏଠାରେ ବାସ ଉପଯୋଗୀ ଟିଓଆଇ-୭୦୦-ବି ଏବଂ ଟିଓଆଇ-୭୦୦-ସି ଗ୍ରହ ମଧ୍ୟ ରହିଥିବା ଜଣାପଡ଼ିଛି।

## ୩ ହସ୍ପିଟାଲ ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ୨୦୨୧ରେ କାର୍ଯ୍ୟକରିବ ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ୍

ଭୁବନେଶ୍ୱର, ୯।୧ (ବ୍ୟୁରୋ)



ସମୀକ୍ଷା ବୈଠକରେ ମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗୀୟ ଅଧିକାରୀମାନେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ, ଝାରସୁଗୁଡ଼ାଠାରେ ପ୍ରସ୍ତାବିତ କାର୍ଡିଆକ୍ କେୟାର ହସ୍ପିଟାଲ୍ ଓ କ୍ୟାପିଟାଲ୍ ହସ୍ପିଟାଲର ବିଭିନ୍ନ ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମଥର ପିପିପି ମୋଡ଼ରେ ଝାରସୁଗୁଡ଼ାଠାରେ ୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୦ ଶଯ୍ୟା ବିଶିଷ୍ଟ କାର୍ଡିଆକ୍ କେୟାର ହସ୍‌ପିଟାଲ୍‌ର ନିର୍ମାଣ ଚାଲିଛି। ଏଥିମଧ୍ୟରୁ ଭିତ୍ତିଭୂମି ପାଇଁ ୩୨କୋଟି ଓ ଯନ୍ତ୍ରପାତି ବାବଦକୁ ୪୦କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୧ ପ୍ରାରମ୍ଭରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହା ବ୍ୟତୀତ ବୈଠକରେ କ୍ୟାପିଟାଲ୍ ହସ୍ପିଟାଲ ପରିସରରେ ବିଭିନ୍ନ ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ରେନାଲ୍ ଟ୍ରାନ୍ସପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ସରକାର ଖୁବ୍‌ଶୀଘ୍ର ଆବଶ୍ୟକ ଯନ୍ତ୍ରପାତିର ବ୍ୟବସ୍ଥା କରିବା ସହ ସମସ୍ତ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ, ବିଭାଗୀୟ ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାର, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାସ, ଡିଏମ୍‌ଇଟି ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ଡା. ଚିତ୍ତ କରଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫

# ଓଡ଼ିଶାରେ ସର୍ଭେ କରିବ ଆଇଆଇଏଚ୍‌ଏମ୍‌ଆର୍

ଭୁବନେଶ୍ୱର,୯।୧(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଡା. ଏସ୍.ଡି. ଗୁପ୍ତା ଏବଂ ଡା. ପ୍ରଦୀପ ପଣ୍ଡା ସୂଚନା ପ୍ରଦାନ କରୁଛନ୍ତି।

ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯-୨୦ ବର୍ଷ ପାଇଁ ହେବାକୁ ଯାଉଛି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍-୫)। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ ସାଇନ୍ସେସ୍ (ଆଇଆଇପିଏସ୍) ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ସର୍ଭେ ପାଇଁ ଓଡ଼ିଶାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମ୍ୟାନେଜ୍‌ମେଣ୍ଟ ରିସର୍ଚ୍ଚ (ଆଇଆଇଏଚ୍‌ଏମ୍‌ଆର୍) ଫିଲ୍ଡ-ୱାର୍କ କରିବ। ୨୦୧୫ରେ ଓଡ଼ିଶାରେ ଏହି ସର୍ଭେ ପରିଚାଳନା କରିଥିବା ଆଇଆଇଏଚ୍‌ଏମ୍‌ଆର୍ ଚଳିତବର୍ଷ ସମଗ୍ର ରାଜ୍ୟରେ ମୋଟ ୧୨୬୦ ପ୍ରାଇମେରି ସାମ୍ପଲିଂ ୟୁନିଟ୍ (ପିଏସ୍‌ୟୁ) ଚିହ୍ନଟ କରିଛି। ଏହା ମଧ୍ୟରେ ଉଭୟ ସହର ଓ ଗ୍ରାମାଞ୍ଚଳର ୨୭,୭୨୦ ପରିବାର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୧ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ଉପରେ ଏହି ସର୍ଭେ କରାଯିବ। ଏଥିରେ ୧୫ରୁ ୪୯ବର୍ଷ ବୟସ୍କା ମହିଳା ଏବଂ ୧୫ରୁ ୫୪ ବର୍ଷ ବୟସ୍କ ପୁରୁଷ ସର୍ଭେରେ ସାମିଲ ହେବେ। ଏନେଇ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇଏଚ୍‌ଏମ୍‌ଆର୍ ଟ୍ରଷ୍ଟି ସେକ୍ରେଟାରି ଡା. ଏସ୍.ଡି. ଗୁପ୍ତା ଏବଂ ଓଡ଼ିଶା ପାଇଁ ଏହି ସର୍ଭେର ସଂଯୋଜକ ଥିବା ଡା. ପ୍ରଦୀପ ପଣ୍ଡା ସୂଚନା ଦେଇଛନ୍ତି।

ଜନସଂଖ୍ୟା, ପରିବାର ନିୟୋଜନ, ମା' ଓ ଶିଶୁର ସ୍ୱାସ୍ଥ୍ୟ, ଶିଶୁ ଅସ୍ତିତ୍ୱ, ଏଚ୍‌ଆଇଭି/ଏଡ୍‌ସ, ଯୌନ ସଂଚାରିତ ସଂକ୍ରମଣ (ଏସ୍‌ଟିଆଇଏସ୍), ପ୍ରଜନନ ସ୍ୱାସ୍ଥ୍ୟ, ପୋଷଣ ଆଦି ପ୍ରସଙ୍ଗରେ ତଥ୍ୟ ସଂଗ୍ରହ ସହ ରାଜ୍ୟରେ ଦେଖାଦେଇଥିବା ନୂଆ ରୋଗ ସମ୍ପର୍କରେ ଏହି ସର୍ଭେ ଗୁରୁତ୍ୱାରୋପ କରିବ। ଏନେଇ ଓଡ଼ିଶାରେ ୩୫୦ରୁ ଊର୍ଦ୍ଧ୍ୱ ଅନୁସନ୍ଧାନକାରୀ ନିୟୋଜିତ ହେବାକୁ ଥିବାବେଳେ ଆଇଆଇଏଚ୍‌ଏମ୍‌ଆର୍ ପକ୍ଷରୁ ଭୁବନେଶ୍ୱରରେ ମାସିକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

# ଭିନିଲ କ୍ରିଷ୍ଣା ଅପହରଣରେ ସମ୍ପୃକ୍ତ ମାଓବାଦୀ ଦମ୍ପତି ଗିରଫ

**ମାଲକାନଗିରି,୯।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ପୂର୍ବତନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କ ଅପହରଣ ଘଟଣାରେ ସମ୍ପୃକ୍ତ ଥିବା ମାଓବାଦୀ ଦମ୍ପତିଙ୍କୁ ଗୁରୁବାର ସୀମାନ୍ତ ଆନ୍ଧ୍ରରୁ ଗିରଫ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଗୁଡେମ ଥାନା ଅଧୀନ ଆଦିରିବିଡି ଗାଁରୁ ସେମାନଙ୍କୁ ଗିରଫ କରିଛି ବିଶାଖାପାଟଣା ପୋଲିସ। ସେମାନେ ହେଲେ ମାଓବାଦୀ ନେତା ଦାମୋଦର ଓରଫ ବାମେଲ ନାରାୟଣ ସ୍ୱାମୀ ଓ ତାଙ୍କ ସ୍ତ୍ରୀ ଫୁଲମତି। ତାଙ୍କ ନାଁରେ ୨୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦାମୋଦର ବର୍ତ୍ତମାନ ଆନ୍ଧ୍ର ଓଡିଶା ସ୍ୱତନ୍ତ୍ର ଜୋନାଲ କମିଟିର ମୁଖିଆ ଅଛନ୍ତି। ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଲଞ୍ଚ ଆକ୍ରମଣରେ ୩୫ ଜଣ ବିଏସ୍‌ଏଫ୍ ଯବାନଙ୍କ ହତ୍ୟା, କାଲିମେଲା ତେଲରାଇ ଆକ୍ରମଣରେ ୧୧ଜଣ ପୋଲିସଙ୍କୁ ହତ୍ୟା ଭଳି ଅନେକ ଘଟଣାରେ ଦାମୋଦର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ହିଂସାରେ ଜଡ଼ିତ ଥିଲେ। ତେବେ ସେ ମ୍ୟାଲେରିଆରେ ପୀଡିତ ହୋଇ ଚିକିତ୍ସା ପାଇଁ ମେଡ଼ିକାଲ ଯାଉଥିବାବେଳେ ପୋଲିସ ମାଓବାଦୀ ଦମ୍ପତିଙ୍କୁ ଗିରଫ କରିଛି ବୋଲି ବିଶାଖାପାଟଣା ଏଏସ୍‌ପି ସତୀଶ କୁମାର କହିଛନ୍ତି।

# ବିଶାଖାପାଟଣା ରେଳଷ୍ଟେଶନରେ ପ୍ରଥମ ବହୁମୁଖୀ ଡିଜିଟାଲ କିଓସ୍କ ଉଦ୍‌ଘାଟିତ



## ମାଗଣା ଭିଡିଓ କଲ୍ ସହ ପାଣିପାଗ ସୂଚନା

**ଭୁବନେଶ୍ୱର, ୯।୧(ବ୍ୟୁରୋ):** ପୂର୍ବତଟ ରେଳପଥ ଅଧୀନ ବିଶାଖାପାଟଣା ଷ୍ଟେଶନରେ ଭାରତୀୟ ରେଳପଥର ପ୍ରଥମ 'ହ୍ୟୁମାନ ଇଣ୍ଟରଆକ୍ଟିଭ୍ ଇଣ୍ଟରଫେସ୍ ସିଷ୍ଟମ୍ କିଓସ୍କ' ଲଗାଯାଇଛି। ଏହି କିଓସ୍କରୁ ଯାତ୍ରୀମାନେ ବହୁମୁଖୀ ସେବା ପାଇପାରିବେ। ମାଗଣା ଫୋନ୍ କଲ୍, ମାଗଣା ଭିଡିଓ କଲ୍, ଫାଷ୍ଟ ମୋବାଇଲ୍ ଚାର୍ଜ, ୧୦ ଇଞ୍ଚ ଇଣ୍ଟରଆକ୍ଟିଭ ଟଚ୍ ସ୍କ୍ରିନ୍, ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା, ୫୦ ଇଞ୍ଚ ବିଜ୍ଞାପନ ସ୍କ୍ରିନ୍, ଟ୍ରେନ୍ ସୂଚନା, ପାଣିପାଗ, ଅଭିଯୋଗ, ଗୁଗଲ୍ ମ୍ୟାପ୍ ଓ ଲୋକାଲ୍ ମ୍ୟାପ୍ ସେବା ଯାତ୍ରୀମାନେ ସଂପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି କିଓସ୍କଟି 'ନନ୍ ଫେୟାର ରେଭେନ୍ୟୁ ସିଷ୍ଟମ୍'ରେ ତିଆରି କରାଯାଇଛି। ମାଗଣାରେ ଯାତ୍ରୀଙ୍କୁ ସେବା ଯୋଗାଇବା ସହ ଡିଜିଟାଲ ବିଜ୍ଞାପନରୁ ରାଜସ୍ୱ ପାଇପାରିବ ରେଳପଥ। ଭୁବନେଶ୍ୱରସ୍ଥିତ ନେକ୍ସାଇଟ୍ ଇନ୍‌ଫୋଟେକ୍ ସର୍ଭିସ୍ ଏହି କିଓସ୍କ ତିଆରି କରିଛି। ଗୁରୁବାର ୱାଲଟିୟର ଡିଆର୍‌ଏମ ଚେତନ କୁମାର ଶ୍ରୀବାସ୍ତବ ଭାଇଜାଗ୍ ଷ୍ଟିଲ୍ ପ୍ଲାଣ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ କୁମାର ରଥ ଉଦ୍‌ଘାଟନ କରିଛନ୍ତି।

# ବୃଦ୍ଧାଙ୍କୁ ମାରି ଜଗି ରହିଥିଲେ ଭାଲୁ

**ନବରଙ୍ଗପୁର,୯।୧(ବି.ପ୍ର.):** ଭାଲୁ ଆକ୍ରମଣରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବାକୁ ଜଣେ ବୃଦ୍ଧା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଭାଲୁଟି ମୃତଦେହ ନିକଟରୁ ଯାଇ ନ ଥିଲା। ମୃତଦେହ ନିକଟରେ ୨ ଶାବକ ସହ ମା' ଭାଲୁ ଜଗି ରହିଥିଲା। ୩ ଦିନ ଧରି ଜଙ୍ଗଲରେ ମୃତଦେହକୁ ଭାଲୁ ଜଗି ରହିବା ପରେ ସ୍ଥାନୀୟ ଲୋକ ଗୁରୁବାର ଏହା ଦେଖିଥିଲେ। ବନବିଭାଗ କର୍ମଚାରୀ ଓ ପୋଲିସର ମିଳିତ ଉଦ୍ୟମରେ ଭାଲୁକୁ ଘଉଡାଇ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସିନ୍ଧିଗୁଡା ଗାଁର ଗୌରୀ ଅମନାତ୍ୟ(୭୦)। ସେ ୬ ତାରିଖରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ବହୁ ଖୋଜାଖୋଜି କରି ପାଇନଥିଲେ। ଗୁରୁବାର ସ୍ଥାନୀୟ ଲୋକ ଜଙ୍ଗଲକୁ ଯାଇ ଖୋଜିଥିଲେ। ଗୌରୀଙ୍କ ମୃତଦେହ ପଡିଥିବା ବେଳେ ନିକଟରେ ୨ଟି ଛୁଆ ସହ ମା' ଭାଲୁ ଜଗି ରହିଥିବା ଦେଖିବାକୁ ପାଇଥିଲେ।


## DISTRICT MINERAL FOUNDATION, JAJPUR

Ph.- 06728-222227, E-mail:dmf jajpur@gmail.com.
Website - www.jajpur.nic.in

Letter No.DMF/14/2020 Date: 08.01.2020

**WALK-IN INTERVIEW FOR SPECIALISTS / DOCTORS**

Candidatures are invited for walk-in interview for appointment of Super Specialists/ Specialists/ Doctors in District Headquarter Hospital, Jajpur and CHC & PHCs of Sukinda & Danagadi block out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in.**

**The date of walk-in-interview : 10.00 A.M., 21.01.2020**
**Venue: Collector's Conference Hall**

Sd./-
Collector & Managing Trustee
DMF, Jajpur

## SWAMI VIVEKANANDA NATIONAL INSTITUTE OF REHABILITATION TRAINING AND RESEARCH

Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment (Government of India)
Olatpur, PO : Bairoi, Dist : Cuttack, Odisha

Ref. No. : AD 6B 19/01/2020 Date : 06.01.2020

**RECRUITMENT NOTICE BY CONTRACT**

Applications are invited from the eligible candidates for the following posts as under.

| Sl. No. | Name of the Post | No. of Post | Age | Consolidated Salary per month |
|---|---|---|---|---|
| 1 | Physical Medicine & Rehabilitation (Consultant) | 01 | 45 | Rs.1,20,000/- |
| 2 | Senior Resident (Contractual) | 01 | 40 | Pay Matrix Level-II (Rs.67,700+NPA) |
| 3 | Junior Resident (Contractual) | 02 | 33 | Rs.50,000/- |
| 4. | Prosthetist & Orthotist (Consultant) | 02 | 40 | Rs.35,000/- |
| 5. | Psychologist (Consultant) | 01 | 35 | Rs.35,000/- |
| 6. | Speech Therapist (Consultant) | 01 | 35 | Rs.35,000/- |
| 7. | Special Educator (Mental Retardation / Intellectual disability) (Consultant) | 01 | 35 | Rs.20,000/- |
| 8 | Special Educator (VI) (Consultant) | 01 | 35 | Rs.20,000/- |
| 9. | Optometrist (Consultant) | 01 | 35 | Rs.20,000/- |
| 10. | Ear-Mould Technician (Consultant) | 01 | 35 | Rs.20,000/- |
| 11. | Office Assistant (Consultant) | 01 | 30 | Rs.20,000/- |

Last date for receipt of completed applications is 05.02.2020. Late received applications and applications received in other format will be summarily rejected. For all other details, terms and conditions, please log on to website www.svnirtar.nic.in

Sd./- Director

## नालको NALCO

National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**OPEN TENDER NOTICE FOR INVITATION OF BIDS ( DOMESTIC COMPETITIVE BIDDING)**

**TENDER ID NO.: 2020_NALCO_532769_1 OF CENTRAL PUBLIC PROCUREMENT PORTAL (CPPP),** Digitally signed Online tenders through " Central Public Procurement Portal" are invited in two-part mode from Indian supplier for **supply of a CRAWLER MOUNTED BULL DOZER ( 300-360 HP) for Captive Power Plant (CPP) of National Aluminium Company Ltd. (NALCO) at Angul, Odisha.** The tender document can be downloaded from websites **www.nalcoindia.com** or **http://eprocure.gov.in/eprocure/app.** The last date & time for bid submission is **dt.31.01.2020, 12:00 PM.** For any addendum/ corrigendum, bidders are requested to visit these websites regularly.

**GM (Materials) I/c,CPP**

## SHORT QUOTATION CALL NOTICE

Sealed quotations are invited from the firms/agencies for tent and other allied works, providing Private Security Personnel, Printing works and documentation works for the Pallishree Mela : 2020 at Deogarh to be organized from 10.02.2020 to 14.02.2020.

The quotation papers along with specification and eligibility criteria of the works are available at ORMAS Office, DRDA Campus, Deogarh and the Deogarh Official Website **http//deogarh.nic.in** and **www.ormas.org**, till 17.01.2020 (3.00 P.M.). The quotations/ tenders will be opened on 17.01.2020 at 3.30 P.M.

The undersigned reserves the right to accept or reject any or all the quotations without assigning any reason thereof.

**Sd./- Project Director**

## ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ

**ନୋଟିସ ନଂ.୪୮** **ତାରିଖ: ୦୯।୦୧।୨୦୨୦**

**ପ୍ରାପ୍ତେଷୁ,**
**ଶ୍ରୀ ହେବ୍‌ଲେଟ୍ ବାର୍ଲା (SR. Rev Assistant)**
**ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ**
**ବର୍ତ୍ତମାନ ନି - ଡୁଙ୍ଗୁରିପଡ଼ା, ବଲାଙ୍ଗୀର**
**ପୋ- ରାଜେନ୍ଦ୍ର କଲେଜ, ବଲାଙ୍ଗୀର**
**ଜି- ବଲାଙ୍ଗୀର, (ଓଡ଼ିଶା)**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଦୀର୍ଘଦିନ ହେଲା ତହସିଲ କାର୍ଯ୍ୟାଳୟର ନିବାରତ ବିଭାଗ ଦାୟିତ୍ୱ ଥିବା ସମୟରେ ତହସିଲ କାର୍ଯ୍ୟାଳୟର ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରି ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ରହିଅଛ। ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନୋଟିସ୍ ବାହାରିବାର ସାତଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟକୁ ଆସି ଆତ୍ମସାତ୍ କରିଥିବା ଟଙ୍କା କାର୍ଯ୍ୟାଳୟରେ ଜମାକରି ଆପଣଙ୍କ କାର୍ଯ୍ୟରେ ଯୋଗଦାନ କରନ୍ତୁ। ନଚେତ୍ ଆଇନ୍ ଅନୁଯାୟୀ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ତହସିଲଦାର, ଖପ୍ରାଖୋଲ**

## DISTRICT PROJECT OFFICE SAMAGRA SHIKSHA, PURI (ODISHA SCHOOL EDUCATION PROGRAMME AUTHORITY) (OSEPA) (DEPARTMENT OF SCHOOL & MASS EDUCATION, ODISHA)

Phone: 06752-229275, Fax: 06752-233095
E-mail: dpcpurissa.opepa@nic.in, prgpurissa.opepa@nic.in
Letter No.: 91 Date: 9.1.2020

**TENDER CALL NOTICE**

Sealed tenders are invited in prescribed format from reputed offset printers having valid GST, TIN, PAN and DIC Registration Certificate for printing and supply of (a) Question-cum-Answer Sheets & (b) Report Card from Class-I to VIII for Govt. & Govt. Aided Primary, Upper Primary & High Schools of Puri District. The last date of receipt of tender is fixed on 28.01.2020 upto 2 P.M. and will be opened on 28.01.2020 at 3 P.M. before the Tender Committee in presence of the tenderers or their authorized representatives. The sealed tenders will be received through Speed Post/Registered Post and can be dropped in the sealed tender box kept at DPO, SS, Puri. The office will not be held responsible for any kind of postal delay. The tender shall include with all documents, processing fee and EMD as stated in terms and conditions of bid document. The undersigned reserves the rights to accept or reject all or any tender/s without assigning any reason thereof. The Bid documents along with terms and conditions will be available in the Office of the undersigned on each working day during office hour from Dt.10.01.2020 to Dt.27.01.2020 & also available in the website **www.puri.nic.in** and **www.osepa.odisha.gov.in.**

**By Order of the Collector-cum-Chairman, SS, Puri**
**Sd./- District Project Co-ordinator**
**Samagra Shiksha, Puri**

## भारतीय विमानपत्तन प्राधिकरण AIRPORTS AUTHORITY OF INDIA

**ଇ-ଟେଣ୍ଡର ବିଜ୍ଞପ୍ତି ଆହ୍ୱାନ**

**ଟେଣ୍ଡର ଆଇଡି : 2020_AAI_39602_1**

ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଚେୟାରମ୍ୟାନଙ୍କ ତରଫରୁ **ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (E-C)-III** ଦ୍ୱାରା ଇ-ଟେଣ୍ଡରିଂ ପୋର୍ଟାଲ ଜରିଆରେ ଆଇଟମ ରେଟ୍ ଟେଣ୍ଡର ଆହ୍ୱାନ କରାଯାଉଛି। ଯଥାଯଥ ଶ୍ରେଣୀର ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଯେପରି CPWD/MES/P&T/ରେଲୱେସ/ରାଜ୍ୟ PWD/ PSUs/ପୌର ନିଗମ ଏବଂ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ କୋଲକାତାର ଉନ୍ନୟନ କର୍ତ୍ତୃପକ୍ଷମାନେ **ଭୁବନେଶ୍ୱରର ବି.ପି.ଆଇ ବିମାନ ବନ୍ଦର ଠାରେ ଆବାସୀୟ କଲୋନିର ବିଶେଷ ମରାମତି କାର୍ଯ୍ୟ** ନିମନ୍ତେ ଆବେଦନ କରିପାରିବେ। ଏହାର ଆନୁମାନିକ ବ୍ୟୟ **₹.୧,୨୪,୪୮,୩୨୨.୦୦** (ଏକ କୋଟି ଚବିଶ ଲକ୍ଷ ଅଠଚାଳିଶ ହଜାର ତିନି ଶହ ବାଇଶ)(ଜିଏସ୍‌ଟି ବ୍ୟତିତ) ଏବଂ **୬ ମାସ** ମିଆଦ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ। ବୀଡ୍ କାଗଜପତ୍ର ଜମା ଦେବାର ଶେଷ ତାରିଖ ଓ ସମୟ ହେଲା : **୨୦.୦୧.୨୦୨୦** ଦିନ **୧୮.୦୦** ଘଟିକା ପର୍ଯ୍ୟନ୍ତ। ବିସ୍ତାରିତ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ CPP e-procurement portal reference **https://etenders.gov.in/eprocure/app** କିମ୍ବା **www.aai.aero.** ଏହାପରେ ଯଦି କୌଣସି ସ୍ପଷ୍ଟୀକରଣ/ଭ୍ରମ ସଂଶୋଧନ ଥାଏ, ତେବେ ତାହା **https://etenders.gov.in/eprocure/app** ରେ e-procurement portal ମାଧ୍ୟମରେ ସୂଚିତ ହେବ।

## OFFICE OF THE NOTIFIED AREA COUNCIL, G.UDAYAGIRI

**Fax No.06847/260366, Email ID : orissagudnac@gmail.com**
**Notice No.42** **Dated: 08.01.2020**
**Corrigendum to Tender Call Notice No.30 / Dated.08.01.2020**

Following Corrections has been made to this office Tender Call Notice No.30 dt.08.01.2020 regarding procurement of Civil works. Other terms & condition will remain unchanged.

| | | |
|---|---|---|
| 01 | Date & time of availability of bid documents in the portal | dt.14.01.2020 to dt.21.01.2020 up to 5.00 P.M. |
| 02 | Last date & time for receipt of Documents at NAC, G.Udayagiri Tender Box | Dt.22.01.2020 |
| 03 | Bid received online shall be opened on | Dt.27.01.2020 |

**Sd./- Executive Officer**
**N.A.C., G.Udayagiri**

## Government of Odisha "e" Procurement Notice
## TENDER CALL NOTICE
### IDENTIFICATION No. 04/SE NH SBP of 2019-20

**(Bid No. 04 SENH SBP of 2019-20)**

**No.: b-73**

| Sl. No. | Name of the Works | Estimated Cost in Rupees | Period of Completion in Calendar Month | Date / Time for Receipt of Bids | Name and Address of the Officer Inviting Tender |
|---|---|---|---|---|---|
| 1 | PR such as Renewal Coat with BC from 265/300 to 269/300 Km of NH-49 for the year 2019-20 | 2,07,50,125.00 | 3 (Three) Calendar Months | 10.00 A.M. of Dt.20.1.2020 to 5.00 P.M. of 03.02.2020 | Superintending Engineer, N.H. Circle, Sambalpur |

Further details can be seen from the "e" Procurement website: **www.tendersorissa.gov.in.**

**(Sd./- S.K. Sahoo)**
**Superintending Engineer, N.H. Circle, Sambalpur**

**34007/11/0004/1920**

## DISTRICT PROJECT OFFICE SAMAGRA SIKSHA, BOLANGIR

**TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEET & STUDENT REPORT CARD FOR SUMMATIVE ASSESSMENT-II, 2019-20**

**Notice No.XVIII/PDG/01 /2020-116, Date: 09.01.2020**

Sealed tenders are invited in the prescribed format from the registered Offset Printers registered with DIC having production certificate issued by DIC, IT return & Balance Sheet of last 03 years, valid PAN, VAT Clearance certificate, and up to date GST certificate with return file copy of GST for the month of Nov-19 for printing and supply of Question -cum-Blank Answer sheet & Student Report Card to the Block point for Summative Assessment-II -2019-20 from Class-I to Class-VIII of Balangir Dist. The bidder shall apply as per the terms and conditions laid down in the bid document. The Bid Documents containing detailed terms and conditions are available in the Website **www.balangir.nic.in** and **www.opepa.in.** The Quotation Paper shall be received through Regd. Post/Speed Post/ Courier on or before 20.01.2020 up to 5.00 P.M. Quotation Papers will be opened at ADM Chamber in the presence of the bidders on 22.01.2020 at 11.00 A.M. under the Chairmanship of ADM, Balangir. The office will not responsible for any delay. Separate Tender Papers (Technical Bid & Financial Bid) should be submitted for the above.

The Authority reserves the right to amend, alter, modify or cancel part/total Tender without assigning any reason thereof.

**Sd./-**
**Collector-cum-Chairman**
**SSA, Balangir**

## OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA, AAYAKAR BHAWAN, RAJASWA VIHAR, BHUBANESWAR- 751007.

**No.Pr.CCIT/Admn. (GL)/AMC/LIFT/2019-20/20297,**
**Dated: 09.01.2020**

**INVITES SEALED BIDS FROM REPUTED FIRMS / AGENCIES FOR ANNUAL MAINTENANCE CONTRACT OF 1 LIFT OF OTIS ELEVATOR COMPANY (INDIA) LIMITED**

Sealed quotations/bids are invited from registered firms/ agencies for annual maintenance contract of 1 lift of OTIS Elevator Company (India) Limited which installed at Pratyakshyakar Bhawan, Regional Telecom Training Centre, Bharat Sanchar Nigam limited, Bhubaneswar.

The eligibility criteria, terms & conditions and other particulars etc. as laid down in the Tender Documents may be obtained from the Asst. Commissioner of Income Tax(Hqrs.)(Admn.), O/o. the Principal Chief Commissioner of Income Tax/ Odisha, 1st Floor, Aayakar Bhawan, Rajaswa Vihar, Bhubaneswar-751007 from 10.01.2020 to 30.01.2020 (between 11.00AM and 05.00PM). Alternatively, the same can be downloaded from the website of the Income Tax Department i.e. **www.incometaxindia.gov.in.** The sealed quotations should reach this office latest by 30th January/ 2020 (15.00Hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.

**Sd./- ACIT (Hqrs.) (Admn.)**
**Office of the Pr. CCIT,**
**Odisha, Bhubaneswar**

See Career Appointment on every Wednesday & Saturday

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, GUNUPUR

E-mail: eerwgunupur@gmail.com

**E-Procurement Notice**
**Bid Identification No. EERWGNP-Online-06/2019-20**

**No.: O-788**
**No.: 34** **Date: 03.01.2020**

1. Name of the Work : Maintenance of RD Roads
2. Total No. of Works : 13 Nos. (Percentage rate tender)
3. Estimated Cost : Varies from Rs.4.46 to 35.71 Lakhs
4. Class of Contractor : As mentioned in Col. 5 of Annexure
5. Time of Completion : Specified in DTCN
6. Other details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Gunupur | EERWGNP Online - 06/2019-20 | 13 (Thirteen) Nos. | 13.01.2020 at 10.00 A.M. | 24.01.2020 upto 5.00 P.M. | 28.01.2020 at 12.00 Hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: **www.tendersorissa.gov.in.**

**25170/11/0005/1920** **Sd./- Executive Engineer, Rural Works Division, Gunupur**

# ଚାରିଦିନିଆ ଟେଷ୍ଟ



ରୁଦ୍ର ପ୍ରସନ୍ନ ରଥ



ବିଶ୍ୱ କ୍ରିକେଟର ନିୟାମକ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ୨୦୨୩-୩୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପକୁ ୪ ଦିନିଆ କରିବା ପାଇଁ ଯୋଜନା କରୁଛି। ୨୦୧୭ରେ ଏହିପରି ଏକ ନିଷ୍ପତ୍ତିକୁ ଆଇସିସି ତରଫରୁ ଲାଗୁ କରାଯାଇଥିବା ବେଳେ ୨୦୨୩ରୁ ଏହାକୁ ବାଧ୍ୟତାମୂଳକ କରାଯିବାକୁ ଚେଷ୍ଟା କରାଯାଉଛି। ୨୦୧୯ରେ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ୪ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳି ସାରିଛନ୍ତି। ୨୦୧୭ରେ ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ମଧ୍ୟ ଚାରିଦିନିଆ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଯଦି ୨୦୨୩ରୁ ୨୦୩୧ ମଧ୍ୟରେ ସବୁ ଟେଷ୍ଟ ମ୍ୟାଚ୍‌କୁ ଆଇସିସି ୪ ଦିନିଆ କରେ ତେବେ ଏହା ଫଳରେ ଆଇସିସି ପାଖାପାଖି ୩୩୫ ଦିନ ବାହାର କରିପାରିବ ବୋଲି ବିଚାର କରୁଛି। ଯେଉଁ ସମୟରେ ଏହା ଏକ ଦିବସୀୟ ଏବଂ ଫ୍ରାଞ୍ଚାଇଜି ଲିଗ୍‌ମାନଙ୍କ ପାଇଁ ସମୟ ବାହାରି କରିପାରିବ। ଏହାକୁ ବିଭିନ୍ନ ସ୍ତରରେ ସମର୍ଥନ ମଧ୍ୟ ମିଳିବା ଆରମ୍ଭ ହେଲାଣି। ବିଶ୍ୱ କ୍ରିକେଟ୍‌ର ପ୍ରମୁଖ ଦେଶ ଯଥା ଇଂଲଣ୍ଡ, ଅଷ୍ଟ୍ରେଲିଆ ଆଦି ଏହାକୁ ସମର୍ଥନ କରୁଥିବାରୁ ଏହି ବ୍ୟବସ୍ଥା ସହଜରେ ଲାଗୁ ହେବା ପରି ଲାଗୁଛି।

୨୦୧୮ ପରଠାରୁ ଫଳାଫଳ ମିଳିଥିବା ମ୍ୟାଚରୁ ୬୦ ପ୍ରତିଶତ ୪ ଦିନମଧ୍ୟରେ ଶେଷ ହୋଇଛି। ଭାରତରେ ଖେଳାଯାଉଥିବା ସଂଖ୍ୟାଧିକ ମ୍ୟାଚ୍ ତ ତିନିଦିନରେ ଶେଷ ହୋଇଥାଏ। ଏଣୁ ଆଇସିସି ମତରେ ଏଠି ପଞ୍ଚମ ଦିନର କୌଣସି ଆବଶ୍ୟକତା ନାହିଁ। ଏଣୁ ଚାରିଦିନିଆ ଟେଷ୍ଟ ମ୍ୟାଚ୍ କଲେ ସମୟ ବଞ୍ଚିବ। ଏକଦିବସୀୟ ଏବଂ ଟି ୨୦ରେ ବହୁ ଆୟ ହେଉଥିବାରୁ ଆଇସିସି ଟେଷ୍ଟ ଉପରୁ ଧ୍ୟାନ ହଟାଇ ଏହି ସମୟକୁ ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି୨୦କୁ ଦେଇ ବ୍ୟାପକ ଆୟ କରିବା ପାଇଁ ଚାହୁଁଛି। ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ତେବେ ଏହା କ୍ରିକେଟ ପାଇଁ ଅନେକ ବିପଦ ଆଣିବାକୁ ଯାଉଛି ବୋଲି କୁହା ଯାଇପାରିବ।

ଆଇସିସିର ବ୍ୟାପକ ରୋଜଗାର କରିବା ନିଶା ଯୋଗୁ ଟେଷ୍ଟ ଏବେ ରସାତଳଗାମୀ ହୋଇ ସାରିଛି। ଏହାକୁ ପୁନର୍ଜୀବିତ କରିବା ପାଇଁ ନୂଆ ନୂଆ କୌଶଳ ଯଥା ପିଙ୍କ ବଲ କ୍ରିକେଟ ବାହାର କରିଛି। ସେହିପରି ଆଗରୁ ସୋମବାରରେ ପ୍ରାୟ ଟେଷ୍ଟ ମ୍ୟାଚ ଆରମ୍ଭ ହେଉଥିଲା ବେଳେ ଏବେ ଗୁରୁବାରରୁ ମ୍ୟାଚ ଆରମ୍ଭ କରାଯାଉଛି। ଯାହା ଫଳରେ ଫଳାଫଳ ମିଳୁଥିବା ୩ୟ କିମ୍ବା ୪ର୍ଥ ଦିନଗୁଡିକ ଶନିବାର କିମ୍ବା ରବିବାର ପଡିବ। ଏପରି କଲେ ଏହି ଦୁଇ ଦିନ ବେଶି ଲୋକ ମ୍ୟାଚ୍ ଦେଖିବାକୁ ଆସିପାରିବେ। ଗୋଟିଏ ପଟେ ଟେଷ୍ଟ ମ୍ୟାଚ୍‌କୁ ଲୋକପ୍ରିୟ କରିବାକୁ ଏପରି ପଦକ୍ଷେପ ନେବାକୁ ଆଇସିସି ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ୪ଦିନିଆ ଟେଷ୍ଟ ମ୍ୟାଚ୍ ଆୟୋଜନ କରି ଆଇସିସି ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ଆଗ ପଛ ହେଉଛି।

୪ଦିନିଆ ଟେଷ୍ଟ ହେଲେ ଏକାଧିକ ମ୍ୟାଚ୍ ଡ୍ରରେ ପରିଣତ ହେବ। ଭଲ ଉଇକେଟ୍‌ରେ ଅନେକ ମ୍ୟାଚ୍ ଶେଷ ଦିନ ଶେଷ ଓଭରଯାଏ ଗଡିଛି ବୋଲି ଇତିହାସ ସାକ୍ଷୀ। ଉଦାହରଣ ସ୍ୱରୂପ ୧୯୮୫-୮୬ରେ ହୋଇଥିବା ଭାରତ ବନାମ ଅଷ୍ଟ୍ରେଲିଆ ଟାଇ ଟେଷ୍ଟ ମ୍ୟାଚ୍ ମଧ୍ୟ ପଞ୍ଚମ ଦିନର ଶେଷ ଓଭରରେ ହିଁ ଟାଇ ହୋଇଥିଲା । ୨୦୧୧ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୱାଙ୍ଖେଡେରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମଧ୍ୟ ପଞ୍ଚମ ଦିନର ଶେଷ ଓଭରର ଶେଷ ବଲରେ ଟାଇ ହୋଇଥିଲା। ଏ ଦୁଇଟି କେବଳ ଉଦାହରଣ ମାତ୍ର। ପ୍ରକୃତରେ ଦେଖିବାକୁ ଗଲେ ଏମିତି ଅନେକ ମ୍ୟାଚ୍ ଅଛି ଯେଉଁଠି ଟେଷ୍ଟ ମ୍ୟାଚ୍‌ର ରୋମାଞ୍ଚ ଶେଷ ଅଧିବେଶନ ଏପରିକି ଶେଷ ଓଭରଯାଏ ବଳବତ୍ତର ଅଛି। ଯଦି ୫ ଦିନିଆ ଟେଷ୍ଟକୁ ଚାରିଦିନିଆରେ ପରିବର୍ତ୍ତନ କରାଯିବ ତେବେ ଏ ରୋମାଞ୍ଚକର ମ୍ୟାଚ୍ ଆସିବ କେଉଁଠୁ ?

ଆଇସିସି କ୍ରିକେଟର ବିକାଶ କଥା କହୁଥିଲେ ମଧ୍ୟ ମହିଳା ଏବଂ ଦୃଷ୍ଟିହୀନ କ୍ରିକେଟର ବିକାଶ ପାଇଁ ଯାହା କରିବା କଥା ତାହା ଏଯାଏ କରିପାରିନାହିଁ, ବରଂ ଏହି ଖେଳକୁ ଭଲପାଉଥିବା ଲକ୍ଷାଧିକ ମହିଳା ଏବଂ ଦୃଷ୍ଟିହୀନମାନେ କ୍ରୀଡ଼ା ପ୍ରତି ନିଜର ଭଲପାଇବାକୁ ବଜାୟ ରଖିବାପାଇଁ ଏବେ ବି ସଂଗ୍ରାମରତ। ବିନା ପ୍ରାୟୋଜକ ଏବଂ ବିନା କିଟ୍‌ରେ ଏମାନେ ନିଜପାଇଁ ପରିଚିତି ଗୋଟାଇବାକୁ ସଂଗ୍ରାମ କରୁଛନ୍ତି। ଏଥିପାଇଁ ଆଇସିସି ଚେଷ୍ଟା ନ କରି ଫ୍ରାଞ୍ଚାଇଜଭିତ୍ତିକ ଲିଗ ଖେଳିବା ପାଇଁ ସମୟ କାଢିବା ଦୁର୍ଭାଗ୍ୟଜନକ ନୁହେଁ କି ?

ଟେଷ୍ଟ ମ୍ୟାଚ ଲୋକପ୍ରିୟତା ହରାଇବାର ଯେଉଁ ଦୁଇଟି କାରଣ ଅଛି ତା ମଧ୍ୟରୁ ପ୍ରଥମଟି ହେଲା ଏକପାଖିଆ ପିଚ୍ ପ୍ରସ୍ତୁତି। ସାଧାରଣ ଗୋଟିଏ ଭଲ ପିଚ୍ ପ୍ରଥମ ଦିନ ପେସ ବୋଲର ତା' ପରବର୍ତ୍ତୀ ଦୁଇ ଦିନ ବ୍ୟାଟ୍ସମ୍ୟାନ ଏବଂ ଶେଷ ଦୁଇଦିନ ସ୍ପିନରଙ୍କୁ ସୁହାଇବାକଥା। ଏପରି କଲେ ସମସ୍ତଙ୍କୁ ପ୍ରଦର୍ଶନ ଦେବାକୁ ସୁବିଧା ହେବ। ମାତ୍ର ଏପରି ନ କରି ଘରୋଇ ଦଳକୁ ସୁହାଇଲା ପରି ପିଚ୍ ତିଆରି ହେଉଛି। ଘରୋଇ ଦଳ ନିଶ୍ଚିତ ଜିତିବା ଦରକାର ବୋଲି ବିଚାର କରି କେବଳ ପେସ୍‌ବୋଲର କିମ୍ବା କେବଳ ସ୍ପିନରଙ୍କୁ ସୁହାଇଲା ପରି ଉଇକେଟ ତିଆରି କରାଯାଉଛି, ଯାହା ଫଳରେ ମ୍ୟାଚ୍ ତିନିଦିନରେ ଶେଷ ହୋଇଯାଉଛି। ଦ୍ୱିତୀୟ କାରଣଟି ହେଲା କ୍ରିକେଟରେ ନିୟମ ସବୁ ଧୀରେ ଧୀରେ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଲା ପରି ହେଉଛି। ପୂର୍ବରୁ ଯେପରି ବାଉନ୍ସର କିମ୍ବା ସୁଇଂ ବୋଲିଂ ପାଇଁ ଟେଷ୍ଟମ୍ୟାଚ୍ ସବୁ ମନେରହୁଥିଲା ଏବେ କେବଳ ବ୍ୟାଟ୍ସମ୍ୟାନ କିମ୍ବା ତାଙ୍କ ପ୍ରଦର୍ଶନ ପାଇଁ ମନେରହୁଛି। ଯେତେବେଳେ କ୍ରିକେଟର କୌଣସି ଫର୍ମାଟରେ ବ୍ୟାଟ୍ସମ୍ୟାନ କିମ୍ବା ବୋଲର ଜଣଙ୍କର ଆଧିପତ୍ୟକୁ ପ୍ରୋତ୍ସାହିତ କରାଯାଏ ସେତେବେଳେ ଫର୍ମାଟ ହିଁ ବିନାଶ ଘଟେ ଏହାକୁ ଆଇସିସିର ବୁଝିବା ଉଚିତ। ଅବସନ୍ନ ଶରୀର ସହ ୫ମ ଦିନ ପଡିଆକୁ ଓହ୍ଲାଇବା, ଖରାପ ହୋଇଯାଇଥିବା ପିଚ୍ ଉପରେ ବ୍ୟାଟ୍ସମ୍ୟାନ ସଂଘର୍ଷ କରିବା, ନିଜର କଳା କୌଶଳ ଲଗାଇ ୪ର୍ଥ ଦିନରେ ନଟ ଆଉଟ ଥିବା ଶେଷ ନାମକରା ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ପାଇଁ ବୋଲରମାନେ ଯୋଜନା କରିବା ହେଉଛି ସେହି କ୍ରିକେଟର ଅଂଶବିଶେଷ, ଯାହା ଟେଷ୍ଟ କ୍ରିକେଟକୁ କ୍ଲାସିକାଲ କରିଥାଏ। ଯଦି ଚାରିଦିନିଆ ଟେଷ୍ଟ କ୍ରିକେଟ ହୁଏ ତେବେ କ୍ରିକେଟ ତ ରହିବ ହେଲେ ସେଥିରେ କ୍ଲାସିକ୍ ଆଉ ଟେଷ୍ଟ ନ ଥିବ।

କ୍ରିକେଟରେ ପରୀକ୍ଷା ନିରୀକ୍ଷାକୁ ସବୁବେଳେ ସମସ୍ତେ ଭଲ ପାଇ ଆସିଛନ୍ତି, ମାତ୍ର ଏହା କ୍ରିକେଟର କେତେ ଲାଭ କିମ୍ବା କ୍ଷତି କରୁଛି ତାହା କେହି ଆକଳନ କରି ଦେଖିବାକୁ ଚେଷ୍ଟା କରିନାହାନ୍ତି। ପରିବର୍ତ୍ତନ କ୍ରିକେଟର ଭଲ ପାଇଁ ଆଳରେ ଧୀରେଧୀରେ କ୍ରିକେଟ ସାଧାରଣ ଲୋକର ପରିଧି ବାହାରକୁ ଚାଲିଯାଉଛି।

**ଆଇସିସି ଟେଷ୍ଟ ଉପରୁ ଧ୍ୟାନ ହଟାଇ ଏହି ସମୟକୁ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦କୁ ଦେଇ ବ୍ୟାପକ ଆୟ କରିବା ପାଇଁ ଚାହୁଁଛି ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ତେବେ ଏହା କ୍ରିକେଟ ପାଇଁ ଅନେକ ବିପଦ ଆଣିବାକୁ ଯାଉଛି ବୋଲି କୁହା ଯାଇପାରିବ।**



**କ୍ୟାଚ୍ ନେବାରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ରେକର୍ଡ କରିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟର ସେ ଗୋଟିଏ ଇନିଂସରେ ୫ଟି କ୍ୟାଚ୍ ନେଇ ଇଂଲଣ୍ଡ ପାଇଁ ରେକର୍ଡ କରିବା ସହ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି...**

# କ୍ୟାଚ୍ ରେକର୍ଡ

କ୍ରିକେଟରେ ବୋଲିଂ ଓ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଖେଳାଳିମାନେ ରେକର୍ଡ କରିଥାନ୍ତି। ଠିକ୍ ସେହିପରି କ୍ୟାଚ୍ ନେବାରେ ମଧ୍ୟ ଅନୁରୂପ ଭାବେ ରେକର୍ଡ ସୃଷ୍ଟି ହୋଇଥାଏ। ନିକଟରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ କ୍ୟାଚ୍ ନେବାରେ ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିବସରେ ପ୍ରଥମ ଇନିଂସରେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଅନରିଚ ନୋର୍ଜଙ୍କ କ୍ୟାଚ୍ ନେଇ ଗୋଟିଏ ଇନିଂସରେ ସର୍ବାଧିକ ୫ଟି କ୍ୟାଚ୍ ଧରିଛନ୍ତି। ଟେଷ୍ଟରେ ଗୋଟିଏ ଇନିଂସରେ ସେ ସର୍ବାଧିକ ୫ଟି କ୍ୟାଚ୍ ଧରିବାରେ ବିଶ୍ୱ ଟେଷ୍ଟ ରେକର୍ଡର ମଧ୍ୟ ସମକକ୍ଷ ହୋଇଛନ୍ତି।

ଇଂଲଣ୍ଡ ଖେଳିଥିବା ଗତ ୧୦୧୯ ଟେଷ୍ଟ ମ୍ୟାଚ୍‌ରେ ୨୩ଥର କୌଣସି ଖେଳାଳି ଗୋଟିଏ ଇନିଂସରେ ୪ଟି କ୍ୟାଚ୍ ନେବାର ରେକର୍ଡ ରହିଛି। ଗତବର୍ଷ ଲର୍ଡ୍ସରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଟେଷ୍ଟର ଗୋଟିଏ ଇନିଂସରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ ୪ଟି କ୍ୟାଚ୍ ନେଇଥିଲେ। ପୂର୍ବରୁ ଗୋଟିଏ ଇନିଂସରେ ୧୧ଥର ବିଶ୍ୱର ବିଭିନ୍ନ ଖେଳାଳି ୫ଟି କ୍ୟାଚ୍ ଧରିବାର ରେକର୍ଡ ରହିଛି। ଶେଷଥର ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୨୦୧୭/୧୮ରେ ନ୍ୟୁଲାଣ୍ଡ୍ସରେ ଗୋଟିଏ ଇନିଂସରେ ୫ ଉଇକେଟ ହାସଲ କରିଥିଲେ।


ଜଣେ ପ୍ରତିଭା ସମ୍ପନ୍ନ ଅଲରାଉଣ୍ଡର ଭାବେ ଷ୍ଟୋକ୍ସ ୩ଟି ଯାକ ଫର୍ମାଟ୍‌ରେ ନିଜର ଦମ୍ ଦେଖାଇଛନ୍ତି। ଗତ ଦିନିକିଆର ବିଶ୍ୱକପ୍‌ରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ଇଂଲଣ୍ଡକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଷ୍ଟୋକ୍ସ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୬୧ଟି ଟେଷ୍ଟ, ୯୫ଟି ଦିନିକିଆ ଓ ୨୩ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୩୪ଟି ଆଇପିଏଲ୍ ମ୍ୟାଚ୍ ଖେଳି ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି।



## କୀର୍ତ୍ତି

ସର୍ବିୟା ହିରୋଇନ ଷ୍ଟାନକୋଭିକର
ପାଣ୍ଡ୍ୟା ହବ ପ୍ରାଣନାଥ
ନୂଆ ଫଟାକା ସହ ନୂଆ ବର୍ଷ ଆରମ୍ଭ
ନତାଶା ଫଟାକା ମିତ
ଏ ସ୍ୱାମୀ ପାଣ୍ଡ୍ୟାର ମତ
ଡେଟିଂରୁ ଲଭ୍, ଲଭ୍‌ରୁ ଆରେଞ୍ଜ୍
ବାହାଘର ହବ ସତ ।୧।

ଲେଡି ବଡି ବିଲ୍ଡିଂ ବାଂଲାଦେଶରେ
ରହମାନ ଚାମ୍ପିୟନ
ଦେଶରେ ପ୍ରଥମଥର ଅନୁଷ୍ଠିତ
ମ୍ୟାଚ୍ ପାଇଁ ଦେଶ ଧନ୍ୟ
ସଂସ୍କାରକୁ ଦେଇ ଧ୍ୟାନ
ଲମ୍ବା କ୍ରପ୍ ଟପ୍ସ ଲେଗିନ୍ସ ବାଛିଲୁ
(କହେ ) ନଜରୁଲ ଇସଲାମ ।୨।



ନୂଆବର୍ଷ ଦି ହଜାର କୋଡିଏର
କ୍ୟାଲେଣ୍ଡର ଝଲମଲ
ଟୋକିଓ ଅଲିମ୍ପିକ୍ସ, ଗ୍ରାଣ୍ଡସ୍ଲାମ ଟେନିସ,
ୟୁରୋକପ୍ ଫୁଟବଲ
କିଏ ହେବ ମାଲାମାଲ
ନିଜ ସହ ଦେଶ କୀର୍ତ୍ତି ଅରଜିଲେ
ମନେରହିବ ଏ ସାଲ ।୩।

–ସୁବାସ ଚନ୍ଦ୍ର ପ୍ରଧାନ

# ଆଇପିଏଲ୍ ୧୩



ନିର୍ମଳ କୁମାର ମିଶ୍ର

୨୦୦୮ ରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମାନସ ପ୍ରସ୍ତୁତ ରୂପେ ଜଣାଇଥିବା କ୍ରିକେଟର ଏହି ସଂକ୍ଷିପ୍ତ ଫର୍ମାଟ ଆଗରେ ବିଶ୍ୱର ଅନ୍ୟ ସମସ୍ତ ଟି୨୦ ପ୍ରତିଯୋଗିତା ଫିକା ପଡିଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ୧୨ତମ ସଂସ୍କରଣରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିବା ବେଳେ ଚଳିତ ସଂସ୍କରଣ ପାଇଁ ଫ୍ରାଞ୍ଚାଇଜ୍ ମାନଙ୍କ ଦ୍ୱାରା ଖେଳାଳି ନିଲାମ ପ୍ରକ୍ରିୟା ଏଥି ମଧ୍ୟରେ ଶେଷ ହୋଇଛି। ଏହି ପ୍ରଫେଶନାଲ ଟି୨୦ ଲିଗ୍ ପାଇଁ ଭାରତ ପ୍ରମୁଖ ୮ଟି ସହରର ଶ୍ରେଷ୍ଠ ଦଳ ଗୁଡିକ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଦଳଗୁଡିକ ମଧ୍ୟରେ ରହିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, କୋଲକତା ନାଇଟ ରାଇଡର୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ, ଦିଲ୍ଲୀ କ୍ୟାପିଟାଲ୍ସ, ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ। ଲିଗ୍‌ର ମ୍ୟାଚ୍‌ଗୁଡିକ ଏମ୍ ଚିନାସ୍ୱାମୀ ଷ୍ଟାଡିୟମ (ବେଙ୍ଗାଲୁରୁ) ଫିରୋଜ ଶାହା କୋଟଲା (ଦିଲ୍ଲୀ), ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ୍ (ହାଇଦ୍ରାବାଦ), ହୋଲକାର କ୍ରିକେଟ ଷ୍ଟାଡିୟମ୍ (ଇନ୍ଦୋର), ସୱାଇ ମାନସିଂ ଷ୍ଟାଡିୟମ (ଜୟପୁର), ଇଡେନ୍ ଗାର୍ଡେନ କୋଲକତା। ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ (ମୋହାଲି) ୱାଙ୍ଖେଡେ ଷ୍ଟାଡିୟମ (ମୁମ୍ବାଇ), ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ୍ ଷ୍ଟାଡିୟମ୍ (ପୁଣେ), ଏସ୍.ଏ ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ)ରେ ଖେଳାଯିବ। ଆଗାମୀ ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ମେ ମାସ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଟି୨୦ ପ୍ରତିଯୋଗିତା ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପଦ୍ଧତିରେ ଖେଳାଯିବ। ଏଥିରେ ମୋଟ ୬୨ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ପ୍ରତ୍ୟେକ ଦଳ ପରସ୍ପର ସହିତ ଗ୍ରୁପ ପର୍ଯ୍ୟାୟରେ ୨ଥର ଖେଳିବାକୁ ଥିବା ବେଳେ ମୋଟ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଦଳଗୁଡିକ ୭ଟି ମ୍ୟାଚ ନିଜର ହୋମ ଭେନ୍ୟୁରେ ଖେଳିବା ସହିତ ବାକି ୭ଟି ମ୍ୟାଚ ଅନ୍ୟ ବା ଆୱେ ଭେନ୍ୟୁରେ ଖେଳିବେ।

ଆଇପିଏଲ୍‌ର ଏହି ତ୍ରୟୋଦଶ ସଂସ୍କରଣ ପାଇଁ ୯୭୧ ଜଣ ଖେଳାଳିଙ୍କ ପଞ୍ଜୀକରଣ ହୋଇଥିବା ବେଳେ ୩୩୨ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସେଥି ମଧ୍ୟରୁ ୧୮୬ ଜଣ ଭାରତୀୟ ଖେଳାଳି ରହିଥିବା ବେଳେ ୧୪୬ ଜଣ ବିଦେଶୀ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ୨୯ଜଣ ବିଦେଶୀ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ ମାନଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିଯୋଗିତାର ନିୟମ ଅନୁଯାୟୀ ଭାଗନେଇଥିବା ପ୍ରତ୍ୟେକ ଟିମ୍ ନିଜ ଦଳର ୧୮ ରୁ ୨୫ ଜଣ ଖେଳାଳି ରଖିପାରିବେ। ଗୋଟିଏ ଟିମ୍ ସର୍ବାଧିକ ୮ଜଣ ବିଦେଶୀ ଖେଳାଳିଙ୍କୁ ନିଜ ଦଳରେ ରଖିପାରିବେ ଏବଂ ନିଜର ପ୍ରତ୍ୟେକ ମ୍ୟାଚରେ ୪ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଇ ପାରିବେ।

କୋଲକାତାରେ ଅନୁଷ୍ଠିତ ହୋଇଥିବା ଏହି ନିଲାମ ପ୍ରକ୍ରିୟା ଆଇପିଏଲ ଇତିହାସରେ ସବୁଠାରୁ କମ୍ ସମୟ ମଧ୍ୟରେ ସରିଥିବା ବେଳେ ଏହି ପ୍ରକ୍ରିୟାରେ ସମସ୍ତ ଫ୍ରାଞ୍ଚାଇଜ ମାନଙ୍କ ମଧ୍ୟରେ ଭାରତୀୟ ଯୁବ ଖେଳାଳିମାନଙ୍କ ଉପରେ ନଜର ରହିଥିଲା। ନିଲାମ ପ୍ରକ୍ରିୟାରେ ୬୨ ଜଣ ଖେଳାଳି ମୋଟ ୧୪୦.୩୦ କୋଟିରେ ବିଭିନ୍ନ ଫ୍ରାଞ୍ଚାଇଜ୍‌ମାନେ କ୍ରୟ କରିଥିଲେ। ଏହି ପ୍ରକ୍ରିୟାରେ ଅଷ୍ଟ୍ରେଲିଆର ପେସ୍ ବୋଲର ପ୍ୟାଟ୍ କୁମିନ୍ସଙ୍କୁ ୧୫.୫ କୋଟି ଟଙ୍କାରେ କୋଲକାତା ନାଇଟ ରାଇଡର୍ସ କିଣି ଇତିହାସ ସୃଷ୍ଟି କରିଥିଲା। ଆଇପିଏଲ ଇତିହାସରେ ସେ ଏପର୍ଯ୍ୟନ୍ତ ସବୁଠାରୁ ଦାମୀ ଖେଳାଳିର ମାନ୍ୟତା ପାଇଛନ୍ତି। ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଚେନ୍ନାଇ ସୁପର କିଙ୍ଗ୍ସ ସ୍ପିନର ପୀୟୁସ ଚାୱଲା ସର୍ବାଧିକ ୬.୭୫ କୋଟିରେ କ୍ରୟ କରିଛି।

ଆଇପିଏଲ ର ଏହି ତ୍ରୟୋଦଶ ସଂସ୍କରଣରେ ସବୁଠାରୁ ୫ଜଣ ଦାମୀ ଖେଳାଳି ହେଲେ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ ୧୫.୫ କୋଟି (କୋଲକତା ନାଇଟ ରାଇଡର୍ସ), ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ୧୦.୭୫ କୋଟି (କିଙ୍ଗ୍ସ ଇଲେଭେନ ପଞ୍ଜାବ), ସାଉଥ ଆଫ୍ରିକାର କ୍ରିସ୍ ମୋରିସ ୧୦କୋଟି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର), ୱେଷ୍ଟଇଣ୍ଡିଜର ସେଲଡ୍ରନ କଟ୍ରେଲ ୮.୫କୋଟି (କିଙ୍ଗ୍ସ ଏକାଦଶ ପଞ୍ଜାବ) ଏବଂ ନାଥାନ୍ କୁଲ୍ଟର ନାଇଲ (ମୁମ୍ବାଇ ଇଣ୍ଡିଆନ୍ସ) ୮କୋଟି। ଏଥର ଫ୍ରାଞ୍ଚାଇଜମାନେ ସ୍ପିନରଙ୍କ ଅପେକ୍ଷା ପେସ୍ ବୋଲରମାନଙ୍କୁ ପ୍ରାଧାନ୍ୟ ଦେଇଥିବାର ଲକ୍ଷ୍ୟ କରାଯାଇଛି। ଅନେକ ତାରକା ଖେଳାଳି ଫ୍ରାଞ୍ଚାଇଜମାନଙ୍କ ପ୍ରତ୍ୟାଖ୍ୟତ ହୋଇଥିବା କ୍ରିକେଟ ପ୍ରେମୀମାନଙ୍କୁ ବେଶ୍ ଚକିତ କରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଏଭିନ୍ ଲୁଇସ, ମାର୍ଟିନ ଗୁପ୍ଟିଲ, କଲିନ ଇନ୍‌ଗ୍ରାମ, ଚେତେଶ୍ୱର ପୂଜାରା, ଟିମ୍ ସୌଦି, ଆଡାମ ଜାମ୍ପା, ମୁସ୍ତାଫିଜୁର ରହେମନ୍, ମାର୍କ ଉଡ୍, ଲିଆମ ପ୍ଲଙ୍କେଟ, ବେନ୍ କଟିଂ, କାର୍ଲୋସ ବ୍ରାଥୱେଟ, କଲିନ ମୁନରୋ, କଲିନ ଗ୍ରାନ୍‌ଥୋମ, ୟୁସୁଫ ପଠାନ।

ଗତ ୧୨ତମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚମ୍ପିଅନ ହୋଇଥିଲା। ଚେନ୍ନାଇ ସୁପର କିଙ୍ଗସ୍ ୩ଥର ଚାମ୍ପିୟନ ହୋଇଛି। ବିରାଟ କୋହଲି ଆଇପିଏଲ ଇତିହାସରେ ସର୍ବାଧିକ ୫୪୧୨ରନ୍ ସଂଗ୍ରହ କରିଥିବା ବେଳେ ଶ୍ରୀଲଙ୍କା ପେସ ବୋଲର ଲସିଥ୍ ମାଲିଙ୍ଗା ସର୍ବାଧିକ ୧୭୦ ଟି ଉଇକେଟ୍ ନେଇ ଆଗରେ ରହିଛନ୍ତି। ଆଉ ଏକ ରୋମାଞ୍ଚକର ଆଇପିଏଲ ଦେଖିବାକୁ କ୍ରିକେଟ୍‌ପ୍ରେମୀ ଅପେକ୍ଷା କରି ରହିଛନ୍ତି।

### ଇଣ୍ଡିଆନ ପ୍ରିମିୟର ଲିଗ୍

ସଂସ୍କରଣ– ୧୩
ଫର୍ମାଟ– ଟି୨୦
ଦଳ ସଂଖ୍ୟା– ୮
ମ୍ୟାଚ୍ ସଂଖ୍ୟା– ୬୦
ଟୁର୍ନାମେଣ୍ଟ ଫର୍ମାଟ– ରାଉଣ୍ଡ ରବିନ ଓ ନକ୍ ଆଉଟ
ଗତଥରର ଚାମ୍ପିୟନ– ମୁମ୍ବାଇ ଇଣ୍ଡିଆନ୍ସ
ସଫଳତମ ଦଳ– ମୁମ୍ବାଇ ଇଣ୍ଡିଆନ୍ସ (୪ ଥର ବିଜେତା)



**ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଏଥର ଆଗାମୀ ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇ ମେ ୨୪ ତାରିଖରେ ଶେଷ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହୋଇ ଆସୁଥିବା ଏହି ଟି୨୦ ଲିଗ୍‌ରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସମେତ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ମୋଟ୍ ୬୦ଟି ମ୍ୟାଚ୍ ଖେଳାଯିବ...**

| Dollar | Sensex | Nifty | Gold | Silver |
|---|---|---|---|---|
| 71.21 (48) | 41,452.35 (634.61) | 12,215.90 (190.55) | 40,634.00 (₹766) | 47,425.00 (₹1148) |

> ଯୁନିୟନ ବ୍ୟାଙ୍କ ସହ କର୍ପୋରେଶନ ଏବଂ ଆନ୍ଧ୍ର ବ୍ୟାଙ୍କର ମିଶ୍ରଣ ପରେ ଆକାଉଣ୍ଟ ନମ୍ବରରେ କୌଣସି ପରିବର୍ତ୍ତନ ହେବ ନାହିଁ।
> – ରାଜ କିରଣ ରାଏ ଜି, ଯୁନିୟନ ବ୍ୟାଙ୍କ ସିଇଓ



> ଭାରତରେ ଅତିଧନୀଙ୍କ ଉପରେ ଅଧିକ ଟିକସ ଲାଗୁ ହେବାର ଆବଶ୍ୟକତା ରହିଛି। – ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ



## ସଂକ୍ଷେପରେ

### ନିବେଶକଙ୍କ ସମ୍ପତ୍ତିରେ ୨.୫ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ,୯-୧: ଦେଶର ପୁଞ୍ଜିବଜାରର ସ୍ଥିତି ଉନ୍ନତ ହେବାରୁ ନିବେଶକଙ୍କ ସମ୍ପତ୍ତିରେ ଗୁରୁବାର ୨.୫ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ୟୁଏସ୍-ଇରାନ ମଧ୍ୟରେ ଯୁଦ୍ଧ ଆଶଙ୍କା ସାମାନ୍ୟ ହୋଇଥିବାରୁ ନିବେଶକଙ୍କ ମନୋଭାବ ପରିବର୍ତ୍ତନ ହେବାରୁ ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ପ୍ରାୟ ୬୩୫ ପଏଣ୍ଟ ବୃଦ୍ଧି ଘଟିଥିବା ନଜରକୁ ଆସିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସେନସେକ୍ସ ୬୩୪.୬୧ ପଏଣ୍ଟ ବା ୧.୫୫% ବୃଦ୍ଧି ହୋଇ କାରବାର ୪୧,୪୫୨.୩୫ ବନ୍ଦ ହୋଇଛି। ଦିନ ମଧ୍ୟରେ ସୂଚକାଙ୍କ ୬୬୪.୩୮ ପଏଣ୍ଟ ବଢ଼ିବାକୁ କାରବାର ୪୧,୪୮୨.୧୨ ପଏଣ୍ଟ ସ୍ତର ଛୁଇଁଥିଲା। ଏହି ସମୟରେ ବ୍ରେଣ୍ଟ ଅଏଲ ଫିଚର ୦.୪୦% ବଢ଼ିବା ସହ ବ୍ୟାରେଲ ପିଛା ୬୫.୭୦ ଡଲାର ରହିଛି।

### ୭ ବର୍ଷର ରେକର୍ଡ ସ୍ତରରେ ସୁନା ଦର

ନୂଆଦିଲ୍ଲୀ,୯-୧: ଗୁରୁବାର ସୁନା ଦର ୭ ବର୍ଷର ରେକର୍ଡ ସ୍ତର ଛୁଇଁଛି। ଆମେରିକା-ଇରାନ ବିବାଦ ଯୋଗୁ ବିଶ୍ୱ ସ୍ତରରେ ସୁନା ଦର ୨% ବୃଦ୍ଧି ଘଟି ୧,୬୧୧ ଡଲାର ରହିଛି। ଏହା ୭ ବର୍ଷର ସର୍ବୋଚ୍ଚ ସ୍ତର। ଚେନ୍ନାଇରେ ୨୪ କ୍ୟାରେଟ ସୁନାର ଦର ୧୦ ଗ୍ରାମ ପିଛା ୪୨,୮୬୦ ଟଙ୍କା ଛୁଇଁଛି। ଗତ କିଛିଦିନ ମଧ୍ୟରେ ସୁନା ଦର ୫.୫% ବଢ଼ିଥିବା ରେକର୍ଡ କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ସୁନା ଦର ପ୍ରାୟ ୨୫% ମହଙ୍ଗା ହୋଇଥିବା ନଜରକୁ ଆସିଛି। ଘରୋଇ ବଜାରରେ କିଲୋପ୍ରତି ରୁପା ଦର ଏହି ସମୟରେ ୪୮,୮୭୫ ଟଙ୍କା ଛୁଇଁଛି।

### ବିକାଶ ହାର ୫%କୁ ହ୍ରାସକଲା ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୯-୧: ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୫% ରହିବ ବୋଲି ବିଶ୍ୱବ୍ୟାଙ୍କ ଗୁରୁବାର ଏହାର ପୂର୍ବାନୁମାନରେ ପ୍ରକାଶ କରିଛି। ଆଗାମୀ ଆର୍ଥିକ ବର୍ଷରେ ଏହା ୫.୮% ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଏହା ଆକଳନରେ ପ୍ରକାଶ କରିଛି। ବାଂଲାଦେଶର ଅଭିବୃଦ୍ଧି ହାର ୭% ଏବଂ ପାକିସ୍ତାନ ୩% ହାରରେ ଅଭିବୃଦ୍ଧି କରିବ ବୋଲି ଗ୍ଲୋବାଲ ଇକୋନୋମିକ ପ୍ରୋସପେକ୍ଟର ସଦ୍ୟତମ ରିପୋର୍ଟରେ ବିଶ୍ୱବ୍ୟାଙ୍କ ଏଭଳି ପୂର୍ବାନୁମାନ କରିଛି। ୨୦୧୯-୨୦ରେ ବିଶ୍ୱ ସ୍ତରରେ ୨.୫% ଅଭିବୃଦ୍ଧି ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି।

■ ବିଶେଷଜ୍ଞଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି

# ଅର୍ଥ ବ୍ୟବସ୍ଥା ପାଇଁ ମାନସ ମନ୍ଥନ



- ■ ଅର୍ଥନୈତିକ ବିକାଶ ହାର ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ
- ■ ଶୀଘ୍ର ପ୍ରଗତି ପଥକୁ ଫେରିବାକୁ ଅର୍ଥ ବ୍ୟବସ୍ଥା ସକ୍ଷମ
- ■ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ନେଇ ଆହ୍ୱାନ
- ■ ମିଳିମିଶି କାମ କରିବା ଉପରେ ସହଯୋଗ ଲୋଡ଼ିଲେ

ନୂଆଦିଲ୍ଲୀ,୯-୧

୨୦୨୪-୨୫ ସୁଦ୍ଧା ଦେଶର ଅର୍ଥବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ଲାଗି ସରକାର ଯୋଜନା ଧାର୍ଯ୍ୟ କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଲକ୍ଷ୍ୟ ହାସଲ ଲାଗି ଅଂଶୀଦାରମାନେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆହ୍ୱାନ ଜଣାଇଛନ୍ତି। ବଜେଟର ଅବ୍ୟବହିତ ପୂର୍ବରୁ ନୀତି ଆୟୋଗର ପ୍ରାକ ବଜେଟ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ ଅବଶୋଷକ କ୍ଷମତା ରହିଛି। ସୁଦୃଢ ମୂଳଦୁଆ ଏବଂ ପୁନଃ ପ୍ରଗତି ହାସଲ କରିବା କ୍ଷମତାକୁ ଘରୋଇ ବଜାର ଦର୍ଶାଇଥାଏ। ଏସବୁ ବିଭିନ୍ନ ପ୍ରସଙ୍ଗକୁ ବିଚାର କଲେ ଘରୋଇ ବଜାର ଶୀଘ୍ର ଅଭିବୃଦ୍ଧି ପଥକୁ ଫେରିବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶଧାରାକୁ ଆଗେଇନେବା ଲାଗି ସମସ୍ତଙ୍କୁ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ପର୍ଯ୍ୟଟନ, ସହରୀ ବିକାଶ, ଭିତ୍ତିଭୂମି ଏବଂ କୃଷି ଉଦ୍ୟୋଗ ଭଳି କ୍ଷେତ୍ରରେ ଦେଶର ଅର୍ଥ ବ୍ୟବସ୍ଥାକୁ ଆଗେଇ ନେବା ଏବଂ ନିଯୁକ୍ତି ସୃଷ୍ଟି କରିବାର ବିପୁଳ ସମ୍ଭାବନା ରହିଛି। ଭାରତକୁ ଅପାର ସମ୍ଭାବନା ଭୂମି ଭାବେ ବିଚାର କରି ଅଂଶୀଦାରମାନେ ବାସ୍ତବତା ଏବଂ ଅବଧାରଣା ମଧ୍ୟରେ ରହିଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ବୈଠକରେ ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ କୃଷି ଏବଂ ଭିତ୍ତିଭୂମି କ୍ଷେତ୍ର ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବରିଷ୍ଠ ଅର୍ଥନୀତିଜ୍ଞ, ଘରୋଇ ଇକ୍ୱିଟି, ଭେଞ୍ଚର କ୍ୟାପିଟାଲିଷ୍ଟ, ଉତ୍ପାଦନ, ଭ୍ରମଣ ଏବଂ ପର୍ଯ୍ୟଟନ, ପୋଷାକ ଓ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ବ୍ୟବସାୟ ନେତୃବୃନ୍ଦ, ବିଶ୍ଲେଷକ ସମେତ କୃଷି, ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଅର୍ଥ କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନେ ପ୍ରାୟ ୨ ଘଣ୍ଟା ଧରି ଆଲୋଚନାରେ ସାମିଲ ହେବା ସହ ସେମାନଙ୍କ ଅଭିଜ୍ଞତା ପ୍ରକାଶ କରିଥିଲେ।

ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୧୧ ବର୍ଷର ସର୍ବନିମ୍ନ ସ୍ତର ୫% ରହିବ ବୋଲି ସରକାରୀ ଆକଳନ କରାଯାଇଛି। ଏଥିରେ ସୁଧାର ଆଣିବା ନେଇ ସରକାର ବିଭିନ୍ନ ପ୍ରସ୍ତାବ ଗ୍ରହଣ କରୁଛନ୍ତି। ଏହି ଆଧାରରେ ସୋମବାର ପ୍ରଧାନମନ୍ତ୍ରୀ ଦେଶର ଶିଳ୍ପ ଲିଡରମାନଙ୍କୁ ଭେଟି ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଭଳି ବିଭିନ୍ନ ଦିଗ ଉପରେ ମତାମତ ଲୋଡ଼ିବା ସହ ଆଲୋଚନା କରିଥିଲେ। ଫେବୃୟାରୀ ପହିଲାରେ ନିର୍ମଳା ସୀତାରାମନ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପରିବହନ ମନ୍ତ୍ରୀ ନୀତିନ ଗଡକରୀ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର, ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହିରୋର ନୂଆ ୧୦୦ ସିସି ବିଏସ୍-୬ ମଡେଲ



ଭୁବନେଶ୍ୱର,୯-୧

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ନୂଆ ୧୦୦ ସିସି ବିଏସ୍-୬ ମଡେଲ ମୋଟର ସାଇକେଲ ଏଚ୍‌ଏଫ୍ ଡିଲକ୍ସ ବଜାରକୁ ଆସିଛି। ଏହି ନୂଆ ଯାନଟିରେ ଏକ୍ସସେନ୍ସ ଟେକ୍ନୋଲୋଜିକୁ ସାମିଲ କରାଯାଇଛି। ଯାନଟିର ବଜାର ଦର ୫୫,୯୨୫ ଟଙ୍କା ରହିଛି। ନୂଆ ନିର୍ଗମନ ନିୟମ ଦେଶରେ ଲାଗୁ ହେବାକୁ ଥିବା ବେଳେ କମ୍ପାନୀ ଏହାର ପ୍ରସ୍ତୁତି ଜାରି ରଖିଛି। ଏହି ଆଧାରରେ ନୂଆ ନୂଆ ମଡେଲର ଯାନ ବଜାରକୁ ଛଡାଯାଉଥିବା ହିରୋ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ନିକଟରେ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ବଜାରକୁ ଛାଡିଥିଲା। କମ୍ପାନୀ ଏହାର ସମସ୍ତ ରେଞ୍ଜକୁ ବିଏସ୍-୬ରେ ଶୀଘ୍ର ରୂପାନ୍ତରିତ କରିବାକୁ ଯୋଜନା ହାତକୁ ନେଇଛି। ଏହା ଦୁଇଟି ଭାରିଆଣ୍ଟରେ ଆସୁଛି। ଯାହାର ମୂଲ୍ୟରେ ସାମାନ୍ୟ ଭିନ୍ନତା ରହିଛି। ଏଥିରେ ଗ୍ରାହକମାନେ ୯% ଅଧିକ ଇନ୍ଧନ ଦକ୍ଷତା ଲାଭ କରିପାରିବେ। ଗ୍ରାହକଙ୍କ ଆବଶ୍ୟକତା ଏବଂ ପରିବର୍ତ୍ତିତ ବଜାର ସ୍ଥିତି ଆଧାରରେ ନୂଆ ମଡେଲ ବଜାରକୁ ଛାଡିଥିବା କମ୍ପାନୀର ଚିଫ୍ ଟେକ୍ନୋଲୋଜି ଅଫିସର ବିକ୍ରମ କାସବେକର କହିଛନ୍ତି।

## ତନିସ୍କର ଗ୍ରେଟ୍ ଡାଇମଣ୍ଡ ସେଲ୍

ଭୁବନେଶ୍ୱର,୯-୧

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିସ୍କ ପକ୍ଷରୁ ଗ୍ରେଟ ଡାଇମଣ୍ଡ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସୀମିତ ସମୟ ଲାଗି ଚାଲିବ। ଗ୍ରାହକ ଏହି ସମୟରେ ସବୁ ପ୍ରକାରର ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। କମ୍ପାନୀର ୩୨୦ ଷ୍ଟୋରରେ ଏହି ଅଫର ଉପଲବ୍ଧ ହେବ। ସୀମିତ ସମୟ ଲାଗି ଏହାର ଲାଭ ଗ୍ରାହକ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ନିତିଦିନିଆ ଗହଣା ପରିଧାନ ସମେତ କମ୍ପାନୀ ପାର୍ଟି,ବିବାହ ଏବଂ କର୍ମ ଭଳି ବିଭିନ୍ନ ବର୍ଗରେ ଗହଣା ପ୍ରଦାନ କରୁଛି। ଗ୍ରାହକମାନେ ବିଭିନ୍ନ ପ୍ରକାର ଷ୍ଟେଟମେଣ୍ଟ ଇୟରରିଙ୍ଗ, କକଟେଲ ରିଙ୍ଗ,ପ୍ରେଟି ପେଣ୍ଡାଣ୍ଟ, ଷ୍ଟନିଙ୍ଗନେକଲେସ, ପ୍ରତିଟି ଅବସର ଲାଗି ସୋଲିଟେୟାର, ଏନଗେଜମେଣ୍ଟ ରିଙ୍ଗ ଏବଂ ବିବାହ ଗହଣା ଲାଭ କରିପାରିବେ। ନୂଆବର୍ଷରେ ଗ୍ରାହକଙ୍କ ଲାଗି କିଛିଟା ଚମକ ଯୋଡିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା ଟାଇଟାନ କମ୍ପାନୀ ଲିମିଟେଡର ଗହଣା ମାର୍କେଟିଂ ବିଭାଗ ମହାପ୍ରବନ୍ଧକ ରଜନୀ କୃଷ୍ଣସ୍ୱାମୀ କହିଛନ୍ତି।




## ଧର୍ମଘଟରେ ସାମିଲ ହେଲେ ଏଓଜିବିଓ କର୍ମଚାରୀ

ଭୁବନେଶ୍ୱର,୯-୧

ଅଲ୍ ଇଣ୍ଡିଆ ରିଜିଓନାଲ ରୁରାଲ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇଆର୍‌ଆର୍‌ବିଇଏ) ଆହ୍ୱାନ କ୍ରମେ ଏଓଜିଓବିଓ ଏବଂ ଏଆଇଆର୍‌ଆର୍‌ବିଇଏ କର୍ମଚାରୀମାନେ ବୁଧବାରର ଧର୍ମଘଟରେ ସାମିଲ ହୋଇଥିଲେ। ବେତନ ସଂଶୋଧନର ଶୀଘ୍ର ନିଷ୍ପତ୍ତି, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରେ ପୁଞ୍ଜି ନିବେଶ, କର୍ମଚାରୀ ନିଯୁକ୍ତି, ଘରୋଇକରଣ ଚିନ୍ତାଧାରାରୁ ସରକାର ନିବୃତ୍ତ ରହିବା ଦାବି ନେଇ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ। ଏଓଜିବିଓର କଟକ ରିଜିଓନାଲ ସେକ୍ରେଟାରୀ ଦୀପକ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ଆନ୍ଦୋଳନ ଯୋଗୁ ମହାନଦୀ ବିହାରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମସ୍ତ କାର୍ଯ୍ୟବନ୍ଦ ରହିଥିଲା। ଏଥିରେ ଜ୍ୟୋତି ରାଓ, ପର୍ଶୁରାମ ମଣ୍ଡଳ, ଦିଲୀପ କୁମାର ଜେନା, ସନ୍ତୋଷ ଖଟୁଆ, ବିନୟ ଭୂଷଣ ରାଉତ ଏବଂ ଯଯାତି କେଶରୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିନ୍ଦେଗୀ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କଲେ ଆନନ୍ଦ କୁମାର



ଭୁବନେଶ୍ୱର,୯-୧

ଗଣିତଜ୍ଞ ଆନନ୍ଦ କୁମାର ନିକଟରେ ଭୁବନେଶ୍ୱର ଗସ୍ତ କରିବା ସହ ଅଜୟ ବାହାଦୁର ସିଂଙ୍କ ଦ୍ୱାରା ଭୁବନେଶ୍ୱରରେ ଚାଲୁଥିବା ଜିନ୍ଦେଗୀ କାର୍ଯ୍ୟକ୍ରମର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି। ରାଜ୍ୟର ଗରିବ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ମାଗଣା ରହିବା, ଖାଇବା ଏବଂ ପଢିବା ସୁବିଧା କରାଇ ମେଡିକାଲ ପ୍ରସ୍ତୁତି ଦିଗରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ୨୦୧୭ରେ ପ୍ରଥମେ ଆରମ୍ଭ ହୋଇଥିଲେ। ୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମେ ୧୨ ଜଣ ମେଡିକାଲ ପାଇବାକୁ ସକ୍ଷମ ହୋଇଥିଲେ। ୨୦୧୮-୧୯ରେ ୧୪ରୁ ୧୪ ଜଣ ଏଥିରେ ସଫଳ ହୋଇ ମେଡିକାଲ ପଢିବାର ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ଜିନ୍ଦେଗୀ କାର୍ଯ୍ୟକ୍ରମ ଜରିଆରେ ୧୯ ଜଣଙ୍କ ଡାକ୍ତରୀ ପ୍ରବେଶିକାରେ ବସିବାର ସୁଯୋଗ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଆନନ୍ଦ କୁମାର ପ୍ରଶଂସା କରିବା ସହ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏହା ଦ୍ୱାରା ସଫଳ ହେବେ ବୋଲି କହିଛନ୍ତି।

## ଆସନ୍ତା ସପ୍ତାହରେ ଆମାଜନ ପ୍ରତିଷ୍ଠାତାଙ୍କ ଭାରତ ଗସ୍ତ

ନୂଆଦିଲ୍ଲୀ,୯-୧

ଆସନ୍ତା ସପ୍ତାହରେ ଆମାଜନ ପ୍ରତିଷ୍ଠାତା ଜେଫ ବେଜୋସ ଭାରତ ଗସ୍ତ କରିବେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିପାରନ୍ତି। ଏହା ବାଦ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ, ଶିଳ୍ପ ବିଶେଷଜ୍ଞଙ୍କୁ ସେ ଭେଟିବେ ବୋଲି ସୂଚନା ରହିଛି। ନୂଆଦିଲ୍ଲୀରେ ଜାନୁୟାରୀ ୧୫-୧୬ ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ବେଜୋସ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପ୍ରତିନିଧିଙ୍କୁ ଭେଟିବେ। ବର୍ତ୍ତମାନ ଆମାଜନର ଅଭିବୃଦ୍ଧି ଭାରତରେ ଉନ୍ନତ ରହିଛି। ଭାରତ ବଜାରରେ ନିୟାମକ ପ୍ରସଙ୍ଗ ଉପରେ ସେ ଆଲୋଚନା କରିବେ ବୋଲି କୁହାଯାଇଛି। ଏ ନେଇ ଆମାଜନର ମତାମତ ଲୋଡାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଓଏଏସ୍ ପରୀକ୍ଷାରେ ବଣିକ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୯-୧

ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା ୨୦୧୮ରେ ବଣିକ ଆଇଏଏସ୍‌ର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏଥିରେ ଦେବାଶିଷ ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଋତୁପର୍ଣ୍ଣା ମହାପାତ୍ର ଦ୍ୱିତୀୟ, ଆକାଶ କୁମାର ପଣ୍ଡା ତୃତୀୟ, ସନ୍ତୋଷିନୀ ଦାସ ଚତୁର୍ଥ, ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ପଞ୍ଚମ, ଶକ୍ତି ମହାପାତ୍ର ନବମ, ସ୍ମରଣିକା ଟୁଲୋ ଦଶମ ସ୍ଥାନ ହାସଲ କରିଛନ୍ତି। ଓଏଏସ୍‌ର ଶୀର୍ଷ ୫୦ ଜଣ ର୍ୟାଙ୍କଧାରୀଙ୍କ ମଧ୍ୟରେ ଅନୁଷ୍ଠାନର ୨୫ ଜଣ ଏବଂ ଅନ୍ୟ ୧୦୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସ୍ଥାପନ ହେବାର ସ୍ୱଳ୍ପ ସମୟ ମଧ୍ୟରେ ବଣିକ ଆଇଏଏସ୍ କୋଚିଂ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ କହିଛନ୍ତି। ପ୍ରମୋଦ ପାଢୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତିଷ୍ଠାନରେ ୫୦ରୁ ଅଧିକ ନିଜସ୍ୱ ଶିକ୍ଷକ, ସୁନାମଧନ୍ୟ ପ୍ରଶାସନିକ ସେବା ପ୍ରଶିକ୍ଷକ, ଦିଲ୍ଲୀ ଢାଞ୍ଚାରେ ଶିକ୍ଷାଦାନ ପ୍ରଣାଳୀ, ପାଠ୍ୟ ପୁସ୍ତିକା, ପରୀକ୍ଷା, ପାଠାଗାର ବ୍ୟବସ୍ଥା ଅନୁଷ୍ଠାନର ବିଶେଷତ୍ୱ ବୋଲି ଛାଟୋଇ କହିଛନ୍ତି। ଓସିଏସ୍-୨୦୧୮ରେ ଉତ୍ତୀର୍ଣ୍ଣ ପ୍ରତି ୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣେ ବଣିକ ଆଇଏଏସ୍‌ରେ ଶିକ୍ଷାପ୍ରାପ୍ତ ହୋଇଥିବା ଏହାର ବିଶେଷତ୍ୱକୁ ପ୍ରମାଣିତ କରୁଛି। ସଫଳତାର ଶ୍ରେୟ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅଧ୍ୟାପକ ମଣ୍ଡଳୀମାନଙ୍କର ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇଥିବା ଛାଟୋଇ ପ୍ରକାଶ କରିଛନ୍ତି।

## କାନାରା ବ୍ୟାଙ୍କ ପକ୍ଷରୁ କମ୍ବଳ ବଣ୍ଟନ

ଭୁବନେଶ୍ୱର,୯-୧




କାନାରା ବ୍ୟାଙ୍କ ସର୍କଲ କାର୍ଯ୍ୟାଳୟ ପକ୍ଷରୁ ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ, ରାଜମହଲ ଛକ, ରାମ ମନ୍ଦିର, ବାଣୀବିହାର, ବରମୁଣ୍ଡା ଏବଂ ପଟିଆ ଭଳି ସ୍ଥାନଗୁଡିକରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଫୁଟପାଥରେ ରାତ୍ରୀଯାପନ କରୁଥିବା ବ୍ୟକ୍ତି ବିଶେଷଙ୍କ ଶୀତ ଦାଉରୁ ରକ୍ଷା କରିବା ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସର୍କଲ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର, ଉପମହାପ୍ରବନ୍ଧକ ଯୋଗେନ୍ଦ୍ର ସିଂ ଘଂଘସ, ସହାୟକ ମହାପ୍ରବନ୍ଧକ ସୁଜିତ କୁମାର ସାହୁ, ଏସ୍.ଏନ୍.ପଣ୍ଡା, ବି.କେ. ପାଣିଗ୍ରାହୀ, ଏନ୍.ଏମ୍ ପାତ୍ର, ଡିଭିଜନାଲ ମ୍ୟାନେଜର ବି.କେ. ତ୍ରିପାଠୀ, ଏନ୍.ବି.ବେହେରା, ପି.କେ.ନନ୍ଦ, ସନ୍ଧ୍ୟା ମହାନ୍ତି, ଆର୍.ଏନ୍.ମୁଣ୍ଡା, ସୁବ୍ରତ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷର ବିଭିନ୍ନ ସାମାଜିକ ଉନ୍ନତୀମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସର୍କଲ ମୁଖ୍ୟ ମହାପାତ୍ର କହିଛନ୍ତି।

Government of Odisha, Office of the Executive Engineer
**Rural Works Division, Nabarangpur**
e-mail-eerwngp@rediffmail.com, Phone No.222023
Letter No. 64 Date: 04.01.2020
No. O-787:-

**e-Procurement Notice**

Name of the work :- Road & Building works
Total No of works :- 26 (Twenty Six) Nos.
Approx. Estimated Cost :- Rs. 0.70 lakhs to Rs. 37.16 lakhs
Class of Contractor :- "C" "D" & "B" "C" Class of Contractor
Period of Completion :- 01(One) 02 (Two) & 06 (Six) Calendar Months

| Procurement Officer | Bid Identification No. | No. of works | Availability of tender online for bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-03/2019-20 | 26 (Twenty Six) Nos. | 15.01.2020 at 10.00 AM | 24.01.2020 upto 03.00 PM | 27.01.2020 at 11.00 AM |

For Details can be seen from the Government website www.tendersorissa.gov.in
25092/11/0003/1920 *Executive Engineer, Rural Works Division, Nabarangpur*

GOVERNMENT OF ODISHA, OFFICE OF THE SUPERINTENDING ENGINEER
**RURAL WORKS CIRCLE: SUNDARGARH**
E-mail address-serw_sundargarh@yahoo.com
No. O-730:-

**E-Procurement Notice, Online – RWSESNG –18 of 2019-20 Letter No.2805/Dtd.30.12.2019**

1. Type of the Work : Road Work (OMBADC)
2. Total No. of works : 3 Nos. of Road (Percentage Rate Tender)
3. Estimated cost : Varies from Rs.91.02 Lakh to Rs.290.69 Lakh
4. Class of contractor : 'B' Class & 'A' Class
5. Period of completion : Nine Calendar Months
6. Cost of tender paper : The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required : The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details :

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-18 of 2019-20 | 14.01.2020 11:00 AM | 06.02.2020 3:00 PM | 05.02.2020 3:00 PM | 12.02.2020 11:00 AM | Will be intimated separately |

Further details can be seen from the website www.tendersorissa.gov.in
**N.B:** Corrigendum if any may be seen in this website. www.tendersorissa.gov.in
Authority reserves the right to reject any or all the tenders without assigning any reason thereof.
25133/11/0024/1920 *Sd./- Superintending Engineer, Rural Works Circle, Sundargarh*

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Regional Institute - VII, Plot No. E-04, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

**e-TENDER NOTICE**

Offers are invited for CMPDI, Regional Institute -VII, Plot No. E-04, Near Gandhi Park, Samantapuri, Bhubaneswar through e-Tendering **(ON-LINE BIDDING)** only : **Tender Notice No. CMPDI/RI-VII/Co-ordination/2019/E-421224 Dated : 30.12.2019. Description :** Hiring of 03 Nos. (three) vehicles 13 seater (minimum) for school duty for a period of two years at CMPDI, RI-VII, Bhubaneswar. **Estimated value :** ₹ 25,99,468/- (Inclusive GST). **Period of Completion : 02 (Two) Years (Can be extended upto further 01 year if required).** Detailed tender notice & Tender documents including terms and conditions shall be available on e-tendering portal **https://coalindiatenders.nic.in** and Tender Notice only shall be available at websites **www.cmpdi.co.in from 10.01.2020 to 24.01.2020.** Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Co-ordination), CMPDI, RI-VII, Bhubaneswar, Mobile 9438881062, 9438881026 & Fax No. 0674 - 2301762.

**HOD (Co-ordination)**

Government of Odisha, Office of the Executive Engineer
**Rural Works Division-II, Dhenkanal**
**Kamakhyanagar**
E-Mail: rw.kamakhyanagarl@yahoo.co.in
No. O-765:-

**e-Procurement Notice No. 12/ Road & Building Works / 2019-20**

1. Name of the work : Road & Building Works
2. Total No. of Works : 15 (Fifteen) Nos.
3. Tender Cost : Rs. 0.40 lakh to 56.76 lakh (approx.)
4. Class of Contractor : "D", "C" & "B" & "A" Class
5. Period of Completion : 1 (One), 2 (Two) and 10 (Ten) Calendar months.
6. Availability of Tender online for bidding : 13.01.2020 at 11.00 AM to 18.01.2020 upto 5.00 PM
7. Last Date & Time of seeking tender clarification : 17.01.2020 upto 4.00 PM
8. Date &Time of opening of Technical Bid : 20.01.2020 at 11.00 AM
9. Date & Time of opening of Financial Bid : 20.01.2020 at 11.00 AM

Other Details can be seen from the website http://tendersorissa.gov.in.

*Sd./- Executive Engineer, R.W. Division-II, Dhenkanal Kamakhyanagar*
25094/11/0009/1920

“ଉପମହାଦେଶରେ ନିଜ ସାମର୍ଥ୍ୟ ଉପରେ ସନ୍ଦେହ ଆସିଥାଏ, ହେଲେ ଆମେ ଭାରତ ବିପକ୍ଷ ସିରିଜରେ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ଅଛୁ।

–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଅଧିନାୟକ



“୨୦୧୯ ବର୍ଷ ମୋ ପାଇଁ କଠିନ ଥିଲା, କିନ୍ତୁ ୨୦୨୦ରେ ମୁଁ ପ୍ରତିଟି ଗେମ୍‌ରେ ନୂଆ ପ୍ରକାର ବୋଲିଂ କରି ବ୍ୟାଟ୍ସମ୍ୟାନଙ୍କୁ ଚକିତ କରିବି।

–କୁଲଦୀପ ଯାଦବ, ବାମହାତୀ ସ୍ପିନର



## ସଂକ୍ଷେପରେ

### ରିଲାଏନ୍ସ ଫାଉଣ୍ଡେଶନ ୟୁଥ୍ ସ୍ପୋର୍ଟ୍ସ
## ୟୁନିଟ୍-୯ ହାଇସ୍କୁଲ, ସାଥୀଙ୍କ ରେକର୍ଡ

ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି): ମୁମ୍ବାଇର ମାଲବାର ହିଲ୍‌ସ୍ଥିତ ପ୍ରିୟଦର୍ଶିନୀ ପାର୍କରେ ଅନୁଷ୍ଠିତ ରିଲାଏନ୍ସ ଫାଉଣ୍ଡେଶନ ୟୁଥ୍ ସ୍ପୋର୍ଟ୍ସ (ଆରଏଫୱାଇଏସ) ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମୋଟ ୩୩ଟି ନୂଆ ରେକର୍ଡ ସୃଷ୍ଟି ହୋଇଛି। ଗୁରୁବାର ଅନ୍ତିମ ଦିବସରେ ୧୪ଟି ଖେଳରେ ୧୧ଟି ରେକର୍ଡ ଭାଙ୍ଗିଛି। ୪x୪୦୦ ମିଟର ଜୁନିୟର ବାଳକ ରିଲେ ରେସ୍‌ରେ ଭୁବନେଶ୍ୱର ୟୁନିଟ-୯ ହାଇସ୍କୁଲ ଦଳ ନୂଆ ରେକର୍ଡର ଅଧିକାରୀ ହୋଇଛି। ସେମାନେ ୩:୩୪.୦୮ ସେକେଣ୍ଡରେ ଦୂରତ୍ୱକୁ ଅତିକ୍ରମ କରି ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ଜସମନ କୁଜୁର, ଆର୍ଯ୍ୟନ ଏକ୍କା, ଭଜମନ ମାଝି, ରାଜେନ୍ଦ୍ର ସିଧୁ ରିଲେ ଦଳର ସଦସ୍ୟ ଥିଲେ। ସେହିପରି ଓଡ଼ିଶାର ସାଥୀ ପାତ୍ର ସିନିୟର ବାଳିକା ୧୦୦ ମିଟର ହର୍ଡଲ୍ସରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧୪.୪୩ ସେକେଣ୍ଡ ସମୟ ନେଇ ପୂର୍ବ ରେକର୍ଡ ଟାଇମିଂରେ ଉନ୍ନତି ଆଣିଛନ୍ତି। ସବ୍‌ଜୁନିୟର ବାଳିକା ୧୦୦ ମିଟର ରେସ୍‌ରେ ଏମ୍‌ବିଏସ ସ୍କୁଲର ଛାତ୍ରୀଛାତ୍ର ୧୨.୯୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ଚତୁଃରାଷ୍ଟ୍ରୀୟ ଯୁବ ସିରିଜ୍ ଜିତିଲା ଭାରତ

ଡର୍ବାନ,୯।୧(ପି.ଟି.)- ଉଇକେଟକିପର ବ୍ୟାଟ୍ସମ୍ୟାନ ଧ୍ରୁବ ଜୋରେଲଙ୍କ ଶତକ ଓ ବାମହାତୀ ସ୍ପିନର ଆଥର୍ଭ ଆଙ୍କୋଲେକରଙ୍କ ୪ ଉଇକେଟ ସଫଳତା ଯୋଗୁ ଘରୋଇ ଦକ୍ଷିଣ ଆଫ୍ରିକାକୁ ୬୯ ରନ୍‌ରେ ହରାଇ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଚତୁଃରାଷ୍ଟ୍ରୀୟ ସିରିଜ୍ ଜିତିନେଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୬.୧ ଓଭରରେ ୧୩ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସଙ୍କଟଜନକ ସ୍ଥିତିରେ ଜୋରେଲ ୧୦୧ (୧୧୫ ବଲ, ୮ ଚୌକା ଓ ୨ ଛକା), ତିଲକ ବର୍ମା ୭୦(୭ ଚୌକା ଓ ୧ ଛକା) ଓ ସିଦ୍ଧେଶ ବୀର (୪୮)ଙ୍କ ଯୋଗଦାନ ଯୋଗୁ ଭାରତ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୫୯ ରନ୍ କରିଥିଲା। ଜବାବରେ ଆଙ୍କୋଲେକରଙ୍କ ଯାଦୁକରି ବୋଲିଂର ସମ୍ମୁଖୀନ ହୋଇ ନ ପାରି ଘରୋଇ ଦଳ ୪୩.୧ ଓଭରରେ ୧୯୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ଆଙ୍କୋଲେକର ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ବିଷ୍ଣୋଇ ୨, ଆକାଶ ସିଂ, ବୀର ଓ ବର୍ମା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

## ବଟଲରଙ୍କୁ ଜରିମାନା

ଜୋହାନ୍ସବର୍ଗ, ୯।୧(ଏଏଫ୍‌ପି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଇଂଲଣ୍ଡ ଉଇକେଟକିପର ଜୋସ୍ ବଟଲରଙ୍କୁ ତାଙ୍କ ମ୍ୟାଚ ଫି’ର ୧୫ ପ୍ରତିଶତ ଜରିମାନା କରିଛି। କେପ୍ ଟାଉନ୍ ଅନ୍ତର୍ଗତ ନ୍ୟୁଲାଣ୍ଡ୍ସରେ ଦ୍ୱିତୀୟ ଟେଷ୍ଟ ମ୍ୟାଚର ଅନ୍ତିମ ଦିବସରେ ବଟଲର ଉଇକେଟ କିପିଂ କରୁଥିବାବେଳେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଭର୍ନନ ଫିଲାଣ୍ଡରଙ୍କ ଉଦ୍ଦେଶ୍ୟରେ ଖରାପ ଭାଷା ପ୍ରୟୋଗ କରିଥିଲେ। ଷ୍ଟମ୍ପରେ ଲାଗିଥିବା ମାଇକ୍ରୋଫୋନ୍ ଦ୍ୱାରା ତାହା ସ୍ପଷ୍ଟ ଶୁଣିବାକୁ ମିଳିଥିଲା। ଆଇସିସି ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଇଂଲଣ୍ଡର ଏହି ୨୯ ବର୍ଷୀୟ କ୍ରିକେଟରଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି। ବଟଲର ପ୍ରଥମ ଥର ଏଭଳି ଅପରାଧ କରିଛନ୍ତି। ଆଇସିସି ମ୍ୟାଚ ରେଫରି ଏମିରେଟ୍ସ ଏଲିଟ୍ ପ୍ୟାନେଲର ଆଣ୍ଡି ପାଇକ୍ରଫ୍ଟଙ୍କ ଦ୍ୱାରା ହୋଇଥିବା ଦଣ୍ଡ ବିଧାନକୁ ବଟଲର ଗ୍ରହଣ କରିବା ସହ ନିଜ ଦୋଷକୁ ସ୍ୱୀକାର କରିଛନ୍ତି। ତେଣୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ନ ଥିଲା।

## ଅଭ୍ୟାସବେଳେ ସ୍କେଟର ଗୁରୁତର

ଲସାନ୍ନେ(ସୁଇଜରଲାଣ୍ଡ), ୯।୧ (ଏଏଫ୍‌ପି)- ଚଳିତବର୍ଷ ହେବାକୁ ଥିବା ଯୁବ ଅଲିମ୍ପିକ୍ସ ଗେମ୍ସର ଉଦ୍‌ଘାଟନୀ ଉତ୍ସବ ପାଇଁ ଅଭ୍ୟାସ କରୁଥିବାବେଳେ ଜଣେ ସ୍କେଟର ଗୁରୁତର ଆହତ ହୋଇଛନ୍ତି। ଏ ନେଇ ଅଲିମ୍ପିକ୍ ମୁଖ୍ୟ ଥୋମାସ ବେକ୍ ଗୁରୁବାର କହିଛନ୍ତି। ଆହତ ସ୍କେଟରଙ୍କୁ ମେଡିକାଲ ନିଆଯାଇଛି। ତାଙ୍କ ଜୀବନ ଏବେ ବି ବିପଦରେ ଅଛି। ମଙ୍ଗଳବାର ଭଡୋଜି ଏରିନାଠାରେ ନିର୍ଣ୍ଣାୟକ ପ୍ରାକ୍ଟିସ ସେସନବେଳେ ଜର୍ମାନୀରେ ରହୁଥିବା ୩୫ ବର୍ଷୀୟ ରୁଷିଅ ସ୍କେଟର ୫ ମିଟର (୧୬ ଫିଟ୍) ଉଚ୍ଚରୁ ବରଫ ଉପରେ ପଡ଼ିଯାଇଥିବା ସୁଇସ ପୋଲିସ ପକ୍ଷରୁ କୁହାଯାଇଛି।

# ଚୂଡ଼ାନ୍ତ ଦଳ ଚୟନ ଦ୍ୱନ୍ଦ୍ୱରେ ଭାରତ





ଯଶପ୍ରୀତ ବୁମ୍‌ରାଙ୍କ ଅଭ୍ୟାସ ଉପରେ ଅଧିନାୟକ ବିରାଟ କୋହଲିଙ୍କ ତୀକ୍ଷ୍ଣ ନଜର। ନେଟ୍ସରେ ଲସିଥ ମାଲିଙ୍ଗା ଓ ସାଥୀ ଖେଳାଳିଙ୍କ ବୋଲିଂ।

**ପୁଣେ,୯।୧(ପି.ଟି.)**

ଭାରତ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ସିରିଜର ନିର୍ଣ୍ଣାୟକ ମୁକାବିଲା ସାବ୍ୟସ୍ତ ହେବାକୁ ଯାଉଛି। ଗୁଆହାଟୀରେ ଖେଳାଯାଇଥିବା ପ୍ରଥମ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇଥିଲା। ଏହାପରେ ଇନ୍ଦୋରରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୧୫ ଟି ବଲ୍ ବାକିରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରି ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ ମ୍ୟାଚ୍ ଜିତି ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଅନଭିଜ୍ଞ ଶ୍ରୀଲଙ୍କାର ପ୍ରଦର୍ଶନ ସେତେଟା ଆଶାନୁରୂପ ହୋଇପାରି ନାହିଁ। ଫଳରେ ମନୀଷ ପାଣ୍ଡେ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଅନ୍ତିମ ଏକାଦଶରେ ସାମିଲ କରିବା ନେଇ ଭାରତ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛି। ଗତ ତିନୋଟି ସିରିଜ ମଧ୍ୟରୁ ପାଣ୍ଡେ ଗୋଟିଏ ସିରିଜ ଖେଳୁଛନ୍ତି। ତେବେ ସାମସନ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିନାହାନ୍ତି। ନଭେମ୍ବରରେ ସେ ବାଂଲାଦେଶ ବିପକ୍ଷ ସିରିଜରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଗାମୀ ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରୁଛି। ତେବେ ଏହି ଦୁଇ ଖେଳାଳିଙ୍କୁ ଏପର୍ଯ୍ୟନ୍ତ କୌଣସି ସୁଯୋଗ ମିଳିନାହିଁ।

ଅପରପକ୍ଷରେ କେତେକ ସିନିୟର ଦ୍ରୁତ ବୋଲରଙ୍କ ଅନୁପସ୍ଥିତିରେ ଶାର୍ଦ୍ଦୁଳ ଠାକୁର ଓ ନବଦୀପ ସଇନୀ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ମ୍ୟାଚ୍‌ରେ ଏହି ଦୁଇ ଖେଳାଳି ମିଳିତ ଭାବେ ୫ ଉଇକେଟ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ମଧ୍ୟ ଏକାଧିକ ସୁଯୋଗ ହାସଲ କରିଛନ୍ତି। ଇନ୍ଦୋରରେ ବିଜୟ ହାସଲ କରିବା ପରେ ଦଳ ପ୍ରଦର୍ଶନରେ ଉନ୍ନତି ନେଇ ଅଧିନାୟକ ବିରାଟ କୋହଲି ସନ୍ତୋଷ ପ୍ରକଟ କରିଥିଲେ। ପ୍ରାୟ ଖେଳାଳି ଭଲ ପ୍ରଦର୍ଶନ କରି ଦଳରେ ସ୍ଥାନ ପକ୍କା କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଟି୨୦ ବିଶ୍ୱକପ୍ ଖେଳିବାକୁ ଆଶା ରଖିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

ଏପର୍ଯ୍ୟନ୍ତ ସୁଯୋଗ ପାଇ ନ ଥିବା ସାମସନ ଓ ପାଣ୍ଡେ ତୃତୀୟ ଟି୨୦ ଖେଳିବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସିରିଜ ହାତେଇବା ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇପଡ଼ିଛି। ତେଣୁ ବିଜୟ ହାସଲ ପାଇଁ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରିବ। ଏପରିସ୍ଥଳେ ଅନ୍ତିମ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉପରେ ନଜର ରହିବ। ଅନ୍ୟତମ ଓପନର ଲୋକେଶ ରାହୁଲ ଟପ୍ ଫର୍ମରେ ଥିବାରୁ ବିଶ୍ୱକପ୍‌ରେ ସେ ରୋହିତ ଶର୍ମାଙ୍କ ଶ୍ରେଷ୍ଠ ପାର୍ଟନର ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ଫଳରେ ଧାୱନଙ୍କ ଉପରେ ଚାପ ରହିବା ସ୍ୱାଭାବିକ। ଗତ ମ୍ୟାଚ୍‌ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରି ନାହାନ୍ତି। ତୃତୀୟ ମ୍ୟାଚ୍‌ରେ ସେ ଶତପ୍ରତିଶତ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ସ୍ଥାନ ବଜାୟ ରଖିବାକୁ ହେଲେ ଦୁବେଙ୍କ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ହେବ। ଗତ ମ୍ୟାଚ୍‌ରେ ଶାର୍ଦ୍ଦୁଳ ଡେଥ୍ ଓଭରରେ ଚମକ ଦେଖାଇଥିଲେ। ସେହିପରି ପେସ୍ ଓ ବାଉନ୍ସରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲେ।

ଅପରପକ୍ଷରେ ଶ୍ରୀଲଙ୍କା ଦଳରେ ଏକାଧିକ ବାମହାତୀ ବ୍ୟାଟ୍ସମ୍ୟାନ ରହିଥିବାରୁ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଅନ୍ୟତମ ସ୍ପିନର ୱାଶିଂଟନ ସୁନ୍ଦର ଦଳରେ ସ୍ଥାନ ବଜାୟ ରଖିବା ଆଶା କରାଯାଉଛି। ଫଳରେ ରବୀନ୍ଦ୍ର ଜାଡେଜା ଓ ୟୁଜବେନ୍ଦ୍ର ଚହଲ ବାହାରେ ବସିବା ନିଶ୍ଚିତ ମନେ ହେଉଛି। ଶ୍ରୀଲଙ୍କାକୁ ମଧ୍ୟ ବହୁତ କିଛି କରିବାକୁ ପଡିବ। ଭଲ ଆରମ୍ଭ କରିବା ପରେ ମଧ୍ୟ ବ୍ୟାଟ୍ସମ୍ୟାନ ଦଳକୁ ବଡ଼ ସ୍କୋର ଦେବାରେ ବିଫଳ ହୋଇଛନ୍ତି। ଅଲରାଉଣ୍ଡର ଇସୁରୁ ଉଡାନା ବାଦ୍ ପଡିଛନ୍ତି। ଅଭ୍ୟାସ ବେଳେ ଆହତ ହୋଇଥିବାରୁ ମୁଖ୍ୟ ବୋଲର ତଥା ଅଧିନାୟକ ଲସିଥ ମାଲିଙ୍ଗା ଇନ୍ଦୋରରେ ବୋଲିଂ କରି ନ ଥିଲେ। ଶ୍ରୀଲଙ୍କା ବ୍ୟାଟିଂରେ ସୁଧାର ଆଣିବା ଜରୁରୀ। ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆଞ୍ଜେଲୋ ମାଥ୍ୟୁସ ଏହି ମ୍ୟାଚ୍‌ରେ ଖେଳିବା ସମ୍ଭବନା ରହିଛି ବୋଲି କୋଚ୍ ମିକି ଆର୍ଥର ସୂଚନା ଦେଇଛନ୍ତି। ସିରିଜ ଡ୍ର ରଖିବା ପାଇଁ ଶ୍ରୀଲଙ୍କାକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ। ଏହା ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ହୋଇଥିବାରୁ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

### ତୃତୀୟ ଟି୨୦ ଆଜି

| ଭାରତୀୟ ଦଳ | ଶ୍ରୀଲଙ୍କା ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଶିବମ୍ ଦୁବେ, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର, ମନୀଷ ପାଣ୍ଡେ, ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନ | ଲସିଥ ମାଲିଙ୍ଗା (ଅଧିନାୟକ), ଦନୁଷ୍କା ଗୁଣତିଲକ, ଧନଞ୍ଜୟ ଡି’ ସିଲଭା, ୱାନିଣ୍ଡୁ ହାସରଙ୍ଗା, ନିରୋଶାନ ଡିକୱେଲା (ଉଇକେଟ୍ କିପର), ଓଶଡ଼ା ଫର୍ନାଣ୍ଡୋ, ଅଭିଷ୍କା ଫର୍ନାଣ୍ଡୋ, ଲାହିରୁ କୁମାରା, ଆଞ୍ଜେଲୋ ମାଥ୍ୟୁସ୍, କୁଶଲ ମେଣ୍ଡିସ୍, କୁଶଲ ପେରେରା, ଭାନୁକା ରାଜପାକ୍ସା, କାସୁନ ରଜିଥା, ଲକ୍ଷନ ସନ୍ଦକାନ, ଦସୁନ ଶନକା ଓ ଇସୁରୁ ଉଡାନା |

**ସମୟ : ସନ୍ଧ୍ୟା ୭ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଧୋନୀ ଦିନିକିଆରୁ ଅବସର ନେଇପାରନ୍ତି: ଶାସ୍ତ୍ରୀ

**ନୂଆଦିଲ୍ଲୀ, ୯।୧**

ଭାରତୀୟ କ୍ରିକେଟ୍ ଦଳର ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ କ୍ୟାରିୟରକୁ ନେଇ ନାନା ଆଲୋଚନା ଚାଲିଛି। ଗତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ଧୋନୀ ଶେଷଥର ପାଇଁ ଭାରତୀୟ ଜର୍ସିରେ ନଜରକୁ ଆସିଥିଲେ। ଏହାପରେ ସେ କ୍ରିକେଟରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଭାରତର ଏହି ପୂର୍ବତନ ସଫଳ ଅଧିନାୟକ ପୁଣିଥରେ କେବେ କ୍ରିକେଟ୍ ମଇଦାନକୁ ପ୍ରତ୍ୟାବର୍ତ୍ତନ କରିବେ ସେନେଇ କୌଣସି ଠିକ୍ ତଥ୍ୟ ନାହିଁ। କିନ୍ତୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଗୁରୁବାର ଧୋନୀଙ୍କ ଭବିଷ୍ୟତକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ନିକଟ ଭବିଷ୍ୟତରେ ଧୋନୀ ଦିନିକିଆରୁ ଅବସର ଘୋଷଣା କରିପାରନ୍ତି ବୋଲି ଶାସ୍ତ୍ରୀ ଏକ ସାକ୍ଷାତ୍‌କାର ଅବସରରେ ଏହିଭଳି କିଛି ସୂଚନା ଦେଇଛନ୍ତି। ‘ଧୋନୀଙ୍କ ସହିତ ମୋର ଆଲୋଚନା ହୋଇଛି। ଲମ୍ବା ସମୟ ଧରି କ୍ରିକେଟ୍ ଖେଳୁଛନ୍ତି। ପୂର୍ବରୁ ସେ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଖୁବ୍ ଶୀଘ୍ର ସେ ଦିନିକିଆ କ୍ରିକେଟ୍‌କୁ ଅଲ୍‌ବିଦା କହିପାରନ୍ତି। ମୋତେ ଲାଗୁଛି, ତାଙ୍କର ଏହି ବୟସରେ ଟି୨୦ ହେଉଛି ଏପରି ଏକ ଫର୍ମାଟ୍ ଯେଉଁଥିରେ ସେ ଖେଳ ଜାରି ରଖିପାରିବେ। ଏହାର ଅର୍ଥ ତାଙ୍କୁ ଏବେ ଖେଳ ଆରମ୍ଭ କରିବାକୁ ପଡ଼ିବ। ଯଦି ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ଏହି ଫର୍ମାଟ୍‌ରେ ସେ ଖେଳ ଜାରି ରଖିପାରିବେ’ ବୋଲି ଶାସ୍ତ୍ରୀ କହିଛନ୍ତି। ଶାସ୍ତ୍ରୀଙ୍କ ଏହି ମତରୁ ଧୋନୀ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳରେ ସାମିଲ ହେବାନେଇ ସମ୍ଭାବନା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଧୋନୀଙ୍କ ଅବସର ନେଇ ଚାରିଆଡ଼େ ଆଲୋଚନା ହେଉଥିଲେ ମଧ୍ୟ ସେ ନିଜେ ବର୍ତ୍ତମାନ ସୁଦ୍ଧା ଏ ବିଷୟରେ ବିଧିବଦ୍ଧ ଭାବେ କିଛି ଘୋଷଣା କରିନାହାନ୍ତି।

# ରାଜସ୍ଥାନ, ମଧ୍ୟପ୍ରଦେଶ ଚାମ୍ପିୟନ

## ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ଚାମ୍ପିୟନଶିପ ଉଦ୍‌ଯାପିତ

**କଟକ ଅଫିସ,୯।୧**

ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୧ତମ ଜାତୀୟ ସବଜୁନିୟର ସଫ୍ଟବଲ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ରାଜସ୍ଥାନ ଦଳ ସର୍ବାଧିକ ୩ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛି। ଏହି ଇଭେଣ୍ଟରେ ଆନ୍ଧ୍ରପ୍ରଦେଶ ରନର୍ସଅପ ହୋଇଥିବା ବେଳେ ମହାରାଷ୍ଟ୍ର ଦଳ ୩ୟ ସ୍ଥାନରେ ରହିଛି। ପ୍ରତିଯୋଗିତାର ବାଳିକା ବର୍ଗରେ ୭ ପଏଣ୍ଟ ହାସଲ କରି ମଧ୍ୟପ୍ରଦେଶ ଚାମ୍ପିୟନ ହୋଇଛି। ୨ ପଏଣ୍ଟ ସହ ରାଜସ୍ଥାନ ରନର୍ସଅପ ହୋଇଥିବା ବେଳେ ତେଲଙ୍ଗାନା ୩ୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଫ୍ଟବଲ ଆସୋସିଏଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏଲ.ଆର ମୌର୍ଯ୍ୟ, ସିଇଓ ପ୍ରବୀଣ ଅନୋକର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଥୋରାଟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ବିଭୁଦତ୍ତ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାଳିକା ବିଭାଗ ଚାମ୍ପିୟନ ମଧ୍ୟପ୍ରଦେଶ ଦଳ ଅତିଥିଙ୍କ ଗହଣରେ।

## ସେମିରେ ରାମେଶ୍ୱର ସ୍ପୋର୍ଟିଂ

**ନିମାପଡ଼ା,୯।୧(ଡି.ଏନ୍.ଏ)**

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ୧ ରନ୍‌ରେ ପାରାମାଉଣ୍ଟ ଦଳକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ଦଳ ଧାର୍ଯ୍ୟ ୩୦ ଓଭରରେ ୯ ଉଇକେଟ ହରାଇ ୧୯୩ ରନ୍ କରିଥିଲା। ବିଶ୍ୱଜିତ ଭୂୟାଁ ସର୍ବାଧିକ ୫୫ ଓ ନରେନ୍ଦ୍ର ଦାସ ୩୩ ରନ୍ କରିଥିଲେ। ବୋଲିଂରେ ପାରାମାଉଣ୍ଟ ପକ୍ଷରୁ ଅମିତାଭ ରାଉତ ଓ ସାର୍ଥକ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ଶେଷ ଓଭର ପର୍ଯ୍ୟନ୍ତ ଖେଳି ୧୯୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଆୟୁଷ ଚୌଧୁରୀ ୭୨ ଓ ରୋହିତ ସାଗର ୪୯ ରନ୍ ସଂଗ୍ରହ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ବୋଲର ନିରଞ୍ଜନ ଗୌଡ଼ ୩ ଓ ଦୀପକ ମଙ୍ଗରାଜ ୨ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟର ଭାବେ ଅୟଶକାନ୍ତ ମିଶ୍ର ଓ ଅଭିନନ୍ଦନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଦଳର ବିଶ୍ୱଜିତ୍ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପାରାମାଉଣ୍ଟର ଆୟୁଷ ଚୌଧୁରୀଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅତିଥି ଭାବେ ନିର୍ମଳ ମିଶ୍ର ଓ ଅକ୍ଷୟ କୁମାର ବେହେରା ଯୋଗଦେଇଥିଲେ। ଶୁକ୍ରବାର ନିମାପଡ଼ା ଏସ୍.ପି. ଫାଉଣ୍ଡେସନ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।



ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## କ୍ୱାର୍ଟରରେ ସିନ୍ଧୁ, ସାଇନା

**କୁଆଲାଲମ୍ପୁର, ୯।୧ (ପି.ଟି.)**

ଅଲିମ୍ପିକ୍ସ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬’ର ଏକ ମୁକାବିଲାରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ ସିନ୍ଧୁ ୨୧-୧୦, ୨୧-୧୫ ସିଧାସଳଖ ଗେମ୍‌ରେ ଜାପାନର ଆୟା ଓହରିଙ୍କୁ ପରାସ୍ତ କରିଛନ୍ତି। ମାତ୍ର ୩୪ ମିନିଟ୍ ମଧ୍ୟରେ ସିନ୍ଧୁ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଷଷ୍ଠ ସିଡ୍ ସିନ୍ଧୁଙ୍କର ଏହା କ୍ରମାଗତ ୯ମ ବିଜୟ। କ୍ୱାର୍ଟର ଫାଇନାଲରେ ୨୪ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ତାଇ ଜୁ ୟିଙ୍ଗଙ୍କ ସହ ହେବ। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ସାଇନା ୨୫-୨୩, ୨୧-୧୨ ଗେମ୍‌ରେ ଦକ୍ଷିଣ କୋରିଆର ଆନ ସେ ୟଙ୍ଗଙ୍କୁ ହରାଇଛନ୍ତି।

## ଗନକ୍ଲେଭ୍ସ ଦ୍ୱିତୀୟ ଥର ଟପ୍ ଟେନ୍‌ରେ

### ଡାକାର ରାଲି

**ହାଇଲ୍ (ସୌଦି ଆରବ),୯।୧ (ପି.ଟି.)**

କଷ୍ଟସାଧ ଡାକାର ରାଲିରେ ହିରୋ ମୋଟର ସ୍ପୋର୍ଟ୍ସର ପାଉଲୋ ଗନକ୍ଲେଭ୍ସ ପଛକୁ ପଛ ଦୁଇଥର ଟପ୍ ଟେନ୍‌ରେ ରହିବାରେ ସକ୍ଷମ ହୋଇଛନ୍ତି। ଫଳରେ ଷ୍ଟେଜ-୫ ସୁଦ୍ଧା ତାଙ୍କ ଟିମ୍ ଏହାର ସ୍ଥାନ ବଜାୟ ରଖିଛି। ଟିମ୍‌ମେଟ ସେବାଷ୍ଟିଆନ ଭୁଲର ତାଙ୍କ ଭଲ ଫର୍ମ ବଜାୟ ରଖି ଏହି ଷ୍ଟେଜରେ ୨୫ତମ ସ୍ଥାନରେ ରହିଥିଲେ। ୫ମ ଷ୍ଟେଜ୍‌ରେ ଅଲ୍ ଉଲାଠାରୁ ହା’ଇଲ ପର୍ଯ୍ୟନ୍ତ ୩୫୩ କିଲୋମିଟର ସ୍ପେଶାଲ ଷ୍ଟେଜ୍ ପ୍ରତିଯୋଗୀମାନଙ୍କ ଲାଗି ବଡ଼ ପରୀକ୍ଷା ଥିଲା। ବାଲୁକା ପରିବେଶରେ ସେମାନଙ୍କୁ ରେସ୍ କରିବାକୁ ପଡ଼ିଥିଲା। ପଥ ପ୍ରଦର୍ଶନ ପାଇଁ ରାସ୍ତାକଡ଼ରେ ବଡ଼ ବଡ଼ ପଥର ରଖାଯାଇଥିଲା। ପ୍ରତିଯୋଗୀମାନଙ୍କୁ ବଡ଼ ବଡ଼ ବାଲୁକା ପାହାଡ଼ ଅଞ୍ଚଳରେ ବାଲି ଓ ମାଟିମିଶା ପଥ ଦେଇ ଯିବାକୁ ହୋଇଥିଲା। ଏହି ଷ୍ଟେଜ୍‌ରେ ଅନ୍ୟ ଜଣେ ହିରୋ ରାଇଡର ସି.ଏସ୍. ସନ୍ତୋଷଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଥିଲା। ସେ ରିଦିମ ଫେରିପାଇବା ସହ ୩୭ତମ ସ୍ଥାନରେ ରହିଥିଲେ। ଜୋକ୍ୱିମ ରୋଡ୍ରିଗୁଏଜ୍‌ଙ୍କୁ ସାମାନ୍ୟ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥିଲେ ମଧ୍ୟ ୨୫ତମ ସ୍ଥାନରେ ରହିଥିଲେ। ଗୁରୁବାର ଜବରଦସ୍ତ ପ୍ରଦର୍ଶନ ପାଇଁ ଗନକ୍ଲେଭ୍ସ ଓଭରଅଲ୍ ର୍‌ୟାଙ୍କିଙ୍ଗରେ ୫୯ତମ ସ୍ଥାନକୁ ଚାଲିଆସିଛନ୍ତି। ଭୁଲର ଟପ୍ ୨୦ରେ ତାଙ୍କ ସ୍ଥାନ ବଜାୟ ରଖିବା ସହ ୧୯ତମ ସ୍ଥାନରେ ରହିଛନ୍ତି। ର୍‌ୟାଙ୍କିଙ୍ଗ ତାଲିକାରେ ସନ୍ତୋଷ କେତେ ପାଦ ଉପରକୁ ଉଠିଛନ୍ତି। ସେ ଟପ୍ ୪୦ ମଧ୍ୟରେ ପ୍ରବେଶ ସହ ୩୯ତମ ସ୍ଥାନ ଅଧିକାର କରିନେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦, ୨୦୨୦



## ସଂକ୍ଷେପରେ

### ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ ୨୪ରୁ

ନୂଆଦିଲ୍ଲୀ, ୯।୧ (ପି.ଟି.)- ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ ୨୦୧୯-୨୦ର ଫାଇନାଲ ରାଉଣ୍ଡ ଆସନ୍ତା ୨୪ତାରିଖରୁ ବେଙ୍ଗାଲୁରୁଠାରେ ଖେଳାଯିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟର ଚତୁର୍ଥ ସଂସ୍କରଣରେ ସମଗ୍ର ଦେଶରୁ ୧୨ଟି ମହିଳା ଫୁଟ୍‌ବଲ କ୍ଲବ ଅଂଶଗ୍ରହଣ କରିବେ। ଜୋନାଲ ରାଉଣ୍ଡ ଜରିଆରେ ଏହି ଦଳଗୁଡ଼ିକ ବେଙ୍ଗାଲୁରୁ ଫାଇନାଲ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଣିପୁର, ଗୁଜରାଟ, ମହାରାଷ୍ଟ୍ର, ଗୋଆ, ତାମିଲନାଡ୍ସ, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, କର୍ନାଟକରୁ ମହିଳା ଫୁଟ୍‌ବଲ ଦଳ ବ୍ୟତୀତ ଅବଶିଷ୍ଟ ଭାରତୀୟ ଜୋନ୍‌ରୁ ଦୁଇଟି ଦଳ ଏଥିରେ ଭାଗନେବେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ୬ଟି ଦଳ ପରସ୍ପର ସହିତ ଖେଳିବେ। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ମଣିପୁରର କ୍ରିଫ୍‌ସା ଏଫ୍‌ସି ଏବଂ କର୍ନାଟକର କିକ୍ସ ଷ୍ଟାର୍ଟ ଦଳ ମଧ୍ୟରେ ହେବ। ଫାଇନାଲ ମ୍ୟାଚ ଫେବୃୟାରୀ ୧୩ରେ ଖେଳାଯିବ।

### ସେମିଫାଇନାଲରେ ଅଷ୍ଟ୍ରେଲିଆ, ରୁଷିଆ

ସିଡ୍‌ନୀ, ୯।୧ (ଏପି)- ଚଳିତ ଏଟିପି କପ୍ ଦଳଗତ ଟେନିସ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଓ ରୁଷିଆ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଦୁଇ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବ୍ରିଟେନକୁ ୨-୧ରେ ଓ ଆର୍ଜେଣ୍ଟିନାକୁ ରୁଷ ହରାଇ ଦେଇଛି। ଘରୋଇ ଦଳ ପାଇଁ ଆଲେକ୍ସ ଡି ମାଇନର ଓ ନିକି କିର୍ଗିଅସଙ୍କ ଡବଲ୍ସ ଯୋଡ଼ି ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଅଧିନାୟକ ଲିଟନ ହେଓ୍ୱିଟ ଦଳର ଦୁଇ ସିଙ୍ଗଲ୍ସ ଖେଳାଳିଙ୍କୁ ବ୍ରିଟିଶର ପ୍ରତିଷ୍ଠିତ ଜେମି ମୁରେ ଓ ଜୋ ସାସିଲସବର୍ଗଙ୍କ ଯୋଡ଼ି ସାମ୍ନାରେ ଓହ୍ଲାଇଥିଲେ। ମ୍ୟାଚ୍‌କୁ ଡି ମାଇନର ଓ କିର୍ଗିଅସ ୩-୬, ୬-୩, ୧୮-୧୬ ସେଟ୍‌ରେ ଜିତି ନେଇଥିଲେ। ମ୍ୟାଚ୍‌ର ଫଳାଫଳ ଟାଇବ୍ରେକରରେ ନିର୍ଣ୍ଣୟ ହୋଇଥିଲା। ଗ୍ରୁପ୍ ଏଫ୍‌'ରେ କୌଣସି ମ୍ୟାଚ୍ ହାରି ନ ଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ମୁକାବିଲାରେ ରାଫାଲ ନାଡାଲଙ୍କ ସ୍ପେନ୍ ଓ ବେଲଜିୟମ ମଧ୍ୟରେ ହେବାକୁ ଥିବା କ୍ୱାର୍ଟର ଫାଇନାଲର ବିଜେତାକୁ ଭେଟିବ। ଅନ୍ୟପକ୍ଷରେ ରୁଷିଆର ଡାନିଏଲ ମେଡଭେଡଭ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ବିଜୟ ହାସଲ କରିଥିଲେ। ଦଳ ଅନ୍ତିମ ୪ ପର୍ଯ୍ୟାୟରେ ନୋଭାକ ଜୋକୋଭିଚ୍‌ଙ୍କ ସର୍ବିଆ କିମ୍ବା କାନାଡାକୁ ଭେଟିବ।

### ସେମିରେ ମୁଗୁରୁଜା

ସାଂଘାଇ, ୯।୧ (ଏଏଫ୍‌ପି)- ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସ୍ପାନିଶ ଟେନିସ ତାରକା ଗ୍ରାବିଏନ ମୁଗୁରୁଜା ଏଠାରେ ଚାଲିଥିବା ଶେନଝେନ ଓପନ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମୁଗୁରୁଜା ୬-୪, ୨-୬, ୬-୪ ସେଟ୍‌ରେ କାଜାଖସ୍ତାନର ଜରିନ ଡିୟାସଙ୍କୁ ପରାସ୍ତ କରିଛନ୍ତି। ଗତବର୍ଷ ମେକ୍ସିକୋ ମୋଣ୍ଟେରୀରେ ଟାଇଟଲ୍ ଜିତିବା ପରେ ୨୬ ବର୍ଷୀୟା ମୁଗୁରୁଜା ପ୍ରଥମଥର ଲାଗି କୌଣସି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି

# ଇଣ୍ଡିଆ 'ବି'-'ସି' ଫାଇନାଲ

କଟକ ଅଫିସ, ୯।୧

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ-ବି ଓ ଇଣ୍ଡିଆ-ସି ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ଶୁକ୍ରବାର ଫାଇନାଲ ମୁକାବିଲା ହେବ। ୪ଟି ଲେଖାଏ ମ୍ୟାଚ୍ ଖେଳି ଇଣ୍ଡିଆ-ବି ୧୪ ପଏଣ୍ଟ ଓ ଇଣ୍ଡିଆ-ସି ୮ ପଏଣ୍ଟ ହାସଲ କରି ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଣ୍ଡିଆ-ଏ ଦଳ ଗୋଟିଏ ବି ମ୍ୟାଚ୍ ଏହି ପ୍ରତିଯୋଗିତାରେ ଜିତି ପାରି ନାହିଁ।

ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଣ୍ଡିଆ-ସି ୨ରନରେ ଇଣ୍ଡିଆ-ଏକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ-ସି ୪ ଉଇକେଟ ବିନିମୟରେ ୧୩୫ରନ କରିଥିଲା। ଅଧିନାୟିକା ବେଦ କ୍ରିଷ୍ଣମୂର୍ତ୍ତି ସର୍ବାଧିକ ୪୭ରନ କରିଥିଲେ। ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ମାଧୁରୀ ମେହେଟାଙ୍କୁ ପ୍ରଥମ ଥର ପାଇଁ ଉକ୍ତ ମ୍ୟାଚ୍‌ରେ ଖେଳିବାର ସୁଯୋଗ ଦିଆଯାଇଥିଲା। ଏହି ସୁଯୋଗର ଫାଇଦା ଉଠାଇ ଓପନିଂ କରିଥିବା ମାଧୁରୀ ୪ ଚୌକା ଓ ୧ ଛକା ବଳରେ ୩୬ରନ ସ୍କୋର କରିଥିଲେ। ଉଇକେଟ କିପର ନୁଜରତ ପରୱିନ ୨୬ ଓ ଦୟଲନ ହେମଲତା ୧୯ରନ କରିଥିଲେ। ଇଣ୍ଡିଆ-ଏ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୬ରନ ବିଜୟ ଲକ୍ଷ୍ୟ ପିଛା କରି ଇଣ୍ଡିଆ-ଏ ପ୍ରଥମ ଉଇକେଟରେ ୪୯ରନ ସଂଗ୍ରହ କରିଥିଲା। ଓପନର ତାନିୟା ଭାଟିଆ ଓ ପ୍ରିୟା ପୁନିଆ ପ୍ରାରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିଲେ। ତାନିୟା ୩୧ରନରେ ଆଉଟ ହୋଇଥିଲେ। ପରେ ପ୍ରିୟା ୮ ଚୌକା ବଳରେ ୬୦ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୧୩ରନରେ ଆଉଟ ହେବା ପରେ ଦଳର ଅନ୍ୟ କେହି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ଦୀପ୍ତି ଶର୍ମା ୧, ଭାରତୀ ଫୁଲମଲି ୧୦, ସ୍ନେହ ରାଣା ୧, ଶିବାଳି ସିନ୍ଧେ ୩, ମାନସୀ ଯୋଶୀ ୧୦, ମେଘନା ସିଂ ୨, ରାଧା ଯାଦବ ୨ରନ କରିଥିଲେ। ଇଣ୍ଡିଆ-ଏ ୯ ଉଇକେଟ ହରାଇ ୧୩୩ରନ କରିବା ସହ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଇଣ୍ଡିଆ-ସି ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ ଓ ଅରୁନ୍ଧତୀ ରେଡ୍ଡୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। କ୍ଷମା ସିଂ ଓ ତନୁଶ୍ରୀ ସରକାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ



ବାରବାଟୀ ଷ୍ଟାଡିୟମରେ ଗୁରୁବାର ବ୍ୟାଟିଂ ଅବସରରେ ଇଣ୍ଡିଆ 'ବି'ର ସ୍ମୃତି ମନ୍ଧାନା।

### ■ ସୁଶ୍ରୀ, ମାଧୁରୀଙ୍କ ପ୍ରଭାବୀ ପ୍ରଦର୍ଶନ

ଇଣ୍ଡିଆ-ବି ଦଳ ୫ ଉଇକେଟରେ ଇଣ୍ଡିଆ-ସିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ-ସି ୮ ଉଇକେଟ ହରାଇ ୧୪୮ରନ କରିଥିଲା। ଓପନର ସେଫାଳୀ ବର୍ମା ସର୍ବାଧିକ ୪୬ରନ କରିଥିଲେ। ଅନ୍ୟତମ ଓପନର ତଥା ଓଡ଼ିଆ ଖେଳାଳି ମାଧୁରୀ ୭ରନରେ ଆଉଟ ହୋଇଥିଲେ। ଜିନସୀ ଜର୍ଜ ୨୪, ଭୃଶାଳି ଭଗତ ୧୬, ଅରୁନ୍ଧତୀ ରେଡ୍ଡୀ ୧୯ରନ କରିଥିଲେ। ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଇଣ୍ଡିଆ-ବି ପକ୍ଷରୁ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ସମେତ ରେଣୁକା ସିଂ ଓ ତନୁଜା କନୱାରଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଅଞ୍ଜଳି ଶ୍ରାବଣୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଇଣ୍ଡିଆ-ବି ଦଳ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପୂଜା ବସ୍ତ୍ରକାର ୩୭, ରିଚା ଘୋଷ ୨୬, ଭେଲାସ୍ୱାମୀ ଭନିଥା ୨୬, ଅଧିନାୟିକା ସ୍ମୃତି ମନ୍ଧାନା ୨୪, ରବି କଳ୍ପନା ୨୨ରନ କରିଥିଲେ। ସୁଶ୍ରୀ ୧ରନରେ ଅପରାଜିତ ଥିଲେ। ଇଣ୍ଡିଆ-ସି ପକ୍ଷରୁ କ୍ଷମା ସିଂ, ଦୟଲାନ ହେମଲତା, ଅରୁନ୍ଧତୀ ରେଡ୍ଡୀ, ତନୁଶ୍ରୀ ସରକାର, ଭୃଷାଳି ଭଗତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



(ୟଶରାଜ)
ହୃଷିକେଶ ଛତ୍ରୀଆ
ନି: ଉଡାର, ଦେଓଗାଁ, ବଲାଙ୍ଗୀର
ବାପା: ପ୍ରଦୀପ କୁମାର ଛତ୍ରୀଆ
ମାତା: ଚୌରାସିନୀ ଛତ୍ରୀଆ
ତୋର ୮ମ ଜନ୍ମଦିନ ଅବସରରେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:- ଅଜା: ସାରଦୁଲ, ସୁନା, ସୁରୁ, ଆଇ: ଅର୍ଣ୍ଣ, କାକା: ବିହାରୀ, ଉତ୍ତମ, ଆନନ୍ଦ, ମହେଶ, ଶ୍ରୀତମ, ଆୟୁଷ, କାକି: ନିରୁପମା, ଭାଇ: ଆକାଶ, ଆରପ, ହବି, ଭଉଣୀ: ୟଶମିନ, ରୋଜୀ, ହନି, ମାମୁ: ଲୋଚନ, କ୍ରୀଷ୍ଣା, ବଡବାପା: ଭୀଷ୍ମ, ବିଶ୍ୱରାଜ, ଅରୁଣ, ବଡମା': ବିଲାସିନୀ, କୁମୁଦିନୀ, ବିନୋଦିନୀ, ମାଈଁ: ଲବଙ୍ଗ ତଥା ଛତ୍ରୀଆ ପରିବାର ଓ ବନ୍ଧୁବର୍ଗ।
ଧ-୧୬୧୧୫

### ଆନ୍ତଃ ସ୍କୁଲ ଫୁଟବଲ ୧୩ରୁ

କଟକ ଅଫିସ, ୯।୧

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ୟାରୀମୋହନ ଏକାଡେମୀ ଖେଳପଡ଼ିଆଠାରେ ଆନ୍ତଃ ସ୍କୁଲ ବସନ୍ତ ଦାସ ସ୍ମାରକୀ ସିନିୟର ଏବଂ ଭଗବାନ ଦାସ ସ୍ମାରକୀ ଜୁନିୟର ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ୧୨ଟି ଏବଂ ଜୁନିୟର ବିଭାଗରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଦିନ ଜୁନିୟର ଏବଂ ସିନିୟର ବିଭାଗରେ ୪ଟି ମ୍ୟାଚ୍ ଖେଳାଯିବ। ଜାନୁୟାରୀ ୨୦ ତାରିଖରେ ଉଭୟ ବିଭାଗର ଫାଇନାଲ ହେବ। ସିନିୟର ବିଭାଗର ଚାମ୍ପିୟନ ଦଳକୁ ସ୍ୱର୍ଗତ ବସନ୍ତ ଦାସ ସ୍ମାରକୀ ଟ୍ରଫି ଏବଂ ଜୁନିୟର ବିଭାଗର ଚାମ୍ପିୟନ ଦଳକୁ ଭଗବାନ ଦାସ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ ବୋଲି ଆସୋସିଏଶନର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ କହିଛନ୍ତି।

### ଭାରତ ବିପକ୍ଷ ଟି୨୦ରେ ଖେଳିବେନି ଲଥାମ

ଅକ୍‌ଲାଣ୍ଡ, ୯।୧

ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଭାରତ ବିପକ୍ଷ ଆଗାମୀ ଟି୨୦ ସିରିଜ ଖେଳିପାରିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ର ୪ର୍ଥ ଦିବସରେ କ୍ୟାଚ୍ ଧରୁଥିବାବେଳେ ଲଥାମଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିଲା। ଏହାସତ୍ତ୍ୱେ ଭଙ୍ଗା ଆଙ୍ଗୁଠିରେ ବ୍ୟାଟିଂକରି ମାତ୍ର ୧ ରନ ସଂଗ୍ରହ କରିଥିଲେ। ତାଙ୍କୁ ୪ ସପ୍ତାହ ବିଶ୍ରାମ ନେବା ପାଇଁ କୁହାଯାଇଛି। ନ୍ୟୁଜିଲାଣ୍ଡ ମୁଖ୍ୟ ପ୍ରଶିକ୍ଷକ ଗ୍ୟାରୀ ଷ୍ଟେଡ୍ କହିଛନ୍ତି, ଲଥାମ ପାଖାପାଖି ୪ ସପ୍ତାହ ପର୍ଯ୍ୟନ୍ତ ବିଶ୍ରାମ ନେବେ। ଫଳରେ ସେ ଭାରତ ବିପକ୍ଷରେ ଘରୋଇ ଗ୍ରାଉଣ୍ଡରେ ଜାନୁୟାରୀ ୨୪ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିପାରିବେ ନାହିଁ।

## ପଞ୍ଜାବ ସହ ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)

ପଞ୍ଚକୁଲାରେ ଗୁରୁବାର ଅନୁଷ୍ଠିତ ପଞ୍ଜାବ ଓ ଓଡ଼ିଶା ଏଫସି ଏଆଇଏଫଏଫ ଏଲିଟ ଲିଗ୍ (୧୮ ବର୍ଷରୁ କମ୍) ମ୍ୟାଚ ଡ୍ର ରହିଛି। ପଞ୍ଜାବ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଓଡ଼ିଶା ଏଫସି ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚକୁ ଗୋଲ ଶୂନ୍ୟ ରଖିଥିଲା। ଗୋଲକିପର ଅଲିମ ରହମାନ ମୋଲ୍ଲା ଚମତ୍କାର ପ୍ରଦର୍ଶନ କରି ପଞ୍ଜାବ ପକ୍ଷରୁ ହୋଇଥିବା ଏକାଧିକ ଉଦ୍ୟମକୁ ପଣ୍ଡ କରିଥିଲେ। ଡିଫେଣ୍ଡରଙ୍କ ପ୍ରଦର୍ଶନ ମଧ୍ୟ ଦର୍ଶନୀୟ ଥିଲା। ଲିଗ୍‌ରେ ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ୟୁଥ୍ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଆରମ୍ଭ



ଅଂଶଗ୍ରହଣକାରୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୯।୧ (କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ଓଡ଼ିଶା ମହିଳା ଫୁଟବଲ ଦଳର କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ମାଡ୍ରାସ, ପଞ୍ଜାବ, ଗୋଆ, ମଦୁରାଇ କାମରାଜ, କାଲିକଟ, ଏମଡିୟୁ ରୋହତକ, ଜିଏନଡିୟୁ ଅମୃତସର, ଏଲ୍‌ଏନ୍‌ଆଇପିଇ ଗ୍ୱାଲିଅର, ଆନ୍ନାମଲାଇ ଏବଂ ବିଆର୍‌ଏ ବିହାର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି।

## ଆଜିଠାରୁ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

### ଉଦ୍‌ଘାଟନୀ ଉତ୍ସବରେ ମଶାଲ ଧରିବେ ହିମା

ଗୁଆହାଟୀ, ୯।୧ (ପି.ଟି.)

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣ। ସ୍ଥାନୀୟ ସାରୁସରାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଗତଥରର ଚାମ୍ପିୟନ ମହାରାଷ୍ଟ୍ର ଓ ରନର୍ସଅପ୍ ହରିୟାଣା ମଧ୍ୟରେ ମୁଖ୍ୟତଃ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଗତ ସଂସ୍କରଣରେ ମହାରାଷ୍ଟ୍ର ମୋଟ ଉପରେ ୨୨୮ଟି ପଦକ ହାସଲ କରିଥିଲା। ଏଥର ମହାରାଷ୍ଟ୍ର ତରଫରୁ ୫୭୯ ଜଣିଆ ଏକ ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରିବ। ଏଥର କିନ୍ତୁ ହରାୟାଣା ବିପର୍ଯ୍ୟୟ ଘଟାଇବା ଆଶା କରାଯାଉଛି।

KHELO INDIA YOUTH GAMES GUWAHATI, ASSAM, 2020

ଏକ ବଡ଼, ଶକ୍ତିଶାଳୀ ଦଳ ସହ ହରିୟାଣା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ଓ ଚାମ୍ପିୟନ ହେବାକୁ ପ୍ରୟାସ କରିବ।

ପ୍ରାରମ୍ଭିକ ସଂସ୍କରଣରେ ହରିୟାଣା ଚାମ୍ପିୟନ ହୋଇଥିଲା। ଏଥର ହରିୟାଣା ତରଫରୁ ୬୮୨ ଜଣ ଆଥଲେଟ ଅଂଶଗ୍ରହଣ କରିବେ। ମହାରାଷ୍ଟ୍ର ସମେତ ଅନ୍ୟ ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ହରିୟାଣା ଟକ୍କର ଦେବ ବୋଲି ଆଶା କରାଯାଉଛି। ଗତ ଦୁଇଟି ସଂସ୍କରଣରେ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଥିଲା। ଏଥର ଆହୁରି ଭଲ ପ୍ରଦର୍ଶନ କରି ଦିଲ୍ଲୀ ୧ କିମ୍ବା ୨ ନମ୍ବର ସ୍ଥାନ ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି କ୍ରୀଡ଼ା ମହାକୁମ୍ଭରେ ମୋଟ ଉପରେ ୨୦ଟି କ୍ରୀଡ଼ାରେ ୬, ୫୦୦ ଆଥଲେଟ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ସାଇକ୍ଲିଂ ଓ ଲନ୍ ବଲ୍ସ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ପାଇଁ ଏହା ସର୍ବବୃହତ୍ ପ୍ରତିଭା ଅନ୍ୱେଷଣ କ୍ରୀଡ଼ା ସାବ୍ୟସ୍ତ ହେବାକୁ ଯାଉଛି। ଗତବର୍ଷ ପୁଣେରେ ୫, ୯୨୫ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ।

୧୭ ଓ ୨୧ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରୁଥିବାରୁ ଏଥର ଏହି ଇଭେଣ୍ଟ ବେଶ୍ ମଜାଦାର ହେବ। ଏସିଆନ୍ ଗେମ୍ସ ୪୦୦ମି. ରୌପ୍ୟ ପଦକ ବିଜେତା ହିମା ଦାସ ଉଦ୍‌ଘାଟନୀ ଉତ୍ସବରେ ମଶାଲ ବହନ କରିବେ। ତେବେ ସେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ନାହିଁ। ସେହିପରି ଝାଡଖଣ୍ଡର ରିକର୍ଭ ଅର୍ଚର କୋମିଲିକା ବାରି ଅନ୍ୟତମ ତାରକା ଖେଳାଳିଭାବେ ଅଂଶଗ୍ରହଣ କରିବେ। ୱର୍ଲ୍ଡ ରିକର୍ଭ କାଡେଟ ବାଳିକା ଚାମ୍ପିୟନ ୨୧ ବର୍ଷରୁ କମ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି ଦଳ ଗତବର୍ଷ ୧୭ ବର୍ଷରୁ କମ୍ ବିଭାଗରେ ଚାମ୍ପିୟନ ହୋଇଥିଲା। ସେହିପରି ପଞ୍ଜାବ ତାରକା ତୀରନ୍ଦାଜ ସଙ୍ଗମପ୍ରୀତ୍ ବିସ୍‌ଲା, ସୁଖବିନ୍ଦର ସିଂ ଓ ମହାରାଷ୍ଟ୍ରର ସଞ୍ଜୟ ଫଡଟାରେ ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ।

ସୁଇମିଂରେ ତାରକା ସନ୍ତରଣକାରୀ କର୍ନାଟକର ଶ୍ରୀହରି ନଟରାଜ, ଦିଲ୍ଲୀର କୁଶଗ୍ର ରାୱତ୍, ଗୁଜରାଟର ମାନା ପଟେଲ ଓ ମହାରାଷ୍ଟ୍ରର କେନିଶା ଗୁପ୍ତା ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ। କେରଳର ତାରକା ଆଥଲେଟ୍ ଜିସ୍‌ନା ମାଥ୍ୟୁ, ଏମ. ଶ୍ରୀଶଙ୍କର ଯଥାକ୍ରମେ ୨୧ ବର୍ଷରୁ କମ୍ ୪୦୦ମି. ଓ ୨୧ ବର୍ଷରୁ କମ୍ ଲଙ୍ଗଜମ୍ପରେ ଭାଗ ନେବେ। ଗୁଜରାଟ ତରଫରୁ ଅଜିତ କୁମାର ଯାଦବ ଦୌଡ଼ରେ, କର୍ନାଟକ ସ୍ପ୍ରିଣ୍ଟର ଭି.ଏ. ଶଶିକାନ୍ତ ଓ ଏ.ଟି. ଦାନେଶ୍ୱରୀ ଓ ହାଇଜମ୍ପର ଏନ୍. ପାଭନା ଓ ଉତ୍ତର ପ୍ରଦେଶର ଶୈଳୀ ସିଂ ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଶୁଟିଂରେ ଜସପାଲ ରାଣାଙ୍କ ଝିଅ ଦେବାଂଶୀ ରାଣା (ଦିଲ୍ଲୀ), ତେଲଙ୍ଗାନାର ଧନୁଷ ଶ୍ରୀକାନ୍ତ, ପଞ୍ଜାବର ସ୍କିଟ୍ ଶୁଟର ଗୁରନିହାଲ ସିଂ ଗର୍ଚ୍ଚା ମଧ୍ୟ ଭାଗ୍ୟ ପରୀକ୍ଷା କରିବେ। ବକ୍ସିଂ ଓ ରେସଲିଂରେ ହରିୟାଣା ସମସ୍ତଙ୍କୁ ପଛରେ ପକାଇବା ଆଶା କରାଯାଉଛି। ମହାରାଷ୍ଟ୍ରରୁ ୫୭୯, ଉତ୍ତର ପ୍ରଦେଶରୁ ୪୩୦, ପଞ୍ଜାବରୁ ୩୯୦, ତାମିଲନାଡୁରୁ ୩୫୬ ଓ ଅନ୍ୟ ରାଜ୍ୟଗୁଡିକରୁ ୩୦୦ ଆଥଲେଟ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଦାଦ୍ରା ନଗର ହାଭେଲିରୁ ସବୁଠାରୁ ଛୋଟ ଦଳ (୩ଜଣ) ଅଂଶଗ୍ରହଣ କରିବ ଓ ଏହି ଇଭେଣ୍ଟରେ ପଦାର୍ପଣ କରିବ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

## ସଇନିଙ୍କ ମ୍ୟାଜିକ୍‌କୁ ଅପେକ୍ଷା

ଗୌତମ ଗମ୍ଭୀର


ଇନ୍ଦୋରରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ନବଦୀପ ସଇନି ଯେପରି ଭାବେ ଚମତ୍କାର ବୋଲିଂ କଲେ ସେଥିରେ ଅଧିନାୟକ ବିରାଟ କୋହଲି ଖୁବ୍ ଆନନ୍ଦିତ ହୋଇଥିବେ। କାରଣ ତାଙ୍କ ବୋଲିଂ ଆକ୍ରମଣ ଆହୁରି ଶକ୍ତିଶାଳୀ ହୋଇପାରିଛି। ସଇନିଙ୍କ ବ୍ୟତୀତ ତାଙ୍କ ପାଖରେ ପ୍ରତିଭା ସମ୍ପନ୍ନ ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି, ଦୀପକ ଚହର, ଭୁବନେଶ୍ୱର କୁମାର ଏବଂ ଇଶାନ୍ତ ଶର୍ମା ପ୍ରମୁଖ ବୋଲର ରହିଛନ୍ତି। ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ସେ ବ୍ୟବହାର କରିପାରିବେ। ଟିମ୍ ଇଣ୍ଡିଆର ଫାଷ୍ଟ ବୋଲିଂ ସମ୍ବଳକୁ ନେଇ କୋହଲି ଗର୍ବ ଅନୁଭବ କରୁଥିବା ସ୍ୱାଭାବିକ। ୨୦୧୩-୧୪ ଘରୋଇ ସିଜନରେ ମୋ ଦିଲ୍ଲୀ ଟିମ୍‌ମେଟ୍ ସୁମିତ ନରୱାଲ ମୋ ସହିତ ସଇନିଙ୍କୁ ପରିଚୟ କରାଇଥିଲେ। ଦିଲ୍ଲୀ ଟିମ୍‌ର ଅଧିନାୟକ ଥିବାବେଳେ ଏହି ପ୍ରତିଭାସମ୍ପନ୍ନ ଖେଳାଳି କିପରି ଭାରତୀୟ ଦଳରେ ସ୍ଥାନ ମିଳିବ ସେ ଦିଗରେ ଚେଷ୍ଟା କରିଥିଲି। କାରଣ ଆମର ସବୁବେଳେ କ୍ୱାଲିଟି ଫାଷ୍ଟ ବୋଲରଙ୍କ ସନ୍ଧାନରେ ଥାଉ। ଦିଲ୍ଲୀ ରଣଜୀ ଦଳର ନେଟ୍ ପ୍ରାକ୍ଟିସ ବେଳେ ବୋଲିଂ ପାଇଁ ନରୱାଲ ସଇନିଙ୍କୁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ଆସି ନ ଥିଲେ। ଦିଲ୍ଲୀ ରଣଜୀ ଟିମ୍‌ର ନେଟ୍ସ ବେଳେ ନେଟ୍ ବୋଲର ହେବା ଅପେକ୍ଷା ସଇନି ଟେନିସ ବଲ୍ ଗେମ୍ ଖେଳିବାକୁ ଆଗ୍ରହୀ ବୋଲି ପରେ ନରୱାଲ ମୋତେ କହିଥିଲେ। କିନ୍ତୁ ଏହି ଖେଳାଳିଙ୍କ ଭାଗ୍ୟରେ ଭିନ୍ନ କଥା ଲେଖାଥିଲା। କୌଣସି କାରଣରୁ ସଇନିଙ୍କ ଟେନିସ ବଲ୍ ମ୍ୟାଚ ବାତିଲ ହୋଇଯାଇଥିଲା। ନରୱାଲ ମୋ ନିକଟକୁ ବିଳମ୍ବିତ ରାତିରେ ଫୋନ୍ କରିଥିଲେ। ଫିରୋଜ ଶାହ କୋଟ୍‌ଲାରେ ସଇନି ଆମ ସହିତ ରହିବେ ବୋଲି କହିଥିଲେ। ନରୱାଲ ସଇନିଙ୍କୁ ବାଳକ ଅବସ୍ଥାରୁ ଜାଣିଛନ୍ତି। କର୍ନାଲ ପ୍ରିମିୟର ଲିଗ୍ ଏବଂ ଅନ୍ୟ ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟରେ ତାଙ୍କ ଖେଳ ଦେଖିଛନ୍ତି। ସେତେବେଳେ ୪ରୁ ୫ଟି ମ୍ୟାଚ ଖେଳିବା ଲାଗି ସଇନି ୨୧୦୦ ଟଙ୍କାରେ ବିକ୍ରି ହୋଇଥାନ୍ତି। ମାତ୍ର ୫ବର୍ଷ ପରେ ପରିସ୍ଥିତି ବଦଳିଛି। ଆଇପିଏଲ୍ ଖେଳାଳି ନିଲାମିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ ୩ କୋଟି ଟଙ୍କାରେ କ୍ରୟ କରିଛି। ସଇନି ଯେହେତୁ ଟେନିସ ବଲ୍ କ୍ରିକେଟରୁ ଆରମ୍ଭ କରିଛନ୍ତ, ବୋଧହୁଏ ସେଇଥିପାଇଁ ସେ ତୀକ୍ଷ୍ଣ ଓ ବାଉନ୍ସର ବଲ୍ ପକାଇପାରୁଛନ୍ତି। ବିଚିତ୍ର ବୋଲିଂ ଆକ୍ସନ ଯୋଗୁ ଏହି ବୋଲର ଅଜବ ବାଉନ୍ସ ପକାଇବାରେ ସହାୟକ ହେଉଛି। ଗତ ମ୍ୟାଚରେ ରାଜପାକ୍ସେଙ୍କ ଆଉଟ କଥା ମନେ ପକାଇଲେ ମୁଁ ଯାହା କହୁଛି ତାହା ଠଉରେଇ ହେବ। ଭାରତର ଫାଷ୍ଟ ବୋଲର ଦଳ ବାସ୍ତବିକ୍ ଟିମ୍ ପାଇଁ ଏକ ବଡ଼ ସମ୍ବଳ। ବୋଲିଂ କୋଚ୍ ଭରତ ଅରୁଣଙ୍କୁ ଏହାର ଶ୍ରେୟ ଯିବା ଉଚିତ। ଶୁକ୍ରବାର ପୁଣେ ଗେମ୍‌ରେ ପୁଣି ସଇନିଙ୍କ ମ୍ୟାଜିକ୍ ବୋଲିଂ ନମୁନା ଦେଖିବାକୁ ମିଳିବ ବୋଲି ଆଶା। ଅନ୍ୟପକ୍ଷରେ ଏହି ମ୍ୟାଚରେ ଶ୍ରୀଲଙ୍କା ଭଲ କରିବାକୁ ଆପ୍ରାଣ ଚେଷ୍ଟା କରିବ। କାରଣ ଏହା ଦଳ ପାଇଁ ସମ୍ମାନର ପ୍ରଶ୍ନ। ମୋ ନଜର କିନ୍ତୁ କେ. ଏଲ୍. ରାହୁଲଙ୍କ ଉପରେ ରହିବ। କୋହଲି ଏବଂ ରୋହିତଙ୍କ ପରେ ଭାରତର ପରବର୍ତ୍ତୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ହେବାକୁ ଯାଉଛନ୍ତି ବୋଲି ମୋର ମନେହେଉଛି।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡ଼ିଆ)

#WhatDrivesYou
EXIDE


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ




ସ୍ୱର୍ଗତ ଅନ୍ତର୍ଯ୍ୟାମୀ ସାହୁ
ଗୁଣ୍ଡିଚାପଡା, ଢେଙ୍କାନାଳ
ଆବିର୍ଭାବ: ୧୫।୦୪।୧୯୪୯
ତିରୋଧାନ: ୩୧।୧୨।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଧର୍ମପତ୍ନୀ: ପ୍ରେମଲତା ସାହୁ, ପୁତ୍ର, ପୁତ୍ରବଧୂ, ବେବି, ରୁବି, ଭାଇ, ନାତି ନାତୁଣୀ: ଓମ୍, ଶ୍ରୀ, ହରି, ପୁତୁରା, ପୁତୁରା ବୋହୂ, ବନ୍ଧୁ ଓ ପରିବାରବର୍ଗ ତଥା ସହକର୍ମୀବୃନ୍ଦ।
ଧ-୧୬୧୧୧

ଷଷ୍ଠ ଶ୍ରାଦ୍ଧଦିବସ





ଶିକ୍ଷାବିତ୍ ୰ ହାଡ଼ିବନ୍ଧୁ ହାଲି
ବଡ଼ଗଡ଼, ଭୁବନେଶ୍ୱର-୧୮
ଚାହୁଁ ଚାହୁଁ ଛଅବର୍ଷ ବିତିଗଲାଣି, ଆପଣଙ୍କ ଆଶୀର୍ବାଦ ଲାଭ କରି ଆମେ ଜୀବନ ବିତାଉଅଛୁ। ତୁମେ ଯେଉଁଠି ରହିଲେ ବି ଭଲରେ ରୁହ। ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ଫାଉଣ୍ଡେସନ।
ଶ୍ରୀ ପ୍ରଦୋଷ ପଟ୍ଟନାୟକ
ଶ୍ରୀ ରବୀନ୍ଦ୍ର ବିଶ୍ୱାଳ
ଡକ୍ଟର ମିନାକ୍ଷୀ ଦାସ
ଶ୍ରୀ ଦିଲ୍ଲୀପ ହାଲି
ଇଂ ରାହୁଲ ହାଲି
ଶ୍ରୀମତୀ କଳ୍ପନା ହାଲି
ଶ୍ରୀମତୀ ଅଳକା ପଣ୍ଡା
ଧ-୧୬୧୧୧

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ତାରା ପ୍ରସାଦ ମହାନ୍ତି
EB 361, ଲକ୍ଷ୍ମୀ ସାଗର, ଭୁବନେଶ୍ୱର
ଆବିର୍ଭାବ: ରାକ୍ଷୀ ପୂର୍ଣ୍ଣିମା (୧୯୩୩)
ତିରୋଧାନ: ପୌଷ ପୂର୍ଣ୍ଣିମା (୨୦୦୭)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୬୧୧୩

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଶ୍ୟାମ ସୁନ୍ଦର ମଲ୍ଲିକ
ଗ୍ରାମ: ଶ୍ୱରଡିହ, ପୋ: ନନ୍ଦିପୁର, ଯାଜପୁର
ଆବିର୍ଭାବ: ୧୦।୦୧।୧୯୨୫
ତିରୋଧାନ: ୩୧।୧୨।୨୦୧୯
ହଠାତ୍ ଆପଣ ଆମକୁ ଛାଡି ଚାଲିଯିବେ, ଏକଥା ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିପାରୁନୁ। ପ୍ରତ୍ୟେକ ମୁହୂର୍ତ୍ତ ଆପଣ ଛାଡ଼ିଯାଇଥିବା ପଦଚିହ୍ନର ସ୍ମୃତିଚାରଣ କରୁଛୁ। ଆପଣଙ୍କ ଅମର ଆତ୍ମା ଶାନ୍ତିପାଉ ଆଜିର ଦିନରେ ଏତିକି କାମନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୬୧୧୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ Bhubaneswar, Friday, January 10/ 2020

# ଲାଞ୍ଚ: ଡାଟାଏଣ୍ଟ୍ରି ଅପରେଟର ଗିରଫ

କଟକ ଅଫିସ, ୯।୧

୩୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ଭଦ୍ରକ ଗ୍ରାମ୍ୟ ନିର୍ମାଣ ନିର୍ବାହୀଯନ୍ତ୍ରୀ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ପ୍ରିୟବ୍ରତ ପଣ୍ଡା। ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଚଢେୟା ଗ୍ରାମର ଦିଗମ୍ବର ଦାସ ନାମକ ଜଣେ ଠିକାଦାରଙ୍କର ୧୦ ଲକ୍ଷ ଟଙ୍କାର ବିଲ୍ ପଡ଼ି ରହିଥିଲା। ଉକ୍ତ ବିଲ୍‌ର ଅନ୍‌ଲାଇନ ପେମେଣ୍ଟ କରିବା ପାଇଁ ଡିଇଓ ପଣ୍ଡା ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ପୂର୍ବ ଦାବି ମୁତାବକ ଗୁରୁବାର ପଣ୍ଡା ନିଜ ଅଫିସରେ ବସି ଠିକାଦାର ଦାସଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିବା ସହ ଲାଞ୍ଚ ଟଙ୍କା ତାଙ୍କଠାରୁ ଜବତ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ପଣ୍ଡାଙ୍କର ମଉଦାଠାରେ ଥିବା ଆବାସିକ ଘର ଓ କାର୍ଯ୍ୟାଳୟକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧/୨୦୨୦) ରୁଜୁ ହୋଇଛି।


ପ୍ରିୟବ୍ରତ ପଣ୍ଡା

# ସିଲିଣ୍ଡରରୁ ଗ୍ୟାସ୍ ଖୋଲୁଥିବାବେଳେ ଲାଗିଲା ନିଆଁ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ନୂଆ ସିଲିଣ୍ଡରରୁ ଗ୍ୟାସ୍ ବାହାର କରୁଥିଲେ ମେକାନିକ। ହଠାତ୍ ଲାଗିଯାଇଥିଲା ନିଆଁ। କିଛି ବୁଝିବା ପୂର୍ବରୁ ନିଆଁ ଭିତରେ ରହିଯାଇଥିଲେ ମେକାନିକ ସମେତ ବସ୍ତିର ୫ଜଣ। ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପିଏଫ୍ ଛକ ନିକଟ ମୁଣ୍ଡାସାହି ବସ୍ତିରେ ଗୁରୁବାର ଘଟିଛି ଏହି ଘଟଣା। ନିଆଁରେ ପୋଡ଼ି ହୋଇଥିବା ୬ଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ମଙ୍ଗୁଳି ସିଂ, ନୀତୀଶ ହେମ୍ବ୍ରମ୍, କିରଣ ତିରିଆ, ବଳି ହେମ୍ବ୍ରମ୍, ବନବାସୀ ଘଡେଇ ଓ ଜଣେ ଗ୍ୟାସ୍ ମେକାନିକ। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ଖୋଳତାଡ଼ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ମୁଣ୍ଡାସାହିର କାମିନୀ ପାଳିଆ ଗୁରୁବାର ସକାଳେ ପୋଖରୀପୁଟସ୍ଥିତ ଏକ ଗ୍ୟାସ୍ ଏଜେନ୍ସିରୁ ନୂଆ ଗ୍ୟାସ୍ ଘରକୁ ଆଣିଥିଲେ। ଗ୍ୟାସ୍ ସଂଯୋଗ କରିଥିଲେ ମଧ୍ୟ ତାହା ଜଳି ନ ଥିଲା। ପରିବାର ଲୋକେ ଗ୍ୟାସ୍ ଏଜେନ୍ସିକୁ ଫୋନ୍ କରି ଜଣାଇଥିଲେ। ଟାଙ୍କିରେ ଆବଶ୍ୟକଠାରୁ ଅଧିକ ଗ୍ୟାସ୍ ଥିବାରୁ ଏଭଳି ହେଉଥିବା କହି ଜଣେ ମେକାନିକଙ୍କୁ ସେଠାକୁ ପଠାଇଥିଲେ। ମେକାନିକ ଜଣକ ସିଲିଣ୍ଡରକୁ ଘର ବାହାରେ ରଖି ଗ୍ୟାସ୍ ବାହାର କରୁଥିଲେ। ନିକଟରେ ପଡୋଶୀ ଘରର ଲୋକେ ଚୁଲିରେ ରୋଷେଇ କରୁଥିଲେ। ଏହି ସମୟରେ ଚୁଲିରୁ ନିଆଁ ହଠାତ୍ ଲିକେଜ୍ ଗ୍ୟାସ୍ ସହ ସିଲିଣ୍ଡରରେ ଲାଗି ଯାଇଥିଲା। ଗ୍ୟାସ୍ ନିକଟରେ ଥିବା ୫ଜଣଙ୍କ ସହ ମେକାନିକ ପୋଡି ଯାଇଥିଲେ। ତେବେ ସବୁଠୁ ବଡ଼କଥା ହେଲା ନିଆଁ ଲାଗିଯିବା ପରେ ମେକାନିକ ଉପସ୍ଥିତ ବୁଦ୍ଧି ଲଗାଇ ଗ୍ୟାସ୍ ସିଲିଣ୍ଡରର କ୍ୟାପ୍ ବନ୍ଦ କରିଦେଇଥିଲେ। ଫଳରେ ବଡ଼ଧରଣର ବିପଦ ଟଳି ଯାଇଥିଲା। ଏହାପରେ ମେକାନିକ ଜଣକ ଆହତ ଅବସ୍ଥାରେ ଦୌଡ଼ି ପଳାଇଥିବାବେଳେ ଅନ୍ୟମାନେ ଯନ୍ତ୍ରଣାରେ ଚିତ୍କାର କରିଥିଲେ। ବସ୍ତିର ଅନ୍ୟ ଲୋକମାନେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଉପଭୋକ୍ତାଙ୍କୁ ଗ୍ୟାସ୍ ସରଞ୍ଜାମ ଦେବାବେଳେ ଯାଞ୍ଚ୍ କରି ଦିଆଯିବାର ନିୟମ ରହିଛି। କିନ୍ତୁ ତାହା କରାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏଥିପାଇଁ ବସ୍ତିବାସିନ୍ଦା ଗ୍ୟାସ୍ ଏଜେନ୍ସିକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ବସ୍ତିରେ ଅଧିକାଂଶ ଚାଳିଆ ଓ ଜରିପାଲ ଘର ରହିଛି। ନିଆଁ ବ୍ୟାପିଥିଲେ ନିଶ୍ଚିତ ବଡ଼ ଦୁର୍ଘଟଣା ଘଟିଥାନ୍ତା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆହତଙ୍କୁ ମାଗଣା ଚିକିତ୍ସା ସହ ଅନ୍ୟ ସହାୟତା ଯୋଗାଇ ଦେବାକୁ ବସ୍ତି ବାସିନ୍ଦା ଦାବି କରିଛନ୍ତି।


କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତମାନେ।

- ମେକାନିକଙ୍କ ସମେତ ୬ ଆହତ
- ନୂଆ ଗ୍ୟାସ୍ ସଂଯୋଗ କରୁଥିଲେ ମେକାନିକ

# ମହାରାଷ୍ଟ୍ରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବାଙ୍କୀ,୯।୧(ବି.ପ୍ର)

ମହାରାଷ୍ଟ୍ରର ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ ସହଗାଁ ଗୋପାଳପୁର ଗ୍ରାମର ସମୀର କୁମାର ସିଠ(୩୩)। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଗୁରୁବାର ତାଙ୍କ ମୃତଦେହ ଆସି ଗ୍ରାମରେ ପହଞ୍ଚିଛି। ମାତ୍ର ୧୦ମାସ ପୂର୍ବେ ତାଙ୍କର ବିବାହ ହୋଇଥିଲା। ମହାରାଷ୍ଟ୍ରର ଅନ୍ୟାନ୍ୟ କମ୍ପାନୀରେ ତାଙ୍କ ବାପା ଓ ଦାଦା କାମ କରୁଛନ୍ତି। ମୃତଦେହ ଗ୍ରାମରେ ପହଞ୍ଚିବାପରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


ସମୀର କୁମାର ସିଠ

# ଦେବୀ ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ନିଆଳି,୯।୧(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ଦେବୀ ନଦୀର ଶିଖରଘାଟ ନିକଟରୁ ଗୁରୁବାର ପୋଲିସ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ କାକଟପୁର ଥାନା ଅନ୍ତର୍ଗତ ମହାଦେବବସ୍ତ ଗ୍ରାମର କାଳିକା ଦଳାଇ(୬୫)। ସୂଚନା ଅନୁଯାୟୀ, ଗୁରୁବାର ସକାଳୁ ଶିଖରଘାଟ ଗ୍ରାମର କେତେଜଣ ଲୋକ ନଦୀକୁ ଯାଇଥିବା ବେଳେ କୂଳରେ ଜଣେ ବୃଦ୍ଧାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀ ନିଆଳି ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା।

# ଏରସମା ଫାଶୀଦଣ୍ଡ ମାମଲା: ୨୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୯।୧

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ଫାଶୀଦଣ୍ଡ ପାଇଥିବା କାଳିଆ ମାନା ମାମଲା ଉପରେ ଗୁରୁବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ଜବାବ ସୁଆଲ ଆରମ୍ଭ ହୋଇଥିଲା। ଜବାବସୁଆଲ ଶେଷ ନ ହେବାରୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୪ ତାରିଖକୁ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ୨୦୧୮ ମାର୍ଚ୍ଚ ୨୧ରେ ଉକ୍ତ ଅଞ୍ଚଳର ୯ ବର୍ଷୀୟା ଜଣେ ନାବାଳିକାଙ୍କୁ କାଳିଆ ଚକ୍‌ଲେଟ ଦେବା ବାହାନାରେ ଡାକିନେଇ କାଜୁ ଜଙ୍ଗଲ ଭିତରେ ବଳାତ୍କାର କରି ହତ୍ୟା କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ତଳ କୋର୍ଟ କାଳିଆଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ।

# ବାରିପଦା ଫାଶୀଦଣ୍ଡ ମାମଲା ୧୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୯।୧

୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ଘଟଣାର ଅଭିଯୁକ୍ତ ଯାମିନୀକାନ୍ତ ମହନ୍ତଙ୍କୁ ତଳକୋର୍ଟ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ଉକ୍ତ ଫାଶୀ ଦଣ୍ଡାଦେଶ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ବିଚାରପତି ଜଷ୍ଟିସ ଅକ୍ଷୟ କୁମାର ମିଶ୍ର ଓ ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, ୨୦୧୮ ଜୁନ୍ ୧୮ ତାରିଖରେ ଉକ୍ତ ଘଟଣା ଘଟିଥିଲା। ରଜ ସମୟରେ ଗ୍ରାମ ଉତ୍ସବମୁଖର ଥିବାବେଳେ ନାବାଳିକା ଜଣକ ସାଇକେଲ ଶିଖୁଥିଲେ। ଏହି ସମୟରେ ଯାମିନୀକାନ୍ତ ତାଙ୍କୁ ସାଇକେଲ ଶିଖାଇବା ବାହାନାରେ ଜଙ୍ଗଲ ଭିତରକୁ ଡାକିନେଇ ବଳାତ୍କାର ପରେ ହତ୍ୟା କରିଥିଲେ।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ସମସ୍ତ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ



## ସଂକ୍ଷେପରେ

### ଚୋରା କାଠ କୋଇଲା ଜବତ

**ଚୌଦ୍ୱାର,୯।୧(ଡି.ଏନ୍.ଏ):** ୫୫ନଂ. ଜାତୀୟ ରାଜପଥ କୁଷ୍ପଙ୍ଗି ନିକଟରୁ ଚୌଦ୍ୱାର ବନ ବିଭାଗ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ଏକ କାଠକୋଇଲା ବୋଝେଇ କାରକୁ ଜବତ କରାଯାଇଛି। ହେଲେ ଅନ୍ଧାରର ସୁଯୋଗରେ କାର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି କାରରେ ୧୨ବସ୍ତା କାଠ କୋଇଲା ଖୁଣ୍ଟଣୀରୁ ଭୁବନେଶ୍ୱର ଚାଲାଣ ହେଉଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, କଟକ ଫରେଷ୍ଟ ଡିଭିଜନ ଡିଏଫ୍ଓ ସୁଦର୍ଶନ ବେହେରା କାଠକୋଇଲା ଚାଲାଣ ହେଉଥିବା ଖବରପାଇ ଚୌଦ୍ୱାର ବନବିଭାଗକୁ ଜଣାଇଥିଲେ। ଚୌଦ୍ୱାର ବନପାଳ ଓ କର୍ମଚାରୀ କୁଷ୍ପଙ୍ଗି ନିକଟରେ ଜଗିରହିଥିଲେ। ରାତି ପ୍ରାୟ ୩ଟାରେ ଗାଡି କୁଷ୍ପଙ୍ଗି ଛକ ନିକଟରେ ପହଞ୍ଚିବା ପରେ ଗାଡି ଓ କୋଇଲାକୁ ଜବତ କରାଯାଇଥିଲା।

### ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୯।୧(ବ୍ୟୁରୋ):** ବ୍ରାଉନସୁଗାର କାରବାର ଅଭିଯୋଗରେ ଖଣ୍ଡଗିରି ପୋଲିସ ଓ କ୍ୟୁଏଟି ଟିମ୍ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ କନ୍ଦସାହି ଅଞ୍ଚଳର ଶତ୍ରୁଘ୍ନ ପ୍ରଧାନ ଓ ଖୋର୍ଦ୍ଧା ଥାନା ସାମନ୍ତରାପୁର ଅଞ୍ଚଳର ପ୍ରସନ୍ନ କୁମାର ସାହୁ। ଏମାନଙ୍କ ନିକଟରୁ ୨୨.୦୭ ଗ୍ରାମ ବ୍ରାଉନସୁଗାର, ୩ ମୋବାଇଲ ଫୋନ, ଗୋଟିଏ ବାଇକ୍ ଓ ୧,୩୫୦ ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅଞ୍ଚଳରେ ଉଭୟ ଅଭିଯୁକ୍ତ ବ୍ରାଉନସୁଗାର କାରବାର କରୁଥିବା ନେଇ କ୍ୟୁଏଟି ଖବର ପାଇଥିଲା। ଗୁରୁବାର ବରମୁଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ବସ୍ତିରେ ବ୍ରାଉନସୁଗାର କାରବାର ଚାଲିଥିବା ଖବରପାଇ ପୋଲିସ ଓ କ୍ୟୁଏଟି ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଧରିଥିଲେ। ଏ ନେଇ ଖଣ୍ଡଗିରି ଥାନାରେ ଏକ ମାମଲା (ନଂ.୨୩/୨୦)ରୁଜୁ ହୋଇଛି।

### ୨୮ ଚାଷୀଙ୍କଠାରୁ ୮୫୫ କୁଇଣ୍ଟାଲ ଧାନ ସଂଗ୍ରହ

**କଣ୍ଟାପଡ଼ା,୯।୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ସେବା ସମବାୟ ସମିତି ପରିସରରେ ସରକାରୀ ଧାନକ୍ରୟ ମଣ୍ଡି ଗୁରୁବାର ଖୋଲାଯାଇଛି। ସେବା ସମବାୟ ସମିତି ସଭାପତି ବିମାନ ବିହାରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। କଟକ ମଣ୍ଡଳ ଉପସହକାରୀ ନିବନ୍ଧକ ତପନ କୁମାର ଦାସ ମଣ୍ଡି ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାହାଳପୁର ସରପଞ୍ଚ ସୁଧୀର କୁମାର ଦାସ, ଧାନକ୍ରୟ କମିଟି ସଦସ୍ୟ ସଚ୍ଚିଦାନନ୍ଦ ଜେନା, ଜୟନ୍ତ ନାୟକ, ବିଭୂତି ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ, ସୋମନାଥ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ଶ୍ରୀଧର ଚୌଧୁରୀ ଧାନମଣ୍ଡି ପରିଚାଳନା କରିଥିଲେ। ପ୍ରଥମ ଦିନରେ ୨୮ ଚାଷୀଙ୍କଠାରୁ ୮୫୫ କୁଇଣ୍ଟାଲ ଧାନ କିଣାଯାଇଥିବା ସମ୍ପାଦକ ବିଭୂତି ଭୂଷଣ ନାୟକ କହିଛନ୍ତି।

# ତାଳଦଣ୍ଡା ସେତୁ କାର୍ଯ୍ୟରେ ଦୁର୍ନୀତି

## ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ୭ ଜେଲ୍ ଗଲେ

■ଆତ୍ମସାତ୍ ହୋଇଥିଲା ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

■ଭାଇଙ୍କ ନାଁରେ ସହକାରୀ ଯନ୍ତ୍ରୀ ସାଜିଥିଲେ ଠିକାଦାର

**କଟକ ଅଫିସ, ୯।୧**

କଟକ ନୂଆବଜାର ନିକଟ ତାଳଦଣ୍ଡା କେନାଲ ଉପରେ ହୋଇଥିବା ସେତୁ ନିର୍ମାଣ ଦୁର୍ନୀତିରେ ଭିଜିଲାନ୍ସ ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିମଳ ଚନ୍ଦ୍ର ଦାସଙ୍କ ସମେତ ମୋଟ୍ ୭ ଜଣଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ହୋଇଥିବା ଅନ୍ୟମାନେ ହେଲେ ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ରଜନୀକାନ୍ତ ଦଳବେହେରା, ସହକାରୀ ଯନ୍ତ୍ରୀ ରବିନାରାୟଣ ସାହୁ, ଅବସରପ୍ରାପ୍ତ ଆକାଉଣ୍ଟସ୍ ଅଫିସର ଅବନୀକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ଦେବତା ଓ ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ସୁଧୀର କୁମାର ପଣ୍ଡା। ଏମାନଙ୍କ ବ୍ୟତୀତ ଉକ୍ତ କାର୍ଯ୍ୟର ଠିକାଦାର ତୃପ୍ତି ରଞ୍ଜନ ଦେବତାଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ତାଳଦଣ୍ଡା କେନାଲ ଉପରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଚାଲିଥିଲା। ହେଲେ ଏହି ସେତୁ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୪୫/୧୯) ରୁଜୁ ହୋଇଥିଲା। ଉକ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଡିଭିଜନ-୨ ଅଧୀନରେ ଚାଲିଥିଲା। ଟେଣ୍ଡର ସମୟରେ ଏକମାତ୍ର ବିଡର୍ ତୃପ୍ତିରଞ୍ଜନ ଦେବତାଙ୍କୁ ଟେଣ୍ଡରଧାରୀ ଭାବେ ଚୟନ କରାଯାଇଥିଲା। ଟେଣ୍ଡର ସମୟରେ ସେ ଏକ ମିଥ୍ୟା 'ନୋ ରିଲେଶନ ସାର୍ଟିଫିକେଟ' ପ୍ରଦାନ କରିଥିଲେ। ମାତ୍ର ଠିକାଦାର ତୃପ୍ତିଙ୍କ ବଡ଼ଭାଇ ରଞ୍ଜନ କୁମାର ଦେବତା ଉକ୍ତ ଡିଭିଜନରେ ଜଣେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏସବୁ ଜଣାଥିବା ସତ୍ତ୍ୱେ ତୃପ୍ତିଙ୍କ ଟେଣ୍ଡର ପେପରକୁ ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ଗ୍ରହଣ କରିଥିଲେ। ଏହା ପରେ ତୃପ୍ତିଙ୍କୁ ୨ କୋଟି ୧୨ ଲକ୍ଷ ୫୩ହଜାର ୮୦୧ ଟଙ୍କାର କାର୍ଯ୍ୟାଦେଶ ୨୦୧୫ ଜାନୁୟାରୀ ୫ ତାରିଖରେ ଏଗ୍ରିମେଣ୍ଟ କରାଯାଇ ପ୍ରଦାନ କରାଯାଇଥିଲା। ମାତ୍ର ଏତେ ଟଙ୍କାର କାର୍ଯ୍ୟ କରିବା ପାଇଁ ତୃପ୍ତିଙ୍କ ପାଖରେ ଅଭିଜ୍ଞତା ନ ଥିଲା। ଫଳରେ ସେ ମାନସ ରଞ୍ଜନ ଓଝା ନାମକ ବ୍ୟକ୍ତିଙ୍କୁ କାର୍ଯ୍ୟ କରିବା ପାଇଁ ପାୱାର ଅଫ ଆଟର୍ନି ପ୍ରଦାନ କରିଥିଲେ। କିନ୍ତୁ ବାସ୍ତବରେ ତୃପ୍ତିଙ୍କ ବଡ଼ଭାଇ ତଥା ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ଦେବତା ଉକ୍ତ କାର୍ଯ୍ୟ କରୁଥିଲେ। ଯେଉଁଥିପାଇଁ କି ପାୱାର ଅଫ ଆଟର୍ନି ନେଇଥିବା ଓଝାଙ୍କ ସହିତ ତାଙ୍କର ଆର୍ଥିକ କାରବାର ଚାଲିଥିଲା ବୋଲି ଭିଜିଲାନ୍ସ ସୂଚନା ଦେଇଛି। କାର୍ଯ୍ୟ ଶେଷ ପରେ ଏ ବାବଦରେ ୨ କୋଟି ୨ ଲକ୍ଷ ୨୫ହଜାର ୧୪୮ ଟଙ୍କା ପେମେଣ୍ଟ ଦିଆଯାଇଥିଲା। ଏପରିକି ବିଲ୍ ଦେବା ସମୟରେ ନିର୍ମାଣ କାର୍ଯ୍ୟ ନିମନ୍ତେ ସାମଗ୍ରୀ କିଣା ନେଇ କୌଣସି କାଗଜପତ୍ର ଦାଖଲ କରାଯାଇ ନ ଥିଲା। ଭିଜିଲାନ୍ସ ତଦନ୍ତ ପରେ ଉକ୍ତ କାର୍ଯ୍ୟରେ ୪୩ ଲକ୍ଷ ୧୬ହଜାର ୪୪ ଟଙ୍କା ଆତ୍ମସାତ୍ ହୋଇଥିବା ଧରାପଡ଼ିଥିଲା। ଉକ୍ତ ଟଙ୍କା ଆତ୍ମସାତ୍ ହେବା ପଛରେ ଉପରୋକ୍ତ ସରକାରୀ ଅଧିକାରୀମାନଙ୍କ ଭୂମିକା ଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ତଦନ୍ତକୁ ଆଧାର କରି ଭିଜିଲାନ୍ସ ଉପରୋକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିବା ସୂଚନା ମିଳିଛି।




ବାମପନ୍ଥୀ ସଙ୍ଗଠନକୁ ବିରୋଧ କରି ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ସମ୍ମୁଖରେ ଗୁରୁବାର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସିଟି କଲେଜରେ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଡ. ଖାରବେଳ ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ, ୯।୧**

କଟକସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦେବାଶିଷ ଜେନାଙ୍କ ପୌରୋହିତ୍ୟରେ 'କାଶ୍ମୀର: ଗତକାଲି ଓ ଆଜି' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଡ. ଖାରବେଳ ମହାନ୍ତି ଯୋଗଦେଇ କଶ୍ମୀରର ଐତିହାସିକ ପଟ୍ଟଭୂମି ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ଅଧ୍ୟାପକ ଡ. ସତ୍ୟପ୍ରିୟ ମହାନ୍ତି, ସୁମନ୍ତ ନାୟକ, ଡ. ସନ୍ତୋଷ ସାମଲ, ଅରୁଣ କୁମାର ଦାସଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ. ଧରଣୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

# କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ



**କଟକ ଅଫିସ, ୯।୧**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବକ୍ସିବଜାରସ୍ଥିତ ଏକ ବସ୍ତିରେ ବୃଦ୍ଧାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ସଂଘ ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ସିନୁ ରେଞ୍ଜୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ପ୍ରଭାସ ପ୍ରଧାନ, ହାଡିବନ୍ଧୁ ବେହେରା, ଗୋବିନ୍ଦ ଚନ୍ଦ୍ର ଦାସ, ବଂଶୀଧର ବେହେରା, ରବି ପାଲ ଓ ମୁକୁନ୍ଦ ଦାସ ଉପସ୍ଥିତ ଥିଲେ।

## ଯାଞ୍ଚ ହେଉନି ଓଜନ ଯନ୍ତ୍ର

**କଟକସଦର,୯।୧(ଡି.ଏନ୍.ଏ.)**

କଟକସଦର ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବ୍ୟବହୃତ ହେଉଥିବା ଓଜନ ଯନ୍ତ୍ର ଯାଞ୍ଚ ହେଉନାହିଁ। ଫଳରେ ଉପଭୋକ୍ତା ଓ ଗ୍ରାହକମାନେ ଠକେଇର ଶିକାର ହେଉଛନ୍ତି। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯୋଗାଣ ବିଭାଗ ଅଧୀନରେ ବ୍ଲକର ୨୩ ପଞ୍ଚାୟତରେ ରିଟେଲର ପଏଣ୍ଟ କାର୍ଯ୍ୟ କରୁଛି। ବିଶେଷକରି ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଟଙ୍କିକିଆ ଚାଉଳ ଏବଂ ଗହମ ଯୋଗାଣ ଦାୟିତ୍ୱ ଏହି ରିଟେଲ୍ ପଏଣ୍ଟର ମାଲିକଙ୍କୁ ଦିଆଯାଇଛି । ଏଠାରେ ଓଜନ ପାଇଁ ବ୍ୟବହୃତ କମ୍ପ୍ୟୁଟର ଯନ୍ତ୍ରରେ ବ୍ୟାପକ ତ୍ରୁଟି ରହିଛି । ଏ ନେଇ ଗତ ୬ତାରିଖରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଓଜନ ମାପ ବିଭାଗର ଅଧିକାରୀ ଏହି ଜନଶୁଣାଣି ବେଳେ ଅନୁପସ୍ଥିତ ଥିବାରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଭିଯୋଗପତ୍ରକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାଏତରାୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଦେଇଥିଲେ। ଏହି ଅଭିଯୋଗ ପରେ ମଧ୍ୟ କଟକସଦର ବ୍ଲକ ଅଞ୍ଚଳର ଅନ୍ୟ ଦୋକାନରେ ବ୍ୟବହୃତ ଓଜନ ଯନ୍ତ୍ରଗୁଡ଼ିକ ମଧ୍ୟ ଓଜନ ମାପ ବିଭାଗ ଦ୍ୱାରା ଯାଞ୍ଚ ହୋଇ ନ ଥିବା ଜଣାପଡ଼ିଛି। ଫଳରେ ଖାଉଟିମାନେ ଠକାମିର ଶିକାର ହେଉଛନ୍ତି। ତେବେ ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନରେ ବ୍ୟବହୃତ ହେଉଥିବା ମାପ ଓଜନ ଯନ୍ତ୍ରଗୁଡ଼ିକର ଯାଞ୍ଚ ପାଇଁ ସାଧାରଣରେ ଦାବି ହୋଇଛି।

# ପାନଦୋକାନରେ ଚାଲିଥିଲା ଗଞ୍ଜେଇ ବ୍ୟବସାୟ

■ବୃଦ୍ଧାଙ୍କ ସମେତ ୩ ଗିରଫ

■୨କିଗ୍ରା ୧୦୦ ଗ୍ରାମ ଗଞ୍ଜେଇ ଜବତ

**କଟକ ଅଫିସ, ୯।୧**

ବାହାରକୁ ଲାଗୁଥିଲା ପାନଦୋକାନ, ହେଲେ ପାନଦୋକାନ ଆଳରେ ଚାଲୁଥିଲା ଗଞ୍ଜେଇ ବ୍ୟବସାୟ। ବାଦାମବାଡି ଛକ ଆହାର କେନ୍ଦ୍ର ନିକଟରେ ଥିବା ଏକ ପାନିଦୋକାନରେ ଏଭଳି କାରବାର ହେଉଥିବା ଖବରପାଇ ସ୍ଥାନୀୟ ଥାନା ପୋଲିସ ଚଢାଉ କରିଥିଲା। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ ଜିଲା ଖଣ୍ଡପଡା ଅଞ୍ଚଳର ଆଦିତ୍ୟ ନାୟକ(୨୩) ଓରଫ ରଞ୍ଜିତ, କଟକ ହରିପୁର ଅଞ୍ଚଳର ସୁରଜ ପ୍ରଧାନ(୨୭) ଓରଫ ଗେଡୁ ଓ ଝିଙ୍କିରିଆ ଅଞ୍ଚଳର କାମିନୀ ପତି ଓରଫ ନାନି(୬୦)। ଗେଡୁ ଓ ରଞ୍ଜିତ ଏହି ଦୋକାନରେ ଗଞ୍ଜେଇ ବିକ୍ରି କରୁଥିବାବେଳେ ନାନି ତାଙ୍କୁ ଗଞ୍ଜେଇ ଯୋଗାଉଥିଲେ। ପୋଲିସ ସେମାନଙ୍କ ନିକଟରୁ ୨କିଗ୍ରା ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୩/୨୦) ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ଦୋକାନରେ ଗଞ୍ଜେଇ ବ୍ୟବସାୟ ହେଉଥିବା ପୋଲିସ ସୂଚନା ପାଇବା ପରେ ନଜର ରଖିଥିଲା। ଗୁରୁବାର ପୋଲିସ ଏହି ଦୋକାନରେ ଚଢାଉ କରିଥିଲା। ଚଢାଉ ସମୟରେ ଗଞ୍ଜେଇ ବାହାରିବାରୁ ପୋଲିସ ଦୋକାନରେ ବସିଥିବା ଗେଡୁ ଓ ରଞ୍ଜିତଙ୍କୁ ଗିରଫ କରିଥିଲା। ପରେ ପଚରାଉଚରା କରିବାରୁ ନାନି ସେମାନଙ୍କୁ ଗଞ୍ଜେଇ ଯୋଗାଉଥିବା ନେଇ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ନାନିଙ୍କୁ ଝିଙ୍କିରିଆସ୍ଥିତ ତାଙ୍କ ବାସଭବନରୁ ଗିରଫ କରିଥିଲା। ମାତୃଭବନ ଛକ କେନାଲ ରୋଡ ନିକଟରେ ନାନିଙ୍କର ଏକ ଦୋକାନ ରହିଥିବାବେଳେ ଏହିଠାରୁ ସେ କଟକକୁ ଗଞ୍ଜେଇ ପଠାଉଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା।

# କାରଖାନା ଭିତ୍ତିଭୂମି ପରଖିଲେ କେନ୍ଦ୍ରମନ୍ତ୍ରୀ

**ଚୌଦ୍ୱାର,୯।୧(ଡି.ଏନ୍.ଏ.)**

ଚୌଦ୍ୱାରସ୍ଥିତ ବାଣିପଦା ପଞ୍ଚାୟତର ଗୋପାଳପୁର ଶିଳ୍ପାଞ୍ଚଳରେ ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା ଖଦି ଓ ଗ୍ରାମଦ୍ୟୋଗର ଏକ କାରଖାନାକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଗୁରୁବାର ବୁଲି ଦେଖିବା ସହିତ ଏହାର ଭିତ୍ତିଭୂମି ପରଖିଥିଲେ। ୬ ଏକର ପରିମିତ ଜାଗାରେ ପ୍ରତିଷ୍ଠିତ ଏହି ଶିଳ୍ପ ଅନୁଷ୍ଠାନ ୧୯୯୯ ମହାବାତ୍ୟା ପରେ ବନ୍ଦ ହୋଇଯାଇଛି। ଏଠାରେ ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ସୁଦ୍ଧା ଏହାକୁ ଅଣଦେଖା କରି ଜଙ୍ଗଲରେ ପରିଣତ କରିବା ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟିହୀନତା ବୋଲି ଷଡ଼ଙ୍ଗୀ କ୍ଷୋଭର ସହ ପ୍ରକାଶ କରିଥିଲେ। ଏବେ ଉକ୍ତ ଜମିକୁ ଫେରସ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ବିରୋଧ କରିଥିଲେ। ଏହି ଜମିରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ସହିତ ଅଞ୍ଚଳର ବେରୋଜଗାରୀ, ମହିଳାମାନଙ୍କ ବିକାଶ ସହିତ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁଥିବା ବିକଳ୍ପ ଶିଳ୍ପ ପ୍ରତିଷ୍ଠା ପାଇଁ କ୍ୟାବିନେଟସ୍ତରୀୟ ବୈଠକ କରାଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଷଡ଼ଙ୍ଗୀ କହିଥିଲେ। ଏହି ଗସ୍ତ ସମୟରେ କେନ୍ଦ୍ରୀୟ ଖଦି ବୋର୍ଡ ଅଧ୍ୟକ୍ଷ ତଥା କମିଶନର ବିନୟ କୁମାର ସକ୍ସେନା ଓ ସମୀର ମହାନ୍ତି ଉପସ୍ଥିତ ଥିଲେ। ଏହି ଭିତ୍ତିଭୂମିରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ପାଇଁ ୩ଟି ଭିନ୍ନ ଭିନ୍ନ ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରାଯାଇଛି। ସେଥିରୁ ଗୋଟିଏ ପ୍ରକଳ୍ପ ତୁରନ୍ତ ପ୍ରତିଷ୍ଠା ପାଇଁ ଉଚ୍ଚସ୍ତରୀୟ ଆଲୋଚନା କରାଯିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ ବୋଲି କମିଶନର ସକ୍ସେନା କହିଥିଲେ। ଏଥିରେ ଭାଜପାର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, ମଣ୍ଡଳ ସଭାପତି ଜୟନ୍ତ ସ୍ୱାଇଁ, ବୈରାଗୀ ଚରଣ ପ୍ରଧାନ, ଅଜିତ୍ ସୁବୁଦ୍ଧିରାୟଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ, ନେତୃମଣ୍ଡଳୀ ସାମିଲ ହୋଇଥିଲେ।

## ୨ ବେଆଇନ କରତକଳରେ ଚଢ଼ାଉ

**ଲକ୍ଷାଧିକ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ**

**ନିଆଳି,୯।୧(ଡି.ଏନ୍.ଏ)**

ଫୁଲନଖରା ବନ ବିଭାଗ ପକ୍ଷରୁ ଗୁରୁବାର ୨ ବେଆଇନ କରତକଳରେ ଚଢ଼ାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ନିଆଳି ଥାନା ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳର ବରିଷଣ ଠାରେ ବେଆଇନ ଭାବେ ଚାଲିଥିବା କରତକଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଯନ୍ତ୍ରାଂଶ ଜବତ କରାଯାଇଥିଲା। ସେହିପରି ରତନପୁର ଗଜାବର ଛକରେ ବେଆଇନ ଭାବେ ଚାଲିଥିବା କରତକଳରେ ବନ ବିଭାଗ ଚଢ଼ାଉ କରାଯାଇ ଯନ୍ତ୍ରାଂଶ ଓ କାଠ ଜବତ ହୋଇଥିବା ଜଣାପଡିଛି।

# ଭାଜପା ପକ୍ଷରୁ ବିଡିଓ, ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ନିଆଳି,୯।୧(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ଗୁରୁବାର ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନିଆଳି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଚିହ୍ନଟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିବା ସହ ତୁରନ୍ତ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଆବାସ ଯୋଗାଇ ଦେବା ପାଇଁ ଦାବି କରିଥିଲେ। ସେହିପରି ବାତ୍ୟା 'ଫନୀ'ରେ ନିଆଳି ତହସିଲ ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ ଲୋକମାନଙ୍କୁ ସରକାରୀ ସହାୟତା ମିଳିପାରି ନାହିଁ। ଫଳରେ ଶତାଧିକ ଲୋକ ପାଲ ତଳେ ଦିନ କାଟୁଛନ୍ତି। ସହାୟତାରେ ଅହେତୁକ ବିଳମ୍ବ ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଭାଜପା କର୍ମୀମାନେ କହିଥିଲେ। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ତହସିଲଦାର ରଞ୍ଜନ କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କରିବା ଦାବି ନେଇ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଫୁଟବଲ: ପପୁଲାର କ୍ଲବ ଫାଇନାଲରେ

**ଚୌଦ୍ୱାର,୯।୧(ଡି.ଏନ୍.ଏ.)**

ଚୌଦ୍ୱାର ଦୌଲତାବାଦସ୍ଥିତ ଅମରଜ୍ୟୋତି କ୍ଲବ ପକ୍ଷରୁ ସ୍ଥାନୀୟ ବିଲ୍ଟୁ ପଡିଆରେ ଚାଲିଥିବା ସୁଧାଂଶୁ ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳର ପପୁଲାର କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ପପୁଲାର କ୍ଲବ ୨-୧ ଗୋଲରେ ଅଡ଼ଶପୁରର ସୁପ୍ରିମ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଡ. ଅମିତ୍ ପୃଷ୍ଟି, ଅଶୋକ ସାହୁ, ଅରୁଣ ସାମଲ, ସୁପ୍ରିୟ ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅମରଜ୍ୟୋତି କ୍ଲବର ସୁକଦେବ ଭୂୟାଁ, ଅମୂଲ୍ୟ ଗିରି, ବିଜୟ କେତନ ଦାସ, ସୁଧାକର ମହାପାତ୍ର, ସନାତନ ମିଶ୍ର, ଧର୍ମାନନ୍ଦ ସ୍ୱାଇଁ, ମନୋରଞ୍ଜନ ଖଟୁଆ, ସତ୍ୟବାନ ମହାପାତ୍ର ଓ ପ୍ରକାଶ ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।




କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

# 'ପାରମ୍ପରିକ ଉଦ୍ୟୋଗର ପୁନରୁଦ୍ଧାର କରାଯିବା ଦରକାର'

**କଟକ ଅଫିସ, ୯।୧**

ଭାରତ ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ ଗୁରୁବାର କଟକ ଦୋଲମୁଣ୍ଡାଇସ୍ଥିତ ଏକ ହୋଟେଲ ପରିସରରେ ଲେଦର ଟୁଲ୍ କିଟ୍‌ସ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସହରର ବହୁ ଚମଡା କାରିଗରଙ୍କୁ ଲେଦର ଟୁଲ୍ କିଟସ୍ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଯୋଗଦେଇ କହିଥିଲେ, ରାଜ୍ୟରେ ପାରମ୍ପରିକ ଉଦ୍ୟୋଗଗୁଡିକ ଲୋପ ପାଇବାକୁ ବସିଲାଣି। ଏହାର ପୁନରୁଦ୍ଧାର କରାଯିବା ଦରକାର। ସମାଜରେ ଏହି ପାରମ୍ପରିକ ଉଦ୍ୟୋଗୀମାନଙ୍କୁ ଯଥେଷ୍ଟ ସମ୍ମାନ ମିଳୁନାହିଁ। ଏହି ସଂକୀର୍ଣ୍ଣ ପରମ୍ପରାକୁ ପରିବର୍ତ୍ତନ କରାଇବା ପାଇଁ ଭାରତ ସରକାର ଅନେକ ଯୋଜନା ନିଜ ହାତକୁ ନେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଏହି ଉଦ୍ୟୋଗୀମାନଙ୍କର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଗର ଅଧ୍ୟକ୍ଷ ବି.କେ. ସକସେନା, ଏସ.ଏସ୍. ସିଲ ଓ ସମୀର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ଆଜି ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଫାଇନାଲ

ତିଗିରିଆ, ୯।୧ (ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଖେଳାଯିବ। ଦିବ୍ୟଜ୍ୟୋତି ଆସୋସିଏଶନ୍ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଭଞ୍ଜନଗରର ବଲରାଜ୍ କ୍ଲବ ଓ ଭୁବନେଶ୍ୱରର ୟୁନାଇଟେଡ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ । ଏହି ମ୍ୟାଚରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆୟୋଜକ କହିଛନ୍ତି ।

### ଡାକ୍ତର ପ୍ରାଣବଲ୍ଲଭ ଦାସଙ୍କ ପରଲୋକ



ମାହାଙ୍ଗା/ଲଳିତଗିରି,୯।୧(ସ୍ୱ.ପ୍ର./ ଡି.ଏନ୍.ଏ.): ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଲଳିତଗିରି ଗ୍ରାମର ବିଶିଷ୍ଟ ଡାକ୍ତର ପ୍ରାଣବଲ୍ଲଭ ଦାସ(୭୬)ଙ୍କ ଗତ ବୁଧବାର ସୁଦୁର ଲଣ୍ଡନରେ ପରଲୋକ ଘଟିଛି । ଏହି ଖବର ପ୍ରକାଶ ପାଇବା ପରେ ଗୁରୁବାର ମାହାଙ୍ଗା ଏବଂ ବଡଚଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଦାସ ୧୯୪୪ରେ ଜନ୍ମଗ୍ରହଣ କରିଥିଲେ। ଗ୍ରାମ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି କଟକ ଷ୍ଟୁଆର୍ଟ ମହାବିଦ୍ୟାଳୟ ଏବଂ ପରେ ଏସସିବି ମେଡିକାଲ କଲେଜରୁ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ । ୧୯୭୮ରେ ଲଣ୍ଡନରେ ଉଚ୍ଚ ଶିକ୍ଷା ଲାଭ କରିବା ସହ ସେଠାରେ ତାଙ୍କ ଉଦ୍ୟମରେ ୩୦ ଘରୋଇ ଚିକିତ୍ସା କେନ୍ଦ ଖୋଲିଥିଲେ । ସେ ବିଦେଶରେ ଥିଲେ ମଧ ନିଜ ଅଞ୍ଚଳକୁ ଭୁଲି ପାରି ନଥିଲେ । ୧୯୯୯ରେ ମହାବାତ୍ୟାର ଖବର ପାଇ ଗାଁକୁ ଆସି ଭାଙ୍ଗି ଯାଇଥିବା ବିଦ୍ୟାଳୟ ପାଇଁ ୮୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଦ୍ୱିମହଲା ବିଶିଷ୍ଟ କୋଠାଘର ନିର୍ମାଣ କରିଥିଲେ । ଏବେ ସେଠାରେ ଲଳିତଗିରିର ଉଚ୍ଚ ବିଦ୍ୟାଳୟ ଚାଲିଛି। ସେହିପରି ଗ୍ରାମଦେବତୀ ଓ ବଡଚଣା ବ୍ଲକରେ ବାହୁଜଙ୍ଗ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ତାଙ୍କ ବିୟୋଗରେ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା,ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ,ପୂର୍ବତନ ମନ୍ତ୍ରୀ ଶରତ କୁମାର କର, ସେକ୍ ମତଲୁବ ଅଲ୍ଲୀ, ଭାଜପା ନେତା ସାରଦା ପ୍ରଧାନ ଓ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଫସଲରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ପାଇଁ ତାଲିମ



ବାଙ୍କୀ, ୯।୧(ସ୍ୱ.ପ୍ର.): ବାଙ୍କୀ ବ୍ଲକ କୁରୁମପଡା ଅନ୍ତର୍ଗତ ଶିବମନ୍ଦିରରେ ଫସଲ ପର୍ଯ୍ୟାୟ ଭିତ୍ତିକ ତାଲିମ୍ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷିକ୍ଷେତ୍ର ବିଶେଷଜ୍ଞ ସୁବ୍ରତ କୁମାର ପାଢୀ ଯୋଗଦେଇ ଚାଷୀମାନଙ୍କୁ ଧାନଶସ୍ୟର ଉନ୍ନତିକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଫସଲରେ ରୋଗପୋକ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା। ଫସଲର ଉନ୍ନତିକରଣ ସହ ଆଧୁନିକ ଜ୍ଞାନକୌଶ କିପରି ଉନ୍ନତ ଧାନ ଚାଷ କରିହେବ ସେସମ୍ପର୍କରେ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଳାପଥର ସହକାରୀ କୃଷି ଅଧିକାରିଣୀ ସ୍ୱଗତା ମହାପାତ୍ର, ଶସ୍ୟ ସଂରକ୍ଷଣ ଅଧିକାରୀ ବାଙ୍କୀ ହରିହର ବାରିକ ଓ ଗ୍ରାମ୍ୟ କୃଷି କର୍ମଚାରୀ ପପୁନନ୍ଦ ମଲ୍ଲିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ଯୋଗଦେଇଥିଲେ।

## ମହାବିଦ୍ୟାଳୟରେ ଅଧିକ ପରୀକ୍ଷା ଫି ଆଦାୟ ଅଭିଯୋଗ

# ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା

ମାହାଙ୍ଗା,୯।୧(ସ୍ୱ.ପ୍ର.)



ପୁଷ୍ପଗିରି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

ଅଧିକ ପରୀକ୍ଷା ଫି ଆଦାୟ କରାଯାଉଥିବା ଅଭିଯୋଗକରି ମାହାଙ୍ଗା ବ୍ଲକ ଏରକଣାସ୍ଥିତ ପୁଷ୍ପଗିରି ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଗୁରୁବାର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,ଏହି ମହାବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି। ମହାବିଦ୍ୟାଳୟର ଯୁକ୍ତ ୩ କଳା ଓ ବିଜ୍ଞାନ ବିଭାଗର ସମ୍ମାନ ଶ୍ରେଣୀରେ ୩୪୮ଟି ସିଟ୍ ରହିଛି । ଗତ ୩୧ ଡିସେମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯୁକ୍ତ ୩ ମହାବିଦ୍ୟାଳୟଗୁଡିକର ସମ୍ମାନ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରଥମ ସେମିଷ୍ଟାର ପରୀକ୍ଷା ପାଇଁ ମହାବିଦ୍ୟାଳୟକୁ ଚିଠି ନଂ.ଇକ୍ସ ୧୧/୨୭୫୭୦(୨)ଆସିଛି । ଏଥିରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ପାଇଁ ଥରେ ମାତ୍ର ୧୫୦ ଟଙ୍କା ଲେଖାଏଁ ଫି ରଖାଯାଇଥିବା ବେଳେ ପରୀକ୍ଷା ବାବଦରେ ଫର୍ମ ଫିଲପ ପାଇଁ ୫୩୦ ଟଙ୍କା ଧାର୍ଯ୍ୟ କରାଯାଇଛି। ମୋଟରେ ପରୀକ୍ଷା ଫି ବାବଦରେ ୬୮୦ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଥିବାବେଳେ ପୁଷ୍ପଗିରି ମହାବିଦ୍ୟାଳୟରେ କିନ୍ତୁ ବ୍ୟତିକ୍ରମ ଘଟିଛି । ଏଠାରେ ଛାତ୍ରୀଛାତ୍ରଙ୍କଠାରୁ ଏକ ସଙ୍ଗରେ ୨ ସେମିଷ୍ଟର ପାଇଁ ୧୫୬୦ ଟଙ୍କା ଏବଂ କଲେଜ ଉନ୍ନତୀକରଣ ପାଇଁ ୨୦୦ ଟଙ୍କା ବାବଦରେ ମୋଟ ୧୭୬୦ଟଙ୍କା ପରୀକ୍ଷା ଫି ଆଦାୟ କରାଯାଉଛି। ଏପରିକି ନିକଟରେ ଥିବା ଅନ୍ୟାନ୍ୟ ମହାବିଦ୍ୟାଳୟ ଅପେକ୍ଷା ଏହି କଲେଜରୁ ଅଧିକ ଫି ଆଦାୟ ହେଉଛି। ଅନ୍ୟ କଲେଜରୁ ଗୋଟିଏ ସେମିଷ୍ଟାର ପାଇଁ ପରୀକ୍ଷା ଫି ଆଦାୟ କରାଯାଉଥିବା ବେଳେ ପୁଷ୍ପଗିରି କଲେଜରୁ ଏକସଙ୍ଗେ ୨ ସେମିଷ୍ଟାର ପାଇଁ ଫି ଆଦାୟ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଗରିବ ଛାତ୍ରୀଛାତ୍ରମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଛାତ୍ରଛାତ୍ର ଅଭିଯୋଗ କରିଛନ୍ତି। ଉତ୍କଳ ବିଦ୍ୟାଳୟର ଏହି ଚିଠି ସମ୍ପର୍କରେ ସେମାନେ ଜାଣିବାକୁ ଚାହିଁବାରୁ ଅଧ୍ୟକ୍ଷଙ୍କ ନିକଟରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଫଳରେ ସେମାନେ ବାଧ ହୋଇ ଧାରଣା ଦେଇଥିବା କହିଛନ୍ତି। କିଛି ଛାତ୍ର ପ୍ରତିନିଧି ଆସି ଧାରଣାରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବାପରେ ଏହା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ଦାସ କହିଥିଲେ, ନିୟମ ଅନୁଯାୟୀ, ପରୀକ୍ଷା ଫି ଆଦାୟ କରାଯାଉଛି। ମାତ୍ର ଅନ୍ୟ କୌଣସି ଉତ୍ତର ଦେଇ କଥାକୁ ଏଡାଇ ଯାଇଥିଲେ। ପରୀକ୍ଷା ନିୟନ୍ତ୍ରଣ ଦାୟିତ୍ୱରେ ଥିବା ନଳିନୀକାନ୍ତ ସାହୁଙ୍କୁ ଏବିଷୟରେ ପଚାରିବାରୁ କୌଣସି ଉତ୍ତର ନ ଦେଇ ଫୋନ କାଟିଦେଇଥିଲେ। ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

# ଫାର୍ମ ହାଉସରେ ବୋମାମାଡ଼

ବାଙ୍କୀ,୯।୧(ସ୍ୱ.ପ୍ର.)

ବାଙ୍କୀ ବ୍ଲକ କୁଇଞ୍ଚା ପଞ୍ଚାୟତ ଅନ୍ତର୍ଗତ ପଣ୍ଡାଳମ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଫାର୍ମ ହାଉସ ଉପରେ ବୋମାମାଡ଼ ହୋଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଅଜୟ ପଣ୍ଡାଙ୍କ ନାମରେ ଏହି ଫାର୍ମ ହାଉସ ରହିଛି। ଏନେଇ ଅଜୟ ଗୁରୁବାର ବୈଦେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ବୋମାମାଡ଼ କରାଯାଇଥିବା ନେଇ ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ସମବାୟ ବ୍ୟାଙ୍କର ଜଣେ କର୍ମଚାରୀଙ୍କ ସହ ଉକ୍ତ ଫାର୍ମ ହାଉସରେ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ ବୋମା ଶବ୍ଦ ଶୁଣି ଉଭୟ ବାହାରକୁ ଆସିବା ବେଳକୁ ଏକ ଧଳା କାର ସେଠାରୁ ଚାଲିଯାଇଥିଲା। ବୋମା ମାଡ଼ ଯୋଗୁ ଫାର୍ମ ହାଉସର କାଚ୍ଚ ଓ ଆଜବେଷ୍ଟ ଫାଟି ଯାଇଥିବା ନେଇ ଅଜୟ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୨/୨୦)ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଛନ୍ତି। ବୋମା ମାଡ଼ରେ କେହି ଆହତ ହୋଇ ନ ଥିବା ବେଳେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ସେଠାରେ ପହଞ୍ଚି ଘଟଣାର ଅନୁଧାନ କରିଛନ୍ତି। ଏହା ବୋମା ନା ଅନ୍ୟ କୌଣସି ବିସ୍ଫୋରକ ଦ୍ରବ୍ୟ ତାହାର ଅନୁସନ୍ଧାନ ଚାଲିଛି।

## ପେନ୍‌ସନ ଟଙ୍କା ଲୁଟ୍ ଘଟଣା

# ଗୁରୁତର ମହିଳାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୯।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ଅଧୀନ ୮ନଂ କେନାଲ ସରପଡା ଶନି ମନ୍ଦିର ନିକଟରୁ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ଠାରୁ ପେନସନ୍ ଟଙ୍କା ଲୁଟି ନେବା ସହ ଧକ୍କା ଦେଇ ଗାଡିରେ ତଳେ ପକାଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନେମାଳ ଥାନା ଅଧୀନ ମାଳିଗାଁ ଅଞ୍ଚଳର ସେକ୍ ମହିଉଦ୍ଦିନଙ୍କ ସ୍ତ୍ରୀ ତାହେରା ବିବି(୬୦)। ଏନେଇ ତାଙ୍କ ପୁଅ ଅନିଶ ଉଦ୍ଦିନ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିଛି। ଅନିଶଙ୍କ ଅଭିଯୋଗ ଅନୁଯାୟୀ, ତାହେରା ତାଙ୍କ ସହ ବାଇକରେ କେନ୍ଦୁପାଟଣା ଷ୍ଟେଟବ୍ୟାଙ୍କ ଶାଖାରୁ ପେନ୍‌ସନ ଉଠାଇବାକୁ ଯାଇଥିଲେ। ଟଙ୍କା ଉଠାଇ ଫେରିବା ବେଳକୁ କେନାଲ ବନ୍ଧର ଶନିମନ୍ଦିର ନିକଟରେ ୨ ଜଣ ଦୁର୍ବୃତ୍ତ ପଛରୁ ଏକ କଳା ବାଇକ୍‌ରେ ଆସି ତାହେରାଙ୍କଠାରୁ ଟଙ୍କା ଥିବା ବ୍ୟାଗ ଛଡ଼ାଇ ଫେରାର ହୋଇଯାଇଥିଲେ। ବ୍ୟାଗ ଛଡ଼ାଇବା ସମୟରେ ତାହେରା ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅନିଶ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଖବର ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ମହିଳା ଚାଷୀ ଉତ୍ପାଦକ ଗୋଷ୍ଠୀ ଗଠନ ନିମନ୍ତେ କର୍ମଶାଳା

# ଅମୃତଭଣ୍ଡା ଚାଷ ପାଇଁ ନେଲେ ନିଷ୍ପତ୍ତି



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ।

ରଘୁନାଥପୁର, ୯।୧(ଡି.ଏନ.ଏ.):

ରଘୁନାଥପୁର ବ୍ଲକ ରେତ୍ତୁଆ ନୂଆଗଡସ୍ଥିତ ଗୋରଖନାଥ କୃଷକ ମହାସଂଘ ସଭାକକ୍ଷରେ ଏସ୍ଏଚ୍‌ଜି ମହିଳାଙ୍କୁ ନେଇ ଚାଷୀ ଉତ୍ପାଦକ ଗୋଷ୍ଠୀ ଗଠନ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେତ୍ତୁଆ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସମ୍ପାଦିକା କାଦମ୍ବିନୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ପୂର୍ବତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ, ଓଡ଼ିଶା ଜୀବିକା ମିଶନର ବିଏଲସି ବିଶ୍ୱଜିତା ଦାଶ ପ୍ରମୁଖ ଉପସ୍ଥିତ ହୋଇ ଏହାର ଉଦ୍ଦେଶ୍ୟ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଦୈନନ୍ଦିନ ଜୀବନରେ ବଳକା ସମୟରେ ମହିଳାମାନେ ନିଜ ଘରବାରିରେ ଅମୃତ ଭଣ୍ଡା ଚାଷ କରି ଲାଭବାନ ହେବା ସହ ଆଗାମୀଦିନରେ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟଲିଭ)ର ମୁଖ୍ୟ କ୍ଷେତ୍ରମୋହନ ବେହେରା ଏହି ଡ୍ରିମ ପ୍ରୋଜେକ୍ଟ ସମ୍ପର୍କରେ ମତ ରଖିଥିଲେ। ଉପସ୍ଥିତ ୫୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସହମତି ପ୍ରକାଶ କରିଥିଲେ। ତେବେ ଏଥିପାଇଁ ନିଜ ଘର ସମ୍ମୁଖ କିମ୍ବା ଆଖପାଖରେ ୨ ଶହରୁ ୩ ଶହ ବର୍ଗଫୁଟ ଖୋଲା ସ୍ଥାନ ଥିବା ନିତ୍ୟାନ୍ତ ଆବଶ୍ୟକ। ଏହାଛଡା ପ୍ରତ୍ୟେକ ମହିଳାଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୫ଟି ଲେଖାଏ ସ୍ୱପ୍ନା ଏଫ ୧ ଜାତୀୟ ଅମୃତଭଣ୍ଡା ଚାରା ଯୋଗାଇ ଦିଆଯିବ ବୋଲି ରିସର୍ଚ୍ଚ ପର୍ସନ ବେହେରା ପ୍ରକାଶ କରିଥିଲେ। ଯାହାକି ୩ ବର୍ଷ ମଧ୍ୟରେ ୬୦ କିଗ୍ରା ପର୍ଯ୍ୟନ୍ତ ଅମଳ ଦେବ ବୋଲି କୁହାଯାଇଥିଲା। ତେବେ ଏଥିପାଇଁ ଇଚ୍ଛୁକ ଥିବା ମହିଳାଙ୍କୁ ନେଇ ପ୍ରଥମେ ଉତ୍ପାଦକ ଗୋଷ୍ଠୀ ଗଠନ କରାଯିବା ସମ୍ପର୍କରେ ମହାସଂଘର ସମ୍ପାଦିକା ବେହେରା ମତ ରଖିଥିଲେ। ଓଏଲଏମ୍ ବିଏଲସି ଦାଶ ଏଥିପାଇଁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ। କୃଷି ଅଧିକାରୀ ଦାଶ ଶିଶୁଙ୍କଠାରୁ ଆରମ୍ଭ କରି ସାଧାରଣଙ୍କ ପାଇଁ ଅମୃତ ଭଣ୍ଡା ଯଥେଷ୍ଟ ଉପାଦେୟ ଖାଦ୍ୟ। ଏହାର ବଜାର ଚାହିଦା ମଧ ରହିଛି। ଏହି ସ୍ଥାନରୁ ଆରମ୍ଭ ହୋଇଥିବା ଚାଷ କ୍ରମଶଃ ବ୍ୟାପୀ ହଜାର ସଂଖ୍ୟା ମହିଳା ଏହାକୁ ଆଣେଇବେ ଏବଂ ନାର୍ବାଡ ସମସ୍ତ ପ୍ରକାଶ ସୁବିଧା ଯୋଗାଇ ଦେବ ବୋଲି ଡିଡିଏମ୍ ମହାନ୍ତି କହିଛନ୍ତି। ଏଥିରେ ଶାନ୍ତିଲତା ଦ୍ୱିବେଦୀ, ପ୍ରଭାବତି ସ୍ୱାଇଁ ଓ ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ବାଙ୍କୀ,୯।୧(ବି.ପ୍ର.)

ଗୋପାଳଚରଣ ଚାଉପଟ୍ଟନାୟକ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୧୨ତାରିଖରୁ ଆରମ୍ଭ ହେବ । ବାଙ୍କୀ ଆଥେଲେଟିକ ଆସୋସିଏଶନ ପକ୍ଷରୁ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଳା ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ଆୟୋଜିତ ଏହି ବୈଠକରେ ଆଥେଲେଟିକ ଆସୋସିଏଶନର ସମ୍ପାଦକ ସନ୍ତୋଷ କୁମାର ରଣା ଅଧ୍ୟକ୍ଷତା କରିଥିଲେ। ବୈଠକରେ କ୍ରିକେଟ ସମ୍ପାଦକ ସତ୍ୟରଞ୍ଜନ ସାହୁ, କ୍ୟାପଟେନ ସାଗର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୧୨ ତାରିଖରେ ଉଦ୍‌ଘାଟନୀ ମ୍ୟାଚ ଓ ଜାନୁଆରୀ ୨୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ସମ୍ପାଦକ ସାହୁ ସୂଚନା ଦେଇଥିଲେ। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ କଚେରୀ ପଡିଆରେ ମ୍ୟାଚ ଖେଳାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସୌମେନ୍ଦ୍ର ମିଶ୍ର ଓ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

## ଗଦାଧରପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରତାପାଟ ସେମିଫାଇନାଲରେ



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ତିଗିରିଆ, ୯।୧ (ଡି.ଏନ୍.ଏ.)

ତିଗିରିଆ ବ୍ଲକ ଗଦାଧରପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ୩ୟ କ୍ୱାଟର୍ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ରୟାଲ ଇଲେଭେନ୍‌କୁ ପରାସ୍ତ କରି ରତାପାଟର ବ୍ଲୁଷ୍ଟାର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିଣି ରତାପାଟ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ବିନିମୟରେ ୨୧୫ରନ୍ ସଂଗ୍ରହ କରିଥିଲା। ଜବାବରେ ରୟାଲ ଇଲେଭେନ୍ ୧୭୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚରେ ମୁଖ୍ୟଅତିଥି ଭାବେ ଗଦାଧରପୁର ସେବା ସମବାୟ ସମିତିର ସମ୍ପାଦକ ବୁଲୁ ବିଶୋଇ ଓ ସମ୍ମାନିତ ଅତିଥିଭାବେ ଗଦାଧରପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୀତାକାନ୍ତ ଅତିବୁଦ୍ଧି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ୧୦୫ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି

# ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଦିଆଯିବ ଦାୟିତ୍ୱ

ବାଙ୍କୀ, ୯।୧(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଅନ୍ତର୍ଗତ ପ୍ରାଥମିକ ଓ ଏମ୍ଇ ସ୍କୁଲ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଗୁରୁବାର ଡମପଡ଼ା ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଜନ ପ୍ରସ୍ତୁତି ପାଇଁ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ନିମନ୍ତେ ଏଥିରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁବିକାଶ ଅଧିକାରୀ ନିର୍ମଳା ପଣ୍ଡା, ବିଇଓ ପ୍ରତିମା ସୁନ୍ଦର ଦଳେଇ, ମିଶନ ଶକ୍ତି ସଂଯୋଜିକା ହରପ୍ରିୟା ସାହୁ, ଜୀବିକା ମିଶନର ପ୍ରଗତି ସହାୟିକା ସୁଚିସ୍ମିତା ନାୟକ ଓ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅନ୍ତର୍ଗତ ୧୦୫ ସ୍କୁଲରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ପାଇଁ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯିବାକୁ ସ୍ଥିର କରାଯାଇଥିଲା। ଏଥିସହ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ଗୃହଗୁଡିକରେ ଅଙ୍ଗନୱାଡି କେନ୍ଦ୍ର ଚାଲୁ କରିବା ଲାଗି ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ କ୍ଷେତ୍ର ପରିଦର୍ଶିକା ଶାନ୍ତିଲତା ଶତପଥୀ, ଆରତୀ ସାମଲ, ଛିତା ହେମ୍ବ୍ରମ୍, ଜ୍ୟୋତିର୍ମୟୀ ପ୍ରଧାନ ଓ ବନଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ■୭ ବର୍ଷ ପରେ ପରିବାରକୁ ଫେରିଲା ଝିଅ

# ରାଉରକେଲାରେ ହଜିଥିଲେ, ପୁରୀରୁ ମିଳିଲେ


ପୁରୀ ଅଫିସ, ୯।୧

■ହସ୍ତାନ୍ତର କଲା ସିଡବ୍ଲ୍ୟୁସି
■ସମସ୍ତଙ୍କ ଆଖିରୁ ଝରିଲା ଆନନ୍ଦାଶ୍ରୁ

ହଜିଥିଲେ ରାଉରକେଲାରେ, ମିଳିଲେ ପୁରୀରେ। ଏହା ଭିତରେ ବିତିଯାଇଛି ଦୀର୍ଘ ୭ ବର୍ଷ। ଝିଅ ଭୁଲିନି ମା’ ବାପାଙ୍କ ସ୍ନେହ, ପରିବାର ବି ଛାଡ଼ିନି ଝିଅକୁ ଫେରିପାଇବାର ଆଶା। ସିଡବ୍ଲ୍ୟୁସି ମାଧ୍ୟମରେ ଗୁରୁବାର ନିଖୋଜ ନାବାଳିକା ଝିଅକୁ ଫେରିପାଇଛନ୍ତି ତାଙ୍କ ପରିବାର ଲୋକେ। ମା’, ବାପାଙ୍କୁ ଦେଖି ଝିଅ ଖୁସିରେ ଆତ୍ମହରା ହୋଇଉଠିଥିଲେ। ମା’ ବାପାଙ୍କ ଆଖିରୁ ବି ଝରିପଡ଼ିଥିଲା ଆନନ୍ଦାଶ୍ରୁ। ପୁରୀ ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ପରିସରରେ ଏଭଳି ଦୃଶ୍ୟ ଦେଖିବାକୁମିଳିଥିଲା। ଝିଅକୁଫେରିପାଇବୁ ବୋଲି ଆଶା ଛାଡ଼ି ଦେଇଥିଲୁ, ମାତ୍ର କାଳିଆ ଠାକୁରଙ୍କ ଆଶୀର୍ବାଦରୁ ଝିଅ ମିଳିଲା ବୋଲି ଭାବବିହ୍ୱଳ କଣ୍ଠରେ କହିଛନ୍ତି ନାବାଳିକାଙ୍କ ବାପା।

ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ସୂଚନା ଦେଇ କହିଛନ୍ତି, ରାଉରକେଲାର ଉଦିତନଗରରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ରହନ୍ତି ଏହି ପରିବାର। ରାସ୍ତାକଡ଼ରେ ସେ ଏକ ପରିବା ଦୋକାନ ଦେଇଛନ୍ତି। ମୂଳତଃ ସେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳର ହୋଇଥିବାବେଳେ ୩୦ବର୍ଷ ତଳେ ପେଟପାଟଣା ପାଇଁ ରାଉରକେଲା ଚାଲି ଆସିଥିଲେ। ୨୦୧୨ ନଭେମ୍ବରରେ ତାଙ୍କ ଦ୍ୱିତୀୟ ଝିଅ ନିଖୋଜ ହୋଇଯାଇଥିଲେ। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ନିଖୋଜ ନାବାଳିକା ଝିଅ ଭୁଲବଶତଃ ପୁରୀ ଚାଲିଆସିଥିଲେ। ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ ଚାଇଲ୍ଡ ଲାଇନ ଉଦ୍ଧାର କରିଥିଲା। ଜିଲା ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ତାଙ୍କୁ କଣାସସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ‘ନୀଳାଚଳ ସେବା ପ୍ରତିଷ୍ଠାନ’ରେ ରଖାଯାଇଥିଲା। ନାବାଳିକା ସେହି ସମୟରେ ମାନସିକ ସ୍ତରରେ ଦୁର୍ବଳ ଥିବାରୁ କିଛି କହି ପାରୁ ନ ଥିଲେ। ପରବର୍ତ୍ତୀ ସମୟରେ ଶିଶୁ ଯତ୍ନ ଅନୁଷ୍ଠାନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ ମଙ୍ଗଳ କମିଟି କ୍ରମାଗତ ଭାବେ ତାଙ୍କର ପରିଚୟ ପାଇବା ଲାଗି ଉଦ୍ୟମ ଜାରି ରଖିଥିଲେ। ନାବାଳିକା ଧୀରେ ଧୀରେ କହିବା ଆରମ୍ଭ କରିଥିଲେ। ପ୍ରଥମେ ଗଞ୍ଜାମ ଜିଲା ଓ ପରେ ପୁରୁଷୋତ୍ତମପୁର ବ୍ଲକ ଜାମୁନି ଅଞ୍ଚଳର ବାସିନ୍ଦା ବୋଲି ନିଜକୁ ପରିଚୟ ଦେଇଥିଲେ। ଏ ନେଇ ଗଞ୍ଜାମ ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ସିଡବ୍ଲ୍ୟୁସି, ସିଡିପିଓ, ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜରଙ୍କୁ ଅବଗତ କରାଯାଇଥିଲା। ନାବାଳିକାଙ୍କ ଫଟୋ ଜାରି କରାଯିବା ପରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ତାହାକୁ ଦେଖି ତାଙ୍କ ବାପାଙ୍କ ପରିଚୟ ଦେଇଥିଲେ। ସୁନ୍ଦରଗଡ ଡିସିପିଓଙ୍କଠାରୁ ପରିବାରର ଠିକଣା ମିଳିଥିଲା। ଏ ନେଇ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଗୁରୁବାର ପରିବାର ଲୋକେ ପୁରୀ ସିଡବ୍ଲ୍ୟୁସିରେ ପହଞ୍ଚି ଝିଅ ଫଟୋ ଦେଖାଇବା ସହ ଥାନାରେ ନିଖୋଜ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏହାପରେ ସରକାରୀ ନିୟମ ଅନୁଯାୟୀ, ସିଡବ୍ଲ୍ୟୁସି ପକ୍ଷରୁ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେମାନେ ଝିଅକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ରାଉରକେଲା ଫେରିଯାଇଛନ୍ତି। ଶିଶୁ ସୁରକ୍ଷା ୟୁନିଟ୍‌ର ଅଣଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଶୁଭକାନ୍ତ ଦାଶ କହିଛନ୍ତି, ସମ୍ପୃକ୍ତା ନାବାଳିକାଙ୍କ ଘର ଠିକଣା ପାଇ ଏକ ସ୍ୱତନ୍ତ୍ର ଟିମ୍ ଗଞ୍ଜାମ ଜିଲା ସହ ଲଗାତର ସମ୍ପର୍କରେ ରହିଥିଲା। ଶେଷରେ ତାଙ୍କ ବାପାଙ୍କ ସହ ଯୋଗାଯୋଗ ହୋଇପାରିଥିଲା। ଗତ ୩ ବର୍ଷର ପ୍ରଚେଷ୍ଟା ଯୋଗୁ ସେ ଆଜି ଘରକୁ ଫେରିବାରେ ସଫଳ ହୋଇଛନ୍ତି।

ସେହିପରି ନୀଳାଚଳ ସେବା ପ୍ରତିଷ୍ଠାନର ଅଧୀକ୍ଷକ ଅଭିମନ୍ୟୁ ସୁନ୍ଦରାୟ କହିଛନ୍ତି, ସମ୍ପୃକ୍ତା ନାବାଳିକା ୨୦୧୯ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ଚଳିତବର୍ଷ ପୁଣି ମାଟ୍ରିକ ପରୀକ୍ଷା ଦେବା ଲାଗି ପରିଶ୍ରମ କରୁଥିଲେ। ତାଙ୍କ ମାନସିକ ସ୍ଥିତି ଜାଣିବା ପରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯାଉଥିଲା। ସେ ସିଲେଇ ପ୍ରଶିକ୍ଷଣ ନେଇଛନ୍ତି। ଧୀରେ ଧୀରେ ତାଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆସିଛି। ନାବାଳିକା ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ରମାକାନ୍ତ ପାତ୍ର ଏବଂ ନୀଳାଚଳ ସେବା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ସମସ୍ତ ହିତକର ବିଷୟ ନଷ୍ଟ ହୋଇଯାଏ।
-ବ୍ୟାସଦେବ



## ସଂକ୍ଷେପରେ

### ଡକାୟତି ଗ୍ୟାଙ୍ଗ ମୁଖ୍ୟ ବିଜୁ ଗିରଫ

**ନିମାପଡ଼ା,୯।୧(ଡି.ଏନ୍.ଏ.):** ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିତପାବନ ନଗରରୁ ନିମାପଡ଼ା ପୋଲିସ ଏକ ଡକାୟତି ଗ୍ୟାଙ୍ଗର ମୁଖ୍ୟଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ ଗ୍ରାମର ସୁନୀଲ ଓରଫ ବିଜୁ ବାରିକ। ପୁରୀ ଜିଲାରେ ବିଜୁଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୬ ରେ ନିମାପଡ଼ା ଥାନା ଅନ୍ତର୍ଗତ ବୋଧେଇ ଗ୍ରାମ ବ୍ରିଜ୍ ନିକଟରେ ୭ ଜଣ ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ନିମାପଡ଼ା ଥାନା ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିବାବେଳେ ଏମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ଜବତ କରିଥିଲା। କିନ୍ତୁ ଗ୍ୟାଙ୍ଗ୍ର ମୁଖ୍ୟ ତଥା ବିଜୁ ଅନ୍ଧାରର ସୁଯୋଗ ନେଇ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏ ନେଇ ନିମାପଡ଼ା ଥାନାରେ ଏକ ମାମଲା (ନଂ.୨୧୫/୧୯) ରୁଜୁ ହୋଇଥିଲା। ଫେରାର ବିଜୁଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ତେବେ ସେ ତାଙ୍କ ହାଟବନ୍ଧ ଗ୍ରାମ ଛାଡ଼ି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପତିତପାବନ ନଗରରେ ଆତ୍ମଗୋପନ କରିଥିଲେ। ବିଶେଷସୂତ୍ରରୁ ଖବରପାଇ ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ପତିତପାବନ ନଗରରେ ଚଢ଼ାଉ କରି ବିଜୁଙ୍କୁ ଧରିଥିଲା।

### ଶ୍ରମିକଙ୍କୁ ଆକ୍ରମଣ: ୨ ଗିରଫ

**ବଳଙ୍ଗା, ୯।୧(ଡି.ଏନ୍.ଏ):** ବଳଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀ ଡାହାଣ ପଟ ବନ୍ଧ ସଂଲଗ୍ନ ସାକ୍ଷୀଗୋପାଳ ଶାଖା କେନାଲ ମୈଜିବେଗଠାରେ ଏକ ବ୍ରିଜ କାର୍ଯ୍ୟ ଚାଲୁଛି। ସ୍ଥାନୀୟ କେତେଜଣ ବ୍ୟକ୍ତି ଏହି କାର୍ଯ୍ୟକୁ ନେଇ ସମ୍ପୃକ୍ତ ଠିକାଦାର ଏବଂ ଶ୍ରମିକମାନଙ୍କୁ ମାରପିଟ କରି କାର୍ଯ୍ୟ ବନ୍ଦ କରିଥିବା ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ପିପିଲି ଗାଁର ଲିଙ୍ଗରାଜ ସାହୁ ଏ ନେଇ ଥାନାରେ ଏତଲା ଦେବା ପରେ ଗୁରୁବାର ପୋଲିସ ୪/୨୦ରେ ଏକ ମାମଲା ରୁଜୁ କରି ପ୍ରଶାନ୍ତ କୁମାର ସାହୁ (୩୮) ଏବଂ ଜ୍ୟୋତି ପ୍ରକାଶ ପରିଡ଼ା (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### କଣାସରେ କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କା

**କଣାସ,୯।୧(ସ୍ୱ.ପ୍ର.):** ଶୀତ ସମୟରେ ଚିଲିକାକୁ ବିଦେଶୀ ପକ୍ଷୀମାନଙ୍କର ବହୁଳ ଆଗମନ ହେଉଥିବାବେଳେ ଗତ କିଛିଦିନ ହେବ ଚିଲିକା ଉତ୍ତରନାସୀର ଆଖପାଖ ଗ୍ରାମଗୁଡ଼ିକରେ ଶତାଧିକ କାଉ ମରିପଡୁଥିବାର ଦେଖିବାକୁ ମିଳିଛି। ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ବାର୍ଡ ଫ୍ଲୁର ଆଶଙ୍କା କରି କୋକୁଆ ଭୟ ସୃଷ୍ଟି ହେଉଛି। ଚିଲିକା ଉତ୍ତରନାସୀ ଗ୍ରାମ ଗୋପୀନାଥପୁର, କଳାପଦର, ଜାଗୁଳାଇପଦର, ପାଇକମରା, ବଡଓରା, ସାନଓରା, ଓଗାଳପୁର, ସାହସପୁର, କୌଉଡଖଣୀ ଗ୍ରାମରେ ଗତ ୨ଦିନ ହେଲା ଅଚାନକ ବହୁ ସଂଖ୍ୟାରେ କାଉମାନଙ୍କ ଅସ୍ୱାଭାବିକ ମୃତ୍ୟୁ ହେଉଛି। କୁଆ ସବୁ ଗଛ, ଛାତଘର ଉପରେ କିଛି ସମୟ ବସିରହିବା ପରେ ଘୁମେଇ ଘୁମେଇ ମରିଯାଉଛନ୍ତି। ଏ ସମ୍ପର୍କରେ କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୂତି ଭୂଷଣ ପଟ୍ଟନାୟକ କୁହନ୍ତି, ଗ୍ରାମବାସୀଙ୍କଠାରୁ ଏବେ ମୁଁ ଖବର ପାଉଛି, ଶୁକ୍ରବାର ଚିଲିକା ଉପକୂଳକୁ ଯାଇ କାଉମାନଙ୍କଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବି।



## ସରିଲା ଫାଇନାଲ ରାଉଣ୍ଡ | ଜୁରିଙ୍କ କଲମରେ ଗ୍ଲୋରିକୁଇନ୍ଙ୍କ ଭାଗ୍ୟ



ଗ୍ଲୋରି ଟ୍ୟାଲେଣ୍ଟ ଫାଇନାଲ ରାଉଣ୍ଡରେ ଭାଗ ନେଇଥିବା ପ୍ରତିଯୋଗୀମାନେ।



ଗ୍ଲୋରି କୁଇନ୍ ଫାଇନାଲ ରାଉଣ୍ଡରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

**ପୁରୀ ଅଫିସ, ୯।୧**

### ସର୍ବଗୁଣସମ୍ପନ୍ନାଙ୍କୁ ୧୨ରେ ମିଳିବ ଗ୍ଲୋରିକୁଇନ୍ ଟାଇଟଲ

ଏକ ମନୋଲୋଭା ପରିବେଶରେ ଶେଷ ହୋଇଛି ଗ୍ଲୋରିଫେଷ୍ଟର ଗ୍ଲୋରିକୁଇନ୍ ଫାଇନାଲ ରାଉଣ୍ଡ। ପୁରୀ ପୌର ସଦନରେ ତିନିଦିନ ଧରି ଚାଲିଥିବା ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀର ବିଭିନ୍ନ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ଶୁକ୍ରବାରଠାରୁ ତିନି ଦିନ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ଏବଂ ଉଦ୍ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ତେବେ ଗୁରୁବାର ପୌରସଦନ ପରିସରରେ ଦର୍ଶକ ଦେଖିଥିଲେ ଗ୍ଲୋରିଫେଷ୍ଟର ଆକର୍ଷଣୀୟ ଗ୍ଲୋରିକୁଇନ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ। ବହୁ ପ୍ରତୀକ୍ଷିତ ଗ୍ଲୋରିକୁଇନ୍ ଟାଇଟଲ କିଏ ଜିତିବେ ତାହା ଏବେ ଜୁରିଙ୍କ କଲମ ମୁନରେ ସିଲ୍ ହୋଇଯାଇଛି। ଆସନ୍ତା ୧୨ ତାରିଖ ଉଦ୍ଯାପନୀ ସନ୍ଧ୍ୟାରେ ବେଳାଭୂମି ମଞ୍ଚରେ ଜଣେ ସର୍ବଗୁଣସମ୍ପନ୍ନା ପ୍ରତିଯୋଗୀ ପିନ୍ଧିବେ ଗ୍ଲୋରିକୁଇନ ମୁକୁଟ । ଏଥିସହ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ ଅପ୍ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ପ୍ରିଲିମ୍ନାରି ରାଉଣ୍ଡରେ ୨୫ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ବଛାଯାଇଥିବା ୧୦ ଆଶାୟୀ ଗ୍ଲୋରିକୁଇନ୍ ଦେଖାଇଥିଲେ ତାଙ୍କ ପ୍ରତିଭା ଏବଂ ବୁଦ୍ଧିମତା। ମ୍ୟୁଜିକ୍ର ତାଳେ ତାଳେ ଜଣକ ପରେ ଜଣେ ବେଶ୍ ଆକର୍ଷଣୀୟ ପରିପାଟୀରେ ମଞ୍ଚକୁ ପ୍ରବେଶ କରିଥିଲେ। କିଏ ହାତ ହଲାଇ ତ ପୁଣି କିଏ ଅଣ୍ଟା ହଲାଇ ମଞ୍ଚକୁ ଆସି ସମସ୍ତଙ୍କୁ ପ୍ରଣାମ ଜଣାଇଥିଲେ। ପ୍ରତିଯୋଗୀଙ୍କ ଚାଲିରୁ ଆରମ୍ଭ କରି ଅଙ୍ଗଭଙ୍ଗୀ, କଥା କହିବାର ଶୈଳୀ ଏବଂ ବୁଦ୍ଧିମତା ଆଦି ପରଖିଥିଲେ ମଞ୍ଚ ସଞ୍ଚାଳକ ଏବଂ ବିଚାରକମଣ୍ଡଳୀ। ଏଥିସହ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ବିଚାରକମଣ୍ଡଳୀ। ଏହି ପ୍ରଶ୍ନର ଉତ୍ତର ଦେଇଥିଲେ ଆଶାୟୀ ଗ୍ଲୋରିକୁଇନମାନେ। ବିଚାରକମଣ୍ଡଳୀ ୩ଜଣଙ୍କ ନାମ ବନ୍ଦ ଲଫାପାରେ ପୂରାଇ ଏହାକୁ ସିଲ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଗ୍ଲୋରିକୁଇନ୍ ଏବଂ ଅନ୍ୟ ଦୁଇଜଣ ପ୍ରଥମ ରନର୍ସ ଅପ୍ ଓ ଦ୍ୱିତୀୟ ରନର୍ସ ଅପ୍ ଭାବେ ପୁରସ୍କୃତ ହେବେ। ସେହିପରି ଅନ୍ୟତମ ଆକର୍ଷଣ ଥିଲା ଗ୍ଲୋରି ଟ୍ୟାଲେଣ୍ଟ ଫାଇନାଲ ରାଉଣ୍ଡ। ଏଥିରେ ପୁଅମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଚତୁର୍ଥ ଦିବସରେ କ୍ରିଏଟିଭ ରାଇଟିଂ, ଶାସ୍ତ୍ରୀୟ ନୃତ୍ୟ, ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ଶେଷ ହୋଇଛି। ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଶୁକ୍ରବାର ଏବଂ ଶନିବାର ଦୁଇଦିନ ଧରି ପୁରସ୍କୃତ କରାଯିବ। ଗ୍ଲୋରିକୁଇନ୍ର ପ୍ରଥମ ୩ଜଣଙ୍କୁ ବାଦ୍ ଦେଇ ଅନ୍ୟ ୭ଜଣଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ। ୧୨ତାରିଖ ଉଦ୍ଯାପନୀ ସନ୍ଧ୍ୟାରେ ଗ୍ଲୋରି କୁଇନ୍ ବିଜେତା ଏବଂ ୨ ଜଣ ରନର୍ସଅପ୍ଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଆଜି ଯୋଗଦେବେ ରାଜ୍ୟପାଳ

ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଉତ୍ସବ ଚାଲିଛି। ପଞ୍ଚମ ଦିବସରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମ୍ବର୍ଦ୍ଧନା ଉତ୍ସବକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପଞ୍ଚମ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ସାଜିବେ କୋଲକାତାର ମ୍ୟୁଜିକାଲ ବ୍ୟାଣ୍ଡ, ଗାୟକ ଏବଂ ନୃତ୍ୟଶିଳ୍ପୀ। ଅଭିଷେକ ରୟଚୌଧୁରୀଙ୍କ ବ୍ୟାଣ୍ଡ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ।

## ମହାପ୍ରଭୁଙ୍କୁ ଭକ୍ତି, ଅନୁଭବ ଦ୍ୱାରା ପାଇହେବ



 କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ଆଲୋଚନାଚକ୍ରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

**ପୁରୀ ଅଫିସ,୯।୧**

### ଶ୍ରୀକ୍ଷେତ୍ର ପୁସ୍ତକ ମେଳା ୫ମ ଦିବସ

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଶରଧାବାଲିରେ ଚାଲିଥିବା ୨୬ତମ ପୁସ୍ତକ ମେଳା ଗୁରୁବାର ୫ଦିନରେ ପହଞ୍ଚିଛି। 'ମୋ ଅନୁଭୂତିରେ ଶ୍ରୀଜଗନ୍ନାଥ ଶୀର୍ଷକ' ଆଲୋଚନାଚକ୍ରରେ କମିଟି ସଭାପତି ଭାଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ, ଗବେଷକ ଜଟାଧାରୀ ମିଶ୍ର, ପୁସ୍ତକ ମେଳା କାର୍ଯ୍ୟକାରୀ ସଭାପତି ରାଜକିଶୋର ମିଶ୍ର, ଭଗବାନ ସୁଆର, ବୁଦ୍ଧିଜୀବୀ ପ୍ରସନ୍ନ କୁମାର ମିଶ୍ର, ଶିଳ୍ପପତି ରାଜକିଶୋର ପାତ୍ର ଓ ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳାଇ ମଞ୍ଚାସୀନ ଥିଲେ। କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ସେ ଭକ୍ତର ଭାବକୁ ବୁଝନ୍ତି। ମହାପ୍ରଭୁଙ୍କୁ ପୁସ୍ତକରେ ଖୋଜିବା ଅପେକ୍ଷା ଭକ୍ତି ଓ ଅନୁଭବ ଦ୍ୱାରା ପ୍ରାପ୍ତ କରିହେବ ବୋଲି ମତ ପ୍ରକାଶ ପାଇଥିଲା। ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଉତ୍କଳର କଳା ସଂସ୍କୃତି, ଭାସ୍କର୍ଯ୍ୟ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ମହାପ୍ରଭୁଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ରହିଛି ବୋଲି ସମ୍ପାଦକ ମହାପାତ୍ର କହିଛନ୍ତି।

**ପଠନଟୁଙ୍ଗି ଓ କୁଇଜ୍ରେ ପିଲାଙ୍କ ଆଗ୍ରହ:** ଅପରାହ୍ନ ୪ଟାରେ ପୁସ୍ତକ ମେଳା ପଠନ ଟୁଙ୍ଗିରେ ପୋଲିସ ଲାଇନ ବିଦ୍ୟାଳୟର ଛାତ୍ରୀଛାତ୍ର ପୁସ୍ତକ ପଠନ କରିଥିଲେ। ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ବିପିନ ଦଳାଇ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

**ମୀନାବଜାରରେ ପିଲାଙ୍କ ଭଡ଼ :** ପୁସ୍ତକ ମେଳାର ଅନ୍ୟତମ ଆକର୍ଷଣ ସାଜିଛି ମୀନା ବଜାର। ପ୍ରବେଶ ପଥରେ ଏହି ମୀନାବଜାର ଆୟୋଜନ ହୋଇଛି। ରୋବଟ୍ କାର, ଦୋଳି ଓ ଘୋଡ଼ା ଗାଡ଼ିରେ ପିଲାମାନେ ମଜା ନେଉଛନ୍ତି। ମେଳାକୁ ଆସୁଥିବା ପରିବାର କିଛି ସମୟ ଏଠାରେ ପିଲାଙ୍କୁ ଖେଳାଉଥିବା ଦେଖିବାକୁ ମିଳିଛି।


**ମେଳାରେ ଚିତ୍ର ପ୍ରଦର୍ଶନୀ:** ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଚିତ୍ରକଳା ପ୍ରଦର୍ଶନ କରୁଛନ୍ତି। ପିଲାଙ୍କ ତୁଳୀରେ ଶୋଭା ପାଉଛି ଶ୍ରୀକ୍ଷେତ୍ରର ବିଭିନ୍ନ ଐତିହ୍ୟ କୀର୍ତ୍ତିରାଜୀ। ମେଳାକୁ ଆସୁଥିବା ଲୋକେ ଓ ପିଲାମାନେ ଚିତ୍ର ପ୍ରଦର୍ଶନକୁ ଉପଭୋଗ କରୁଛନ୍ତି।

**ବିଭିନ୍ନ ଭାଷାରେ ରହିଛି କୋରାନ:** ପୁସ୍ତକ ମେଳାରେ ରହିଛି ଇସ୍ଲାମ ଇଣ୍ଟରନ୍ୟାଶନାଲ ପବ୍ଲିକେଶନର ମୁସ୍ଲିମ୍ ଫର ପିସ୍ ଷ୍ଟଲ। ବିଶ୍ୱର ପ୍ରାୟ ୭୫ଟି ଭାଷାରେ ଅନୁବାଦିତ କୋରାନ ଗ୍ରନ୍ଥ ଏଠାରେ ଉପଲବ୍ଧ ରହିଛି। ଓଡ଼ିଆ ଭାଷାରେ ଅନୁବାଦିତ ଏହି ଗ୍ରନ୍ଥ ଲାଗି ମୁସଲିମ୍ ଭାଇଙ୍କ ଭିଡ ଜମିଛି। ଡ. ଏମ୍.କେ. ଖାନ୍ କହନ୍ତି, ସମଗ୍ର ବିଶ୍ୱରେ କିପରି ଶାନ୍ତି, ମୈତ୍ରୀ ଓ ଭାତୃତ୍ୱର ଭାବ ପହଞ୍ଚିପାରିବ ସେ ନେଇ ଶ୍ରୀକ୍ଷେତ୍ର ମାଟିରେ ଅହମଦୀୟା ମୁସଲିମ୍ ସମ୍ପ୍ରଦାୟର ଏହି ପ୍ରୟାସ। ଇସଲାମ୍ ଧର୍ମ ଭାବାର୍ଥ ଓ ମୂଳ ତଥ୍ୟକୁ ନ ବୁଝି ଯେଉଁମାନେ ବିପଦଗାମୀ ହେଉଛନ୍ତି, ସେମାନଙ୍କ ଲାଗି ଏହି ପୁସ୍ତକ ଉପାଦେୟ ହେବ।

## ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଅଧ୍ୟକ୍ଷଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ,୯।୧(ଡି.ଏନ.ଏ)**

କେନ୍ଦ୍ରୀୟ ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଅଧ୍ୟକ୍ଷ ବିନୟ କୁମାର ସାକ୍ସେନା ଗୁରୁବାର ଅପରାହ୍ନ ୩ଟା ସମୟରେ ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ପରଦର୍ଶନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଅଧ୍ୟକ୍ଷ ସାକ୍ସେନା ମନ୍ଦିରର ମୁଖ୍ୟଫାଟକ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ସଂଘର ସଭାପତି ସୁବାସ ନାୟକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ସେମାନେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ଏହାର କଳାକୃତିକୁ ବୁଲି ଦେଖିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାଚନ୍ଦ୍ର ମହାନ୍ତି ଅଧ୍ୟକ୍ଷ ସାକ୍ସେନାଙ୍କୁ ସୂର୍ଯ୍ୟମନ୍ଦିରର ଐତିହ୍ୟ, କଳା ଓ ସଂସ୍କୃତି ବିଷୟରେ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ ବିଚିତ୍ର ନାରାୟଣ ପଣ୍ଡାଙ୍କ ସମେତ କୋଣାର୍କ ହସ୍ତଶିଳ୍ପ ବ୍ୟବସାୟ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ସୂର୍ଯ୍ୟ ମନ୍ଦିର ପରିସରରେ କମିଶନ ଅଧ୍ୟକ୍ଷ ବିନୟ କୁମାର ସାକ୍ସେନା ଏବଂ ଅନ୍ୟମାନେ।

## ଗୋପ ଲୋକ ଉତ୍ସବ ଲାଗି ପ୍ରସ୍ତୁତି ବୈଠକ



ବୈଠକରେ ବ୍ଲକ ଅଧ୍ୟକ୍ଷ, ବିଡିଓ ଏବଂ ଅନ୍ୟମାନେ।

**ଗୋପ,୯।୧(ଡି.ଏନ୍.ଏ)**

ମାର୍ଚ୍ଚ ୫ ତାରିଖରେ ଗୋପ ଲୋକ ଉତ୍ସବ ଓ ଶ୍ରୀଗୋପାଳଜୀଉ ସାଗରସ୍ନାନ ମେଳନ ହେବାକୁ ଯାଉଛି। ଏଥିପାଇଁ ଗୋପ ବ୍ଲକ୍ ବୈଠକ ଗୃହରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକ ଉତ୍ସବ ଯେପରି ଜିଲାସ୍ତରୀୟ ହେବା ସହ ହଜିଯାଉଥିବା ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ କରିବା ଲାଗି ଆଲୋଚନା କରାଯାଇଥିଲା। ଏହାସହ ଏହି ଉତ୍ସବକୁ ୫ଦିନ ପରିବର୍ତ୍ତେ ସାତ ଦିନ କରିବାକୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ଗୋପ ବ୍ଲକ୍ ବିଡିଓ ଦୀପ୍ତିରାଣୀ ଦାସ, ଥାନାଧିକାରୀ ସୁଧୀର ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରସନ୍ନ ବେହେରାଙ୍କ ସମେତ ସୁକାନ୍ତ ମହାନ୍ତି, ବାଲୁଙ୍କେଶ୍ୱର ସାହୁ, ସରପଞ୍ଚ ବନରଞ୍ଜନ ପଟ୍ଟନାୟକ, ଗଣେଶ୍ୱରପୁର ସରପଞ୍ଚ ଦେବବ୍ରତ ସାହୁ, ପ୍ରହଲ୍ଲାଦ ସ୍ୱାଇଁ, ସାମାଜିକ କର୍ମୀ ମଧୁସୂଦନ ପ୍ରଧାନ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ, ନରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମ କେଶରୀ ଭୋଳ, ସମୀର ସେନାପତି, ହରଷ ଚନ୍ଦ୍ର ଦାଶ, ବିଶ୍ୱରଞ୍ଜନ ମୁଖୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୭ ବର୍ଷ ପରେ ପରିବାରକୁ ଫେରିଲା ଝିଅ

## ରାଉରକେଲାରେ ହଜିଥିଲେ, ପୁରୀରୁ ମିଳିଲେ

**ପୁରୀ ଅଫିସ, ୯।୧**

- ହସ୍ତାନ୍ତର କଲା ସିଡବ୍ଲ୍ୟୁସି
- ସମସ୍ତଙ୍କ ଆଖିରୁ ଝରିଲା ଆନନ୍ଦାଶ୍ରୁ

ହଜିଥିଲେ ରାଉରକେଲାରେ, ମିଳିଲେ ପୁରୀରେ। ଏହା ଭିତରେ ବିତିଯାଇଛି ଦୀର୍ଘ ୭ ବର୍ଷ। ଝିଅ ଭୁଲିନି ମା' ବାପାଙ୍କ ସ୍ନେହ, ପରିବାର ବି ଛାଡ଼ିନି ଝିଅକୁ ଫେରିପାଇବାର ଆଶା। ସିଡବ୍ଲ୍ୟୁସି ମାଧ୍ୟମରେ ଗୁରୁବାର ନିଖୋଜ ନାବାଳିକା ଝିଅକୁ ଫେରିପାଇଛନ୍ତି ତାଙ୍କ ପରିବାର ଲୋକେ। ମା', ବାପାଙ୍କୁ ଦେଖି ଝିଅ ଖୁସିରେ ଆତ୍ମହରା ହୋଇଉଠିଥିଲେ। ମା' ବାପାଙ୍କ ଆଖିରୁ ବି ଝରିପଡ଼ିଥିଲା ଆନନ୍ଦାଶ୍ରୁ। ପୁରୀ ଜିଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ପରିସରରେ ଏଭଳି ଦୃଶ୍ୟ ଦେଖିବାକୁମିଳିଥିଲା। ଝିଅକୁଫେରିପାଇବୁ ବୋଲି ଆଶା ଛାଡ଼ି ଦେଇଥିଲୁ, ମାତ୍ର କାଳିଆ ଠାକୁରଙ୍କ ଆଶୀର୍ବାଦରୁ ଝିଅ ମିଳିଲା ବୋଲି ଭାବବିହ୍ୱଳ କଣ୍ଠରେ କହିଛନ୍ତି ନାବାଳିକାଙ୍କ ବାପା।

ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ସୂଚନା ଦେଇ କହିଛନ୍ତି, ରାଉରକେଲାର ଉଦିତନଗରରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ରହନ୍ତି ଏହି ପରିବାର। ରାସ୍ତାକଡ଼ରେ ସେ ଏକ ପରିବା ଦୋକାନ ଦେଇଛନ୍ତି। ମୂଳତଃ ସେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅଞ୍ଚଳର ହୋଇଥିବାବେଳେ ୩୦ବର୍ଷ ତଳେ ପେଟପାଟଣା ପାଇଁ ରାଉରକେଲା ଚାଲି ଆସିଥିଲେ। ୨୦୧୨ ନଭେମ୍ବରରେ ତାଙ୍କ ଦ୍ୱିତୀୟ ଝିଅ ନିଖୋଜ ହୋଇଯାଇଥିଲେ। ଏ ନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ନିଖୋଜ ନାବାଳିକା ଝିଅ ଭୁଲବଶତଃ ପୁରୀ ଚାଲିଆସିଥିଲେ। ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବାବେଳେ ଚାଇଲ୍ଡ ଲାଇନ ଉଦ୍ଧାର କରିଥିଲା। ଜିଲା ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ତାଙ୍କୁ କଣାସସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ 'ନୀଳାଚଳ ସେବା ପ୍ରତିଷ୍ଠାନ'ରେ ରଖାଯାଇଥିଲା। ନାବାଳିକା ସେହି ସମୟରେ ମାନସିକ ସ୍ତରରେ ଦୁର୍ବଳ ଥିବାରୁ କିଛି କହି ପାରୁ ନ ଥିଲେ। ପରବର୍ତ୍ତୀ ସମୟରେ ଶିଶୁ ଯତ୍ନ ଅନୁଷ୍ଠାନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଶିଶୁ ମଙ୍ଗଳ କମିଟି କ୍ରମାଗତ ଭାବେ ତାଙ୍କର ପରିଚୟ ପାଇବା ଲାଗି ଉଦ୍ୟମ ଜାରି ରଖିଥିଲେ। ନାବାଳିକା ଧୀରେ ଧୀରେ କହିବା ଆରମ୍ଭ କରିଥିଲେ। ପ୍ରଥମେ ଗଞ୍ଜାମ ଜିଲା ଓ ପରେ ପୁରୁଷୋତ୍ତମପୁର ବ୍ଲକ ଜାମୁନି ଅଞ୍ଚଳର ବାସିନ୍ଦା ବୋଲି ନିଜକୁ ପରିଚୟ ଦେଇଥିଲେ। ଏ ନେଇ ଗଞ୍ଜାମ ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ସିଡବ୍ଲ୍ୟୁସି, ସିଡିପିଓ, ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜରଙ୍କୁ ଅବଗତ କରାଯାଇଥିଲା। ନାବାଳିକାଙ୍କ ଫଟୋ ଜାରି କରାଯିବା ପରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ତାହାକୁ ଦେଖି ତାଙ୍କ ବାପାଙ୍କ ପରିଚୟ ଦେଇଥିଲେ। ସୁନ୍ଦରଗଡ ଡିସିପିଓଙ୍କଠାରୁ ପରିବାରର ଠିକଣା ମିଳିଥିଲା। ଏ ନେଇ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଗୁରୁବାର ପରିବାର ଲୋକେ ପୁରୀ ସିଡବ୍ଲ୍ୟୁସିରେ ପହଞ୍ଚି ଝିଅ ଫଟୋ ଦେଖାଇବା ସହ ଥାନାରେ ନିଖୋଜ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଏହାପରେ ସରକାରୀ ନିୟମ ଅନୁଯାୟୀ, ସିଡବ୍ଲ୍ୟୁସି ପକ୍ଷରୁ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେମାନେ ଝିଅକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ରାଉରକେଲା ଫେରିଯାଇଛନ୍ତି। ଶିଶୁ ସୁରକ୍ଷା ୟୁନିଟ୍ର ଅଣଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଶୁଭକାନ୍ତ ଦାଶ କହିଛନ୍ତି, ସମ୍ପୃକ୍ତା ନାବାଳିକାଙ୍କ ଘର ଠିକଣା ପାଇ ଏକ ସ୍ୱତନ୍ତ୍ର ଟିମ୍ ଗଞ୍ଜାମ ଜିଲା ସହ ଲଗାତର ସମ୍ପର୍କରେ ରହିଥିଲା। ଶେଷରେ ତାଙ୍କ ବାପାଙ୍କ ସହ ଯୋଗାଯୋଗ ହୋଇପାରିଥିଲା। ଗତ ୩ ବର୍ଷର ପ୍ରଚେଷ୍ଟା ଯୋଗୁ ସେ ଆଜି ଘରକୁ ଫେରିବାରେ ସଫଳ ହୋଇଛନ୍ତି।

ସେହିପରି ନୀଳାଚଳ ସେବା ପ୍ରତିଷ୍ଠାନର ଅଧୀକ୍ଷକ ଅଭିମନ୍ୟୁ ସୁନ୍ଦରାୟ କହିଛନ୍ତି, ସମ୍ପୃକ୍ତା ନାବାଳିକା ୨୦୧୯ ମାଟ୍ରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ଚଳିତବର୍ଷ ପୁଣି ମାଟ୍ରିକ ପରୀକ୍ଷା ଦେବା ଲାଗି ପରିଶ୍ରମ କରୁଥିଲେ। ତାଙ୍କ ମାନସିକ ସ୍ଥିତି ଜାଣିବା ପରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯାଉଥିଲା। ସେ ସିଲେଇ ପ୍ରଶିକ୍ଷଣ ନେଇଛନ୍ତି। ଧୀରେ ଧୀରେ ତାଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆସିଛି। ନାବାଳିକା ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ରମାକାନ୍ତ ପାତ୍ର ଏବଂ ନୀଳାଚଳ ସେବା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ସ୍ୱର୍ଣ୍ଣକାର ସଂଘ ପକ୍ଷରୁ କ୍ରାନ୍ତି ଦିବସ

ବଲଙ୍ଗା, ୯।୧(ଡି.ଏନ୍.ଏ.): ବଲଙ୍ଗା ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ଗୁରୁବାର କ୍ରାନ୍ତିଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ପତାକା ଉତ୍ତୋଳନ କରାଯାଇଥିଲା। ସଂଘ ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସୁନା ରୁପା କାରିଗର କ୍ରାନ୍ତି ଦିବସ ପାଳନ ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଏଥିଯୋଗୁ ବଜାର ତଥା ବଲଙ୍ଗା ଥାନା ଅଧୀନ ସମସ୍ତ ଅଳଙ୍କାର ଦୋକାନ ବନ୍ଦ ରହିଥିଲା।

### ଆଜି ମହୋଦଧି ଆଳତିର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଯୋଗଦେବେ ରାଜ୍ୟପାଳ

ପୁରୀ ଅଫିସ, ୯।୧: ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ମହୋଦଧି ଆଳତିର ତ୍ରୟୋଦଶତମ ବାର୍ଷିକ ଉତ୍ସବ ପାଳନ ହେବ। ଏହି ଉପଲକ୍ଷେ ଅପରାହ୍ନ ୪ଟାରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ସଭା ହେବ। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଅପରାହ୍ନ ସାଢେ ୫ଟାରେ ରାଜ୍ୟପାଳ ସଭାସ୍ଥଳରେ ପହଞ୍ଚିବେ। ୫ଟା ୪୫ରେ ବକ୍ତବ୍ୟ ପ୍ରଦାନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ସଭା ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ଚାଲିବ। କିନ୍ତୁ ସନ୍ଧ୍ୟା ୬ଟା ୩୦ରେ ମହାଆଳତି କରାଯିବ। ଏଥିରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ବରିଷ୍ଠ ସାଧୁସନ୍ଥ, ମଠ ମହନ୍ତ, ଶ୍ରୀମନ୍ଦିର ସେବକ, ମୁକ୍ତିମଣ୍ଡପ ବ୍ରାହ୍ମଣ ରାଜନେତା ଏବଂ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୧୩ ବର୍ଷ ପୂର୍ବେ ମହୋଦଧିରେ ସନ୍ଧ୍ୟା ଆଳତିର ଶୁଭାରମ୍ଭ କରିଥିଲେ।

### ଅଭିରାମ ପରମହଂସ ଦେବଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

କଣାସ,୯।୧(ସ୍ୱ.ପ୍ର.): ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ (୧୧୭) ଏକଶତ ସପ୍ତଦଶତମ ଜୟନ୍ତୀ ଉତ୍ସବ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଜୟନ୍ତୀର ଶେଷ ପ୍ରସ୍ତୁତି ବୈଠକ ବୁଧବାର ଆଶ୍ରମର ଆଚାର୍ଯ୍ୟ ବଳରାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମରେ ଥିବା ସାଧୁ ଓ ସନ୍ନ୍ୟାସୀ, ଭକ୍ତଗୋଷ୍ଠୀ, ସୁରକ୍ଷାଗୋଷ୍ଠୀର ଭକ୍ତମାନେ ଯୋଗଦେଇଥିଲେ। ଚଳିତବର୍ଷ କିପରି ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳା ଉତ୍ସବ ଆୟୋଜନ ହେବ ସେ ଉପରେ ଆଲୋଚନା ହୋଇଥିଲା। ଉତ୍ସବରେ ଶ୍ରୀମଦ୍ ଭାଗବତ ସପ୍ତାହ, ବିଶ୍ୱଶାନ୍ତି ମହାଯଜ୍ଞ, ବିଶ୍ୱଶାନ୍ତି ନାମଯଜ୍ଞ, ସନାତନ ଧର୍ମ ସମ୍ମିଳନୀ, ଭଜନ ସମାରୋହ, ଗୋଟିପୁଅ ନୃତ୍ୟ,ସତ୍ୟନାରାୟଣ ପାଲା, ଶ୍ରୀ ଅଭିରାମ ଲୀଳା(ନାଟକ) ଆଦି ସାଂସ୍କୃତିକ କାର୍ଯ୍ୟ ହେବାକୁ ଶ୍ରୀ ଭଗବଦ ଗୋଷ୍ଠୀ ପକ୍ଷରୁ ସ୍ଥିର ହୋଇଛି। ଦେଶର ବିଭିନ୍ନ ସ୍ଥାନରୁ ଶତାଧିକ ସାଧୁ ଓ ସନ୍ଥମାନେ ଯୋଗଦେବେ ବୋଲି ସାଧୁ ମହାତ୍ମା ବନବିହାରୀଙ୍କ ଠାରୁ ସୂଚନା ମିଳିଛି।

■ କୁମ୍ଭକାରଙ୍କୁ ବିଦ୍ୟୁତ୍‌ଚାଳିତ ଚକ ବଣ୍ଟନ କଲେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ

# 'ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେବ'

ପୁରୀ ଅଫିସ, ୯।୧:

## କେବଳ ଜମି ନୁହେଁ, କ୍ଷୁଦ୍ର ଶିଳ୍ପ ଉପରେ ଭରସା କରିବାକୁ ପଡ଼ିବ



କୁମ୍ଭକାରଙ୍କୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବିଦ୍ୟୁତ୍‌ଚାଳିତ ଚକ ବଣ୍ଟନ କରୁଛନ୍ତି।

ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ହେବ। କିନ୍ତୁ ଏଥିପାଇଁ କେବଳ ଚାଷ ଜମି ଉପରେ ନିର୍ଭର କଲେ ହେବନାହିଁ, ବିଭିନ୍ନ ପ୍ରକାର କ୍ଷୁଦ୍ର ଶିଳ୍ପ ଉପରେ ଭରସା କରିବାକୁ ପଡ଼ିବ। ପ୍ରତି ଘର କଳ କାରଖାନାରେ ପରିଣତ ହେବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଗୁରୁବାର ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ କୁମ୍ଭକାରମାନଙ୍କୁ ବିଦ୍ୟୁତ୍‌ଚାଳିତ ଚକ ଏବଂ ମାଟି ଚକଟା ମେଶିନ ବଣ୍ଟନ ଲାଗି ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ପ୍ରତ୍ୟେକ ଘରେ ଆଚାର, ବଡ଼ି, ପାମ୍ପଡ଼, ଜେଲି, ଜୁସ୍ ତିଆରି କରାଯାଇପାରିବ। ପ୍ରତ୍ୟେକ ଲୋକ ଚାହିଁଲେ ମହୁ ଚାଷ, ମାଛ ଚାଷ, ସାବୁନ, ଧୂପ, ମହମବତି କାରଖାନା ଦ୍ୱାରା ଆତ୍ମନିର୍ଭରଶୀଳ ହୋଇ ପାରିବେ। ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି। ପାରମ୍ପରିକ ଶିଳ୍ପ ଯାହା ବୁଡ଼ିଯିବାକୁ ବସିଛି ତାହାର ପୁନରୁଦ୍ଧାର କରିବା ହେଉଛି ଆମର ଲକ୍ଷ୍ୟ। ବଡ଼ ବଡ଼ ଶିଳ୍ପ ଦ୍ୱାରା ବହୁତ ଲୋକଙ୍କର ଉପକାର ହୋଇପାରିବ ନାହିଁ। ବୃହତ ଶିଳ୍ପରେ କମ୍ ଲୋକ ନିଯୁକ୍ତି ପାଇଥାନ୍ତି। ସେହିପରି ବହୁତ ଉତ୍ପାଦନ ହେଲେ ଦେଶ ଧନୀ ହେବ ନାହିଁ। ବହୁତ ଲୋକଙ୍କ ଦ୍ୱାରା ଉତ୍ପାଦିତ ହେବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି।

କୁମ୍ଭକାରମାନେ ମାଟିଚକକୁ ହାତରେ ଘୂରେଇ ଘୂରେଇ ବହୁ ପରିଶ୍ରମ କରି ବିଭିନ୍ନ ମାଟିପାତ୍ର ତିଆରି କରିଥାନ୍ତି। ଏବେ ସେମାନଙ୍କୁ ଦିଆଯାଇଥିବା ଚକ ବିଦ୍ୟୁତ୍ ଦ୍ୱାରା ଚାଲିବ। ଏହାଦ୍ୱାରା କମ୍ ପରିଶ୍ରମରେ ଅଧିକ ଉତ୍ପାଦନ ହୋଇପାରିବ। ପରୋକ୍ଷରେ ଏହା ପ୍ଲାଷ୍ଟିକମୁକ୍ତ ଭାରତ ଗଠନରେ ବେଶ୍ ସହାୟକ ହେବ। ମାଟିରେ ପାଣିବୋତଲ, ଗ୍ଲାସ, କପ୍, ପ୍ଲେଟ ଆଦି ତିଆରି କରାଯାଇପାରିବ। ୪୦୦ ରେଳଷ୍ଟେଶନରେ ଏବେ ମାଟିପାତ୍ର ବ୍ୟବହାର କରାଯାଉଛି। ଆଗାମୀ ଦିନରେ ସବୁ ଷ୍ଟେଶନରେ ମାଟିପାତ୍ର ବ୍ୟବହାର କରାଯିବ। ମହାପ୍ରଭୁଙ୍କ କୃପାରୁ ପୁରୀରେ କୁମ୍ଭକାର ଭାଇମାନଙ୍କ ପାଇଁ ମାର୍କେଟିଂର ଅଭାବ ନାହିଁ। କେବଳ ଶ୍ରୀମନ୍ଦିରକୁ କୁଡୁଆ ଯୋଗାଣ କଲେ ବି ଜଣେ ସ୍ୱାବଲମ୍ବୀ ହୋଇପାରିବ। ନୀଳାଚଳ ଧାମରେ ମହାପ୍ରଭୁଙ୍କ ପ୍ରସାଦ ପାଇଁ ଅନ୍ୟ ଆଡୁ କୁଡୁଆ ଆସିବା ଠିକ୍ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ।

ସଂସ୍କୃତି ସମ୍ପନ୍ନ ହାତ ହେଉଛି ଶିଳ୍ପ। ଗୋଟିଏ ପଥରକୁ ପିଟି ଚିପ୍ସ କରିଦେଲେ ତା' ଦାମ୍ ୫୦୦ ଟଙ୍କା ହେବ। ସେହି ପଥରରେ ଗଣେଶ, ଜଗନ୍ନାଥ, ବୁଦ୍ଧ, କାଳୀ ଓ ଦୁର୍ଗା ମୂର୍ତ୍ତି ତିଆରି କରିଦେଲେ ତା'ର ମୂଲ୍ୟ ୫୫ ହଜାର ଟଙ୍କା ହେବ। ତେଣୁ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ଲାଗି ସୃଜନଶୀଳତା ଦରକାର। ପୁରୀ ଏବଂ ଗୋପର ୧୨୦ ଜଣଙ୍କୁ ବିଦ୍ୟୁତ୍ ଚାଳିତ ଚକ ଏବଂ ୧୨ଟି ମାଟି ଚକଟା ମେଶିନ ବଣ୍ଟନ କରାଯାଇଛି। ସେମାନେ ଏହାଦ୍ୱାରା ସୁଫଳ ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ ନ ହେବାରୁ ବହୁ ଗରିବ ଚିକିତ୍ସା ପାଇଁ ସମସ୍ୟାରେ ପଡୁଥିବା ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ବିନୟ କୁମାର ସାକ୍‌ସେନା, ଉପମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏସ୍.ଏସ୍. ଶିଲ୍ ଓ ସତ୍ୟନାରାୟଣ ଶୁକ୍ଳା, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ଏବଂ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ସାଧାରଣ ପରିଚାଳକ ପ୍ରମୋଦ କୁମାର ମହାନ୍ତି ଉପସ୍ଥିତ ଥିଲେ। ବିଚିତ୍ରାନନ୍ଦ ପଣ୍ଡା ସଭା ସଞ୍ଚାଳନ କରିଥିବାବେଳେ ଆୟୋଗ ଉପନିର୍ଦ୍ଦେଶକ ପି.କେ. ଶତପଥୀ ଧନ୍ୟବାଦ ଦେଇଥିଲେ। ଓଡ଼ିଶା କୁରାଳ ମହାସଂଘ ପୁରୀ ଜିଲା ସଭାପତି ସୁଧାଂଶୁ କୃଷ୍ଣ ମୁଦୁଲି, ସମ୍ପାଦକ ଲକ୍ଷ୍ମୀଧର ବିଶୋଇ, ସ୍ୱର୍ଣ୍ଣଲତା ବିଶୋଇ, ପ୍ରଶାନ୍ତ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଆଜି ରାହୁଗ୍ରସ୍ତ

### ଉପଛାୟା ଚନ୍ଦ୍ରଗ୍ରହଣ ଓଡ଼ିଶାରେ ପାଳନୀୟ ନୁହେଁ

ପୁରୀ ଅଫିସ,୯।୧:

ପୌଷ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ସଂଘଟିତ ହେଉଛି ରାହୁଗ୍ରସ୍ତ ଉପଛାୟା ଚନ୍ଦ୍ରଗ୍ରହଣ। ରାତି ୧୦ଟା ୩୭ରୁ ରାତି ୩ଟା ୩୨ ପର୍ଯ୍ୟନ୍ତ ଉପଛାୟା ମଧ୍ୟରେ ଚନ୍ଦ୍ର ରହିବେ। କିନ୍ତୁ ଏହା ଓଡ଼ିଶାକୁ ଦୃଶ୍ୟମାନ ହେଉ ନ ଥିବାରୁ ପାଳନୀୟ ନୁହେଁ ବୋଲି କହିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ। ଶ୍ରୀମନ୍ଦିରରେ ଏହା ପାଳନ କରାଯିବ ନାହିଁ କିମ୍ବା ଏଥିପାଇଁ କୌଣସି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇ ନାହିଁ।

### ପଢ଼ା ପାଇଁ ତାଗିଦ: ନାବାଳକଙ୍କ ଆତ୍ମହତ୍ୟା

ପୁରୀ ଅଫିସ, ୯।୧ :

ପାଠ ପଢିବାକୁ ତାଗିଦ୍ କରିବାରୁ ଜଣେ ୧୬ବର୍ଷୀୟ ନାବାଳକ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଗୁରୁବାର ତୁଡ଼ଙ୍ଗ ସାହିରେ ଏହି ଘଟଣା ଘଟିଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନାବଳକ ଜଣକ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ। ଆଗକୁ ପରୀକ୍ଷା ଅଛି, ପାଠପଢାରେ ଧ୍ୟାନ ଦି, ବେଶି ଟିଭି ଓ ମୋବାଇଲରେ ଖେଳନି ବୋଲି ପରିବାର ଲୋକେ ଆକଟ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାବାଳକ ଜଣକ ଏକ ରମ୍ ଭିତରେ କବାଟ କିଳି ପଙ୍ଖାରେ ଝୁଲି ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

## ପୁରୀ ବେଳାଭୂମିରେ ବେଆଇନ ନିର୍ମାଣ

ପୁରୀ ଅଫିସ୍ ୯।୧:



ବେଳାଭୂମିରେ ତିଆରି କରାଯାଇଥିବା ଏକ ମଣ୍ଡପ।

ପୁରୀ ବେଳାଭୂମିରେ ବେଆଇନ ନିର୍ମାଣ କରାଯାଇଛି। ଚକ୍ରତୀର୍ଥ ବେଳାଭୂମିରେ ଗୁରୁବାର ଅପରାହ୍ନରେ ବିବାହ ବେଦୀ ଭଳି ଦୃଶ୍ୟମାନ ହେଉଥିବା ଏହି ବେଆଇନ୍ ନିର୍ମାଣକୁ ଦେଖି ପର୍ଯ୍ୟଟକ କିଛି ବୁଝିପାରୁ ନ ଥିଲେ। କିଏ କରିଛି, କାହିଁକି କରାଯାଇଛି ତାହା ଜଣାପଡ଼ି ନ ଥିଲା। ଧଳା କପଡ଼ାରେ ଏହି ବେଦୀ ତିଆରି କରାଯାଇଥିଲାବେଳେ ମଝିରେ ଏକ ଟେବୁଲ ପକାଯାଇଥିଲା ଏବଂ ୨ଟି ଚେୟାର ମଧ୍ୟ ରହିଥିଲା। ପାଖରେ ୨ଟି ଗଦି ଏବଂ ମାଣ୍ଡି ପଡ଼ିଥିବାରୁ କୌଣସି ହୋଟେଲ ପକ୍ଷରୁ ଏହା ତିଆରି କରାଯାଇଥିବା ପର୍ଯ୍ୟଟକମାନେ କହୁଥିଲେ। ତେବେ ବିଭିନ୍ନ ସମୟରେ ବେଳାଭୂମିକୁ ଜବରଦଖଲ କରି ବେଆଇନ ଭାବେ ନିର୍ମାଣ କରାଯାଉଥିବା ନଜିର ରହିଛି।

## ଆଜି ୧୦୮ ଗରା ଜଳରେ ସ୍ନାନ କରିବେ ଅଲାରନାଥ

ବ୍ରହ୍ମଗିରି,୯।୧(ଡି.ଏନ.ଏ):

ଶୁକ୍ରବାର ହେଉଛି ପୌଷପୂର୍ଣ୍ଣିମା। ଏହି ଅବସରରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ହେବ ପୁଷ୍ୟାଭିଷେକ। ଶ୍ରୀ ଜୀଉଙ୍କୁ ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ କରାଯିବ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀକ୍ଷେତ୍ରର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ସାମଞ୍ଜସ୍ୟ ରହିଛି ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥଙ୍କ। ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ଭଳି ଏଠାରେ ମଧ୍ୟ ସେହି ଅନୁସାରେ ନୀତିକାନ୍ତି ସମାପନ କରାଯାଇଥାଏ। ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ବର୍ଷକରେ ଥରେ ସ୍ନାନ ପୂର୍ଣ୍ଣମୀରେ ମହାସ୍ନାନ ହେଲାଭଳି, ଏଠାରେ ଚତୁର୍ଭୁଜ ନାରାୟଣ ବର୍ଷତମାମ ମନ୍ତ୍ରସ୍ନାନ ହେଉଥିବା ସମୟରେ ପୌଷପୂର୍ଣ୍ଣମୀରେ ମହାସ୍ନାନ ହୋଇଥାନ୍ତି। ଏହି ଆଧାରରେ ପୁଷ୍ୟାଭିଷେକ ପାଇଁ ଗୁରୁବାରଠାରୁ ପଞ୍ଚତୀର୍ଥ ଜଳ ସଂଗ୍ରହ କରାଯାଇଛି। ମନ୍ଦିର ସେବାୟତମାନେ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚତୀର୍ଥ ଅର୍ଥାତ ତ୍ରିବେଣୀ ସଙ୍ଗମ, ମହୋଦଧି, ଅର୍ଜ୍ଜୁନଙ୍କ ଶରପୋଖରୀ ଏବଂ ମନ୍ଦିର ମଧ୍ୟରେ ରହିଥିବା ଯମୁନା କୂଅରୁ ଜଳ ସଂଗ୍ରହ କରି ମନ୍ଦିରର ଗର୍ଭଗୃହରେ ସଂରକ୍ଷିତ ରଖାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

## ଏକ ଭାରତ ଶ୍ରେଷ୍ଠ ଭାରତ କ୍ଲବର ଉଦ୍‌ଘାଟନ

କଣାସ,୯।୧(ସ୍ୱ.ପ୍ର.)

ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ପୁରୀ ଜିଲା କଣାସ ଅଞ୍ଚଳର ଦୟାବିହାର ସ୍ନାତକ ମହାବିଦ୍ୟାଳୟ ସାମିଲ୍ ହେବା ପାଇଁ ମନୋନୀତ ହୋଇଛି। ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ 'ଏକ ଭାରତ ଶ୍ରେଷ୍ଠ ଭାରତ କ୍ଲବ'ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲବର କର୍ମକର୍ତ୍ତା ଚୟନ କରାଯାଇଛି। କ୍ଲବର କାର୍ଯ୍ୟକାରୀ ପରିଷଦର ସଦସ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ମହାପାତ୍ର ସଭାପତି, ଗୁପ୍ତେଶ୍ୱର ସ୍ୱାଇଁ ଉପସଭାପତି, ସଂଗ୍ରାମ କେଶରୀ ପରିଡା ସମ୍ପାଦକ ଓ ସୁପ୍ରଭା ଷଡଙ୍ଗୀ ସହସମ୍ପାଦକ, ମନୋଜ କୁମାର ମିଶ୍ର କୋଷାଧ୍ୟକ୍ଷ ଏବଂ ଛାତ୍ର ପ୍ରତିନିଧି ଭାବେ ଗଜେନ୍ଦ୍ର ନନ୍ଦ ଓ ରୋଜାଲିନ୍ ପାତ୍ର ମନୋନୀତ ହୋଇଛନ୍ତି। ଦୟାବିହାର ସ୍ନାତକ ମହାବିଦ୍ୟାଳୟକୁ ମହାରାଷ୍ଟ୍ର ପର୍ଭିନୀ ବୈଷୟିକ ମହାବିଦ୍ୟାଳୟର ସହ ଯୋଡ଼ିତ କରାଯାଇଛି। ଯଦ୍ଦ୍ୱାରା ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମହାରାଷ୍ଟ୍ରର ଭାଷା, ସଂସ୍କୃତି, ସାମାଜିକ ରୀତିନୀତି ରାଜନୈତିକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଜ୍ଞାନଲାଭ କରିବେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ଏସ୍‌ୟୁସିଆଇ(ସି) ପକ୍ଷରୁ ସେସୁ କାର୍ଯ୍ୟାଳୟ ଘେରାଉ

ଡେଲାଙ୍ଗ,୯।୧(ଡି.ଏନ୍.ଏ):

ଏସୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଗୁରୁବାର ୫ଦଫା ଦାବି ନେଇ ସେସୁ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶତାଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଡେଲାଙ୍ଗ ହାଟ ବଜାରଠାରୁ ବାହାରି ସେସୁ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ, ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର, ଉପଭୋକ୍ତାଙ୍କ ଉପରେ ଥିବା ବକେୟା ଟଙ୍କା ଛାଡ଼, ତ୍ରୁଟିପୂର୍ଣ୍ଣ ବର୍ଦ୍ଧିତ ଦେୟ(ବିଲ୍)କୁ ସୁଧାରିବା ପାଇଁ ସ୍ଲୋଗାନ୍ ଦିଆଯାଇଥିଲା। କମ୍ରେଡ ଦୀନବନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଏସୟୁସିଆଇ(ସି)ର ରାଜ୍ୟ ସମ୍ପାଦକ ରଘୁନାଥ ଦାସ ଯୋଗଦେଇ ବିଦ୍ୟୁତ ଘରୋଇକରଣ ପରେ ଉପଭୋକ୍ତାଙ୍କୁ କମ୍ପାନୀମାନେ କିପରି ଲୁଟ କରୁଛନ୍ତି, ସେ ସମ୍ପର୍କରେ କହିଥିଲେ। ବିଦ୍ୟୁତ ବିଭାଗ ଘରୋଇକରଣ ବନ୍ଦ କରି ସରକାର ବିଭାଗର ଦାୟିତ୍ୱ ହାତକୁ ନିଅନ୍ତୁ, ପ୍ରତି ପଞ୍ଚାୟତରେ ଫ୍ୟୁଜ କଲ ସେଣ୍ଟର ରଖି ଯଥେଷ୍ଟ ପୂର୍ବରୁ ନିର୍ଦ୍ଦିଷ୍ଟ ତାରିଖ ଏବଂ ବାର ଘୋଷଣା କରି ବିଦ୍ୟୁତ ଶୁଳ୍କ ଆଦାୟ କରିବା ଏହିଭଳି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେଲାଙ୍ଗ ସେସୁ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ପ୍ରଧାନ, ରାଜକିଶୋର ଆଲୁକ, ବଟକୃଷ୍ଣ ସ୍ୱାଇଁ, ପଦ୍ମଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନିଜକୁ ଭାରତୀୟ ଭାବେ ଗର୍ବ କର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ, ୯।୧:

ପୁରୀ ନାଗରିକ ମଞ୍ଚ ଆନୁକୂଲ୍ୟରେ ସଦ୍‌ଭାବନା ଗୃହରେ ଗୁରୁବାର ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ଆବାହକ ତଥା ବରିଷ୍ଠ ଭାଜପା ନେତା କୃଷ୍ଣ ଜଗଦେବ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନାଗରିକ ସଂଶୋଧନ ଆଇନ ଓ ଜାତୀୟ ନାଗରିକ ପଞ୍ଜିକାକୁ କେନ୍ଦ୍ର ସରକାରଙ୍କ ଏକ ଐତିହାସିକ ନିଷ୍ପତ୍ତି ବୋଲି କହିଥିଲେ। ଭାରତର ଅଖଣ୍ଡତା ଦୃଷ୍ଟିରୁ ଏହାର ଆବଶ୍ୟକତା ରହିଛି। ଏହାଦ୍ୱାରା କୌଣସି ଭାରତୀୟ ନାଗରିକଙ୍କ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ। କେବଳ ରାଜନୈତିକ ଫାଇଦା ନେବା ଉଦ୍ଦେଶ୍ୟରେ ଅଳ୍ପ ସଂଖ୍ୟକ ସମ୍ପ୍ରଦାୟଙ୍କୁ ଭୁଲ ରାସ୍ତାରେ ନିଆଯାଉଛି। ଫଳରେ ଭାରତ ବର୍ଷରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଭାରତକୁ ଫେରିବାକୁ ଇଚ୍ଛା ପ୍ରକାଶ କରୁଥିବା ହିନ୍ଦୁ ଉପକୃତ ହେବେ। ନିଜକୁ ଭାରତୀୟ ଭାବେ ଗର୍ବ ଅନୁଭବ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଦେଶର ସମଗ୍ର ବିକାଶ ଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି। ଜଣେ ଉତ୍ତମ ନାଗରିକ ଭାବେ ନିଜ ମାତୃକାର ସେବାରେ ନିଜକୁ ନିୟୋଜିତ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅଦ୍ୱୈତ ଚରଣ ଧଳ, ଡ. କାର୍ତ୍ତିକ ଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଶ୍ୱନାଥ ବେହେରା, ସନ୍ତୋଷ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଭାଜପା କର୍ମୀ ଉପସ୍ଥିତ ଥିଲେ।

■ ଟଙ୍କା ନେବା ସତ୍ତ୍ୱେ ନିର୍ମାଣ ହେଉନି ଆବାସ ଗୃହ

## ୩୧ ସୁଦ୍ଧା ଗୃହ କାର୍ଯ୍ୟ ଶେଷ ନ କଲେ କାର୍ଯ୍ୟାନୁଷ୍ଠାନ

ଗୋପ,୯।୧(ଡି.ଏନ୍.ଏ):

### ବ୍ଲକରେ ବୁଲିଲା ପ୍ରଚାର ଗାଡ଼ି

ଗରିବ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ଇନ୍ଦିରାଆବାସ ଯୋଜନା କରିଥିବାବେଳେ ଆହୁରି ସହଜ କରିବା ପାଇଁ ଗୃହ ନିର୍ମାଣ ଲାଗି କିଛି ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଗୋପ ବ୍ଲକ ଅଞ୍ଚଳରେ ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ବ୍ଲକର ଅନେକ ହିତାଧିକାରୀ ଗୃହ ନିର୍ମାଣ ପାଇଁ ଟଙ୍କା ନେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଗୃହ ନିର୍ମାଣ ହୋଇ ନାହିଁ। ବାରମ୍ବାର କାର୍ଯ୍ୟାଦେଶ ମିଳିବା ସତ୍ତ୍ୱେ କେହି ବି ଗୃହ ନିର୍ମାଣ କରୁ ନ ଥିବାରୁ ପ୍ରଶାସନ ତତ୍ପର ହୋଇପଡ଼ିଛି। ଏଣିକି ଯେଉଁ ହିତାଧିକାରୀ କାର୍ଯ୍ୟାଦେଶ ପାଇବା ପରେ ଆଗାମୀ ୩୧ତାରିଖ ମଧ୍ୟରେ ଗୃହ ନିର୍ମାଣରେ ବିଳମ୍ବ କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ସମ୍ପୃକ୍ତ ହିତାଧିକାରୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି।

ଗ୍ରାମୀଣ ଗୃହ ନିର୍ମାଣରେ ଜିଲାରେ ଦ୍ୱିତୀୟ ନମ୍ବରରେ ରହିଛି ଗୋପ ବ୍ଲକ। ଜାନୁୟାରୀରେ ଏକ ନମ୍ବର ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଗୃହ କାର୍ଯ୍ୟର ତଦାରଖ ପାଇଁ ତଦନ୍ତ ଚାଲିଛି। ତେବେ କେତେକ ସ୍ଥାନରେ କାର୍ଯ୍ୟାଦେଶ ପାଇ ଦୀର୍ଘ ତିନିବର୍ଷ ହେଲା ହିତାଧିକାରୀମାନେ ଚୁପ୍ ହୋଇ ବସିରହିଥିବା ପ୍ରଶାସନ ଜାଣିପାରିଛି। ତେଣୁ ପ୍ରଶାସନ ପକ୍ଷରୁ ଗୁରୁବାର ପ୍ରଚାର ଗାଡ଼ି ମାଧ୍ୟମରେ ହିତାଧିକାରୀଙ୍କୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ଆର୍ଥିକ ବର୍ଷରେ ଗୋପ ବ୍ଲକ୍‌ରେ କାର୍ଯ୍ୟାଦେଶ ସହ ନିର୍ମାଣ ପାଇଁ ଟଙ୍କା ନେଇଥିବା ଅନେକ ହିତାଧିକାରୀ ଗୃହ ନିର୍ମାଣ କରି ନ ଥିବା ଜଣାପଡ଼ିଥିଲା। ମାତ୍ର ତିନି ବର୍ଷ ମଧ୍ୟରେ ବ୍ଲକ୍‌ର ୩୧ ପଞ୍ଚାୟତରେ ୧୫୭୮ଟି ଆବାସ ଯୋଜନା ଗୃହ ନିର୍ମାଣ ହୋଇ ନ ଥିବାବେଳେ ହିତାଧିକାରୀମାନେ ପ୍ରାୟ ୮୦ଭାଗ ଟଙ୍କା କିପରି ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋପ ବ୍ଲକ ପ୍ରଶାସନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ବିଭିନ୍ନ ପଞ୍ଚାୟତକୁ ଗସ୍ତକରି ନିର୍ମାଣାଧୀନ ଗୃହ ଖୋଜୁଥିବାବେଳେ ହିତାଧିକାରୀମାନେ ପୁରୁଣା ଗୃହକୁ ଦେଖାଉଥିବା ଭଳି ଅଭିଯୋଗ ରହିଛି। ସରକାରୀ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଇ ହିତାଧିକାରୀଙ୍କୁ କିପରି ଗୃହ ଟଙ୍କା ଦିଆଯାଇଛି, ସେ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ହେବାର ଆବଶ୍ୟକତା ବୋଲି କେତେକ ବ୍ଲକ୍ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଅଧିକାଂଶ ପଞ୍ଚାୟତରେ ଥ୍ରୀ ମ୍ୟାନ୍ କମିଟି ଚଞ୍ଚକତା କରି ଆର୍ଥିକ ସମ୍ବଳ ହିତାଧିକାରୀମାନଙ୍କୁ ଗୃହ କାର୍ଯ୍ୟାଦେଶ ଦେଇଛନ୍ତି। ଅଧିକାରୀମାନେ ଏହି ହିତାଧିକାରୀମାନଙ୍କୁ ମିଥ୍ୟା ବିଲ୍ ଜରିଆରେ ଗୃହ ଟଙ୍କା ଦେଇଥିବା ଭଳି ଅଭିଯୋଗ ରହିଛି। ଏପରିକି କେତେକ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ଦର୍ଶାଯାଇ ଗୃହ ନିର୍ମାଣ କାର୍ଯ୍ୟାଦେଶ ଦିଆଯାଇଛି। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଏପରି ଅଭିଯୋଗ ମୋ ନିକଟରେ ନାହିଁ ତଥାପି ତଦନ୍ତ ପରେ ସତ୍ୟ ପଦାକୁ ଆସିବ। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ସେ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି।